ଚରିତାୟନ

୪

ଉତ୍କଳ ପାଠକ ସଂସଦ

Digitized by srujanika@gmail.com

ଚରିତାୟନ

ସଂକଳନ :
ଉତ୍କଳ ପାଠକ ସଂସଦ
ମହତାବ ରୋଡ୍‌, କଟକ-୧୨

ସମ୍ପାଦନା :
ଶ୍ରୀ ସୁବ୍ରତ ପ୍ରିୟବ୍ରତ ମହାନ୍ତି

ସହସମ୍ପାଦନା :
ଶ୍ରୀମତୀ ବୀଣାପାଣି ମହାନ୍ତି
ଶ୍ରୀ ଶୁଭନାରାୟଣ ସ୍ୱାଇଁ
ଶ୍ରୀ ଯଜ୍ଞେଶ୍ୱର ତ୍ରିପାଠୀ
ଶ୍ରୀ ପ୍ରସନ୍ନ କୁମାର ଦାଶ
ଡଃ ଶ୍ରୀଚରଣ ଦାସ
ଶ୍ରୀ ବସନ୍ତ କୁମାର ସାହୁ

ପ୍ରକାଶ କାଳ : ତା ୧୮/୦୨/୨୦୦୭

ପ୍ରକାଶକ :
ଓଡ଼ିଶା ବୁକ୍ ଷ୍ଟୋର
ବିନୋଦ ବିହାରୀ, କଟକ-୭୫୩ ୦୦୨

ପ୍ରଚ୍ଛଦ ଶିଳ୍ପୀ : ଶଶୀକାନ୍ତ ରାଉତ

ଛାପା ସଂଖ୍ୟା : ୫୦୦

ଅକ୍ଷରସଜ୍ଜା :
ସନ୍ତୋଷ ଡି.ଟି.ପି.
ବାଙ୍କିସାହି (କୁମ୍ଭାର ସାହି), କଟକ-୯

ମୁଦ୍ରଣ :
ରେଖା ପ୍ରେସ୍
ବାଙ୍କିସାହି (କୁମ୍ଭାର ସାହି), କଟକ-୯

CHARITAYANA
Bioaraphical Book)

Compiled by
UTKAL PATHAK SAMSAD
Sujata Bhawan
Kalinga Lane
Mahatab Road,
Cuttack-12

Published by
ORISSA BOOK STORE
Binod Behari
Cuttack-753 002

Price : **Rs. 40.00/-**

Digitized by srujanika@gmail.com

ସୂଚୀପତ୍ର

ବିଷୟ	ପୃଷ୍ଠା	ଲେଖକ
ଜିତାମିତ୍ର ପ୍ରସାଦ ସିଂହଦେଓ ଜୀବନ ଏକ କାହାଣୀ	‖ ୧ ‖	ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ
ଅନନ୍ୟା ନାରୀ ପ୍ରତିଭା : ଡାକ୍ତର ରାଧାଦେବୀ	‖ ୨୨ ‖	ଡକ୍ଟର ଶ୍ରୀଚରଣ ଦାସ
ଉତ୍ତମ ସେ ମଣିଷଟି ଉତ୍ତମ ମହାନ୍ତି	‖ ୩୮ ‖	ସୁବ୍ରତ ପ୍ରିୟବ୍ରତ
ବିଶିଷ୍ଟ ଆଇନଜ୍ଞ ଓ ସୁ-ସାହିତ୍ୟିକ ବିନୋଦବିହାରୀ	‖ ୫୧ ‖	ଶ୍ରୀ ମହେଶ୍ୱର ମୂଳିଆ
ସ୍ନାୟୁଶଲ୍ୟ-ସେବାର ସବ୍ୟସାଚୀ: ଡାକ୍ତର ସନାତନ ରଥ	‖ ୭୦ ‖	ଡକ୍ଟର ସୁନାମଣି ରାଉତ
ସଙ୍ଗୀତଜ୍ଞ ପ୍ରଫୁଲ୍ଲ କର	‖ ୯୫ ‖	ବସନ୍ତ ମହାନ୍ତି
ସାରସ୍ୱତ ସଂଗ୍ରାମୀ : ଗୁରୁଚରଣ ପଟ୍ଟନାୟକ	‖ ୧୦୨ ‖	ଡକ୍ଟର ବିଜୟାନନ୍ଦ ସିଂହ

Digitized by srujanika@gmail.com

'ଉତ୍କଳ ପାଠକ ସଂସଦ'

ପ୍ରତିଷ୍ଠାତା- ଡଃ ବ୍ରଜମୋହନ ମହାନ୍ତି

ସଭାପତି : ଶ୍ରୀ ପଠାଣି ପଟ୍ଟନାୟକ

ଉପ-ସଭାପତି : ଶ୍ରୀ ସୁଭାଷଚନ୍ଦ୍ର ମହାନ୍ତି

ସମ୍ପାଦକ : ଶ୍ରୀ ସୁବ୍ରତ ପ୍ରିୟବ୍ରତ ମହାନ୍ତି

ମୁଖ୍ୟ ପରାମର୍ଶଦାତା : ଶ୍ରୀ ଅନାଦି ସାହୁ (ପୂର୍ବତନ ଲୋକସଭା ସଦସ୍ୟ)

ପରାମର୍ଶଦାତା

ଶ୍ରୀ ସହଦେବ ସାହୁ, ପୂର୍ବତନ ମୁଖ୍ୟ ଶାସନ ସଚିବ

ଡଃ ବନବିହାରୀ ପଣ୍ଡା, ପୂର୍ବତନ ଆରକ୍ଷୀ ମହାନିର୍ଦ୍ଦେଶକ

ଶ୍ରୀ ନଦିଆ ବିହାରୀ ମହାନ୍ତି, ଆକାଶବାଣୀ (ବଡ଼ଭାଇ)

ଶ୍ରୀ ଗୋବିନ୍ଦ ଚରଣ ପାତ୍ର, ବରିଷ୍ଠ ପ୍ରକାଶକ

ଡଃ ପ୍ରଭାତ କୁମାର ମିଶ୍ର

ଇଂ. ଦ୍ୱୈପାୟନ ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

ପରିଚାଳନା

ଡଃ ରତ୍ନାକର ଚଇନି

ଡଃ ଶ୍ୟାମସୁନ୍ଦର ମିଶ୍ର

ଶ୍ରୀ ରାହାସ ରାୟ

ଡଃ ସତ୍ୟ ରାୟ

ଶ୍ରୀମତୀ ବୀଣାପାଣି ମହାନ୍ତି

ଶ୍ରୀମତୀ ସୁଜାତା ମହାନ୍ତି

ଶ୍ରୀ ବସନ୍ତ ମହାନ୍ତି

ଶ୍ରୀ ଶଙ୍କର୍ଷଣ ମଙ୍ଗରାଜ

ଶ୍ରୀମତୀ ଅପର୍ଣ୍ଣା ମିଶ୍ର

ଶ୍ରୀ ଯମେଶ୍ୱର ତ୍ରିପାଠୀ

ଶ୍ରୀ ଅରୁଣ କୁମାର ପଣ୍ଡା

ଶ୍ରୀ ସତ୍ୟନାରାୟଣ ଅଗ୍ରୱାଲା

ଶ୍ରୀ ବରଦା ପ୍ରସନ୍ନ ପଟ୍ଟନାୟକ

ଶ୍ରୀ ଶୁଭନାରାୟଣ ସ୍ୱାଇଁ

ଡଃ ବୀଣାପାଣି ସିଂହ

ଡଃ ଶାନ୍ତନୁ କୁମାର ରଥ

ଶ୍ରୀମତୀ ମିତାଲି ପାଲ

ଡଃ ବିଜୟାନନ୍ଦ ସିଂହ

ଶ୍ରୀ ପ୍ରସନ୍ନ କୁମାର ଦାଶ

କାଶ୍ମୀର ମହାନ୍ତି

ଡଃ ଶ୍ରୀଚରଣ ଦାସ

ଶ୍ରୀ ସୂର୍ଯ୍ୟମଣି ଖୁଣ୍ଟିଆ

ଡଃ ଶୈଳେଶ୍ୱର ନନ୍ଦ

ଶ୍ରୀ ବିଜୟଶଙ୍କର ପାତ୍ର

ଶ୍ରୀ ଗଙ୍ଗାଧର ମହାରଣା

ଶ୍ରୀ ଚନ୍ଦ୍ରଶେଖର ପ୍ରଧାନ

ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ

ଶ୍ରୀ ରାଧାଶ୍ୟାମ ମହାନ୍ତି

ଶ୍ରୀ ଗୌର ପଟ୍ଟନାୟକ

ଶ୍ରୀମତୀ କାକଲୀ ପାଲ

ଶ୍ରୀ ବସନ୍ତ କୁମାର ସାହୁ

ଶ୍ରୀ ସଞ୍ଜିତ୍ ପଟ୍ଟନାୟକ

ଶ୍ରୀ ବିଶ୍ୱଜ୍ୟୋତି ପାତ୍ର

Digitized by srujanika@gmail.com

ଶ୍ରୀ ଗୁରୁଚରଣ ପଟ୍ଟନାୟକ

ରାଜା ଜିତାମିତ୍ର ପ୍ରସାଦ ସିଂହଦେଓ

ଡାକ୍ତର ରାଧା ଦେବୀ

ଡାକ୍ତର ସନାତନ ରଥ

Digitized by srujanika@gmail.com

ଶ୍ରୀ ବିନୋଦବିହାରୀ ଦାସ

ଶ୍ରୀ ପ୍ରଫୁଲ୍ଲ କର

ଶ୍ରୀ ଉତ୍ତମ ମହାନ୍ତି

Digitized by srujanika@gmail.com

'ଉତ୍କଳ ପାଠକ ସଂସଦ' ପରିବାର

ବ୍ରଜନାଥ ରଥ	ନବୀନ ପଟ୍ଟନାୟକ
ଡଃ ପ୍ରସନ୍ନ କୁମାର ମିଶ୍ର	କଳ୍ପନା ରାଜଗୁରୁ
ବିଶେଶ୍ୱର ପଣ୍ଡା	ଧ୍ରୁବ ଚରଣ ସାହୁ
ଡଃ କୃଷ୍ଣ ଚରଣ ବେହେରା	ପ୍ରଫୁଲ୍ଲ ପଟ୍ଟନାୟକ
ଅନ୍ନଦା କିଙ୍କର ମହାନ୍ତି	ଭିକାରୀ ମିଶ୍ର
ପୃଥ୍ୱୀରାଜ ପଟ୍ଟନାୟକ	ଗୋକୁଳାନନ୍ଦ ଦାସ
ଜଗତ୍‌ମୋହନ ପଟ୍ଟନାୟକ	ଚାରଣ ରାମଦାସ
ଡଃ ହରିହର କାନୁନ୍‌ଗୋ	ସତ୍ୟପ୍ରିୟ ମହାପାତ୍ର
ଡଃ ବୈଷ୍ଣବ ଚରଣ ସାମଲ	ମାନସ ପ୍ରଧାନ
କୃଷ୍ଣଚନ୍ଦ୍ର ମହାପାତ୍ର	ସନ୍ତୋଷ ପ୍ରଧାନ
ଦୀନକୃଷ୍ଣ ମହାନ୍ତି	ଡଃ ଉମେଶ ପତ୍ରୀ
ଡଃ ତୀର୍ଥାନନ୍ଦ ମିଶ୍ର	ମୃତ୍ୟୁଞ୍ଜୟ ସାମଲ
ନିର୍ମଳ ଚନ୍ଦ୍ର ପହୀ	ବନବିହାରୀ ମହାନ୍ତି
ଦେବଦତ୍ତ ସାମନ୍ତସିଂହାର	ଡାକ୍ତର ପ୍ରତାପ କିଶୋର ମିଶ୍ର
କୁମାରକବି ଅରକ୍ଷିତ ପ୍ରଧାନ	ଅପୂର୍ବ ରଞ୍ଜନ ରାୟ
କାହ୍ନୁନାରାୟଣ ମହାନ୍ତି	ଡଃ ସତ୍ୟାନନ୍ଦ ସ୍ୱାଇଁ
ଡଃ ଗୁରୁପ୍ରସାଦ ମହାନ୍ତି	ମାନସ ଦାସ
ରାମକୃଷ୍ଣ ପତି (ଚାରଣ)	କନକମଞ୍ଜରୀ ମହାନ୍ତି

Digitized by srujanika@gmail.com

ଚଣ୍ଡୀଚରଣ ରାଉତରାୟ
ବିଚିତ୍ରାନନ୍ଦ କାନୁନ୍‌ଗୋ
ଅମିତା ବେହେରା
ଦୁର୍ଗାଚରଣ ଷଡ଼ଙ୍ଗୀ
ଦୀନକୃଷ୍ଣ ମିଶ୍ର
ଅର୍ଜୁନ ଦାଶ
ଧ୍ରୁବଚରଣ ପଣ୍ଡା
ରଘୁନାଥ ମହାପାତ୍ର
ମହେଶ୍ୱର ରଥ
ସରୋଜିନୀ ମିଶ୍ର

ସୁନାମଣି ସାମଲ
ସ୍ୱର୍ଣ୍ଣଲତା ସିଂହସାମନ୍ତ
ବିବେକାନନ୍ଦ ପଟ୍ଟନାୟକ
ତପନ ମିତ୍ର
ବ୍ରହ୍ମାନନ୍ଦ ମହାନ୍ତି
ଲକ୍ଷ୍ମୀ ମିଶ୍ର
ଚିତ୍ତରଞ୍ଜନ କର
କୁନ୍ତଳା ବେହେରା
ଦିବ୍ୟଜ୍ୟୋତି ପାଣି

✡✡✡

Digitized by srujanika@gmail.com

ଆମର ଆଭିମୁଖ୍ୟ

୧୯୭୦ ମସିହାରେ ଜାତିସଂଘ ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ ପୁସ୍ତକ ବର୍ଷ ଅବସରରେ ଜନ୍ମଲାଭ କରିଥିଲା "ଉତ୍କଳ ପାଠକ ସଂସଦ" । ଏହି ବର୍ଷଠାରୁ ପୁସ୍ତକ ପ୍ରସାର ଉଦ୍ଦେଶ୍ୟରେ ଆଲୋଚନାଚକ୍ର, ପୁସ୍ତକ ପ୍ରଦର୍ଶନୀ, ବୈଷୟିକ ଆଲୋଚନା, କବି ସମ୍ମେଳନ, ହାସ୍ୟରସାତ୍ମକ କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ଲୋକବାଦ୍ୟ, ଓଡ଼ିଶୀ ସଙ୍ଗୀତ, ଓଡ଼ିଶୀ ନୃତ୍ୟର ପ୍ରସାର, ପ୍ରତିଭାଧର ବ୍ୟକ୍ତିମାନଙ୍କୁ ସମ୍ମାନ ପ୍ରଦର୍ଶନ, ସେମାନଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକ ପ୍ରକାଶନ ଏବଂ ଭାଷା, ସଂସ୍କୃତି ଓ ସମାଜର କଲ୍ୟାଣ ଉଦ୍ଦେଶ୍ୟରେ ବିଭିନ୍ନ ବିଷୟବସ୍ତୁ ଉପରେ ବିଶେଷ ସଂକଳନ ପ୍ରକାଶ କରାଯାଉଅଛି । ଏତଦ୍‌ବ୍ୟତୀତ ଗ୍ରାମାଞ୍ଚଳରେ ଉଦ୍‌ଘାଟନ ଉତ୍ସବର ଆୟୋଜନ କରି ନୂତନ ସାହିତ୍ୟିକ ସୃଷ୍ଟି ଓ ବୈଷୟିକ ଆଲୋଚନା ଦ୍ୱାରା ଲୋକମାନଙ୍କର ବୌଦ୍ଧିକ ବିକାଶ ଦିଗରେ ସାହାଯ୍ୟ କରିବା ପାଇଁ ମଧ୍ୟ ସଂସଦ ପଦକ୍ଷେପ ନେବାକୁ ଯତ୍ନ କରିଛି ।

"ଉତ୍କଳ ପାଠକ ସଂସଦ" ବିଚାର କରେ ଯେ– ଏ ଜାତିର ଶତ ଶତ ପ୍ରତିଭାଧର ବ୍ୟକ୍ତି ସ୍ୱ ସ୍ୱ କ୍ଷେତ୍ରରେ ସୁପ୍ରତିଷ୍ଠିତ । କଳା, ବିଜ୍ଞାନ, ସାହିତ୍ୟ, ସଂସ୍କୃତି, ଶିକ୍ଷା, ଭାସ୍କର୍ଯ୍ୟ ଇତ୍ୟାଦି ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ସ୍ୱାକ୍ଷର ସୁସ୍ପଷ୍ଟ । ସେମାନଙ୍କ ମଧ୍ୟରୁ କେତେକ ହୁଏତ ସମାଜରେ ସ୍ୱୀକୃତ, ସମ୍ମାନିତ, ମାତ୍ର ବିଭିନ୍ନ କାରଣରୁ ଆହୁରି ଅନେକ ଉପଯୁକ୍ତ ସମ୍ମାନ ଲାଭରୁ ବଞ୍ଚିତ ।

କିନ୍ତୁ ମନେରଖିବାକୁ ହେବ ଯେ– ପ୍ରତିଭାପୂଜା ଗୋଟଏ ଜାତିର ସାଂସ୍କୃତିକ ଜୀବନକୁ ବଳିଷ୍ଠ ତଥା ଋଦ୍ଧିମନ୍ତ କରିଥାଏ । ଓଡ଼ିଶାରେ

Digitized by srujanika@gmail.com

ଅନେକ କୃତୀ ସନ୍ତାନ ଜନ୍ମଗ୍ରହଣ କରି ବିଭିନ୍ନ କ୍ଷେତ୍ରରେ ଆନ୍ତର୍ଜାତିକ ସମ୍ମାନର ଅଧିକାରୀ ହୋଇ ପାରିଥିଲେ ସୁଦ୍ଧା ସେମାନଙ୍କର ଜୀବନୀ ଏବଂ କୃତୀ ଯଥାଯଥ ଭାବରେ ସଂଗୃହୀତ ହୋଇପାରି ନାହିଁ । "ଉତ୍କଳ ପାଠକ ସଂସଦ" ପୂଜ୍ୟପୂଜାର ପରମ୍ପରା ରକ୍ଷା କରି ଜୀବିତ ପ୍ରତିଭାଧର ବ୍ୟକ୍ତିମାନଙ୍କୁ ସମ୍ମାନ ଦେବାର କିଞ୍ଚିତ ପ୍ରୟାସ କରିଛି । ଏହି କାର୍ଯ୍ୟକ୍ରମ ଅନୁସାରେ ୧୯୭୦ ମସିହାଠାରୁ ପ୍ରତ୍ୟେକ ବର୍ଷ ପ୍ରତିଭାଧର ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଉଅଛି । ଏହି ବ୍ୟକ୍ତିମାନଙ୍କ ମଧ୍ୟରେ ଅଛନ୍ତି ସର୍ବଶ୍ରୀ କାହ୍ନୁଚରଣ ମହାନ୍ତି, ରାଧାମୋହନ ଗଡ଼ନାୟକ, ରାଜକିଶୋର ପଟ୍ଟନାୟକ, ତାରିଣୀ ଚରଣ ପାତ୍ର, କେଳୁଚରଣ ମହାପାତ୍ର, ଭଗବାନ ପତି, ଡକ୍ଟର କୁଞ୍ଜବିହାରୀ ଦାଶ, ଶ୍ରୀମତୀ ସରଳା ଦେବୀ, ଶ୍ରୀଧର ମହାପାତ୍ର, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ଡକ୍ଟର ମିନତି ମିଶ୍ର, ସାମୁଏଲ ସାହୁ (ବାବି), ପ୍ରିୟନାଥ ମିଶ୍ର (ପୀର) ଓ ଅନ୍ୟମାନେ । ପ୍ରଥମ ପାଞ୍ଚ ବର୍ଷରେ କେବଳ ମାନପତ୍ର ଦେଇ ଏହି ପ୍ରତିଭାଧର ବ୍ୟକ୍ତିମାନଙ୍କୁ ସମ୍ମାନିତ କରିବାରେ ଏ ସଂସଦ ସନ୍ତୁଷ୍ଟ ହୋଇ ପାରିଲା ନାହିଁ । ସେଥିପାଇଁ ପରେ ପ୍ରତ୍ୟେକ ବର୍ଷ ସମ୍ମାନିତ ପ୍ରତିଭାଙ୍କ ଜୀବନ ଚରିତ ଓ କାର୍ଯ୍ୟକଳାପର ବିବରଣୀ ପୁସ୍ତକ ଆକାରରେ ପ୍ରକାଶ କରି ଆସୁଅଛି ।

ଏହି ସଂସଦ ପକ୍ଷରୁ ଏପର୍ଯ୍ୟନ୍ତ ଅନେକ ଗୁଡ଼ିଏ ଜୀବନୀ ସଂକଳନ ପ୍ରକାଶ ପାଇଲାଣି ।

୧୯୭୬– 'ପ୍ରତିଭା ପରିଚୟ' ପୁସ୍ତକରେ ସାହିତ୍ୟ-ସାଧକ କାଳିନ୍ଦୀଚରଣ ପାଣିଗ୍ରାହୀ, କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ସାହିତ୍ୟିକ ଓ ସାମ୍ବାଦିକ ଉଦୟନାଥ ଷଡ଼ଙ୍ଗୀ, ନାଟ୍ୟକାର କାର୍ତ୍ତିକ କୁମାର ଘୋଷ, ମାଷ୍ଟର ରାମଚନ୍ଦ୍ର ମାଣିଆ, ସ୍ୱର ସାଧକ ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନ, ପୁସ୍ତକ ପ୍ରକାଶକ ଅନନ୍ତ ମିଶ୍ରଙ୍କ ଜୀବନୀ ଓ କୃତି ଆଲୋଚିତ ।

୧୯୭୭– 'ସପ୍ତ ରଶ୍ମି' ପୁସ୍ତକରେ ପ୍ରଖ୍ୟାତ ସାମ୍ବାଦିକ ଡକ୍ଟର ରାଧାନାଥ ରଥ, ଔପନ୍ୟାସିକ ଗୋପୀନାଥ ମହାନ୍ତି, ଚିତ୍ରଶିଳ୍ପୀ ବିପିନ ବିହାରୀ ଚୌଧୁରୀ, ଅନୁବାଦକ ଲାଲା ନଗେନ୍ଦ୍ର କୁମାର ଦାସ, ସଙ୍ଗୀତ ସାଧକ ବାଳକୃଷ୍ଣ ଦାସ, ଗବେଷକ ସତ୍ୟନାରାୟଣ ରାଜଗୁରୁ ଏବଂ ପୁସ୍ତକ ପ୍ରକାଶକ ଗୋକୁଳ ଚନ୍ଦ୍ର କରଙ୍କ ଜୀବନୀ ଓ କୃତି ପ୍ରକାଶିତ ।

Digitized by srujanika@gmail.com

୧୯୭୮– **'ସପ୍ତ ଶିଖା'** ପୁସ୍ତକରେ ଅଭିନେତା ଯତୀନ୍ ଦାସ, ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ବିପ୍ଳବୀ ରାଜକୃଷ୍ଣ ବୋଷ, ଚିତ୍ରଶିଳ୍ପୀ ମୁରଲୀଧର ଟାଲି, ସାମ୍ବାଦିକ ଶ୍ରୀହର୍ଷ ମିଶ୍ର, କଥା ସାହିତ୍ୟ ସାଧକ ସୁରେନ୍ଦ୍ର ମହାନ୍ତି, ସଙ୍ଗୀତଜ୍ଞ ଶ୍ୟାମସୁନ୍ଦର୍ ଧୀର ଏବଂ ରୁଚିବନ୍ତ ପ୍ରକାଶକ ଗୋବିନ୍ଦ ଚରଣ ପାତ୍ରଙ୍କ ସାଧନାପୂର୍ଣ୍ଣ ଜୀବନୀ ସନ୍ନିବିଷ୍ଟ ।

୧୯୭୯– **'ସପ୍ତ ପ୍ରଦୀପ'** ପୁସ୍ତକରେ ଛଉ ନୃତ୍ୟଗୁରୁ ଚନ୍ଦ୍ରଶେଖର ଭଞ୍ଜ, ଚିତ୍ରଶିଳ୍ପୀ ହରିଶରଣ ମହାପାତ୍ର, ସଙ୍ଗୀତ ସାଧକ ଜଗବନ୍ଧୁ ସାହୁ, ବିଚ୍ଛିନ୍ନାଞ୍ଚଳ କବି ଜଗନ୍ନାଥ ବର୍ମା, ଜନସେବୀ ନିତ୍ୟାନନ୍ଦ କାନୁନ୍‌ଗୋ, ଶିକ୍ଷାବିତ୍ ପ୍ରଫେସର ପ୍ରହ୍ଲାଦ ପ୍ରଧାନ, ସାରସ୍ୱତ ସାଧକ ଶ୍ରଦ୍ଧାକର ସୂପକାରଙ୍କ କୃତି ବର୍ଣ୍ଣିତ ।

୧୯୮୦– **'ସପ୍ତଶ୍ରୀ'** ପୁସ୍ତକରେ ସାହିତ୍ୟସେବୀ ଡକ୍ଟର ହରେକୃଷ୍ଣ ମହତାବ, ଐତିହାସିକ ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ନାଟ୍ୟକାର ଶ୍ରୀ ରାମଚନ୍ଦ୍ର ମିଶ୍ର, ସାହିତ୍ୟିକ ରାମ ପ୍ରସାଦ ସିଂ, ବେଦାନ୍ତାଳଙ୍କାର ପଣ୍ଡିତ ଗଣେଶ୍ୱର ରଥ, ଗାୟକ ପରମାନନ୍ଦ ଶରଣଙ୍କ ଜୀବନୀ ଉପରେ ଆଲୋକପାତ କରାଯାଇଛି ।

୧୯୮୧– **'ସପ୍ତ ଜ୍ୟୋତି'** ସଂକଳନରେ ନାଟ୍ୟକାର ଗୋପାଳ ଛୋଟରାୟ, ସମାଜସେବୀ ନନ୍ଦକିଶୋର ଦାସ, ଇତିହାସବେତ୍ତା ଡଃ ନବୀନ କୁମାର ସାହୁ, ଗବେଷକ ସୁଧାକର ପଟ୍ଟନାୟକ, ପ୍ରତ୍ନତତ୍ତ୍ୱବିତ୍ କେଦାରନାଥ ମହାପାତ୍ର, ଶିଳ୍ପୀଗୁରୁ ଜଗନ୍ନାଥ ମହାପାତ୍ର ଓ ନୃତ୍ୟଗୁରୁ ଭଗବାନ ସାହୁଙ୍କ ଜୀବନୀ ସ୍ଥାନ ପାଇଛି ।

୧୯୮୨– **'ସପ୍ତ ପୁଷ୍ପ'** ସଂକଳନରେ ରସିକରାଜ କବି ଫତୁରାନନ୍ଦ, ପାଲା ଗାୟକ ନିରଞ୍ଜନ କର, ମଞ୍ଚଗୁରୁ ଦୁର୍ଲ୍ଲଭ ଚନ୍ଦ୍ର ସିଂ, ଶିଳ୍ପୀ ଶିରୋମଣି ଶ୍ରୀଧର ମହାପାତ୍ର, ବାଣୀ ବରପୁତ୍ର ରାମକୃଷ୍ଣ ନନ୍ଦ, ଚଳନ୍ତ ଚରକ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଓ ସମାଜସେବକ ପଦ୍ମଶ୍ରୀ ମୋହନ ନାୟକଙ୍କ ଜୀବନୀ ଓ ସାଧନା ସ୍ଥାନିତ ହୋଇଛି ।

୧୯୮୩– **'ସପ୍ତ ରାଗ'** ସଂକଳନରେ ଭାଷାବିଜ୍ଞାନୀ ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ, ଜନସେବୀ ଲମ୍ବୋଦର ପାଣିଗ୍ରାହୀ, କବି ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ, ଉତ୍କଳବନ୍ଧୁ ପି.ଭି. କୃଷ୍ଣମୂର୍ତ୍ତି, ସୃଜନଶୀଳ

Digitized by srujanika@gmail.com

ନାଟ୍ୟକାର ମନୋରଞ୍ଜନ ଦାସ, ସ୍ଥାପତ୍ୟଶିଳ୍ପୀ ଭୁବନେଶ୍ୱର ମହାପାତ୍ର ଓ ଛଉ ନୃତ୍ୟ ଗୁରୁ ଅନନ୍ତ ଚରଣ ରାୟଙ୍କ ଜୀବନୀ ଓ କୃତି ଉପରେ ଆଲୋକପାତ କରାଯାଇଛି ।

୧୯୮୪– **'ସପ୍ତ ସୁମନ'** ସଂକଳନରେ ସାହିତ୍ୟ ସାଧକ ଡଃ ଭୁବନେଶ୍ୱର ବେହେରା, ନାଟ୍ୟକାର ଭଞ୍ଜକିଶୋର ପଟ୍ଟନାୟକ, ଜନସେବୀ ଡାକ୍ତର ଶରତଚନ୍ଦ୍ର ମିଶ୍ର, ମଞ୍ଜୁଶ୍ରୀ ସତ୍ୟନାରାୟଣ ପଣ୍ଡା, ସଙ୍ଗୀତଗୁରୁ କ୍ଷିତୀଶ ମୈତ୍ର, ଗବେଷକ ଡକ୍ଟର ନଟବର ସାମନ୍ତରାୟ, ଛଉ ନୃତ୍ୟଗୁରୁ ପଦ୍ମଶ୍ରୀ କେଦାରନାଥ ସାହୁଙ୍କ ଜୀବନୀ ଓ କୃତି ସ୍ଥାନ ପାଇଛି ।

୧୯୮୫– **'ସପ୍ତ ସ୍ତବକ'** ପୁସ୍ତକରେ ସଙ୍ଗଠକ ବାବୁଲାଲ ଦୋଶୀ, କଳାକାର ବାଞ୍ଛାନିଧି ଶତପଥୀ, ସାହିତ୍ୟିକ ଅନନ୍ତ ପ୍ରସାଦ୍ ପଣ୍ଡା, ଗବେଷକ ବିନୋଦ କାନୁନ୍‌ଗୋ, ସଙ୍ଗୀତ ସାଧକ ଭୁବନେଶ୍ୱର ମିଶ୍ର, ଚିତ୍ରଶିଳ୍ପୀ ଲକ୍ଷ୍ମୀନାରାୟଣ ଆଚାରୀ, ହାସ୍ୟସ୍ରଷ୍ଟା କବି ବସନ୍ତ କୁମାର ଶତପଥୀଙ୍କ ଜୀବନୀ ପ୍ରଦତ୍ତ ।

୧୯୮୬– **'ସପ୍ତ ତରଙ୍ଗ'** ପୁସ୍ତକରେ ସ୍ଥାନଲାଭ କରିଥିଲା ଐତିହାସିକ ଡକ୍ଟର ମନ୍ମଥନାଥ ଦାସ, ନାଟ୍ୟକାର ରଘୁନାଥ ପଣ୍ଡା, ସଙ୍ଗୀତଶିଳ୍ପୀ ମାର୍କଣ୍ଡେୟ ମହାପାତ୍ର, ସମାଜସେବୀ ଶ୍ୟାମସୁନ୍ଦର ମିଶ୍ର, ନୃତ୍ୟଗୁରୁ ପଙ୍କଜ ଚରଣ ଦାସ, କବି ଅନନ୍ତ ପଟ୍ଟନାୟକ ଓ ସଙ୍ଗଠକ ସଂଗ୍ରାହକ ଦାଶରଥି ପଟ୍ଟନାୟକଙ୍କ ଜୀବନୀ ।

୧୯୮୭– **'ସପ୍ତ ପ୍ରଭା'** ସଂକଳନରେ ସାହିତ୍ୟିକ ଅନୁପ ସିଂହଦେଓ, ଗବେଷକ ଡଃ ବଂଶୀଧର ମହାନ୍ତି, ବୈଜ୍ଞାନିକ ଡକ୍ଟର ଗୋକୁଳାନନ୍ଦ ମହାପାତ୍ର, ନୃତ୍ୟଶିଳ୍ପୀ ଡଃ ପ୍ରିୟମ୍ବଦା ମହାନ୍ତି (ହେଜମାଦୀ), ସଙ୍ଗୀତ ଶିଳ୍ପୀ କାଶୀନାଥ ପୂଜାପଣ୍ଡା, ଚିତ୍ରଶିଳ୍ପୀ ଅସିତ୍ ମୁଖାର୍ଜୀ ଏବଂ ଔପନ୍ୟାସିକ ତଥା ପ୍ରକାଶକ ଶୁକଦେବ ସାହୁଙ୍କ ଜୀବନୀ ସ୍ଥାନ ପାଇଥିଲା ।

୧୯୮୮– **'ସପ୍ତ ଧାରା'** ପୁସ୍ତକରେ ପଣ୍ଡିତ ଚିନ୍ତାମଣି ମିଶ୍ର, କବି କୃଷ୍ଣଚନ୍ଦ୍ର ତ୍ରିପାଠି, ଅଭିନେତ୍ରୀ ମଣିମାଳା ଦେବୀ, ଗବେଷକ ଗୋବିନ୍ଦଚନ୍ଦ୍ର ଉଦ୍‌ଗାତା, ନୃତ୍ୟଶିଳ୍ପୀ ଶ୍ରୀମତୀ ସଂଯୁକ୍ତା ପାଣିଗ୍ରାହୀ, ସମାଜସେବୀ ଶ୍ରୀମତୀ ରମା ଦେବୀ ଓ ସୁଲଳିତ ଶାସ୍ତ୍ରୀୟ ସଙ୍ଗୀତ ଗାୟିକା ଶ୍ରୀମତୀ ବୀଣାପାଣି ମିଶ୍ରଙ୍କ ଜୀବନୀ ସ୍ଥାନ ପାଇଥିଲା ।

Digitized by srujanika@gmail.com

୧୯୮୯– **'ସପ୍ତ ଶାଖା'** ପୁସ୍ତକରେ ସାହିତ୍ୟିକ ଡକ୍ଟର ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ), ସଙ୍ଗୀତଶିଳ୍ପୀ ନୃସିଂହନାଥ ଖୁଣ୍ଟିଆ, ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ବାଦ୍ୟଶିଳ୍ପୀ ଶ୍ରୀ କୁଞ୍ଜବିହାରୀ ମେହେର, ସମାଜସେବୀ ଶ୍ରୀ ମନମୋହନ ଚୌଧୁରୀ, ସ୍ଥପତି ଶ୍ରୀ ବିପ୍ରଚରଣ ମହାନ୍ତି ଓ ଅଭିନେତା ଶ୍ରୀ ପ୍ରିୟନାଥ ମିଶ୍ର (ପୀର)ଙ୍କ ଜୀବନୀ ସ୍ଥାନ ପାଇଛି ।

୧୯୯୦– **'ସପ୍ତ ତାରକା'** ପୁସ୍ତକରେ ଗବେଷକ, କବି ଓ ଶିଳ୍ପୀ ଶ୍ରୀ ବିନୋଦ ରାଉତରାୟ, ଅଭିନେତା ଦୁଃଖୀରାମ ସ୍ୱାଇଁ, ନୃତ୍ୟ ସାଧକ ନୃତ୍ୟଗୁରୁ ରଘୁନାଥ ଦତ୍ତ, ସଙ୍ଗୀତ ସାଧକ ସୁକୁମାର ସାହୁ, ବିପ୍ଳବୀ କବି ମନମୋହନ ମିଶ୍ର, ସାହିତ୍ୟିକ କବି ଭୂଷଣ ରାଜକିଶୋର ପଟ୍ଟନାୟକ ଓ ପ୍ରକାଶକ ପୀତାମ୍ବର ମିଶ୍ରଙ୍କ ଜୀବନୀ ଓ କୃତି ସ୍ଥାନ ପାଇଛି ।

୧୯୯୧– **'ସପ୍ତ ସୌରଭ'** ପୁସ୍ତକରେ ଯେଉଁ ମହାନ୍ ବ୍ୟକ୍ତିମାନଙ୍କ ଜୀବନୀ ସ୍ଥାନ ପାଇଥିଲା, ସେମାନେ ହେଲେ ସାମ୍ବାଦିକ ଯୁଗଳ କିଶୋର ପାଣିଗ୍ରାହୀ, ଗାଳ୍ପିକ ରାଜକିଶୋର ରାୟ, ଅଭିନେତା ବ୍ୟୋମକେଶ ତ୍ରିପାଠୀ, ଗବେଷକ କେଶବଚନ୍ଦ୍ର ମେହେର, କଳାକାର କୋହ୍ଲୁ ଚରଣ ସାହୁ, ସମାଜସେବୀ ପାର୍ବତୀ ଗିରି ଏବଂ ପ୍ରକାଶକ ରାଧାଶ୍ୟାମ ମହାନ୍ତି ।

୧୯୯୨– **'ସପ୍ତ ସାଧକ'** ପୁସ୍ତକ ପ୍ରକାଶଲାଭ କରିଥିଲା । ଏହି ପୁସ୍ତକରେ ଯେଉଁ ମହାନ୍ ବ୍ୟକ୍ତିମାନଙ୍କର ଜୀବନୀ ସଙ୍କଳିତ ହୋଇଛି, ସେମାନେ ହେଲେ– କବି ଡଃ ବିନୋଦ ଚନ୍ଦ୍ର ନାୟକ, ନାଟ୍ୟକାର ପ୍ରାଣବନ୍ଧୁ କର, ସଂସ୍କୃତ ଭାଷାବିତ୍ ଜନସେବୀ କବିରାଜ ପଣ୍ଡିତ କୃଷ୍ଣଚନ୍ଦ୍ର ତ୍ରିପାଠୀଶର୍ମା, ଅଭିନେତା ଦୀନବନ୍ଧୁ ଦାସ (ଟିମା), ସଙ୍ଗୀତପ୍ରବୀଣ ନିତାଇ ଚରଣ ସିହ୍ନା, ସାମ୍ବାଦିକ ରାମଚନ୍ଦ୍ର ଦାଶ ଏବଂ ପ୍ରକାଶକ ସହଦେବ ପ୍ରଧାନ ।

୧୯୯୩– **'ସପ୍ତ ଗୌରବ'** ପୁସ୍ତକରେ ଯେଉଁ ମହାନ୍ ବ୍ୟକ୍ତିମାନଙ୍କର ଜୀବନୀ ସଙ୍କଳିତ ହୋଇଛି ସେମାନେ ହେଲେ– ସବୁଜ ଯୁଗର ସାହିତ୍ୟିକ ହରିଶ୍ଚନ୍ଦ୍ର ବଡ଼ାଲ, ଗବେଷକ ଡଃ ବେଣୀମାଧବ

Digitized by srujanika@gmail.com

ପାଢ଼ୀ, ଯନ୍ତ୍ରସଙ୍ଗୀତ ଶିଳ୍ପୀ ଭକ୍ତ ବତ୍ସଳ ପାତ୍ର, ଚିତ୍ରଶିଳ୍ପୀ ଅଜିତ କେଶରୀ ରାୟ, ପଲ୍ଲୀକବି ଗୋଲକ ଚନ୍ଦ୍ର ପ୍ରଧାନ, ଅଭିନେତା ନିରଞ୍ଜନ ଶତପଥୀ ଓ ନୃତ୍ୟଗୁରୁ ମାୟାଧର ରାଉତ ।

୧୯୯୪– **'ସପ୍ତର୍ଷି'** ପୁସ୍ତକରେ ଯେଉଁ ପ୍ରତିଭାଧର ବ୍ୟକ୍ତିମାନଙ୍କର ଜୀବନୀ ସ୍ଥାନ ପାଇଛି, ସେମାନେ ହେଲେ– ସାହିତ୍ୟିକ ଲକ୍ଷ୍ମୀଧର ନାୟକ, ଗବେଷକ ଡଃ ଗଙ୍ଗାଧର ବଳ, ଉପାନ୍ତ ଅଞ୍ଚଳର ସାହିତ୍ୟ ସାଧକ ପ୍ରୟାଗଦତ୍ତ ଯୋଷୀ, ଚିତ୍ରଶିଳ୍ପୀ ଏବଂ ଜନସେବୀ ତଥା ସଂଗ୍ରାମୀ ନବକିଶୋର ପଟ୍ଟନାୟକ, ସାମ୍ବାଦିକ ରଘୁନାଥ ପାଠୀଶାସ୍ତ୍ରୀ, ଅଭିନେତା ଶରତଚନ୍ଦ୍ର ପୂଜାରୀ ଏବଂ ପ୍ରକାଶକ ଅଭିରାମ ମହାପାତ୍ର ।

୧୯୯୫– **'ଅଷ୍ଟରତ୍ନ'** ପୁସ୍ତକରେ ଯେଉଁ ପ୍ରତିଭାଧର ବ୍ୟକ୍ତିମାନଙ୍କ ଜୀବନୀ ସ୍ଥାନିତ ହୋଇଛି, ସେମାନେ ହେଲେ– ଗବେଷକ ପଠାଣି ପଟ୍ଟନାୟକ, କବି ଓ ଗାଳ୍ପିକ ଦୁର୍ଗାମାଧବ ମିଶ୍ର, ଜନସେବୀ ଓ ସଙ୍ଗଠକ ବସନ୍ତ କୁମାର ପାଣିଗ୍ରାହୀ, ସୁସାହିତ୍ୟିକ ଓ ସଙ୍ଗୀତଶିଳ୍ପୀ ଶ୍ରୀମତୀ ବୀଣା ଦେବୀ, ଅଭିନେତା ନଟବର ସେଣ, ଚିତ୍ରଶିଳ୍ପୀ ଉଦୟ ନାରାୟଣ ଜେନା, ଝୁମର ଓ ଛଉନୃତ୍ୟ ବିଶାରଦ ଗିରିଶ ଚନ୍ଦ୍ର ମହାନ୍ତ, ଡଃ ସଦାଶିବ ମିଶ୍ର ସ୍ମୃତି ସମ୍ମାନପ୍ରାପ୍ତ ଔପନ୍ୟାସିକ ଶାନ୍ତନୁ କୁମାର ଆଚାର୍ଯ୍ୟ ।

୧୯୯୬– **'ସପ୍ତ ସିନ୍ଧୁ'** ପୁସ୍ତକରେ ଗାଳ୍ପିକ ଓ ଔପନ୍ୟାସିକ କିଶୋରୀ ଚରଣ ଦାସ, ନୃତ୍ୟଶିଳ୍ପୀ ଧୀରେନ୍ଦ୍ର ନାଥ ପଟ୍ଟନାୟକ, ସଙ୍ଗୀତ ଶିଳ୍ପୀ ଶ୍ରୀମତୀ ବୀଣାପାଣି ମହାନ୍ତି, ଅଭିନେତା ଗୋବିନ୍ଦ ତେଜ, ଚିତ୍ରଶିଳ୍ପୀ ସୁନାମଣି ସାମଲ, ପାଲା ଗାୟକ ଜଗନ୍ନାଥ ବେହେରା ଓ ଡକ୍ଟର ସଦାଶିବ ସ୍ମୃତି ସମ୍ମାନ ଲାଭ କରିଥିବା ବେଣୁଧର ରାଉତଙ୍କ ଜୀବନୀ ପ୍ରକାଶିତ ।

୧୯୯୭– **'ଆମ ସ୍ମରଣୀୟ ପ୍ରତିଭା'**ରେ ସ୍ଥାନିତ ପ୍ରତିଭାଧର ବ୍ୟକ୍ତିମାନେ ହେଲେ– ସାହିତ୍ୟିକ ସାତକଡ଼ି ହୋତା, ଗବେଷକ ଡଃ ଅସିତ କବି, ସଙ୍ଗଠକ ଗିରିଜା ଭୂଷଣ ପଟ୍ଟନାୟକ, ପଲ୍ଲୀକବି ମଦନ ମୋହନ ମିଶ୍ର, ସଙ୍ଗୀତ ଶିଳ୍ପୀ ପଣ୍ଡିମେଶ୍ୱର ଜେନା, ଅଭିନେତା ହେମନ୍ତ କୁମାର ଦାସ, ପ୍ରକୃତିବନ୍ଧୁ ସୁଭାଷ ଚନ୍ଦ୍ର ସିଂ ଓ ଡଃ ସଦାଶିବ ମିଶ୍ର ସ୍ମୃତି ସମ୍ମାନପ୍ରାପ୍ତ ପ୍ରକାଶକ ଗୋବିନ୍ଦ ଚରଣ ପାତ୍ର ।

Digitized by srujanika@gmail.com

୧୯୯୮– 'ଉତ୍କଳଶ୍ରୀ' ଜୀବନୀ ପୁସ୍ତକରେ ଯେଉଁ ପ୍ରତିଭାଧର ବ୍ୟକ୍ତିମାନଙ୍କର ଜୀବନୀ ପ୍ରକାଶ ପାଇଛି ସେମାନେ ହେଲେ– ସାହିତ୍ୟିକ ମହାପାତ୍ର ନୀଳମଣି ସାହୁ, ସମାଲୋଚକ ଓ ଗବେଷକ ଡକ୍ଟର କୃଷ୍ଣ ଚରଣ ବେହେରା, ସାହିତ୍ୟିକ ଓ ସାମ୍ବାଦିକ ରଜନୀକାନ୍ତ ଦାସ, ସଙ୍ଗୀତ ଶିଳ୍ପୀ ଭିକାରୀ ଚରଣ ବଳ, ନୃତ୍ୟଶିଳ୍ପୀ ମାଗୁଣି ଚରଣ ଦାସ, ହରିକଥା ପରିବେଷକ ଗନ୍ଧସାଗର ଲଡୁକିଶୋର ପାଣି ଓ ସଦାଶିବ ମିଶ୍ର ସ୍ମୃତି ସମ୍ମାନ ଲାଭ କରିଥିବା ଐତିହାସିକ ଡକ୍ଟର ଜଗନ୍ନାଥ ପଟ୍ଟନାୟକ ।

୧୯୯୯– ମସିହାରେ ପ୍ରକାଶିତ **'ଓଡ଼ିଶାର ବରପୁତ୍ର'** ପୁସ୍ତକରେ ବରପୁତ୍ର ଅର୍ଥଶାସ୍ତ୍ରବିତ୍ ଡଃ ଦେବେନ୍ଦ୍ର ଚନ୍ଦ୍ର ମିଶ୍ର, ସୁସାହିତ୍ୟିକ ଓ ଗାଳ୍ପିକ ଶ୍ରୀ ଅଚ୍ୟୁତାନନ୍ଦ ପତି, ପ୍ରବୀଣ ସମାଲୋଚକ ଓ ଗବେଷକ ଡଃ ବିଚିତ୍ରାନନ୍ଦ ମହାନ୍ତି, ସୁସାମ୍ବାଦିକ ଓ ସାହିତ୍ୟିକ ପ୍ରଫେସର ଚିନ୍ତାମଣି ମହାପାତ୍ର, ଅଭିନୟ ନିପୁଣା ଶ୍ରୀମତୀ ଗ୍ଲୋରିଆ ମହାନ୍ତି, ପ୍ରବୀଣ ପ୍ରକାଶକ ଓ ଅନୁବାଦକ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ସଦାଶିବ ସ୍ମୃତି ସମ୍ମାନପ୍ରାପ୍ତ ପଲ୍ଲୀକବି ଶ୍ରୀ ରାମନନ୍ଦ ଆଚାର୍ଯ୍ୟ ଇତ୍ୟାଦିଙ୍କ ଜୀବନୀ ସ୍ଥାନୀତ ହୋଇଛି ।

୨୦୦୦– **'ସପ୍ତ-ସାଗର'**ପୁସ୍ତକରେ ଐତିହାସିକ ଗବେଷକ ଡଃ କରୁଣାସାଗର ବେହେରା, ଅର୍ଥନୀତିଜ୍ଞ ଡକ୍ଟର ବୈଦ୍ୟନାଥ ମିଶ୍ର, ଔପନ୍ୟାସିକ ତଥା ସୁସାହିତ୍ୟିକ ବଳରାମ ପଟ୍ଟନାୟକ, ନୃତ୍ୟଗୁରୁ ଗଙ୍ଗାଧର ପ୍ରଧାନ, ପ୍ରଖ୍ୟାତ ସଙ୍ଗୀତ ଶିଳ୍ପୀ ଶାନ୍ତନୁ ମହାପାତ୍ର, ସୁପ୍ରସିଦ୍ଧ ସମାଲୋଚକ ଡଃ କାହ୍ନୁ ଚରଣ ମିଶ୍ର ଏବଂ ଅଭିନେତା ଓ ଶିଳ୍ପୀ କୃଷ୍ଣଚନ୍ଦ୍ର ରଥଙ୍କ ଜୀବନୀ ପ୍ରକାଶିତ ହୋଇଛି ।

୨୦୦୧– **'ସାରସ୍ୱତ ସାଧକ'** ପୁସ୍ତକରେ ପ୍ରକାଶିତ ପ୍ରତିଭାଧର ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରବୀଣ ଶିକ୍ଷାବିତ୍, ସୁ-ସାହିତ୍ୟିକ, ସମାଲୋଚକ ଶ୍ରୀ ଗୌରୀକୁମାର ବ୍ରହ୍ମା, ପ୍ରସିଦ୍ଧ ସମାଲୋଚକ, ଭାଷାବିଜ୍ଞାନୀ ଡଃ ଦେବୀପ୍ରସନ୍ନ ପଟ୍ଟନାୟକ, ସୁ-ସାହିତ୍ୟିକ, "ନିର୍ମାଲ୍ୟ''ର ପ୍ରତିଷ୍ଠାତା ସମ୍ପାଦକ, ବରେଣ୍ୟ ଜନସେବୀ ଶ୍ରୀ ହରିହର ବାହିନୀପତି, ସଂସ୍କୃତିପ୍ରେମୀ ଇଞ୍ଜିନିୟର ଶ୍ରୀ ରାଜେନ୍ଦ୍ର ନାରାୟଣ ଦାସ, ପ୍ରସିଦ୍ଧ ନାଟ୍ୟକାର, ଚଳଚ୍ଚିତ୍ର ନିର୍ଦ୍ଦେଶକ ଶ୍ରୀ ସାରଦା ପ୍ରସନ୍ନ ନାୟକ, ପ୍ରଖ୍ୟାତ ସଙ୍ଗୀତଶିଳ୍ପୀ ଶ୍ରୀ ରଘୁନାଥ ପାଣିଗ୍ରାହୀ, ଶିଶୁ ସାହିତ୍ୟିକ ଶ୍ରୀ ବାସୁଦେବ ମହାପାତ୍ର ଏବଂ

Digitized by srujanika@gmail.com

ପ୍ରଖ୍ୟାତ ସାଂସ୍କୃତିକ ସଙ୍ଗଠକ ଶ୍ରୀ ସତ୍ୟନାରାୟଣ ଅଗ୍ରୱାଲଙ୍କ ଜୀବନୀ ପ୍ରକାଶିତ ।

୨୦୦୨– ମସିହାରେ ପ୍ରକାଶିତ **'ସପ୍ତ ପ୍ରତିଭା'** ପୁସ୍ତକରେ ସାହିତ୍ୟିକ ଚିନ୍ତାମଣି ବେହେରା, ଗବେଷକ ଡକ୍ଟର ନରେନ୍ଦ୍ରନାଥ ମିଶ୍ର, ଜନସେବୀ ଅନ୍ନପୂର୍ଣ୍ଣା ମହାରଣା, ଶିଶୁ ସାହିତ୍ୟିକ ରାମ ପ୍ରସାଦ ମହାନ୍ତି, ସଙ୍ଗୀତଜ୍ଞ ଦାମୋଦର ହୋତା, ସଙ୍ଗଠକ ଖଟାଉ ସୁନ୍ଦର ଦାସ ଏବଂ ସାମ୍ବାଦିକ ଗୋପାଳ ମିଶ୍ରଙ୍କ ଜୀବନୀ ପ୍ରକାଶିତ ।

୨୦୦୩– ମସିହାରେ **'ସାରସ୍ୱତ ସପ୍ତକ'** ପୁସ୍ତକରେ– ଔପନ୍ୟାସିକ ବିଭୂତି ପଟ୍ଟନାୟକ, ପ୍ରବୀଣ ଶିକ୍ଷାବିତ୍ ଶତ୍ରୁଘ୍ନ ନାଥ, ଗବେଷକ ଧନେଶ୍ୱର ମହାପାତ୍ର, ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ହାସ୍ୟ ଅଭିନେତା ଜୟୀରାମ ସାମଲ, ଓଡ଼ିଶୀ ସଙ୍ଗୀତ ବିଶାରଦା ଶ୍ୟାମାମଣି ଦେବୀ, ସମାଜସେବୀ ତଥା "ସମାଜ"ର ସମ୍ପାଦିକା ଶ୍ରୀମତୀ ମନୋରମା ମହାପାତ୍ର ଏବଂ ଶିଶୁ ସାହିତ୍ୟିକ ଶ୍ରୀଯୁକ୍ତ ନଦୀୟା ବିହାରୀ ମହାନ୍ତିଙ୍କ ଜୀବନୀ ମୁଦ୍ରିତ ।

୨୦୦୪– ମସିହାରେ **'ସପ୍ତ ସୁରଭି'** ପୁସ୍ତକରେ ପ୍ରାବନ୍ଧିକ ଚିତ୍ତରଂଜନ ଦାସ, ପ୍ରବୀଣ ଶିକ୍ଷାବିତ୍ ଡଃ ରାଧାନାଥ ରଥ, ଚଳଚ୍ଚିତ୍ର ଅଭିନେତା ବିଜୟ ମହାନ୍ତି, ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ କୁମ୍ କୁମ୍ ମହାନ୍ତି, ସାମ୍ବାଦିକ-କବି ଦଣ୍ଡପାଣି ମିଶ୍ର, ସଂଗୀତଜ୍ଞ ପ୍ରଫୁଲ୍ଲ କୁମାର ସିଂହଦେଓ ଏବଂ ବିଶିଷ୍ଟ ସମାଜସେବୀ ରବୀନ୍ଦ୍ର ନାଥ ଦାସଙ୍କ ଜୀବନୀ ପ୍ରକାଶିତ ହୋଇଛି ।

୨୦୦୫– ମସିହାରେ **'ଅମୃତାଲୋକ'** ପୁସ୍ତକରେ ପ୍ରାବନ୍ଧିକ ଚନ୍ଦ୍ରଶେଖର ରଥ, ଗୀତିକାର ଗୁରୁକୃଷ୍ଣ ଗୋସ୍ୱାମୀ, କ୍ରୀଡ଼ାବିତ୍ ମିନତୀ ମହାପାତ୍ର, ଅଭିନେତା ଦେବୁ ବୋଷ, ଚିତ୍ରଶିଳ୍ପୀ ଶିବ ପାଣିଗ୍ରାହୀ, କଣ୍ଠଶିଳ୍ପୀ ଅତୀଶ୍ ମଜୁମଦାର ଏବଂ ସାମ୍ବାଦିକ ପ୍ରମୋଦ କୁମାର ମହାପାତ୍ରଙ୍କ ଜୀବନୀ ପ୍ରକାଶିତ ହୋଇଛି ।

୨୦୦୬– ମସିହାରେ **"ସପ୍ତଚନ୍ଦ୍ରିକା"** ପୁସ୍ତକରେ ସାହିତ୍ୟିକ ଉମାଶଙ୍କର ପଣ୍ଡା, ଚଳଚ୍ଚିତ୍ର ଅଭିନେତା ପ୍ରଶାନ୍ତ ନନ୍ଦ, ଶିକ୍ଷକ ଶିବରାମ ରଥ, ମର୍ଦ୍ଦଳ ବାଦକ ବନମାଳୀ ମହାରଣା, ଚିତ୍ରଶିଳ୍ପୀ ଜଗଦୀଶ

Digitized by srujanika@gmail.com

କାନୁନ୍‌ଗୋ, ଔପନ୍ୟାସିକା ଗାୟତ୍ରୀ ବସୁ ମଲ୍ଲିକ, ଏବଂ ସାହିତ୍ୟିକ ଫକୀର ହରିଚନ୍ଦନଙ୍କ ଜୀବନୀ ପ୍ରକାଶିତ ହୋଇଛି ।

ଆମେ ଆଶା କରୁ, ଆମର ଏ ଉଦ୍ୟମ ଓଡ଼ିଶାର ପାଠକପାଠିକାମାନଙ୍କ ନିକଟରେ ପ୍ରତିଭାବାନ୍ ବ୍ୟକ୍ତିମାନଙ୍କୁ ପରିଚିତ କରାଇବାରେ ସହାୟକ ହେବ । ଅବଶ୍ୟ ଆମର ଏ ଉଦ୍ୟମ ଯଥେଷ୍ଟ ନୁହେଁ । ଏ ଦିଗରେ ଆହୁରି ଅନେକ କିଛି କରିବାକୁ ବାକି ଅଛି । ତା' ସତ୍ତ୍ୱେ ବିଶ୍ୱାସ କରାଯାଏ ଯେ– ପ୍ରାଥମିକ ପଦକ୍ଷେପ ସ୍ୱରୂପ ଏହି ଜୀବନୀ ସଂକଳନଗୁଡ଼ିକ ଭବିଷ୍ୟତ ପାଇଁ ଆଲୋକ ବର୍ତ୍ତିକା ସଦୃଶ କାର୍ଯ୍ୟ କରିବ ।

ଏସବୁ ଉଦ୍ୟମ ସତ୍ତ୍ୱେ ପାଠକ ସଂସଦର ସଦସ୍ୟମାନଙ୍କ ମନରେ ଅନେକ ଦୁଃଖ ରହିଯାଉଛି । କାରଣ ଅନେକ ସାଧକଙ୍କୁ ପାଠକ ସଂସଦ ସମ୍ମାନିତ କରିପାରୁ ନାହିଁ କିମ୍ବା ସେମାନଙ୍କ ଜୀବନୀ ସଂରକ୍ଷିତ କରି ରଖିପାରୁ ନାହିଁ । ତେଣୁ ପାଠକ ସଂସଦ ସମ୍ମାନିତ କରିପାରୁ ନଥିବା ପ୍ରତିଭାଧର ବ୍ୟକ୍ତିମାନଙ୍କ ଜୀବନୀ କିଭଳି ସଂରକ୍ଷିତ କରାଯାଇ ପାରିବ, ଭବିଷ୍ୟତରେ ସଂସଦ ସେ ପ୍ରତି ନିଶ୍ଚୟ ଯତ୍ନବାନ ହେବ । ସାହିତ୍ୟ, ସଂସ୍କୃତିର ସୁରକ୍ଷା ତଥା ପ୍ରତିଭାପୂଜା ପାଇଁ ପାଠକ ସଂସଦ ଯେଉଁ ନୀରବଚ୍ଛିନ୍ନ ଉଦ୍ୟମ କରିଚାଲିଛି ଆଗାମୀ ଦିନରେ ତା' ଆଭିମୁଖ୍ୟକୁ ବଜାୟ ରଖି ଆହୁରି ଉନ୍ନତ ଭାବରେ ଏହି ସବୁ କାର୍ଯ୍ୟ କରିବାକୁ ଯୋଜନା କରୁଛି ।

ପ୍ରଭୁ ଶ୍ରୀଜଗନ୍ନାଥ ସଠିକ୍ ମାର୍ଗ ଦର୍ଶାଇ ଏ ସଂସଦର କାର୍ଯ୍ୟଧାରାକୁ ଆଗକୁ ଆଗେଇ ନିଅନ୍ତୁ । ଏହି ପ୍ରାର୍ଥନା ସହିତ ଅଗଣିତ ପାଠକ-ପାଠିକା, ଲେଖକ, ଦର୍ଶକ, ଶ୍ରୋତା, ବକ୍ତା, ଶ୍ରମିକ ଏବଂ ସମାଜର ପ୍ରତ୍ୟେକ ସ୍ତରର ବ୍ୟକ୍ତିଙ୍କ ସ୍ନେହ, ସଦ୍‌ଭାବ, ସଦିଚ୍ଛା କାମନା କରି ରହୁଛୁ ।

।। ଇତି ।।

ସୁବ୍ରତ ପ୍ରିୟବ୍ରତ ମହାନ୍ତି

ସମ୍ପାଦକ, ଉତ୍କଳ ପାଠକ ସଂସଦ

✡✡✡

Digitized by srujanika@gmail.com

ଜିତାମିତ୍ର ପ୍ରସାଦ ସିଂହଦେଓ
ଜୀବନ ଏକ କାହାଣୀ

ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ

ସେ ସାଧାରଣ ଜୀବନୀ ନୁହେଁ, ଏକ କାହାଣୀ । କାହାଣୀ ଅନେକ ସମ୍ଭାବନାର, ଜଣେ ରାଜକୁମାରର । କାହାଣୀ ପରିପୂର୍ଣ୍ଣ ଜୀବନର, ଜଣେ ଗବେଷଣା ଅନୁରାଗୀ ମଣିଷର । ସେ କାହାଣୀ ହେଉ ବା ଜୀବନ ମୋଡ଼ ପରେ ମୋଡ଼ ଭାଙ୍ଗି ଆଗେଇଯିବାର ନିଆରା ଜୀବନ ହେଉ । ସେ ଜୀବନ କାହାଣୀ ! ସେ ଜୀବନ-କାହାଣୀ ଭିତରେ ସମୃଦ୍ଧମୟ ଭିତ୍ତି, ପରିବ୍ୟାପ୍ତ ପୃଥିବୀ ଓ ଛନ୍ଦ-ମଧୁର ଗାନର ଆବାହନୀ ! ସେ ଜୀବନ ଐଶ୍ୱର୍ଯ୍ୟ ଭିତରେ ଐତିହ୍ୟକୁ ଅନ୍ୱେଷଣ କରିବାର ଜୀବନ ! ସେ ଜୀବନ ପାଇଁ ରାଜମୁକୁଟ ଯେତିକି ବଡ଼ ନଥିଲା ବଡ଼ ଥିଲ । ନିଜର ଜିଜ୍ଞାସାର ପରିପୂର୍ତ୍ତି କରିବା । ସେ ଜୀବନର ନାମ ଜିତାମିତ୍ର ପ୍ରସାଦ ସିଂହଦେଓ ।

ଜୀବନ ଆରମ୍ଭରୁ ସେ ଦେଖିଥିଲେ ପ୍ରାଚୁର୍ଯ୍ୟ । ଖଡ଼ିଆଳର ଯୁବରାଜ ଅନୁପ ସିଂହଦେଓ ଓ ଯୁବରାଣୀ ସୌଭାଗ୍ୟ ମଞ୍ଜରୀ ଦେବୀଙ୍କ ପୁତ୍ର ରୂପେ ଜନ୍ମ ନେଇଥିଲେ ସେ । ଜ୍ୟେଷ୍ଠ ଭଗ୍ନୀ ମଞ୍ଜରୀ ଦେବୀଙ୍କ ଜନ୍ମର ପ୍ରାୟ ସାତବର୍ଷ ପରେ । ଜେଜେବାପା ରାଜା ଆର୍ତ୍ତତ୍ରାଣ ଦେଓଙ୍କ ଶାସନରେ ପୃଥିବୀକୁ ଛୁଇଁଥିଲେ ଜିତାମିତ୍ର । ସେ ଦିନ ଥିଲା ୧୯୪୬ମସିହାର ଅଗଷ୍ଟ ୨୯ ତରିଖ । ସେହି ବର୍ଷ (୩୦ ସେପ୍ଟେମ୍ବର୧୯୪୬)ରେ ଜେଜେବାପାଙ୍କ ଦେହତ୍ୟାଗ ଓ ପିତା ଅନୁପ ସିଂହଦେଓଙ୍କ ରାଜଗାଦି ପ୍ରାପ୍ତି । ଶିଶୁ ଜିତାମିତ୍ରଙ୍କ ପାଇଁ କିଛି ଅପ୍ରାପ୍ୟ ନଥିଲା । ନା ଚାକରପୁଝାରୀ, ନା ହାତୀଘୋଡ଼ା । ଜେଜେ ବାପାଙ୍କ ମଟରଗାଡ଼ିର ସଉକ ଥିବାରୁ ମିନର୍ଭା କାର୍‌ଠାରୁ ଆରମ୍ଭ କରି ଜିପ୍, ଲ୍ୟାଣ୍ଡଲଭର, କ୍ୟାରିୟର ୱାଗନ ଏପରି ଏନେକ ଗାଡ଼ି । ଅଧୁନା

Digitized by srujanika@gmail.com

ନୂଆପଡ଼ା ଜିଲ୍ଲା ସମେତ ବିସ୍ତୃତ ଅଞ୍ଚଳକୁ ନେଇ ଖଡ଼ିଆଳ ରାଜାଙ୍କ ଶାସିତ ଅଞ୍ଚଳ । ଚାରୋଟି ହାତୀ, ୧୮ଟି ଘୋଡ଼ା ଓ କେତେ ଓଟ ସମେତ କାହିଁ କେତେ ଗୋସଂପଦ, ପଶୁପକ୍ଷୀ । ପାରିଧିକୁ ଯିବା ତ ରାଜପରିବାର ପାଇଁ ଥିଲା ସାଧାରଣ କଥା । ପିତା ଅନୁପ ସିଂହଦେଓ ବି ଶିକାରକୁ ଯାଉଥିଲେ ।

ପିଲାଦିନେ ସ୍ୱାଧୀନତା ନଥିଲା । ସମସ୍ତଙ୍କ ନିଘା ରହୁଥିଲା ପ୍ରତିଟି କାର୍ଯ୍ୟକଳାପ, ଚାଲିଚଳନ ପ୍ରତି । ବାହାରେ ଖେଳିବା ବୁଲିବା ମଧ୍ୟ ସମ୍ଭବପର ନଥିଲା । ସିଂହଦ୍ୱାର, ଭିତର-ପହର ଓ ପାଣି-ଦ୍ୱାର ସବୁଠି ରାଜରକ୍ଷୀ । ବାହାରେ କାହାର ସାଥୀ ହେବା, କାହା ସହ ଖେଳିବାର ସୌଭାଗ୍ୟ ବି ନଥିଲା । ରାଜଗୃହ ଭିତରେ ହିଁ ଜୀବନ । ଦୁଇପତ୍ରରୁ ଶାଖା ମେଲିମେଲି ଚାଲିଲା ଭିତରେ କେତେ ଅନୁଭୂତି ! ଏବେବି ସେ ଦିନ ମନେ ପଡ଼େ ଆଉ ସେ କାହାଣୀ । ସେହି ରାଜପ୍ରାସାଦ ଭିତରେ ବଢୁଥିବା ଜୀବନର କାହାଣୀ । ଅମାପମାପ ସଂପତ୍ତି, ଆଖି ପାଉନଥିବା ବିସ୍ତୃତ ଶ୍ୟାମଳିମା ଶସ୍ୟକ୍ଷେତ୍ର । ସାରା ଖଡ଼ିଆଳ ରାଜ୍ୟ । ସେହି ରାଜ୍ୟର କଥା, ସେ ସମୟର ଜୀବନ ସ୍ମୃତି ଏବେ ମଧ୍ୟ ମଉଳି ପଡ଼ିନାହିଁ । ବାଲ୍ୟଜୀବନର ସ୍ମୃତି ନିଜକୁ ଅଧିକ ସତେଜ କରିଦିଏ ।

ମନେ ବି ପଡ଼େ ଛାତ୍ର ଜୀବନର କଥା । ଖଡ଼ିଆଳରେ ନିଯୁକ୍ତ ପାଇଥିବା ଗଦାଧର ମିଶ୍ରଙ୍କ ନିକଟରେ ଶିକ୍ଷା ଆରମ୍ଭ କରିଥିଲେ ସେ । ହଁ, ଗଦାଧର ମିଶ୍ର ଉତ୍କଳମଣି ଗୋପବଂଧୁ ଦାସଙ୍କ ସାନ ଭଉଣୀଙ୍କୁ ବିବାହ କରିଥିଲେ । ମଝିରେ ମଝିରେ ସେ କୌତୁକ କରି କହୁଥିଲେ ମୋ ଛଡ଼ା ଗୋପବନ୍ଧୁ ଦାସଙ୍କୁ କିଏ 'ଶଳା' କହିପାରିବ !

ଏକ ଐଶ୍ୱର୍ଯ୍ୟମଣ୍ଡିତ ଜୀବନ । ନା ଅଛି ଅଭାବ ନା କିଛି ଚିନ୍ତା । କିନ୍ତୁ ବେଳେ ବେଳେ ଜୀବନ ଭିନ୍ନ ପଥରେ ମୋଡ଼ି ହୋଇଯାଏ । ଐଶ୍ୱର୍ଯ୍ୟମଣ୍ଡିତ ଜୀବନ ବି ଆପଣାଇ ନିଏ ବନ୍ଧୁର ପଥକୁ । ୧୯୫୨ ମସିହାରେ ରାୟପୁରର ରାଜକୁମାର ମହାବିଦ୍ୟାଳୟରେ । ଚାକର ପୁଝାରୀ ଖଞ୍ଜା ହୋଇଥିଲା ଜିତାମିତ୍ରଙ୍କ ପାଇଁ । ରାଇପୁରରେ ବୁଦ୍ଧପଡ଼ାଠାରେ ଥିବା 'ଖଡ଼ିଆଳ ବାଡ଼'ରେ ରହୁଥିଲେ ସେ ।

ସମୟର ପରିବର୍ତ୍ତନ ସହ ଜୀବନ ବି ବଦଳିଯାଏ । ରାଜାମାନେ ମଧ୍ୟ ମନ୍ତ୍ରୀ ହୁଅନ୍ତି । ନିଜର ସୀମିତ ରାଜ୍ୟରୁ ଆସି ସାରା ପ୍ରଦେଶର ଦାୟିତ୍ୱ ଗ୍ରହଣ କରନ୍ତି । ପିତା ଅନୁପ ସିଂହଦେଓଙ୍କ କ୍ଷେତ୍ରରେ ତାହାହିଁ ଘଟିଥିଲା ।

Digitized by srujanika@gmail.com

୧୯୫୨ ମସିହାରେ ସ୍ୱାଧୀନ ଦେଶରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଥିବା ଓଡ଼ିଶା ବିଧାନସଭା ନିର୍ବାଚନରେ କଂଗ୍ରେସ ଦଳ ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୁଅନ୍ତି ସେ । ନବକୃଷ୍ଣ ଚୌଧୁରୀ ମନ୍ତ୍ରିମଣ୍ଡଳରେ ତାଙ୍କୁ ମିଳେ ଲୋକ ସଂପର୍କ ଓ ପଶୁପାଳନ ବିଭାଗର ଉପମନ୍ତ୍ରୀ ପଦବୀ । କ୍ୟାଣ୍ଟୋନ୍‌ମେଣ୍ଟ ରୋଡ଼ର ପ୍ରଥମ କ୍ୱାର୍ଟରଟି ମିଳିଥିଲା ତାଙ୍କୁ । ଏ ପରିବର୍ତ୍ତିତ ସ୍ଥିତିରେ ଜିତାମିତ୍ର ମଧ୍ୟ ଆସିଲେ ରାୟପୁରରୁ କଟକ । ଷ୍ଟୁଓ୍ୱାର୍ଟ ସ୍କୁଲରେ ହେଲା ନାମଲେଖା । ପିତାଙ୍କ କ୍ୱାର୍ଟରରୁ ସ୍କୁଲକୁ ଯିବାଆସିବା ହୁଏ ଡେସୋଟୋ କାର ଦ୍ୱାରା । ଯତ୍ନ ନେବାକୁ ଖଡ଼ିଆରୁ ଆସିଥିଲେ ଦୁଇଜଣ ମହିଳା । ୧୯୫୪ରେ ରାଜ୍ୟର ରାଜଧାନୀ କଟକରୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହେଲା । କ୍ୱାର୍ଟର ଛାଡ଼ି ତୁଳସୀପୁର ହିନ୍ଦୋଳ ହାଉସ୍‌ରେ ରହିଲେ ଜିତାମିତ୍ର । ୧୯୫୪ ରୁ ୧୯୫୬ ଯାଏଁ ଗଦାଧର ମିଶ୍ରଙ୍କୁ ତାଙ୍କ ଅଭିଭାବକ ରୂପେ ନିଯୁକ୍ତ ଦିଆଗଲା । ପରେ କିଛିଦିନ ସୁତାହାଟରେ ଭଡ଼ାରେ ରହିବା ପରେ ପେନ୍‌ସନ ଲେନର ଉର୍ଦ୍ଧ୍ୱ ମଦ୍ରାସା ପଛ ପଟେ ମା' ଗୋଟିଏ ଘର କିଣିଲେ । ସେଠାରେ ୧୯୫୭ ରୁ ରହିଲେ ସେ ଏବଂ ସୁଧାକର ମହାନ୍ତି, ଯିଏ କି ଷ୍ଟୁଓ୍ୱାର୍ଟ କଲେଜରର ମୁଖ୍ୟ କିରାଣୀ ଥିଲେ । ତାଙ୍କୁ ଅଭିଭାବକ ଦାୟିତ୍ୱ ଦିଆଗଲା । ରୋଷେଇ କରିବାକୁ ଜଣେ ମହିଳା ଓ ସନା ସବର ରନ୍ଧାବଢ଼ା କରିବା ପାଇଁ ରହିଲେ ।

୧୯୫୭ରେ ହରେକୃଷ୍ଣ ମହତାବଙ୍କ ମନ୍ତ୍ରିମଣ୍ଡଳରେ ଉପମନ୍ତ୍ରୀ ରୂପେ ଅନୁପ ସିଂହଦେଓ ଯୋଗ ଦେଲେ ଓ ପରେ ରାଜନୈତିକ ସଂକଟ ହେତୁ ଏହି ପଦରୁ ଇସ୍ତଫା ଦେଲେ । ୧୯୬୩ରେ ଜିତାମିତ୍ରଙ୍କୁ ମିଶାଇ ଆଠଜଣ ଛାତ୍ର ଓ ଦୁଇ ଜଣ ଛାତ୍ରୀ ଷ୍ଟୁଓ୍ୱାର୍ଟ ସ୍କୁଲରୁ ରାଣୀହାଟ ହାଇସ୍କୁଲ ମାଧ୍ୟମରେ ପ୍ରାଇଭେଟ୍ ଭାବେ ମାଟ୍ରିକ୍ୟୁଲେସନ ପରୀକ୍ଷା ଦେଲେ । ଏଥିରେ ଉତ୍ତୀର୍ଣ୍ଣ ହେବା ସହ ଖ୍ରୀଷ୍ଟ କଲେଜରେ ପ୍ରି-ୟୁନିଭରର୍ସିଟି ଶ୍ରେଣୀରେ ଯୋଗ ଦେଲେ ଓ ସେଠାରେ ପାଠ ଶେଷ କରି ରେଭେନ୍ସା କଲେଜରେ ପ୍ରଥମ ବର୍ଷ ଡିଗ୍ରୀରେ ନାମ ଲେଖାଇଲେ । ସେଥିଲା ୧୯୬୪ ମସହା । ସେହି ବର୍ଷ ମା' କିଣିଦେଇଥିଲେ ତାଙ୍କ ପାଇଁ ସ୍କୁଟରଟିଏ । ନୂଆ ନୂଆ ବଜାରକୁ ସ୍କୁଟର ଆସିଥାଏ । ଯେଉଁ ସମୟରେ ଖ୍ରୀଷ୍ଟ ଓ ରେଭେନ୍ସାର ଅଧ୍ୟାପକମାନେ ସେମାନଙ୍କର ସାଇକେଲରେ ଯିବା ଆସିବା କରୁଥିଲେ ଓ ସ୍ୱଳ୍ପ ଲୋକ ସ୍କୁଟର ବ୍ୟବହାର କରୁଥିଲେ, ସେତେବେଳେ ସେ ସ୍କୁଟର ହିଁ ତାଙ୍କର ଜୀବନରେ ଆଣିଥିଲା ଏକ ମୋଡ଼ । ବଦଳି ଯାଇଥିଲା ଜୀବନର ଗତି ।

Digitized by srujanika@gmail.com

୧୯୬୬ ମସିହା । ରେଭେନ୍ସାରେ ବି.ଏ. ପ୍ରଥମ ବର୍ଷର ଟେଷ୍ଟ ପରୀକ୍ଷା ପରେ ଏକ ଦୁର୍ଯୋଗକୁ ସାମ୍ନା କରିବାକୁ ହେଲା । ସ୍କୁଟର ଦୁର୍ଘଟଣା ହେଲା । ଜିତାମିତ୍ରଙ୍କୁ ୨୮ ଦିନକାଳ ଅଚେତ ଅବସ୍ଥାରେ ପଡ଼ି ରହିବାକୁ ହେଲା । ସେତେବେଳେ ସଦାଶିବ ତ୍ରିପାଠୀଙ୍କ ମନ୍ତ୍ରିମଣ୍ଡଳ । ସେଥିରେ ବାପା ପରିବହନ ବିଭାଗର ଉପମନ୍ତ୍ରୀ । ଶ୍ରୀରାମଚନ୍ଦ୍ର ଭଂଜ ମେଡ଼ିକାଲରେ ସ୍ନାୟୁଶଲ୍ୟ ବିଭାଗ ନଥାଏ । ଡକ୍ଟର ସନାତନ ରଥଙ୍କୁ ଓଡ଼ିଶାରୁ ପ୍ରଥମ ଡାକ୍ତରଭାବେ ରାଜ୍ୟ ସରକାରଙ୍କ ପକ୍ଷରୁ ଭେଲୋର ପଠାଯାଇଥିଲା ପ୍ରଶିକ୍ଷଣ ପାଇଁ । ଅଚେତ ଅବସ୍ଥାରେ ଜିତାମିତ୍ରଙ୍କୁ ଟ୍ରେନ୍ ଯୋଗେ ଭେଲୋର ନିଆଗଲା । ସେଠାରେ ଚିକିତ୍ସା ପରେ ଚେତା ଆସିଥିଲା ଓ ସେତେବେଳକୁ ୨୮ ଦିନ ବିତିଯାଇଥିଲା । ଜିତାମିତ୍ର ନିଜ ମାଆଙ୍କ ସାଙ୍ଗରେ ନିଜର ଫେଟ୍ କାର୍‌ରେ ଭୁବନେଶ୍ୱର ଫେରିଥିଲେ । ବାଟରେ ଗୋଟିଏ ରାତି ନେଲ୍ଲୋର ଓ ଅନ୍ୟ ଏକ ରାତି ବିଶାଖାପାଟନମ୍‌ରେ କଟାଇବାକୁ ହୋଇଥିଲା । କିଛି ଦିନ ଭୁବନେଶ୍ୱରରେ ରହି ପୁଣି ମା' ସାଙ୍ଗରେ ଖଡ଼ିଆଳ ଆସିଥିଲେ ସେ । ସ୍ମୃତିଶକ୍ତି ନଥିଲା । ଭେଲୋର ଡାକ୍ତରମାନଙ୍କ ଦ୍ୱାରା ପରାମର୍ଶ କରାଯାଇଥିବା ଔଷଧ ବ୍ୟବହାର କରିଥିଲେ ସେ । ୧୯୬୬ର ଶେଷ ଭାଗରେ ପରିସ୍ଥିତିରେ ପରିବର୍ତ୍ତନ ଆସିଥିଲା ଓ ସ୍ମୃତିଶକ୍ତି କ୍ରମଶଃ ଫେରିଫେରି ଆସିଲା । ଶେଷରେ ଶେଷଥର ପରୀକ୍ଷା ପାଇଁ ଭେଲୋର ଯିବାକୁ ହେଲା । ସେଠାରେ ସେ ସ୍ୱାଭାବିକ ବୋଲି ଡାକ୍ତମାନେ ପରୀକ୍ଷା କରି ଜଣାଇଥିଲେ । ସେ ଫେରିଲେ ଓଡ଼ିଶା । ୧୯୬୭ରେ ସେ ଓଡ଼ିଶା ଫେରିଲେ । ବିଜେବି କଲେଜରେ ତାଙ୍କର ନାମ ଲେଖା ହେଲା । ବାପାଙ୍କ ୟୁନିଟ୍ ୪ର ୯/୧ ବିଧାୟକ କ୍ୱାର୍ଟରରେ ରହୁଥିଲେ ସେ । ବ୍ୟବହାର କରୁଥିଲେ ଏକ ରାଜଦୂତ ମଟରସାଇକେଲ । ଆଉ ପାଠପଢ଼ାରେ ମନ ଲାଗିନଥିଲା । କାରଣ ପଢ଼ାରେ ନିଜର ସହପାଠୀମାନେ ଗୋଟିଏ ବର୍ଷ ଆଗେଇ ଯାଇଥିଲେ । ନିଜ ରାଜଦୂତ ମଟର ସାଇକେଲରେ ସେ ଫେରିଯାଇଥିଲେ ଖଡ଼ିଆଳ । ପାଠପଢ଼ିବାରେ ଡୋରି ବନ୍ଧା ହେଲା । ତାଙ୍କର ସମସ୍ତ ଆସବାବ୍‌ପତ୍ର ଧରି ସେବକ ତଥା ରୋଷେଇଆ ଚାମ୍‌ରା ଫେରିଯାଇଥିଲା ଖଡ଼ିଆଳ ।

ଏଥରବି ଜୀବନର ମୋଡ଼ରେ ଯୋଡ଼ା ହୋଇଥିଲା ଆଉ ଏକ ଅଧ୍ୟାୟ । ଯେଉଁ ଅଧ୍ୟାୟ ଜୀବନ ପାଇଁ ଆଣିଥିଲା ସ୍ୱତନ୍ତ୍ର ପରିଚୟ । ସେ ରାଜପୁତ୍ର ବା ରାଜାର ଜୀବନ ନଥିଲା, ସତ୍ୟସନ୍ଧିତ୍ସୁ ଗବେଷକର ଜୀବନ । ଖଡ଼ିଆଳ ରାଜପ୍ରାସାଦରେ ପୁଣି ଆରମ୍ଭ ହୋଇଥିବା ଜୀବନ ଆଦରି ନେଇଥିଲା ନିଆରା

Digitized by srujanika@gmail.com

ପଥ । ବିଭିନ୍ନ ଜୀବନୀ, ଧର୍ମୀୟ ପୁସ୍ତକଠାରୁ ଆରମ୍ଭ କରି ଅନେକ ଉପାଦେୟ ପୁସ୍ତକ ପଢ଼ିବା, ଆଧ୍ୟାତ୍ମିକ ଯୋଗୀଙ୍କ ଜୀବନ ବିଷୟରେ ଜାଣିବା, ଖଡ଼ିଆଳ ଅଞ୍ଚଳର ପ୍ରତ୍ନତାତ୍ତ୍ୱିକ ଗବେଷଣା କରିବାରେ ବିତିଲା ଜୀବନ । ପିଲାଦିନୁ ଇତିହାସ ପ୍ରତି ଥିବା ଅଭିରୁଚି ଅନୁଯାୟୀ କାର୍ଯ୍ୟ କରିବା ଆରମ୍ଭ କରିଦେଇଥିଲେ ସେ । ସାଧାରଣ ମଣିଷ ପରି କେବଳ ଖାଇବା, ବଢ଼ିବା ଓ ମରିବା ଏହା ନଥିଲା ଜୀବନର ଲକ୍ଷ୍ୟ । ଲକ୍ଷ୍ୟ ଥିଲା କିଛି ନୂଆ କାମ କରିବା, ନିଜକୁ ଗଠନମୂଳକ କାର୍ଯ୍ୟରେ ବିନିଯୋଗ କରିବା । ଅନାବିଷ୍କୃତ ହୋଇ ରହିଥିବା ଅନେକ ତଥ୍ୟ ଓ ଏହାର ଐତିହ୍ୟ ସଂପର୍କରେ ଅବଗତ ହେବା ଲକ୍ଷ୍ୟ ନେଇ ଆରମ୍ଭ କରିଦେଇଥିଲେ କାର୍ଯ୍ୟ ।

୧୯୬୮ ଡିସେମ୍ବର । ମାମୁଁ କାଳାହାଣ୍ଡିର ମହାରାଜ ପ୍ରତାପ କେଶରୀ ଦେଓ ମହାରାଣୀ ଓ ସାନ ପୁଅ ବିକ୍ରମ କେଶରୀ ଦେଓଙ୍କ ସହ ଖଡ଼ିଆଳରେ ପହଞ୍ଚନ୍ତି । ସେମାନଙ୍କ ସହ ମିଶି ଜିତାମିତ୍ର ସୁନାବେଡ଼ା ଉପତ୍ୟକାକୁ ବୁଲିଯାଆନ୍ତି, ଯାହା ବର୍ତ୍ତମାନ ନୂଆପଡ଼ା ଜିଲ୍ଲାରେ ରହିଛି । କଳାହାଣ୍ଡି ରାଜପରିବାର ସହ ଫରେଷ୍ଟ ବଙ୍ଗଳାରେ ରହିବା ବେଳେ ଜଙ୍କ୍ ନଦୀ ସର୍ଭେ କରିବା, ସେଠାକାର ଜଳପ୍ରପାତ ଦେଖିବା ଓ ରାତିରେ ଶିକାରକୁ ଯିବା ସହ ପରବର୍ତ୍ତୀ ସମୟରେ ମରାଗୁଡ଼ା ଉପତ୍ୟକା ସର୍ଭେ କରିବାର ସ୍ମୃତି ତାଙ୍କ ପାଇଁ ଅପାଶୋରା ଏଇଥିପାଇଁ ଯେ, ଏହା ବିସ୍ତୃତ କ୍ଷେତ୍ରର ଐତିହାସିକ ବିଭବ ସଂପର୍କରେ ଅନୁଧ୍ୟାନ କରିବାର ମୂଳଭିତ୍ତିଟିଏ ପକାଇଥିଲା । ଠିକ୍ ସେହିପରି ମାମୁଁ ମହାରାଜ ପ୍ରତାପ କେଶରୀ ଦେଓ ୧୯୭୦ରେ କିଛି କାଳ ପାଇଁ ବିରୋଧୀ ଦଳ ନେତା ଥିଲାବେଳେ 'ଏକ୍ସପ୍ରେ-୭୦/'ରେ ତାଙ୍କ ପରିବାର ଓ କିଛି ସାଂସଦ ଓ ତାଙ୍କ ପରିବାର ସହ ଜିତାମିତ୍ର ଜାପାନ, ତାଇୱାନ, ଜାପାନ ଓ ହଂକଂ ଯାତ୍ରା କରି ସେଠାକର ସମୃଦ୍ଧ ସଂସ୍କୃତି ଓ ପରମ୍ପରା ସଂପର୍କରେ ସବିଶେଷ ଜ୍ଞାନ ଆହରଣ କରନ୍ତି ସେ ।

୧୯୭୨ ମସିହାରେ ଜିତାମିତ୍ର ପ୍ରସାଦ ସିଂହଦେଓଙ୍କ ବିବାହ ପୁରୀର ତୀର୍ଥରାଜ ରାଜ ଦେବଙ୍କ ଦ୍ୱିତୀୟା କନ୍ୟା ରାଜଶ୍ରୀ ଦେବୀଙ୍କ ସହ ହୋଇଥିଲା । ରାଜଶ୍ରୀ ଦେବୀ ରାଜସଂପତ୍ତି ଓ ପାରିବାରିକ ଦାୟିତ୍ୱ ଗ୍ରହଣ କରିଥିଲେ ଓ ଜିତାମିତ୍ର ନିଜର ଗବେଷଣା କାର୍ଯ୍ୟରେ ଅଧିକରୁ ଅଧିକ ବ୍ରତୀ ହେଲେ । ଜଣେ ପୁରୁଷର ସଫଳତା ପଛରେ ଜଣେ ନାରୀର ହାତ ଥାଏ ବୋଲି ଯାହା କୁହାଯାଏ, ତାହା ଜିତାମିତ୍ରଙ୍କ ଜୀବନରେ ସତ୍ୟ ହୋଇଥିଲା । ଗବେଷଣା କରିବା ପାଇଁ ରାଣୀ ରାଜଶ୍ରୀ ଦେବୀଙ୍କ ପ୍ରେରଣା ସ୍ମରଣଯୋଗ୍ୟ । ଜିତାମିତ୍ରଙ୍କ

Digitized by srujanika@gmail.com

ସ୍ୱତନ୍ତ୍ର ପରିଚୟ ସୃଷ୍ଟି ଯାହାଙ୍କ ପାଇଁ ସମ୍ଭବ ହୋଇଛି, ତାହା ପତ୍ନୀ ରାଜଶ୍ରୀ ଦେବୀଙ୍କ ଭିନ୍ନ ଅନ୍ୟ କେହି ନୁହଁନ୍ତି ଓ ଏହାକୁ ନିଜେ ଜିତାମିତ୍ର ସ୍ୱୀକାର କରିବାକୁ କୁଣ୍ଠିତ ନୁହଁନ୍ତି । ଦୁଇପୁତ୍ର ଓ ଏକମାତ୍ର କନ୍ୟାର ଜନକ ହେବାର ସୌଭାଗ୍ୟ ମିଳିଛି ତାଙ୍କୁ ।

ଗବେଷଣା ଚାଲିଛି ଯେ ଚାଲିଛି । ଓଡ଼ିଶାର ଗୌରବମୟ ଅତୀତ ବିଶେଷ କରି ଭାରତବର୍ଷର ସମୃଦ୍ଧ ଐତିହ୍ୟ ସଂପର୍କରେ ନୂଆ ନୂଆ ତଥ୍ୟର ସଂଧାନ କରିବାରେ ସଫଳ ହୋଇଛନ୍ତି ସେ । ଗୋଟିଏ କାର୍ଯ୍ୟପରେ ଆଉ ଏକ କାର୍ଯ୍ୟ । ସେ କାର୍ଯ୍ୟର ଶେଷ ନାହିଁ । ଏହା ଜୀବନ ପାଇଁ ସବୁଠାରୁ ବଡ଼ ସତ୍ୟ ବୋଲି ଭାବି ଆସିଛନ୍ତି ଶ୍ରୀ ସିଂହଦେଓ । ସୃଷ୍ଟିର ଶେଷ ନାହିଁ । ପୁରୁଷ ଓ ପ୍ରକୃତିକୁ ନେଇ ସୃଷ୍ଟି ସବୁବେଳେ ଅପହଞ୍ଚ ହୋଇ ରହିଛି । ଯେତେ ଆବିଷ୍କାର କଲେ ମଧ୍ୟ ଅନେକ କିଛି ଅନାବିଷ୍କୃତ ହୋଇ ରହିଯାଉଛି । ପରିବ୍ୟାପ୍ତ ଅନାବିଷ୍କୃତ ପୃଥିବୀରୁ କିଛି କିଛି ଆବିଷ୍କାର କରିବାରେ ବ୍ରତୀ ରହିଛନ୍ତି ସେ ।

(୨)

କାହାଣୀ ସେହି ସାରସ୍ୱତ ଅନୁରାଗୀ ସମୃଦ୍ଧ ରାଜବଂଶର

ଖଡ଼ିଆଳର ପ୍ରଖ୍ୟାତ ଚୌହାନ୍ ରାଜବଂଶର ଦାୟକ ଜିତାମିତ୍ର ପ୍ରସାଦ ସିଂହଦେଓ । ଜିତାମିତ୍ରଙ୍କ ସାରସ୍ୱତ ସାଧନା ଓ ଗବେଷଣା ବଂଶାନୁକ୍ରମରେ ତାଙ୍କ ନିକଟକୁ ଆସିଛି । ଚୌହାନ ରାଜବଂଶ କଳା, ସଂସ୍କୃତି ଓ ଜ୍ଞାନର ପ୍ରସାରକୁ ସବୁ ସମୟରେ ପୃଷ୍ଟପୋଷକତା ଦେଇ ଆସିଥିଲେ । ଏହି ରାଜବଂଶର ଅନେକ ରାଜା ମଧ୍ୟ ଥିଲେ ସାରସ୍ୱତ ସାଧକ । ସାହିତ୍ୟକୁ ଭଲ ପାଉଥିଲେ ଓ ଏହାର ପ୍ରଚାର ପ୍ରସାର ପାଇଁ ଗ୍ରହଣ କରୁଥିଲେ ଗୁରୁତ୍ୱପୂର୍ଣ୍ଣ ଭୂମିକା ।

ଏହି ରାଜବଂଶର ରାଜା ପ୍ରତାପରୁଦ୍ର (ଖ୍ରୀ ୧୪୯୬-୧୫୩୯) ଥିଲେ ଦୁଇଟି ପ୍ରସିଦ୍ଧ ପୁସ୍ତକ 'ସରସ୍ୱତୀ ବିଳାସ' ଓ 'ପ୍ରତାପ ମାର୍ତ୍ତଣ୍ଡ'ର ପ୍ରଣେତା । ୧୬୧୦ ଖ୍ରୀଷ୍ଟାବ୍ଦରେ ପ୍ରାଣକାନ୍ଧ ଚୌହାନ୍ ଲେଖିଥିଲେ "ରାମାୟଣ ମହାନାଟକ" । ଶିବଲ୍ ସିଂହ ଚୌହାନ୍ ମହାଭାରତର ସଂକ୍ଷିପ୍ତ ହିନ୍ଦୀ ଅନୁବାଦ କରିଥିଲେ ଓ ଏହି ପୁସ୍ତକ ୨୪,୦୦୦ ପଦ ବିଶିଷ୍ଟ । ଏହି ପୁସ୍ତକର ସରଳ ସାବଲୀଳ ରଚନା ଶୈଳୀ ଏହା ପାଇଁ ଆଣିଥିଲା ଅନେକ ଲୋକପ୍ରିୟତା ।

୧୪ଶ ଶତାବ୍ଦୀ ବେଳକୁ ପଶ୍ଚିମ ଓଡ଼ିଶାର ପ୍ରାୟ ଅଧିକାଂଶ ଅଞ୍ଚଳରେ ଚୌହାନ ରାଜବଂଶର ଶାସନ ଥିଲା । ଗଡ଼ଜାତ ମିଶ୍ରଣ ପର୍ଯ୍ୟନ୍ତ ଏହି ରାଜବଂଶର

Digitized by srujanika@gmail.com

ଶାସନ ଅବାରିତ ରହିଥିଲା । ଚୌହାନ୍ ରାଜବଂଶର ବିଭିନ୍ନ ଶାଖା ପାଟନା (ବଲାଙ୍ଗୀର), ସମ୍ବଲପୁର, ଧମା, ଥୁକିକାଟ-ଦୁର୍ଗ, ଖୁଣ୍ଡା, ରାଜପୁର, ସୋନପୁର, ବରପାଲି, ସାରଙ୍ଗଗଡ଼, ଝାରସୁଗୁଡ଼ା, ଖଡ଼ିଆଳ, ଷଢ଼େଇକଳା, ଝାରସିଙ୍ଗା, ଅଗଲପୁର ଆଦି ଅଞ୍ଚଳରେ କ୍ଷମତାରେ ରହିଥିଲେ ।

ସାହିତ୍ୟକୁ ସମୃଦ୍ଧି କରବା କ୍ଷେତ୍ରରେ ପାଟନା, ସମ୍ବଲପୁର, ସୋନପୁର, ବରପାଲି ଓ ଖଡ଼ିଆଳ ରାଜ ଦରବାରର ଭୂମିକାଥିଲା ଅନସ୍ୱୀକାର୍ଯ୍ୟ । ଖଡ଼ିଆଳରେ ରାଜା ବ୍ରଜରାଜ ସିଂହ ଦେଓ ୧୮୮୩ରେ ପ୍ରତିଷ୍ଠା କରିଥିଲେ 'ଖଡ଼ିଆଳ ସାହିତ୍ୟ ସଂସଦ' । ଯେଉଁ ସାହିତ୍ୟ ଅନୁଷ୍ଠାନ ଓଡ଼ିଶାର ସର୍ବ ପ୍ରାଚୀନ ସାହିତ୍ୟ ଅନୁଷ୍ଠାନର ମର୍ଯ୍ୟାଦା ଲାଭ କରୁଛି ଓ ୧୯୮୩ରେ ଏହା ନିଜର ଶତବାର୍ଷିକ ଉତ୍ସବ ପାଳନ କରିସାରିଛି । କବି ଗଙ୍ଗାଧର ମେହେର ତାଙ୍କର 'ଉକ୍ରଳ-ଲକ୍ଷ୍ମୀ' କାବ୍ୟରେ ରାଜା ବ୍ରଜରାଜ ସିଂହଦେଓଙ୍କୁ ଦ୍ୱିତୀୟ ଉପେନ୍ଦ୍ର ଭଂଜ ଭାବେ ଅଭିହିତ କରିଛନ୍ତି । ସେଥିଲେ ପ୍ରଥମ ଶ୍ରେଣୀର ମାଜିଷ୍ଟ୍ରେଟ୍ ଓ କାଇଜରଇ-ହିନ୍ଦ' ମେଡ଼ାଲ ତାଙ୍କୁ ମିଳିଥିଲା । ତାଙ୍କର ସାଧୁତା ଓ କର୍ତ୍ତବ୍ୟନିଷ୍ଠା ତାଙ୍କ ପାଇଁ ଆଣିଥିଲା ଅନେକ ସୁନାମ । ଖଡ଼ିଆଳ ରାଜା ବୀରବିକ୍ରମ ଦେଓ ଜଣେ ନାଟ୍ୟକାର ଥିଲେ ଓ ୧୯୮୫ରେ ଖଡ଼ିଆଳରେ ପ୍ରଥମ ସ୍ଥାୟୀ ମଞ୍ଚ 'ବିରବିକ୍ରମ ଥିଏଟର' ପ୍ରତିଷ୍ଠା କରିଥିଲେ । ସାହିତ୍ୟକୁ ସମୃଦ୍ଧ କରିବାରେ ଖଡ଼ିଆଳ ରାଜବଂଶ କିପରି ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥିଲା ତାହା ଏଥିରୁ ସ୍ପଷ୍ଟ ହୋଇଯାଏ ।

ଜିତାମିତ୍ରଙ୍କ ଜେଜେବାପା ରାଜା ଆର୍ତ୍ତତ୍ରାଣ ଦେଓଙ୍କ ଶାସନର ପ୍ରସିଦ୍ଧି ମଧ୍ୟ ଥିଲା ଅନେକ । 'ହିଜ୍ ଇମ୍ପେରିଆଲ୍ ମାଜେଷ୍ଟି କିଙ୍ଗ ଜର୍ଜ-ପଞ୍ଚମ ଓ ପ୍ରିନ୍ସେସ୍ ଅଫ୍ ଇଣ୍ଡିଆ ଆଣ୍ଡ ଦି ଇଣ୍ଡିଆନ୍ ଏମ୍ପେର, ୧୯୩୭ରେ ଉଲ୍ଲେଖ ରହିଛି ।

"RAJA ARTATRAN DEO, Zamindar of Khariar Estate (Central Provinces) was born in 1900. The family which he so worthily represents is one of the oldest and noblest in the aristocracy of the Central Provinces and held in the highest seteem both by the Public and the Government for its earnest Public Spirit and sincere loyalty to the Crown."

ରାଜା ଆର୍ତ୍ତତ୍ରାଣ ଦେଓ ସମ୍ମାଜନକ କାଇଜ-ଇ-ହିନ୍ଦ୍ (ସ୍ୱର୍ଣ୍ଣପଦକ) ପାଇଥିଲେ । ସରକାର ଓ ସାଧାରଣ ଜନତାଙ୍କୁ ଉପଯୁକ୍ତ ସେବା ଦେବା କ୍ଷେତ୍ରରେ ତାଙ୍କର ଭୂମିକା ଥିଲା ସ୍ୱୀକାର୍ଯ୍ୟ । ରାଜା ଆର୍ତ୍ତତ୍ରାଣ ଦେଓ ନିଜର

Digitized by srujanika@gmail.com

ଜେଜେବାପା ବ୍ରଜରାଜ ସିଂହ ଦେଓଙ୍କ ଶାସନନୀତି ଦ୍ୱାରା ଅଧିକ ପ୍ରଭାବିତ ହୋଇଥିଲେ । ରାଜକୁମାର କଲେଜରୁ ଶିକ୍ଷା ଲାଭ କରିଥିବା ଶ୍ରୀ ଦେଓ ନିଜର ପ୍ରଗତିଶୀଳ ଦୃଷ୍ଟିକୋଣ ପାଇଁ ସ୍ୱତନ୍ତ୍ର ପରିଚୟ ଲାଭ କରିଥିଲେ । ନିଜର ସଂସ୍କୃତିପ୍ରାଣତା, ଉଦାରବାଦୀ ଚିନ୍ତାଧାରା, ସହୃଦୟଶୀଳତା, ମାର୍ଜିତ ବ୍ୟକ୍ତିତ୍ୱ ପାଇଁ ରାଜା ଆର୍ତ୍ତତ୍ରାଣ ସବୁ ଶ୍ରେଣୀର ଜନତାଙ୍କ ମଧ୍ୟରେ ଆଦୃତ ଥିଲେ । ଜଣେ ପ୍ରଥମ ଶ୍ରେଣୀର ଟେନିସ୍ ଖେଳାଳୀ ରୂପେ କେବଳ ନୁହେଁ ସବୁ ଖେଳରେ ମଧ୍ୟ ତାଙ୍କର ଦକ୍ଷତା ରହିଥିଲା ।

ରାଜା ଆର୍ତ୍ତତ୍ରାଣଙ୍କ ଏକମାତ୍ର ପୁତ୍ର ତଥା ଜିତାମିତ୍ରଙ୍କ ପିତା ରାଜା ଅନୁପ ସିଂହ ଦେଓ ଜଣେ କବି ଭାବେ ଭବାନୀପାଟଣା ବ୍ରଜମୋହନ ସାହିତ୍ୟ ସଂସଦ ପକ୍ଷରୁ 'କବି ସୌରଭ' ସମ୍ମାନ ଲାଭ କରିଥିଲେ । ବିଭିନ୍ନ ସମୟରେ ଓଡ଼ିଶାର ମନ୍ତ୍ରୀ ଓ ବିଧାନସଭାର ବାଚସ୍ପତି ଭାବେ ତାଙ୍କର ଭିନ୍ନ ରାଜନୈତିକ ପରିଚୟ ମଧ୍ୟ ରହିଛି । ଜିତାମିତ୍ର କବିସୌରଭ ଅନୁପ ସିଂହଦେଓଙ୍କ ଜ୍ୟେଷ୍ଠପୁତ୍ର । ଓଡ଼ିଶା ଐତିହ୍ୟ ଓ ସଂସ୍କୃତିକୁ ଚିହ୍ନି ଚିହ୍ନାଇବା ପାଇଁ ଜିତାମିତ୍ରଙ୍କ ଅବଦାନ ଦୀର୍ଘ ସାରସ୍ୱତ ସାରଣୀରେ ଏକ ସଂଯୋଗ । ତେବେ ଏ ସଂଯୋଗ ଏତେ ସୁଦୃଢ଼ ଯେ ପାରମ୍ପରିକ ସାରସ୍ୱତ କାର୍ଯ୍ୟ ସବୁଠାରୁ ଅଧିକ କୀର୍ତ୍ତିମୟ ହୋଇଛି ଜିତାମିତ୍ରଙ୍କ ନିକଟରେ ।

(୩)

କାହାଣୀର ନାୟକ ଜଣେ ଏକନିଷ୍ଠ ଗବେଷକ

ପରିପୂର୍ଣ୍ଣ ଜୀବନରେ ଅପୂର୍ଣ୍ଣ ଅନିସନ୍ଧିତ୍ସାକୁ ନେଇ ଜିତାମିତ୍ର ପ୍ରସାଦ ସିଂହଦେଓ ଆରମ୍ଭ କରିଛନ୍ତି ନିଜର ଯାତ୍ରା । ଇତିହାସ ଓ ପତ୍ନତାତ୍ତ୍ୱିକ ଅନୁସଂଧାନ ଭିତରେ ନିଜର ସାରସ୍ୱତ ଜୟଯାତ୍ରା ଆରମ୍ଭ କରିଛନ୍ତି ସେ । ଜୀବନରେ ଅନେକ ପତ୍ନତାତ୍ତ୍ୱିକ ଆବିଷ୍କାର ତାଙ୍କ ସାଧନାକୁ ହିଁ ସ୍ୱୀକୃତି ଦେଇଛନ୍ତି । ୧୯୭୦ ଡିସେମ୍ବର ୨୧ ତାରିଖରେ ସେ ଆବିଷ୍କାର କରିଥିଲେ ଯୋଗୀମଠ ଡୋଙ୍ଗରର ପ୍ରାକ୍-ଐତିହାସିକ ପ୍ରସ୍ତର-ଚିତ୍ରକଳା । ଏହିଠାରୁ ଆରମ୍ଭ ହୋଇଥିବା ଜୟଯାତ୍ରା ଏବେ ମଧ୍ୟ ବଜାୟ ରହିଛି । ୧୯୯୦ ମାର୍ଚ୍ଚ ୧୩ ତାରିଖରେ ଘାଟଘୁମରର ପ୍ରାକ୍ ଐତିହାସିକ ପ୍ରସ୍ତର-ଚିତ୍ରକଳାର ଆବିଷ୍କାରକ ଥିଲେ ସେ । ଠିକ୍ ସେହିପରି ଜିତାମିତ୍ର ହିଁ ପ୍ରଥମ ଥର ପାଇଁ ନୂଆପଡ଼ା ଜିଲ୍ଲାର ମାରାଗୁଡ଼ା ଉପତ୍ୟାକାରେ ରହିଥିବା ପ୍ରତ୍ନତାତ୍ତ୍ୱିକ ବିଭବ ସଂପର୍କରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିପ୍ରତି ଅନେକ ଗବେଷକ ମଧ୍ୟ ଆକୃଷ୍ଟ ହୋଇଥିଲେ । ସରଭପୁରିୟା ଫଳକର ଆବିଷ୍କାରକ ମଧ୍ୟ ଥିଲେ

Digitized by srujanika@gmail.com

ସେ । ପଶ୍ଚିମ ଓଡ଼ିଶାର ଅନେକ ପ୍ରାଚୀନ ସାମଗ୍ରୀ, ଟେରାକୋଟା ଓ ତାଳପତ୍ର ପାଣ୍ଡୁଲିପିକୁ ଆବିଷ୍କାର କରି ଏ ଦିଗରେ ନିଜର ସିଦ୍ଧି ପ୍ରତିପାଦିତ କରିଥିଲେ । କେବଳ ତାଙ୍କର ଆବିଷ୍କାରକୁ ଚାହିଁ ଖଡ଼ିଆଳରେ ସ୍ଥାପିତ ମ୍ୟୁଜିୟମ୍‌ର ଶାଖାରେ ତାଙ୍କ ଆବିଷ୍କାରଗୁଡ଼ିକ ସଂରକ୍ଷିତ ହୋଇ ରହିଛି । ଏହି ମ୍ୟୁଜିୟମ୍‌ଟି ଓଡ଼ିଶା ସରକାରଙ୍କ ଦ୍ୱାରା ୧୯୭୬ ଅକ୍ଟୋବର ୨୧ରେ ସ୍ଥାପିତ ହୋଇଥିଲା । ଏବେ ଏହା ନୂଆପଡ଼ା ଜିଲ୍ଲାର ମୁଖ୍ୟଦପ୍ତରରେ ରହିଛି । କଳାହାଣ୍ଡି ଜିଲ୍ଲାର ଅନେକ ପ୍ରାଚୀନ କୀର୍ତ୍ତି ଓ ସାମଗ୍ରୀ ଆବିଷ୍କାର କରି ଥିଲେ ସେ ଓ ଏଥିପାଇଁ ଭବାନୀପାଟଣାଠାରେ ସ୍ଥାପିତ ହୋଇଥିଲା 'ମାଣିକ୍ୟପୁରୀ ମ୍ୟୁଜିୟମ' । ସରକାରୀ ଭାବେ ଏହି ମ୍ୟୁଜିୟମ୍ ଉଦ୍‌ଘାଟିତ ହୋଇଥିଲା ୧୯୯୪ ମସିହାରେ । ପ୍ରାଚୀନ ସାମଗ୍ରୀର ଆବଷ୍କାର କରି ଦେଇ ସେଥିରେ ସନ୍ତୁଷ୍ଟ ନଥିଲେ ଜିତାମିତ୍ର । କିପରି ଏହା ସୁରକ୍ଷିତ ରହିପାରିବ ସେ ଦିଗ ପ୍ରତି ମଧ୍ୟ ଦୃଷ୍ଟି ଦେଇଆସିଛନ୍ତି । ଅନେକ ପ୍ରାଚୀନ ସାମଗ୍ରୀ ସମେତ ସରଭାପୁରିୟା ଶାସନ କାଳରେ ଚାରୋଟି ସ୍ୱର୍ଣ୍ଣ ମୁଦ୍ରାକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଇତିହାସ ଭିଭାଗରେ ଥିବା ଡକ୍ଟର ଏନ୍.କେ. ସାହୁ ମ୍ୟୁଜିୟମ୍‌କୁ ପଦାନ କରିଥିଲେ । ଡକ୍ଟର ନବୀନ୍ କୁମାର ସାହୁଙ୍କ ଜୀବିତାବସ୍ଥାରେ ପ୍ରତିଷ୍ଠିତ ହୋଇଥିବା ଏହି ମ୍ୟୁଜିୟମ୍‌ରେ ଏହି ସ୍ୱର୍ଣ୍ଣମୁଦ୍ରା ସଂରକ୍ଷିତ ହୋଇ ରହିଛି । ଅନ୍ୟ ଏକ ସ୍ୱର୍ଣ୍ଣମୁଦ୍ରା ସେ ପ୍ରସନ୍ନମିତ୍ରଙ୍କୁ ପ୍ରଦାନ କରିଛନ୍ତି, ଯିଏ କି ସରଭାପୁରିୟା ରାଜବଂଶର ଉତ୍ତରଦାୟଦ । ଅନେକ ପ୍ରାଚୀନ ସାମଗ୍ରୀ ସେ ପ୍ରଦାନ କରିଛନ୍ତି ଓଡ଼ିଶା ରାଜ୍ୟ ସଂଗ୍ରହାଳୟକୁ ଓ ମୁଦ୍ରା କ୍ୟାବିନେଟ୍‌ରେ ଓ ଅନ୍ୟ ଗ୍ୟାଲେରୀରେ ଏହା ସଂରକ୍ଷିତ ହୋଇରହିଛି ।

ଗବେଷଣା ଓ ଅଧ୍ୟୟନ ଉପରେ ଗୁରୁତ୍ୱ ଦେଇଆସିଥିବା ଜିତାମିତ୍ରଙ୍କ ପତ୍ନତାତ୍ତ୍ୱିକ, ଐତିହାସିକ, ଯୋଗ, ସଂସ୍କୃତି ଆଦି ଆଧାରିତ ପୁସ୍ତକ ସାଧନାସିଦ୍ଧ ଜୀବନର ପରିଚୟ ବହନ କରିଆସିଛି । ଜଣେ ରାଜା ଏକନିଷ୍ଠ ଗବେଷଣା ଓ ଅଧ୍ୟୟନର ଯେଉଁ ନିଷ୍କର୍ଷ ପାଇଛନ୍ତି, ତାହା ଏହି ପୁସ୍ତକ ହିଁ ପ୍ରମାଣ ଦିଏ । ବର୍ତ୍ତମାନ ସୁଦ୍ଧା ତାଙ୍କର ୧୦ଟି ଉଲ୍ଲେଖଯୋଗ୍ୟ କୃତି ପ୍ରକାଶ ପାଇସାରିଛି ଓ ଆଉ ୫ଟି ପୁସ୍ତକ ପ୍ରକାଶ ଅପେକ୍ଷାରେ । ଇଂରାଜୀ ଭାଷାରେ ଲିଖିତ ଏହି ଗ୍ରନ୍ଥଗୁଡ଼ିକର ପ୍ରକାଶକ ହେଉଛନ୍ତି ଦେଶର ପ୍ରଖ୍ୟାତ ପ୍ରକାଶକମାନେ । ୧୯୮୭ରେ ପ୍ରକାଶ ପାଇଲା ତାଙ୍କର ପ୍ରଥମ ପୁସ୍ତକ 'କଲଚରାଲ ପ୍ରୋଫାଇଲ ଅଫ୍ ସାଉଥ୍ କୋଶଳ' । ନୂଆଦିଲ୍ଲୀର ଜ୍ଞାନ ପବ୍ଲିସିଂ ହାଉସ୍ ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଇତିହାସ ପାଠ୍ୟକ୍ରମର ଅନ୍ୟତମ ସାହାୟକ ପୁସ୍ତକ । ପରବର୍ତ୍ତୀ ପୁସ୍ତକ 'ଅରିଜିନ୍ ଅଫ୍ ଜଗନ୍ନାଥ

Digitized by srujanika@gmail.com

ଡିଟି' ମଧ୍ୟ ଜ୍ଞାନ ପବ୍ଲିସିଂ ହାଉସ୍ ଦ୍ୱାରା ପ୍ରକାଶ ହୋଇଛି । ୧୯୯୧ ମସିହାରେ ଏହାର ପ୍ରଥମ ସଂସ୍କରଣ ପ୍ରକାଶ ପାଇଥିଲା ବେଳେ ଦ୍ୱିତୀୟ ସଂସ୍କରଣ ୨୦୦୩ରେ ପ୍ରକାଶ ପାଇଛି । ୨୦୦୧ରେ ଦିଲ୍ଲୀର କଲ୍‌ପାଜ୍ ପବ୍ଲିକେଶନ୍ସ ପକ୍ଷରୁ ପ୍ରକାଶ ପାଇଛି ଉଚ୍ଚକୋଟିର ଗ୍ରନ୍ଥ 'ତାନ୍ତ୍ରିକ ଆର୍ଟ ଅଫ୍ ଓଡ଼ିଶା' । ୨୦୦୧ରେ ମଧ୍ୟ ଆର୍.ଏନ୍. ଭଟ୍ଟାଚାର୍ଯ୍ୟ ପବ୍ଲିକେଶନ, କଲିକତା ପକ୍ଷରୁ ପ୍ରକାଶ ପାଇ 'କ୍ୟାରେକ୍ଟର ଆସାସିନେସନ୍ ଇନ୍ ମଡର୍ଣ୍ଣ ହିଷ୍ଟ୍ରୀ ଅଫ୍ ଓଡ଼ିଶା' । ୨୦୦୩ରେ ସେହି ପ୍ରକାଶନୀ ସଂସ୍ଥା ପ୍ରକାଶ କଲା ଜିତାମିତ୍ରଙ୍କ 'ସମ ତାନ୍ତ୍ରିକ ଇସୋଟେରିସିଜିମ୍ ଅଫ ଓଡ଼ିଶା' ଗ୍ରନ୍ଥ । ଆର.ଏନ୍ ଭଟ୍ଟାଚାର୍ଯ୍ୟ ପ୍ରକାଶନୀ ପ୍ରକାଶିତ 'ରୋଲ୍ ଅଫ୍ ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜ ଦେଓ ଅଫ୍ କନିକା (ଓଡ଼ିଶା) ଓ 'ଇଭେଣ୍ଟଫୁଲ୍ ଲାଇଫ୍ ଅଫ ଆନ୍ ଓରିସା ପ୍ରୋଭେନ୍‌ସି ମେକର' (ଡାଏରୀ ଅଫ୍ ରାଜା ସାର୍ ଆର. ଏନ୍. ଭଞ୍ଜ ଦେଓ ଅଫ୍ କନିକା, ୧୯୦୮ ରୁ ୧୯୨୨ ମସିହା) ପୁସ୍ତକ ଦ୍ୱୟର କନିକା ରାଜା ଆର.ଏନ୍. ଭଞ୍ଜ ଦେଙ୍କ ଜୀବନୀ ଓ ଓଡ଼ିଶା ପ୍ରତି ଅବଦାନକୁ ହିଁ ବେଶ୍ ପ୍ରମାଣିକ ଭବେ ଉପସ୍ଥାପନ କରାଯାଇଛି । ଡି.କେ. ପଏଣ୍ଟ ଉଡ୍ ପି. ଲିଃ, ନୂଆଦିଲ୍ଲୀରୁ ପ୍ରକାଶିତ ତାଙ୍କ ଗ୍ରନ୍ଥ 'ତାନ୍ତ୍ରିକ୍ ହିଣ୍ଡୋନିଜିମ୍ ଅଫ୍ ମହାନଦୀ ଭ୍ୟାଲି' (ଉଡ୍ଡୀୟାନ୍ ପୀଠ), ଆର.ଏନ୍. ଭଟ୍ଟାଚାର୍ଯ୍ୟ, କଲିକତା ପକ୍ଷରୁ ପ୍ରକାଶିତ 'ଆର୍କଲୋଜି ଅଫ୍ ଓଡ଼ିଶା, ଉଇଥ୍ ସ୍ପେଶାଲ ରେଫେରେନ୍ସ ଟୁ ନୂଆପଡ଼ା ଆଣ୍ଡ କଳାହାଣ୍ଡି' ଓ ପୁଥିନି ପୁସ୍ତକ, କଲିକତା ପକ୍ଷରୁ ପ୍ରକାଶିତ ସୋସିଇ-କଲଚରାଲ୍ ହିଷ୍ଟ୍ରୀ ଅଫ୍ ଓଡ଼ିଶା : ଏ ଗ୍ୟାସ୍ ଷ୍ଟଡ଼ି ଅଫ୍ ଖଡ଼ିଆଳ ଇଷ୍ଟେଟ୍' ତାଙ୍କ ଗବେଷକ ଜୀବନରେ ଏ ଜାତି ପାଇଁ ଅମୂଲ୍ୟ ଅବଦାନ । ଯେଉଁ ଅମୂଲ୍ୟ ଅବଦାନ ତାଙ୍କୁ ଏ ଜାତି ନିକଟରେ କେବଳ ଚିରସ୍ମରଣୀୟ କରି ରଖିବ ନାହିଁ, ଓଡ଼ିଶାର ଐତିହ୍ୟ, ସଂସ୍କୃତି, ପରମ୍ପରା ସଂପର୍କରେ ଏ ସ୍ୱତନ୍ତ୍ର ଚିତ୍ରଟିଏ ସଂରକ୍ଷିତ ରଖିଥିବ ଆଗାମୀ ଦିନ ପାଇଁ । ବିଭିନ୍ନ ଇଂରାଜୀ ପତ୍ରପତ୍ରିକାରେ ତାଙ୍କ ଗବେଷଣାଲବ୍‌ଧ ପ୍ରବନ୍ଧ ପ୍ରକାଶିତ ହୋଇଛି । 'ଦି ଓରିଶା ହିଷ୍ଟୋରିକାଲ ରିସର୍ଚ୍ଚ ଜର୍ଣ୍ଣାଲ'ଠାରୁ ଆରମ୍ଭକରି 'ଦି ଇଷ୍ଟର୍ଣ୍ଣ ଟାଇମ୍ସ', 'ଓଡ଼ିଶା ରିଭ୍ୟୁ' ପର୍ଯ୍ୟନ୍ତ ଅନେକ ଇଂରାଜୀ ପତ୍ରପତ୍ରିକାରେ ତାଙ୍କ ଗବେଷଣାଧର୍ମୀ ପ୍ରବନ୍ଧ ପ୍ରକାଶିତ ଓ ଆଦୃତ । ଜୀବନବ୍ୟାପୀ ସାଧନାର ଫଳଶ୍ରୁତି ।

ଓଡ଼ିଶାର ବିଶେଷ କରି ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାର ଅନାବିଷ୍କୃତ ପତ୍ନତାତ୍ତ୍ୱିକ ସଂପଦକୁ ଲୋକଲୋଚନକୁ ଆଣିବାରେ ନିଷ୍ଠାର ସହ କାର୍ଯ୍ୟ କରିଆସିଛନ୍ତି ଓ ସେ ସାଧନା ବର୍ତ୍ତମାନ ସୁଦ୍ଧା ଜାରି ରହିଛି । ସାଧନା ପାଇଁ

Digitized by srujanika@gmail.com

ଜିତାମିତ୍ରଙ୍କୁ ଅନେକ ଅନୁଷ୍ଠାନରୁ ମିଳିଛି ପୁରସ୍କାର ସମ୍ବର୍ଦ୍ଧନା । ମାତ୍ର ଗବେଷଣା କ୍ଷେତ୍ରରେ ତାଙ୍କର ଅବଦାନ ଅନେକଙ୍କ ପାଇଁ ରହିଯାଇଛି ଅପହଞ୍ଚ ହୋଇ । କେଦାରନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର ପକ୍ଷରୁ 'ଏକାମ୍ର ସମ୍ମାନ' ଠାରୁ ଆରମ୍ଭ କରି ଗବେଷଣାକୁ ସ୍ୱୀକୃତି ଦେଉଥିବା ଅନୁଷ୍ଠାନ ପକ୍ଷରୁ ତାଙ୍କୁ ମିଳିଛି ସମ୍ମାନ । ଓଡ଼ିଶା ଇତିହାସ କଂଗ୍ରେସଠାରୁ ଆରମ୍ଭ କରି ଖଡ଼ିଆଳ ସାହିତ୍ୟ ସମିତି, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହିଷ୍ଟୋରିକାଲ ଷ୍ଟଡ଼ିଜ୍‌ଠାରୁ ଆରମ୍ଭ କରି ଖଡ଼ିଆଳ ପ୍ରତ୍ନତାତ୍ତ୍ୱିକ ଗବେଷଣା କମିଟି ଅନେକ ଅନୁଷ୍ଠାନ ସହ ରହିଛି ତାଙ୍କର ସଂପୃକ୍ତି । ଏହି ସ୍ୱନାମଧନ୍ୟ ଗବେଷକଙ୍କ ଗବେଷଣା ସଂପର୍କରେ ଗବେଷଣା ହେବା ଅତ୍ୟନ୍ତ ଗୌରବର ବିଷୟ । 'କଲେକ୍‌ସନ୍ ଅଫ୍ ଜିତାମିତ୍ର ପ୍ରସାଦ ସିଂହଦେଓ' ଶୀର୍ଷକ ଗବେଷଣା କେବଳ ହୋଇନାହିଁ । ଅନେକ ବିଦେଶୀ ଗବେଷକଙ୍କୁ ଗବେଷଣା କ୍ଷେତ୍ରରେ ଦିଗଦର୍ଶନ ମଧ୍ୟ ଦେଇଛନ୍ତି ଜିତାମିତ୍ର ପ୍ରସାଦ ସିଂହଦେଓ । ଡକ୍ଟର ମାର୍ଟିନ୍ ବ୍ରାଣ୍ଡନର, ଡକ୍ଟର ପାଓଲ ୟୁଲେ, ଡକ୍ଟର କୋର୍‌ନେଲିଆ ମାଲେବ୍ରେଇନ୍ ଆଦି ଗବେଷକ ଏମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ । ଏବେ ବର୍ଲିନ୍‌ର ଫ୍ରି ୟୁନିଭରସିଟିର ଗବେଷକ ଡକ୍ଟର ଇସ୍ତଭାନ୍ କଉଲ୍ 'ଡେଭଲପମେଣ୍ଟ ଅଫ୍ ଯୋଗିନୀ କଲ୍ଟ ଇନ୍ ଇଣ୍ଡିଆ' ବିଷୟରେ ଗବେଷଣା କରୁଛନ୍ତି । ଅଧାରୁ ଶିକ୍ଷା ପାଇଥିବା ଜଣେ ବ୍ୟକ୍ତି ବିଶ୍ୱର ଅନେକ ଗବେଷକଙ୍କ ଦିଗ୍‌ଦର୍ଶକ ହେବା କିଛି କମ୍ କଥା ନୁହେଁ । ହେଲେ ଓଡ଼ିଶା ଏ ପ୍ରତିଭାଙ୍କୁ କେତେ ଚିହ୍ନିଛି, ସେ ପ୍ରଶ୍ନ ହିଁ ଉଠୁଛି । ଶ୍ରମ ଓ ସାଧନା କେବେ ବ୍ୟର୍ଥ ଯାଏ ନାହିଁ । ଜିତାମିତ୍ରଙ୍କ ସାଧନା ହିଁ ତାଙ୍କର ପରିଚୟ, ତାଙ୍କର ନିଷ୍ଠା ହିଁ ତାଙ୍କର ବ୍ୟକ୍ତିତ୍ୱର ପରିଚୟ । ଜୀବନରେ ଅନେକ ଦେଇଛନ୍ତି ମାତ୍ର ପାଇବା ପାଇଁ ଭ୍ରୂକ୍ଷେପ କରିନାହାଁନ୍ତି । ନିଜ ରୁଚିକୁ ନେଇ ସେ ସନ୍ତୁଷ୍ଟ ରହିଛନ୍ତି । ମହାନଦୀ ଉପତ୍ୟାକାର ଯୋଗ, ସୌନ୍ଦର୍ଯ୍ୟତତ୍ତ୍ୱ, ଇତିହାସ ଓ ପ୍ରାଚୀନ ତଥା ମଧ୍ୟଯୁଗୀୟ ସଂସ୍କୃତିକୁ ଜାତୀୟ ସ୍ତରରେ ଉପସ୍ଥାପନ କରିଛନ୍ତି ।

ଆଜି ଯେତେବେଳେ ସାଧନା ଅପେକ୍ଷା ପ୍ରାପ୍ତ ପାଇଁ ପ୍ରତୀକ୍ଷା କରାଯାଉଛି, ସେତେବେଳେ ଜିତାମିତ୍ର ସିଂହଦେଓ ଜଣେ ବ୍ୟତିକ୍ରମ ଭାବେ ଅନତିକ୍ରମଣୀୟ ହୋଇ ରହିଛନ୍ତି । ଗବେଷଣା ଅଧିକ ଉପେକ୍ଷିତ ହୋଇଥିବା ବେଳେ ସେ ଆମ ପାଇଁ ଦୃଷ୍ଟାନ୍ତ ହୋଇଯାଇଛନ୍ତି । ସାଧନା ହିଁ ମଣିଷକୁ ଦିବ୍ଧି ଦିଏ । ଏହା କାହାରି ମୋହର ବା ସ୍ୱୀକୃତିକୁ ଅପେକ୍ଷା କରେନାହିଁ । ଜିତାମିତ୍ର ଚାଲିଛନ୍ତି ଯେ ଚାଲିଛନ୍ତି । ସେ ପାଦ ଦେଇଥିବା ପଥ ଅସରନ୍ତି । ଯିଏ ସେ ପଥରେ

Digitized by srujanika@gmail.com

ପାଦ ଦିଏ ସେ ହୁଏ ବନ୍ଧୁର ପଥର ପଥିକ । ଗୋଟିଏ ସତ୍ୟର ଉନ୍ମୋଚନ ପାଇଁ ସତ୍ୟନ୍ୱେଷୀ ମଣିଷଟି କେତେ ପ୍ରତିବନ୍ଧକୁ ଅତିକ୍ରମ କରିଯିବାର ପ୍ରଚେଷ୍ଟା । ସେ ହିଁ ଜାଣନ୍ତି ଏହି ପଥରେ ଏତେ ବାଟ ଅତିକ୍ରମ କରିଯିବାର ପ୍ରଚେଷ୍ଟା । ସେ ହିଁ ଜାଣନ୍ତି ଅତୀତର ଅନ୍ଧକାର ଗହ୍ୱର ଭିତରୁ ସତ୍ୟକୁ ଆବିଷ୍କାର କରିବାରେ କେତେ ଏକାଗ୍ରତା ଆବଶ୍ୟକ । ଜିତାମିତ୍ର ପ୍ରଚେଷ୍ଟାକୁ ପ୍ରତିପାଦିତ କରିବା ପାଇଁ ଶବ୍ଦର ଅଭାବ । କାରଣ ଓଡ଼ିଶାକୁ ସେ ପରିଚିତ କରିଛନ୍ତି ଓ ଓଡ଼ିଶାକୁ ଦେଇଛନ୍ତି ଅନେକ ମହାର୍ଘ ଦାନ । ସମାଜରେ ଖୁବ୍ କମ୍ ଏକନିଷ୍ଠ ସାଧକଙ୍କୁ ଭେଟିବାକୁ ହୁଏ, ସେମାନଙ୍କ ମଧ୍ୟରେ ଜିତାମିତ୍ର ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ପାଇବା ଓ ହରାଇବାର ହିସାବ କିତାବ ସାଧାରଣ ମଣିଷ ପାଇଁ । ଜଣେ ସାଧକ, ଜଣେ ଗବେଷକ ପାଇଁ ଏହାର କୌଣସି ମୂଲ୍ୟ ହିଁ ନାହିଁ ।

(୪)

କାହାଣୀର ପରିଶିଷ୍ଟ : ସେହି ଗବେଷକଙ୍କ ସୃଷ୍ଟି ସମଗ୍ର

i. CULTURAL PROFILES OF SOUTH KOSALA, Gyan Publishing House, New Delhi, 1987. This Book is included as reference Course Book of History of Orissa, in course of P.G. Dept. of History, Sambalpur University.

ii. ORIGIN OF JAGANNATH DEITY, Gyan Publishing House, New Delhi, 1st edition 1991 and 2nd edition 2003.

iii. TANTRIC ART OF ORISSA, Kalpaz Publications, Delhi, 2001.

iv. CHARACTER ASSASINATION IN MODERN HISTORY OF ORISSA, R.N. Bhattacharya Publication, Kolkata, 2001.

v. SOME TANTRIC ESOTERICISM OF ORISSA, R.N. Bhattacharya Publication, Kolkata, 2003.

vi. ROLE OF RAJA RAJENDRA NARAYAN DEO OF KANIKA (Orissa)- (In the Legislative Council 1916-1920), R.N. Bhattacharya Publication, Kolkata, 2003.

vii. TANTRIC HEDONIS OF MAHANADI VALLEY (UDDIYANA PITAH), D.K. Printworld (P.) Ltd., New Delhi, 2004.

Digitized by srujanika@gmail.com

viii. ARCHAEOLOGY OF ORISSA : WITH SPECIAL REFERENCE TO NUAPADA AND KALAHANDI, R.N: Bhattacharya, Kolkata, 2006.

ix. EVENTUAL LIFE OF AN ORISSA PROVINCE MAKER (Diaries of Raja Sir R.N. Bhanja Deo of Kanika, 1908 to 1922 A.D.), R.N. Bhattacharya Publication, Kolkata, 2006.

x. SOCIO-CULTURAL HISTORY OF ORISSA : A CASE STUDY OF KHARIAR ESTATE, Punthi Pustak, Kolkata, 2006.

(୪)

କାହାଣୀର ପରିଶିଷ୍ଟ : ପତ୍ର ପତ୍ରିକାରେ ଜିତାମିତ୍ରଙ୍କ ଗବେଷଣାଲବ୍ଧ ପ୍ରବନ୍ଧ :

1. "The Traditional Account of the origin of Dakśina Kosala", JOURNAL OF ANCIENT INDIAN HISTORY, Vol. XI, 1977-78, University of Kolkata, 1979.

2. "Amgura Plate of Jayaraja of Sarabhapura : Rengal year 3," INDIAN MUSEUM BELLETIN, Vol. XI, No.1, January 1976.

3 "YONI Discovered at Maraguda Valley, Orissa", ESSAYS ON HOSTIRY EDUCATION & CULTURE (COMPARATIVUS, Nos. 3 &4) in memory of Dr. Harekrushna Mahatab, Institute of Comparative Studies, Mayur Publications, Bhubaneswar, December, 1987.

4. "Socio-Culture History of Orissa- A case study of Khariar Estate", GLIMPOSES OF ORISSA, ed. Das B.S.- Punthi Pustak, Kolkata, 1986.

5. "Archaeological Remains of Sunabeda Plateay," THE ORISSA HISTORICAL RESEARCH JOURNAL, Vol. XVI, No. 4 to Vol. XXII, No. 1.

6. "Pre-historic Cave Painting of Yogimath Donger," THE ORISSA HISTORICAL REASERACH JOURNAL, Vol. XXII, No. 2.

7. "Kosali Style of Temple Architecture," THE ORISSA HISTORICAL RESEARCH JURNAL, Vol. XXIV, XXV & XXVI.

Digitized by srujanika@gmail.com

8. "Temple of Narashimhnath iş a Kalachuri Structure," THE ORISSA HISTORICAL REASEARCH JOURNAL, Vol. XXVII, No. 1 to 4.
9. "Anthropological and Archaeological Bird's Eye View of Western Orissa," CONFLUENCE, Vol. I, ed. Nayak, P.M. - Registrar, Sambalpur University, 1992.
10. "Goddess Manikya Devi" and "Manikeswari Temple and the Icon of the Deity," MAA MNIKESWARI - The Tutelary Deity of Kalahandi, Mahabir Sanskrutik Anusthan, Bhawanipatna, 1991.
11. "Cultural Knit of Upper and Lower Mahanadi Valley and Evolution of Lord Jagannath, " SABARA SRI KHETRA, Koraput, 1988.
12. "Cultural Knit of Upper and Lower Mahanadi Valleys and Evolution of Lord Jagannath," SOUVENIR, U.G.C. NATIONAL SEMINAR ON NATIONAL INTEGRATION IN INDIA AND THE CULT OFLORD JAGANNATH, ed. Mahanty, Dr. Upendra Nath, D.A.V. College, Titilagarh, 1987.
13. "Religious Cults of South Kosala, "OUVENIR - 422nd GEETA YAGAN OF H.H. SWAMI CHINMAYANANDA, 13th to 20th January, 1987, Raipur.
14. "Importance of Yoga for world Religions, "CONFERENCE ON YOGA OF THE TWENTY-FIRST CENTURY- WORLD RELIGION, organised by Sancta Sophia Seminary, U.S.A. and Network to Religious Futurists. Sept. 29-Oct. 1, 1996, (Paper Read), held at New Delhi.
15. "Two Varieties of Kosali Style of Temple Architecture," THE ORISSA HISTORICAL RESEARCH JOURNAL, Vol. XXX, No. 1.
16. "Immediate Conservation Required at Ranipur_Jharial, "NEWS OF THE WORLD, English daily newspaper, Cuttack, 29th October 1975.
17. "This Discovety of Khariar Sanad File," The Weekly Western Times, Cuttack, 17th December 1975.
18. "Lord Buddha visited South Kosala," Madhya Pradesh Chronicle, English daily News Paper, Raipur, 4th January 1976.

Digitized by srujanika@gmail.com

19. "Ranipur-Jharial, "Madhya Pradesh Chronicale, englush daily newspaper, Raipur, 18th January 1976.
20. "Conservation of Sri Jagannath Temple, "The Weekly Estern Times, Cuttack, 4th February 1976.
21 "Loard Buddha visited South Kosala," The Weekly Estern Times, Cuttack, 25th February 1976
22. "Conservation of Badadadhiban Temple at Khariar," TThe Weekly Estern Times, Cuttack, 10 March 1976.
23. "Discovery of Silver Coints" The Weekly Estern Times, Cuttack, 5th April, 1976.
24. "Indira Reservior Project," The Weekly Estern Times, Cuttack, 5th May 1976.
25. "Music and Dance in Khariar, The Weekly Estern Times, Cuttack, 16th May, 1976
26. "Historical Ruins in Khariar Area, " The Weekly Estern Times, Cuttack 19th May 1976.
27. "Gem of Odisi Bandha Nrutya : Kumari Bijaya Laxmi Mahanti," The Weekly Estern Times, Cuttack, 16th June 1976.
28. "Trace of Bead Making Industry,". The Weekly Estern Times, Cuttack, 30th June 1976.
29. "Raga Ranga Nrutya Kala Anusthan at Khariar," The Weekly Estern Times, Cuttack, 14th July 1976.
30. "Discovery of Coper Plates," The Weekly Estern Times, Cuttack, 28th July 1976.
31. "Nagara Style of Temples," The Weekly Estern Times, Cuttack, 11th August 1976.
32. "Roadway in Khariar," The Weekly Estern Times, Cuttack, 18th August 1976.
33. "Silver Coins of Mughal Period Found, "News of the World, English daily newspaper, 30th August 1976.
34. "Mughal Silver Coins Discovered at Khariar," The Weekly Estern Times, Cuttack, 1st September 1976.
35. "Orissa Painting is Unique," The Weekly Estern Times, Cuttack, 15th Sept. 1976.
36. "Road - Link to Khariar Demanded," News of the World, English daily newspaper, Cuttack, 14th October 1976.

Digitized by srujanika@gmail.com

37. "Our Kalahandi District (I)," The Weekly Estern Times, Cuttack, 6th October 1976.
38. "Our Kalahandi District (II)," The Weekly Estern Times, Cuttack, 31st.October 1976.
39. "Our Kalahandi District (III)," The Weekly Estern Times, Cuttack, 20th October 1976.
40. "Clusters of Forts (Gurhs)," The Weekly Estern Times, Cuttack, 10th Nov. 1976.
41. "Morish from Ranipu - Jharial," The Weekly Estern Times, Cuttack, 24th Nov. 1976.
42. "Flora and Fauna of Khariar," The Weekly Estern Times, Cuttack, 15th Dec. 1976.
43. "The Gift of Khariar to Oriya Literature," The Weekly Estern Times, Cuttack, 29th Dec. 1976.
44. "Khariar Museum," The Weekly Estern Times, Cuttack, 26th January 1977.
45. "No Medical Aid at Sunabeda Plateau," The Weekly Estern Times, Cuttack, 16th February 1977.
46. "Antiques of Maraguda Valley," Madhya Pradesh Chronicle, English daily newspaper, Raipur, 4th May 1980.
47. "Maraguda : A Silent Valley of Orissa," The Weekly Estern Times, Cuttack, 15th Nov. 1980.
48. "Sarabhapura : Capital of South Kosala Traced," The Weekly Estern Times, Cuttack, 29th November 1980.
49. "Nature's Bounties in Khariar Precinit," The Weekly Estern Times, Cuttack, 20th Dec. 1980.
50. "Need for an Archaeology Directorate," The Weekly Estern Times, Cuttack, 31st January 1981.
51. "Rich Hinterland of Orissa," The Weekly Estern Times, Cuttack, 21st February 1981.
52. "Maraguda Valley is to be a Paradise Lost Again," The Weekly Estern Times, Cuttack, 18th April 1981.
53. "Birbikram Deo, An Illustrious sonof Orissa," The Weekly Estern Times, Cuttack, 16th May 1981.
54. "Reality of Samaleswari Deity Revealed," The Weekly Estern Times, Cuttack, 26th September 1981.

Digitized by srujanika@gmail.com

55. "Negligence of Archaeological work in Kalahandi District," The Weekly Estern Times, Cuttack, 10th October 1981.
56. "Navannaka or Nehna," SOUVENIR 1973-74," 10th oriya Young Writers Samelan, Kalahandi, Bhawanipatna.
57. "Historical Sites of Khariar," New Dimensions of Tourism in Orissa, Dept. of Tourism & Culture, Govt. of Orissa, Bhubaneswar, 1976.
58. "Birbikram Deo, the Celebrated Oriya Writer," SMARKI, Magazine, Rourkela, 1st April 1975.
59. "Khariar House Supported the Cause of Vir Surendra Sai," SMARKI, Annual Magazine, Rourkela, 1st April 1983.
60. "Some Aspects of South Kosala," HIRAKHNDA, Basanta Milan Souvenir, Sambalpur, 1983.
61. "A Study on the Identification of the two Sati Stones suppurated at the compound of Government College, Bhawanipatna," KANTARAKA, Govt. College, Bhawanipatna, Annual Magazine, 1979-1980, issue.
62. "Patnagarh Fort," UDAYANI, Jawaharlal Nehru College, Patnagarh, Annual Magazine, 1982-83.
63. "Archaeological Importance of Khariar," SAPTARSHI, (oriya), Sambalpur University, Magazine, March 1978, Special issue as a Souvenir of Western Orissa.
64. "Un-noticed Circular Yogini temple of Old Kalahandi State," SPECIAL ISSUE OF THE FOCUS, Khariar, 10th Dec. 1983.
65. "Search of the Unknown Civilization of Tel and Rahul Valleys," THE ORISSA HISTORICAL RESEARCH JOURNAL, Vol. XXIX, Nos. 2 & 3.
66. "Terracotta Lioness and Ganesh Discovered at Hehna," The Journal of Orissa History, Vols. XIII-XIV, Nov. 1995.
67. "Study of Saktism and Tantricism in Western Orissa," The Journal of Orissa History, Vol. XI, June 1991.
68. "Badadadhibaban (Bada Gudi) Temple of Khariar," The Orissa Historical Research Journal, Vol. XXXIV. Nos. 3 & 4.

Digitized by srujanika@gmail.com

69. "Navannaka or Nehna," THE ORISSA HISTORICAL RESEARCH JOURNAL, Vol. XXI, No.1.
70. "Erotic Art on Temple Architecture," THE ORISSA HISTORICAL RESEARCH JOURNAL, Vol. XXXII, Nos. 1 &2.
71. "Systematic Archaeological Explorations & Excavations required in Western Orissa, THE ORISSA HISTORICAL RESEARCH JOURNAL, Vol. XXXII, Nos. 3 & 4.
72. "Archaeological Remains of Patnagarh," THE ORISSA HISTORICAL RESEARCH JOURNAL, Vol. XXXIII, Nos. 3 & 4.
73. "Heritage of Kalahandi," THE GIRI JHARA- Silver Jubilee Special, Mahabir Sanskrutik Anusthan, Bhawanipatna, 2nd September 1981.
74. "Contributions of Khariar to Orissa Culture." THE JOURNAL OF THE THE BOARD OF SECONDARY EDUCATION, Orissa, Vol. 15, January-March 1991, No.1.
75. "Pre & Proto Historic Cave Paintings of Orissa," KALAHANDI UTSAV (Souvenir), Rourkela, 17 Nov. 1991.
76. "Dukhini Kanika is an Emotional Literature without any Truth," PASCHIMA, 2nd issue, second year, Dashera Puja issue, 1992.
77. "Unrecognised Genius of oriya Nationalism Raja Rajendra Narayan Bhanja Deo, Kt., O.B.E., M.R.S., F.R.A.S." UPEKHITA BARAPUTRA, Orissa Sanskrutik Samay, Sambalpur, 1992.
78. "Temples of Nuapara Sub-division," THE ORISSA HISTORICAL RESEARCH JOURNAL, Vol. XXXIV, Nos. 1 & 2.
79. "Study on the Location of Ravana's Lanka," THE ORISSA HISTORICAL RESEARCH JOURNAL, Vol. XXXV, Nos. 3 & 4.
80. "Study of Urban Transition at Maraguda Valley," THE ORISSA HISTORICAL RESEARCH JOURNAL, Vol. XXXV, Nos, 3 & 4.

Digitized by srujanika@gmail.com

81. "The Surviving Descendants of Nala Dynasty of Orissa," THE ORISSA HISTORICAL RESEARCH JOURNAL, Vol. XXXVI, Nos. 1 & 2.
82. "Study on Identification of Kalachuri King mentioned in Patna Museum Plates of Mahasivagupta YAYATI," THE ORISSA HISTORICAL RESEARCH JOURNAL, Vol. XXXVI, Nos. 3 & 4.
83. "Archaeological Remains of Junagarh," THE ORISSA HISTORICAL RESEARCH JOURNAL, Vol. XXXVII, Nos. 1 & 4.
84. "Tantric Sculptures in Nuapada District, Orissa," THE ORISSA HISTORICAL RESEARCH JOURNAL, Vol. XLII, Nos. 1-4.
85. "Culture of South Kosala," YAADEN (Souvenir of Lion Club of Raipur)', 27th December 1992.
86. "The Mind of India," SOUVENIR, Kantabanji, 2nd October 1993.
87. "Pre-history, Proto-history and Urban Transition in Kalahandi and Nuapada Districts," SOUVENIR, Kalahandi Lekhaka Kala Parisad, Bhawanipatna, 1994.
88. "Development of Education at Khariar," JYOTSNHA-SOUVENIR, Raja Artatran Deo High School, Khariar, 1993-1994.
89. "History and Culture of Nuapara District," Orissa Review, Vol. L, No. 10, May, 1994.
90. "Art and Literature of Khariar," Silver Jublee Souvenir-1970-95, ORISSA SANSKRUTIK SAMAJ, Sambalpur, 1995.
91. "History and Culture of Nuapada District," NUAPADA DARPAN, Nuapada, 1997.
92. "Saliha Firing 30th September 1930," NUAPADA DARPAN, Nuapada, 1997.
93. :Saliha Firing 30th September 1930," ORISSA REVIEW, Vol. LIV, No. 1, August 1997, Bhubaneswar.
94. "Uma-Mahesvars Image of Belkhandi is the Earliest Urdhva-Linga (Penis Erectus) in Orissa," KALAHANDI UTSAV SOUVENIR, 1997 District Council of Culture, Bhawanipatna.

Digitized by srujanika@gmail.com

95. "The Treasures of Manikyapur Museum- a Spatial Approach," KALAHANDI UTSAV SOUVENIR, 1998, District Council of Culture, Bhawanipatna.
96. "Vestiges of Tantric Art in Kalahandi District, Orissa, KALAHANDI UTSAV SOUVENIR, 1999, District Council of Culture, Bhawanipatna.
97. "Archaeological Remains of Maraguda Valley," and "Model stone plough," NUAPADA DARPAN - MARAGUDA SOUVENIR, District Council of Culture, Nuapada, 1998-1999.
98. "Archaeology of Kalahandi and Nuapada District, Orissa," ARCHAEOLOGY OF ORISSA, Vol. I, eds. Basa, K.K. & Mohanty, P. Pratibha Prakshan, Delhi, 2000.
99. "Composite Tantric Yogic Figure of Mahakala and Makali," RIDDLE OF INDIAN ICONOGRAPHY (Zetetic on Rare Icon from Tala), ed Nigam, L.S. Sharada Publishing House, Delhi, 2000.
100. "Orissa's Contact with first Civilization of the World," REFERENCE ORISSA, ed. Tiwari, A.N. Enterprising Publishers, Bhubaneswar, 2nd edittion, 2000.
101. "Hati Valley Civilization," SOUVENIR, Kalahandi Utsav, Bhawanipatna, 2000.
102. "The Goddess of Fertility," DISCOVER INDIA, July, New Delhi, 2000.
103. "An outline of Sambalpur," SOUVENIR-2001, District Council of Culture, Sambalpur, 2001.
104. "The Essence of the Culture of South Kosala," SOUVENIR, District Council of Culture, Balangir, 2001.
105. "Study on Identification of Uddiyana Pitha (Site)," SOUVENIR-2002, District Council of Culture, Sambalpur, 2002.
106. "Asitanga alias Kamaraja Bhairava at Ranipur-Jharial," THE ORISSA HISTORICAL RESEARCH JOURNAL, Vol. XXXI, Nos. 2,3 & 4.
107. "Some Aspects of Tantra in Orissa," THE ORISSA HISTORICAL RESEARCH JOURNAL, Vol. XLVI, No. 3.
108. "Study on Nucleus of Spiritual and Material Cultures of Mahanadi Valley," THE ORISSA HISTORICAL RESEARCH JOURNAL, Vol. XLVII, No. 2.

Digitized by srujanika@gmail.com

109. "Primal alias Adi Sakti of Orissa Province is found in Nuapada District," THE ORISSA HISTORICAL RESEARCH JOURNAL, Vol. XLVII, No. 3.
110. "Study on Gaja Simha Motif," THE ORISSA HISTORICAL RESEARCH JOURNAL, Vol. XLVIII, No. 1.
111. "Khariar-Rendezvous of Culture, "KHARIAR JYOTI, Khadial Mahostava- 2005, ed. Sahu, Dr. Nruparaj - 2005.
112. "Study on the Traditional Literatures of South Kosala and Chauhan Establishment," Nuapada Darpan - Maraguda Utsav, 2005, (Souvenir), 2006.
113. "Maraguda Valley is the Earliest Bastion of Early Chauhan Establishment," NUAPADA DARPAN-MARGUDA UTSAV, 2006, (SOUVENIR), 2006.
114. "Study of the contribution of Boden Block Area to the Yogic Tradition of BHARATAVARSHA," PATALGANGA-SOUVENIR, Boden, 2006.
115. "Balangir District was the Epi-centre of Vamacara Tantra," SOUVENIR, Loka Utsava, Balangir, 2006.
116. "Origin of Yogini Tantra and Yoni Tantra," THE YOUTH WORLD, Issue No. 30, Vol. 3, October, 2005 (Balangir)
117. "Yoga of Sexual Transformation in Mahanadi Valley," THE YOUT WORLD, Issue No. 31, Vol. 3, November, 2005 (Balangir)
118. "The Early Upland Swellers of Mahanadi Valley," THE YOUT WORLD, No. 32, Vol. 4, February, 2006 (Balangir)
119. "Shape of Jagannath Image traced to Western Orissa." THE YOUTH WORLD, Issue No. 33, Vol. 4, May, 2006. (Balangir)
120. "Central Mahanadi Valley : A Cradle of Sexo-Yogic Practice," KALAHANDI RENAISSANCE, Vol. II, Bhawanipatna, 2006.

✡✡✡

Digitized by srujanika@gmail.com

ଅନନ୍ୟା ନାରୀ ପ୍ରତିଭା : ଡାକ୍ତର ରାଧାଦେବୀ

ଡକ୍ଟର ଶ୍ରୀଚରଣ ଦାସ

ସମାଜ ପ୍ରଗତିରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଯୁଗେ ଯୁଗେ ନାରୀ ଆପଣାର ପୁଣ୍ୟବଳରେ ସମାଜକୁ ଦେଇଛି ନୂତନ ଦିଗ ଦର୍ଶନ । "ସେ ପ୍ରେରଣାର ଉତ୍ସ" ସ୍ନେହ, ପ୍ରେମର ମନ୍ଦାକିନୀ ଧାରା । ନାରୀ ଶିକ୍ଷିତା ହେଲେ ଦେଶ ଏକ ସଭ୍ୟ, ଶିକ୍ଷିତ ରାଷ୍ଟ୍ରରେ ପରିଗଣିତ ହୁଏ । ସାଂପ୍ରତିକ ସମୟରେ ନାରୀ ଶିକ୍ଷାପାଇଁ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଯାଉଛି । ଦେଶ ସ୍ୱାଧୀନ ହେବା ପୂର୍ବରୁ ଜନ୍ମଗ୍ରହଣ କରି ଶିକ୍ଷାଲାଭ କରିଥିବା ନାରୀ ବର୍ତ୍ତମାନର ଶିକ୍ଷିତା ନାରୀମାନଙ୍କ ପରି ଅର୍ଥ ଉପାର୍ଜନ କୁ ଶିକ୍ଷାର ପ୍ରଧାନ ଲକ୍ଷ୍ୟରୂପେ ଗ୍ରହଣ କରି ନଥିଲେ । ତାଙ୍କ ଦୃଷ୍ଟିରେ ଶିକ୍ଷାର ପ୍ରକୃତ ମୂଲ୍ୟ ଥିଲା ଅପରର ସେବା କରିବା, ଅସହାୟକୁ ସହାୟତା ଯୋଗାଇବା୍ ଏବଂ ଏକ ସୁସ୍ଥ ସମାଜ ଗଠନ ପାଇଁ ନାରୀମାନଙ୍କୁ ସଚେତନ କରିବା । ଏହି ମହାନ ଚିନ୍ତାଧାରାକୁ ପାଥେୟ କରି ଜୀବନର ଗତି ପଥରେ ଆଗେଇ ଚାଲିଛନ୍ତି ଡାକ୍ତର ରାଧାଦେବୀ । ବିଂଶ ଶତାବ୍ଦୀର ଓଡ଼ିଆ ମହିଳାମାନଙ୍କ ମଧ୍ୟରେ ତାଙ୍କର ସ୍ଥାନ ସ୍ୱତନ୍ତ୍ର । ଡାକ୍ତରୀ ଶିକ୍ଷାଲାଭ କରି ଚାକିରୀକୁ ପ୍ରାଧାନ୍ୟ ନ ଦେଇ ଘରୋଇଭବେ ସେବାସଦନରେ ଚିକିତ୍ସା କରିବା ସହିତ ଅନେକ ମହିଳା ସଂଗଠନରେ ସକ୍ରିୟ ଭୂମିକା ଗ୍ରହଣ ପୂର୍ବକ ଦେଶ ବିଦେଶରେ ମହିଳାମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା ତାଙ୍କର ପ୍ରଧାନ ଲକ୍ଷ୍ୟ ହୋଇଉଠିଛି । ଡାକ୍ତର ରାଧାଦେବୀ ସେଥିପାଇଁ ଜଣେ ମହିୟସୀ ମହିଳା ଏବଂ ନାରୀ ସମାଜର ଏକ ଆଦର୍ଶ ।

ରାଧାଦେବୀ ୧୯୩୦ ମସିହା ନଭେମ୍ବର ମାସ ୧୧ ତାରିଖରେ ବାଲେଶ୍ୱର ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ । ତତ୍କାଳୀନ ସମୟରେ ଓଡ଼ିଶାରେ ଯେତୋଟି ଗଡ଼ଜାତ ରାଜ୍ୟ ଥିଲା ତନ୍ମଧ୍ୟରେ ନୀଳଗିରି ରାଜ୍ୟ

Digitized by srujanika@gmail.com

ଥିଲା ଅଧିକ ପ୍ରଭାବଶାଳୀ । ରାଧାଦେବୀ ଜନ୍ମ ହୋଇଥିଲେ ଏହି ଗଡ଼ଜାତ ନୀଳଗିରି ରାଜ୍ୟର କଦମ୍ବ ସାହିରେ । ଗୋଟିଏ କୃଷକ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ ହେଁ ତାଙ୍କ ବାପା ନୀଳମଣି ଜେନା, ନୀଳଗିରି ରାଜାଙ୍କର ପୋଲିସ୍ ବାହିନୀରେ ସବ୍ଇନ୍ସପେକ୍ଟର ଭାବେ କାର୍ଯ୍ୟ କରୁଥିଲେ । ବିଂଶତାବ୍ଦୀର ଚତୁର୍ଥ ଦଶକ ପର୍ଯ୍ୟନ୍ତ ଓଡ଼ିଶାରେ ନାରୀଶିକ୍ଷାର ପ୍ରସାର ହୋଇ ନଥିଲା । ଝିଅକୁ ସମାଜରେ ଏକ ବୋଝ ବୋଲି ମନେ କରାଯାଉଥିଲା । ରକ୍ଷଣଶୀଳତା ମଧ୍ୟରେ ବାନ୍ଧି ହୋଇ ବାପା, ମା'ମାନେ ଝିଅମାନଙ୍କୁ ଚାଟଶାଳୀ ଅଥବା ସ୍କୁଲକୁ ପଠାଉ ନଥିଲେ । ଝିଅକୁ ବାପା, ମା' ଗୃହକାର୍ଯ୍ୟରେ ଲଗାଇ ଆପଣାକୁ ନିରାପଦ ମଣୁଥିଲେ । ବିଚରା ନିରୀହା, ସରଳା, ଗ୍ରାମ୍ୟ ବାଳିକାମାନେ ନିଜର ମେଧାକୁ ଚାପିରଖି ମା'କୁ ଘରକାର୍ଯ୍ୟ, ରନ୍ଧାବଢ଼ା ଆଦିରେ ସାହାଯ୍ୟ କରିବା ସହିତ ଛୋଟ ଭାଇ ଭଉଣୀମାନଙ୍କୁ ଜଗିବା କାର୍ଯ୍ୟ ମଧ୍ୟ କରୁଥିଲେ । ଝିଅମାନଙ୍କୁ ୧୩/୧୪ ବର୍ଷରୁ ବରପାତ୍ର ଖୋଜି ବିବାହ କରିଦିଆଯାଉଥିଲା । ଏହା ସେତେବେଳେ ଓଡ଼ିଶାରେ ଏକ ପରମ୍ପରାରେ ପରିଣତ ହୋଇ ଯାଇଥିଲେ ହେଁ ରାଧାଦେବୀଙ୍କ ଜୀବନରେ ଏହା ବ୍ୟତିକ୍ରମ ଘଟିଲା । କହିବା ଅନାବଶ୍ୟକ ଯେ ସେତେବେଳେ ଓଡ଼ିଶାର ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ କଟକକୁ ବାଦ୍‌ଦେଲେ ବାଲେଶ୍ୱର ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ନାରୀ ଶିକ୍ଷାର ପ୍ରାଥମିକ ସୋପାନରେ କଥାସମ୍ରାଟ ଫକୀର ମୋହନ ସେନାପତି 'ରେବତୀ'କୁ ତାଙ୍କ ଗଳ୍ପ ମାଧ୍ୟମରେ ଶିକ୍ଷାଲାଭର ଏକ ମାଇଲ୍ ଖୁଣ୍ଟ ରୂପେ ଠିଆ କରି ନାରୀ ପ୍ରଗତିର ଏକ ଅଭିନବ ପ୍ରବାହ ସୃଷ୍ଟି କଲେ ।

ଡାଃ ରାଧାଦେବୀ ଶିକ୍ଷାଲାଭ ପାଇଁ ବାଲ୍ୟ ବୟସରୁ ଖୁବ୍ ଆଗ୍ରହୀ ଥିଲେ । ୬ ବର୍ଷ ବୟସରୁ ନୀଳଗିରି ରାଜାଙ୍କ ଦ୍ୱାରା ସ୍ଥାପିତ ଏକମାତ୍ର ନିମ୍ନ ପ୍ରାଥମିକ ବାଳିକା ବିଦ୍ୟାଳୟରେ ପଢ଼ିବାର ସୁଯୋଗ ତାଙ୍କୁ ମିଳିଥିଲା । ଏହା ତାଙ୍କ ଘରଠାରୁ ଖୁବ୍ ନିକଟରେ ଥିଲା । ରାଧାଦେବୀଙ୍କ ସହିତ ଅନେକ ଝିଅ ମଧ୍ୟ ଏଠାରେ ଅଧ୍ୟୟନ କରୁଥିଲେ । ତାଙ୍କର ବାନ୍ଧବୀମାନଙ୍କ ମଧ୍ୟରେ ବଙ୍ଗାଳି ପରିବାରର ଯତୀନ୍ଦ୍ର ବୋସଙ୍କ କନ୍ୟା ଯାମିନୀ ଖୁବ୍ ଅନ୍ତରଙ୍ଗ ଥିଲା । ପାଠପଢ଼ା ସହିତ ଖେଳିବା ବୁଲିବା ପାଇଁ ମଧ୍ୟ ଯାମିନୀ ତାଙ୍କର ପ୍ରଧାନ ସାଥୀଟିଏ । କିଶୋରୀ ବୟସରେ ପ୍ରତିଦିନ ସେ ଖେଳିବାକୁ ଭଲ ପାଉଥିଲେ । ଖେଳରେ ଏପରି ମଜ୍ଜି ଯାଉ ଥିଲେ ଯେ, ପ୍ରତିଦିନ ଖେଳରେ ଗୋଡ଼ ଛିଣ୍ଡାଇ ଘରକୁ ଆସି ତାଙ୍କୁ ବଟାହଳଦୀ ଲଗାଇବାକୁ

Digitized by srujanika@gmail.com

ପଢୁଥିଲା । ରାଧାଦେବୀ ତୃତୀୟ ଶ୍ରେଣୀରେ ପଢୁବାବେଳେ ଭୟଙ୍କର ଜ୍ୱରରେ ଆକ୍ରାନ୍ତ ହୋଇଥିଲେ । ପରୀକ୍ଷା ମାତ୍ର ପନ୍ଦରଦିନ ଥାଏ । ସେ ଉଠିବସି ପାରୁନଥାଆନ୍ତି । ରୁଗ୍‌ଣ ସ୍ୱାସ୍ଥ୍ୟ ଏବଂ ଜୀର୍ଣ୍ଣ ଶୀର୍ଣ୍ଣ ଅବସ୍ଥା ଦେଖିଲେ ଯେ କେହି ଦୁଃଖ ପ୍ରକାଶ କରନ୍ତି । ବହୁ ସେବା ଯତ୍ନ ଔଷଧ ଓ ପଥ୍ୟ ସେବନରେ ପ୍ରାୟ ୧୫ ଦିନପରେ ଜ୍ୱର ଛାଡ଼ିଗଲା । ଏହା ଥିଲା ତାଙ୍କ ଜୀବନର ପ୍ରଥମ ବୟସର ଗୋଟିଏ ସ୍ମରଣୀୟ ଘଟଣା । ସେ ଜ୍ୱର ଟାଇଫଏଡ଼ ଠାରୁ ମାରାତ୍ମକ ଥିବାରୁ ତାଙ୍କ ମଥାରେ ବାଳ ସଂପୂର୍ଣ୍ଣ ଭାବରେ କାଟି ଦିଆଯାଇଥିଲା । ଲଣ୍ଡିତ ମସ୍ତକ ହେବାପରେ ତାଙ୍କୁ ଭଲ ଲାଗୁନଥାଏ । ମାନସିକ ପ୍ରତିକ୍ରିୟାରୁ ହେଉ ଅଥବା ରୋଗର ଉତ୍କଟ ପ୍ରଭାବରୁ ହେଉ ଏହା ପରେ ରାଧାଦେବୀଙ୍କର ଆଉ ଅଙ୍କ ମନେ ରହିଲା ନାହିଁ । ସେତେବେଳେ ପ୍ରାଥମିକ ଶିକ୍ଷାରେ କଡ଼ାକଡ଼ି ନିୟମ ଲାଗୁ ହେଉଥାଏ । ତୃତୀୟ ଶ୍ରେଣୀ ପରୀକ୍ଷାରେ ସେ ଗଣିତରେ ମାତ୍ର ୨୯ ନମ୍ବର ରଖିଲେ । ଅନ୍ୟ ବିଷୟମାନଙ୍କରେ ଭଲ ନମ୍ବର ରଖିଥିବାରୁ ଅଙ୍କରେ ରାଧାଦେବୀଙ୍କୁ ଏକ ନମ୍ବର ଗେସ୍ ମିଳିଲା । ତେଣୁ ସେ ତୃତୀୟ ଶ୍ରେଣୀ ଉତ୍ତୀର୍ଣ୍ଣ ହେଲେ । ଅଧିକ ପାଠ ପଢ଼ିବା ପାଇଁ ମନରେ ତାଙ୍କର ପ୍ରବଳ ଆଗ୍ରହ ଥାଏ କିନ୍ତୁ ଘରେ ବାପା, ଗୋସେଇଁ ବାପା ଏଥିରେ ବିରୋଧ କଲେ । ପ୍ରତିବାଦର ସ୍ୱର ଝଙ୍କୃତ ହେଲା । କିନ୍ତୁ ତାଙ୍କର ଅନ୍ତରଙ୍ଗ ବାନ୍ଧବୀ ଯାମିନୀ ନୀଳଗିରୀ ରାଜାଙ୍କ ଦ୍ୱାରା ସ୍ଥାପିତ ସ୍କୁଲରେ ୪ର୍ଥ ଶ୍ରେଣୀରେ ନାମ ଲେଖାଇ ସାରିବା ପରେ ସେ ଆଉ ଥୟଧରି ପାରିଲେ ନାହିଁ । ଜିଦ୍ ଧରି ବସିଲେ । ପାଠ ପଢ଼ିବାର ଇଚ୍ଛା ଶକ୍ତିକୁ ଲକ୍ଷ୍ୟକରି ରାଧାଦେବୀଙ୍କ ବାପା ନୀଳମଣି ଜେନା ତାଙ୍କୁ ସେହି ସ୍କୁଲରେ ୪ର୍ଥ ଶ୍ରେଣୀରେ ନାମ ଲେଖାଇ ଦେଇଥିଲେ । ଏଠାରେ ସେ ୪ର୍ଥ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ । ମାଇନର ସ୍କୁଲରେ ପଢୁଥିବା ସମୟରେ ତାଙ୍କର ସାଂଗଠନିକ ଜୀବନ ଆରମ୍ଭ ହେଲା । ପୁଅ ଝିଅ ଅନେକ ସହପାଠୀ ବନ୍ଧୁଙ୍କ ସହଯୋଗରେ ସେମାନେ ପ୍ରତିବର୍ଷ ଛାତ୍ର ସମ୍ମିଳନୀ କରୁଥିଲେ । ସହର ଓ ଗ୍ରାମବାସୀନ୍ଦାଙ୍କ ଠାରୁ ପଇସା, ଚାଉଳ, ପରିବା ମାଗି ତିନିଦିନ ପର୍ଯ୍ୟନ୍ତ ଏହି ସମ୍ମିନଳୀ ଚାଲୁଥିଲା । ରାଧାଦେବୀ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

୧୯୫୪ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପାଟନା ବିଶ୍ୱବିଦ୍ୟାଳୟରୁ ଅଲଗା ହେଲା । ସେଥିପାଇଁ ୧୯୪୫ ମସିହାରେ ନିର୍ଦ୍ଧାରିତ ସମୟର ୬ ମାସ ପୂର୍ବରୁ ସପ୍ତମ ଶ୍ରେଣୀ (M.E) ପରୀକ୍ଷା ହେଲା । ପ୍ରସ୍ତୁତ ନଥିବାରୁ

Digitized by srujanika@gmail.com

ରାଧାଦେବୀଙ୍କର ବହୁ ସହପାଠୀ ପରୀକ୍ଷା ଦେଲେ ନାହିଁ । ତାଙ୍କୁ ବହୁତ କଷ୍ଟ ଲାଗିଲା ଯେତେବେଳେ ସେ ଜାଣିଲେ ତାଙ୍କର ପ୍ରିୟ ବାନ୍ଧବୀ ଯାମିନୀ ପରୀକ୍ଷ ନ ଦେଇ ପାଠପଢ଼ା ଛାଡ଼ି ଦେଇଛି । ପରେ ଯାମିନୀ ନୀଳଗିରି ବିପ୍ଳବୀ କମ୍ୟୁନିଷ୍ଟ ପାର୍ଟିର ନେତା ନୀଳଗିରିର ପ୍ରାକ୍ତନ ବିଧାୟକ ବନମାଳୀ ଦାସଙ୍କୁ ବିବାହ କରିଥିଲା । ରାଧାଦେବୀ କିନ୍ତୁ ସପ୍ତମଶ୍ରେଣୀ ପରୀକ୍ଷା ୬ ମାସ ଆଗରୁ ଦେଲେ କାରଣ ତାଙ୍କ ମନରେ ଭୟ ଥାଏ ଯେ କାଳେ ତାଙ୍କ ପାଠପଢ଼ା ବନ୍ଦ କରିଦେବେ । ୧୯୪୫ ମସିହାରେ ରାଧାଦେବୀ M.E. ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ରାଜାଙ୍କ ଦ୍ୱାରା ପ୍ରଦତ୍ତ ୧୦ ଟଙ୍କା ବୃତ୍ତି ପାଇଲେ । ଏଣେ ଘର ଲୋକମାନଙ୍କ ପ୍ରତିବାଦର ସ୍ୱର । "ରାଧା ଆଉ ପାଠ ପଢ଼ିବ ନାହିଁ । ଏଇଠୁ ତା'ର ପଢ଼ା ବନ୍ଦ ।" ମନରେ ବଜ୍ରପାତଠାରୁ ଆହୁରି ଶକ୍ତ ଆଘାତ ଲାଗୁଥାଏ । ଭଗବାନଙ୍କୁ ଡାକିବା ଛଡ଼ା ଅନ୍ୟ ଉପାୟ ନାହିଁ । ସତରେ କ'ଣ ସେ ଏଇଠୁ ତାଙ୍କର ପଢ଼ା ବନ୍ଦ କରିଦେବେ । ଈଶ୍ୱରଙ୍କର ଆଶୀର୍ବାଦ ମିଳିଲା । ଏମ୍.ଇ ସ୍କୁଲର ପ୍ରଧାନ ଶିକ୍ଷକ ମାୟାଧର ଦାସ ରାଧାଦେବୀଙ୍କ ବାପାଙ୍କୁ ବହୁତ ବୁଝାଇଲେ ଏବଂ ପରାମର୍ଶ ଦେଲେ ଯେ ସେ ବୃତ୍ତିପ୍ରାପ୍ତ ହୋଇଛି ତାକୁ ମେଟ୍ରିକ୍ ପଢ଼ାନ୍ତୁ । ମାୟାଧର ସାର୍‌ଙ୍କ କଥା ରାଧାଦେବୀଙ୍କ ବାବାଙ୍କ ହୃଦୟକୁ ତରଳାଇ ଦେଇଥିଲା । ସେ ତାଙ୍କର ମତ ପରିବର୍ତ୍ତନ କଲେ । ଝିଅକୁ ଉଚ୍ଚଶିକ୍ଷା ଦେବାକୁ ସମ୍ମତ ହେଲେ । ସେତେବେଳେ ଓଡ଼ିଶାରେ ମାତ୍ର ଦୁଇ ତିନୋଟି ବାଳିକା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଥାଏ । ବାଲେଶ୍ୱର ମିଶନ ବାଳିକା ଉଚ୍ଚ ଇଂରାଜୀ ବିଦ୍ୟାଳୟ ତନ୍ମଧ୍ୟରେ ଥିଲା ଅନ୍ୟତମ । ସେଥିରେ ଖ୍ରୀଷ୍ଟିୟାନ ଝିଅଙ୍କ ପାଇଁ ଛାତ୍ରୀ ନିବାସ ଥିଲା । ସେତେବେଳେ ୬ ଜଣ ହିନ୍ଦୁ ଝିଅ ସେହି ଛାତ୍ରୀବାସରେ ରହୁଥିଲେ । ରାଧାଦେବୀଙ୍କର ମିଶନ ବାଳିକା ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ନାମ ଲେଖାଗଲା । ସେ ଛାତ୍ରୀ ନିବାସରେ ରହିବା ପାଇଁ ଦରଖାସ୍ତ କଲେ । ହଷ୍ଟେଲରେ ରହି ରାଧା ଦେବୀ ମାଟ୍ରିକ୍ ପଢ଼ିଲେ । ମାସକୁ ଖର୍ଚ୍ଚ ପଡୁଥିଲା ୧୩ ଟଙ୍କା । ତାଙ୍କର ୧୦ ଟଙ୍କା ବୃତ୍ତିକୁ ବାଦ୍ ଦେଲେ ବାବା ମାସକୁ ମାତ୍ର ୩ଟଙ୍କା ଦେଉଥିଲେ । ରାଧାଦେବୀ ପ୍ରାଥମିକ ବୟସରୁ ଥିଲେ ମେଧାବିନୀ । ଭଲ ପାଠ ପଢୁଥିବାରୁ ଶିକ୍ଷକମାନେ ତାଙ୍କୁ ଖୁବ୍ ପ୍ରଶଂସା କରୁଥିଲେ । ରାଧାଦେବୀ ୧୯୪୮ ମସିହାରେ ପ୍ରଥମ ଶ୍ରେଣୀରେ ମେଟ୍ରିକ ପାଶ୍ କରି ୧୫ ଟଙ୍କା ବୃତ୍ତି ପାଇଲେ । ସେହି ବର୍ଷ ବାଲେଶ୍ୱରର ଫକୀର ମୋହନ ମହାବିଦ୍ୟାଳୟରେ ବିଜ୍ଞାନ ଶ୍ରେଣୀ

Digitized by srujanika@gmail.com

ଖୋଲିଲା । ରାଧାଦେବୀଙ୍କ ବାପା ଗଡ଼ଜାତରୁ ମୋଗଲବନ୍ଦୀ ବାଲେଶ୍ୱରକୁ ବଦଳି ହୋଇ ଆସିଲେ । ତେଣୁ ସେ ବାଲେଶ୍ୱରର ଫକୀରମୋହନ ମହାବିଦ୍ୟାଳୟରେ ଆଇ.ଏସ୍.ସି. ପଢ଼ିଲେ । ୧୯୫୦ ମସିହାରେ ସେ ଭଲ ନମ୍ବର ରଖି ଆଇ.ଏସ୍.ସି. ପାଶ୍ କଲେ ଏବଂ କଟକରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ନାମ ଲେଖାଇ ଛାତ୍ରୀ ନିବାସରେ ରହିଲେ ।

୧୯୫୦ ମସିହାରୁ ୧୯୫୫ ମସିହା ପର୍ଯ୍ୟନ୍ତ ଦୀର୍ଘ ପାଞ୍ଚବର୍ଷ ସେ ମେଧାବୃତ୍ତି ୩୫ ଟଙ୍କା ଏବଂ ଲେଡ଼ି ଡଫରିନ୍ ବୃତ୍ତି ୧୦ ଟଙ୍କା ପାଇ ମେଡ଼ିକାଲ କଲେଜରେ ପଢ଼ିଲେ । ଏହି ସମୟରେ ତାଙ୍କ ଜୀବନରେ ଶ୍ୟାମସୁନ୍ଦର ମହାପାତ୍ରଙ୍କର ପରିଚୟ ହେଲା । ସେତେବେଳେ ଶ୍ୟାମସୁନ୍ଦର ମହାପାତ୍ର ଫକୀର ମୋହନ ମହାବିଦ୍ୟାଳୟର ବି.ଏ. ଶ୍ରେଣୀର ଶେଷ ବର୍ଷର ଛାତ୍ର । ସେ ଜଣେ ଉଦୀୟମାନ ଛାତ୍ରନେତା ଏବଂ ପ୍ରଚଣ୍ଡ ବାଗ୍ମୀ ଭାବରେ ପରିଚିତ ଥିଲେ । ଛାତ୍ର ଆନ୍ଦୋଳନ ମାଧ୍ୟମରେ ସେ ଫକୀରମୋହନ ମହାବିଦ୍ୟାଳୟ ପ୍ରତିଷ୍ଠା ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ପାଟନା ବିଶ୍ୱ ବିଦ୍ୟାଳୟରୁ ଅଲଗା କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଷଢ଼େଇକଳା ଓ ଖରସୁଆଁ ଦୁଇଟି ଅଞ୍ଚଳ ବିହାରରେ ସାମିଲ୍ ହେବା ବିରୁଦ୍ଧରେ ଛାତ୍ର ଆନ୍ଦୋଳନ କରି ଜେଲ ଯାଇଥିଲେ । ତାଙ୍କର ଏ ପ୍ରକାର କାର୍ଯ୍ୟକଳାପ ରାଧାଦେବୀଙ୍କୁ ଆକର୍ଷିତ କଲା । କ୍ରମେ ତାଙ୍କ ସହିତ ସେ ପରିଚିତ ହେଲେ । ପରିଚୟରୁ ଆନ୍ତରିକତା ଓ ଘନିଷ୍ଠତା ବୃଦ୍ଧି ପାଇଲା ଏବଂ ସେହି ଘନିଷ୍ଠତା ପରେ ପ୍ରେମରେ ପରିଣତ ହେଲା । ମନ ଥରେ ଜଣକଠାରେ ମାନିଗଲେ ତାହା ସହଜରେ ନିବୃତ୍ତ ହୋଇପାରେ ନାହିଁ । ତାହାହିଁ ରାଧାଦେବୀଙ୍କ ଜୀବନରେ ଏକ ସ୍ୱାଭାବିକ୍ ଘଟଣା ଥିଲା । ସେତେବେଳେ ଶ୍ୟାମବାବୁ ବି.ଏ. ପାଶ୍ କରି କଲିକତା ବିଶ୍ୱବିଦ୍ୟାଳୟରେ ଏମ୍.ଏ. ପଢ଼ିବା ପାଇଁ ଚାଲିଗଲେ । ସଂପର୍କକୁ ନିବିଡ଼ କରିବା ପାଇଁ ସେ ଦୁଇ ତିନିମାସ ଅନ୍ତରରେ ମଝିରେ ମଝିରେ ଆସି ରାଧାଦେବୀଙ୍କୁ କଟକରେ ଦେଖା କରୁଥିଲେ । କଲିକତା ଗଲାପରେ ତାଙ୍କୁ ଭଲ ଲାଗୁ ନଥିଲା । ତେଣୁ ପ୍ରତି ଦୁଇଦିନରେ ଖଣ୍ଡେ ଲେଖାଏ ଚିଠି ଲଫାପାରେ ସେ ପଠାଉଥିଲେ ରାଧାଦେବୀଙ୍କ ପାଖକୁ । ଭଲପାଇବା ଏତେ ନିବିଡ଼ ହୋଇଗଲା ଯେ ତାହା ଆଉ ଦୁଇଜଣଙ୍କ ମଧ୍ୟରେ ସୀମିତ ହୋଇ ରହିପାରିଲା ନାହିଁ । କ୍ରମଶଃ ଏହା ଶ୍ୟାମବାବୁଙ୍କ ପିତା, ମାତା ଓ ବନ୍ଧୁବାନ୍ଧବଙ୍କ କାନକୁ ଗଲା । ସମସ୍ତଙ୍କ ମୁହଁରେ ପ୍ରତିବାଦର ସ୍ୱର ସୃଷ୍ଟି ହେଲା । ସେତେବେଳେ ଜାତିପ୍ରଥା

Digitized by srujanika@gmail.com

ଉପରେ ଯଥେଷ୍ଟ ପ୍ରାଧାନ୍ୟ ଦିଆ ଯାଉଥିଲା । ବିଶେଷ କରି ବ୍ରାହ୍ମଣମାନେ ଜାତି ଶ୍ରେଷ୍ଠର ସ୍ୱାଭିମାନରେ ଉଗ୍ର ହୋଇ ଉଠୁଥିଲେ । ରକ୍ଷଣଶୀଳତା ମଧ୍ୟରେ ଆପଣାକୁ ଲୁଚାଇ ରଖିବାକୁ ସେମାନେ ନୈତିକ କର୍ତ୍ତବ୍ୟ ବୋଲି ମନେକରୁଥିଲେ । ରାଧାଦେବୀ ଜାତିରେ ଥିଲେ ଖଣ୍ଡାଏତ ଏବଂ ଶ୍ୟାମବାବୁ ବ୍ରାହ୍ମଣ ବଂଶଜ ଥିବାରୁ ଉଭୟଙ୍କ ମଧ୍ୟରେ ପ୍ରେମ ସଂପର୍କ ଘୋର ବିରୋଧର ସମ୍ମୁଖୀନ ହେଲା । କୁତ୍ସାରଟନା ତୀବ୍ରରୂପ ଧାରଣ କଲା । ଶେଷରେ ଉଭୟଙ୍କୁ ନିଷ୍ପତ୍ତି ନେବାକୁ ପଡ଼ିଲା "ବିବାହ ନିଶ୍ଚୟ ହେବ" ସେତେବେଳେ ଶ୍ୟାମବାବୁଙ୍କ ଅଧ୍ୟୟନ କ୍ଷେତ୍ର ଓ କର୍ମକ୍ଷେତ୍ର ଥିଲା କଲିକତା । ସେଥିପାଇଁ କଲିକତାରେ ବିବାହ ସଂପନ୍ନ ହେବ ବୋଲି ଦିନ ସ୍ଥିର ହେଲା । ୧୯୫୪ ମସିହା ମଇ ମାସ ୨୮ ତାରିଖରେ କଲିକତାରେ ହାଡ଼କଟା ଲେନ୍‌ରେ ଓଡ଼ିଶାର ବିଜୁପଟ୍ଟନାୟକଙ୍କ ଶାସନରେ ମନ୍ତ୍ରୀଥିବା ଚିତ୍ତ ନାୟକଙ୍କ ଶ୍ୱଶୁର ଘରେ ବିବାହର ଆୟୋଜନ ହୋଇଥିଲା । ଚିତ୍ତବାବୁ ବଙ୍ଗାଳୀ ଝିଅ ଛାୟାକୁ ବିବାହ କରିଥିଲେ । ତାଙ୍କର ମା' କନ୍ୟା କର୍ତ୍ତୀ ହେଲେ । ବଙ୍ଗଳାର ଖ୍ୟାତନାମା ଓଡ଼ିଆ କଂଗ୍ରେସ ନେତା ଶ୍ରୀଯୁକ୍ତ ଆକୁଳି ମିଶ୍ର ବରକର୍ତ୍ତା ହୋଇଥିଲେ । ଓଡ଼ିଶାର ଏକ ଆଦର୍ଶ ବିବାହର ଏହି ସମାବେଶରେ ଯୋଗଦେବା ପାଇଁ ସମ୍ପାଦକ ଜଗଦୀଶ ପାଣି, ଶ୍ୟାମବାବୁଙ୍କର ବନ୍ଧୁ ଯାଦବ ପଟ୍ଟନାୟକ ଓ ଅନ୍ୟ କେତେଜଣ କଲିକତାରେ ପହଞ୍ଚିଥିଲେ । ରାଧା ଦେବୀଙ୍କର ଦୁଇଭାଇ ଗିରିଶ୍ ଓ ଜୟ ସହିତ ବୈଦ୍ୟନାଥ ନାମକ ଜୈନକ ସଂପର୍କୀୟ ଯୁବକଙ୍କୁ ବାପା ମା' କଲିକତା ପଠାଇଥିଲେ । ବହୁ ଶ୍ରମିକ ନେତା ମଧ୍ୟ ଏହି ବିବାହୋତ୍ସବରେ ଯୋଗ ଦେଲେ । ବୈଦିକ ରୀତିରେ ବିବାହ ହେଲା । ଏହି ବିବାହର ଫଟୋଚିତ୍ର ପୃଷ୍ଠାଏ ବ୍ୟାପୀ ବଡ଼ ଆକାରରେ ତତ୍‌କାଳୀନ ଲୋକପ୍ରିୟ ପତ୍ରିକା 'ଆସନ୍ତାକାଲି'ରେ ବାହାରିଥିଲା । ସାରା ଓଡ଼ିଶାର ଶିକ୍ଷିତ ଲୋକ ଏବଂ ରାଜନେତାମାନେ ଏହା ଜାଣିଲେ । ବିବାହ ତରୁଣ ହୋଟେଲରେ ସଂପନ୍ନ ହେବାପରେ ନବଦମ୍ପତି ହାଉଡ଼ାର ସାଲ୍‌କିଆରେ ଏକ ଭଡ଼ାଘର ନେଇ ରହିଲେ । ରାଧାଦେବୀ ଥିଲେ ଶ୍ୟାମବାବୁଙ୍କ ଭାଗ୍ୟାକାଶର ଉଦୟମାନ ଚନ୍ଦ୍ରପରି । ବିବାହର ୪ଦିନ ପରେ ଶ୍ୟାମବାବୁ ଭଲ ଦରମାରେ କଲିକତାରେ ଥିବା ଆମେରିକା ଦୂତାବାସରେ ଚାକିରୀ ପାଇଲେ । ମାତ୍ର ତାହା ତାଙ୍କ ପାଇଁ ସ୍ଥାୟୀ ହୋଇପାରି ନଥିଲା । ଓଡ଼ିଶାର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଡଃ ହରେକୃଷ୍ଣ ମହତାବ ଓଡ଼ିଶାର ଗୃହ ବିଭାଗରୁ ଦେଇଥିବା ରିପୋର୍ଟରେ ଶ୍ୟାମବାବୁଙ୍କୁ କମ୍ୟୁନିଷ୍ଟ ବୋଲି ଉଲ୍ଲେଖ

Digitized by srujanika@gmail.com

କରି କଲିକତା ରିପୋର୍ଟ ଦେଇଥିଲେ । ଶ୍ୟାମବାବୁ ଅତ୍ୟନ୍ତ ସତ୍ୟନିଷ୍ଠ, ନିର୍ଭୀକମନା, ସଚ୍ଚୋଟ ଥିଲେ । ଏଥିରେ ସେ ଭାଙ୍ଗି ନଯାଇ ହାଉଡ଼ାରେ ଲାଲବାବା ହାଇସ୍କୁଲରେ ୮୦ଟଙ୍କା ମାସିକ ବେତନରେ ଶିକ୍ଷକତା କଲେ । ରାଧାଦେବୀ ଆଉ ସେଠାରେ ବେଶୀଦିନ ନରହି କଟକ ଫେରି ଆସିଲେ ।

ରାଧାଦେବୀ କଟକରେ ରହି ଏମ୍.ବି.ବି.ଏସ୍ ପରୀକ୍ଷା ପାଇଁ ଜୋରସୋର ଲାଗିପଡ଼ିଲେ । ୧୯୫୫ ମସିହାରେ ଏହାର ଶେଷ ପରୀକ୍ଷା ହେଲା । ସେତେବେଳକୁ ସେ ଗର୍ଭବତୀ ଥିବାରୁ ତାଙ୍କର ଗୋଡ଼ ଫୁଲିଗଲା ଏବଂ ରକ୍ତଚାପ ବଢ଼ିଯାଇଥିଲା । ଅତ୍ୟଧିକ ପରିଶ୍ରମ ଯୋଗୁ ଏପରି ଘଟିଲା । ଭେଷଜ ପରୀକ୍ଷାର ପୂର୍ବଦିନ ସେ ତାଙ୍କର ଦୁଇଜଣ ବନ୍ଧୁଙ୍କ ସହିତ ଚଣ୍ଡୀମନ୍ଦିରକୁ ପୂଜାଦେବା ପାଇଁ ଯାଇଥିଲେ । ସେଠାରୁ ଫେରିବାପରେ ସନ୍ଧ୍ୟାରେ ତାଙ୍କ ପେଟ ସାମାନ୍ୟ ଦରଜ ହେଲା । ଅବସ୍ଥା କ୍ରମଶଃ ଖରାପ ଆଡ଼କୁ ଗତି କରୁଥିବା ଲକ୍ଷ୍ୟ କରି ସେତେବେଳେ ତାଙ୍କର ବନ୍ଧୁମାନେ ରାଧାଦେବୀଙ୍କୁ ପ୍ରସୂତି ୱାର୍ଡ଼କୁ ନେଇ ଭର୍ତ୍ତି କରାଇଦେଲେ । କଷ୍ଟ ବହୁ ପରିମାଣରେ ଲାଘବ ହୋଇଗଲା । ତା'ପରଦିନ ଭେଷଜ ପରୀକ୍ଷା । ମେଡ଼ିକାଲ କଲେଜର ଅଧ୍ୟକ୍ଷ ଡଃ ଦାସ ରାଧାଦେବୀଙ୍କର କେବିନ ପାଖକୁ ଆସି ପଚାରିଲେ, "କେମିତି ଅଛ ? ତୁମେ ପରୀକ୍ଷା ଦେଇପାରିବ ତ ?" ରାଧାଦେବୀ ଅଧ୍ୟକ୍ଷଙ୍କ କଥାଶୁଣି ପରୀକ୍ଷା ନିଶ୍ଚୟ ଦେବେ ବୋଲି କହିଲେ । ତେଣୁ ସେ କଲେଜର ଡାକ୍ତର ଯାମିନୀ ମୋହନ ସେନାପତି ଏବଂ ଡାକ୍ତର ଅକ୍ଷୟ ଆଚାର୍ଯ୍ୟଙ୍କୁ ପାଳିକରି ରାଧାଦେବୀ କେବିନ୍‌ରେ ପରୀକ୍ଷା ଲେଖିବା ସମୟରେ ଉପସ୍ଥିତ ରହିବାକୁ ଆଦେଶ ପଠାଇଲେ । ମଝିରେ ମଝିରେ ତାଙ୍କୁକଷ୍ଟ ହେଉଥାଏ । ତଥାପି ସେ ପ୍ରଶ୍ନପତ୍ର ପାଇଲା ପରେ ପରୀକ୍ଷା ଦେଲେ । ପରୀକ୍ଷା ଶେଷ ହେଲା । ସନ୍ଧ୍ୟାବେଳକୁ ତାଙ୍କ ଗର୍ଭଯନ୍ତ୍ରଣା ଅଧିକ ହେବାରୁ ରାଧାଦେବୀଙ୍କୁ ଅପରେସନ୍ ଥିଏଟରକୁ ନେଇଗଲେ । ୧୯୫୫ ମସିହା ଏପ୍ରିଲ ୧୯ ତାରିଖରେ ତାଙ୍କର ପ୍ରଥମ ପୁତ୍ର ଜନ୍ମ ହେଲା । ଅପରେସନ୍ ସାମାନ୍ୟ ହୋଇଥିବାରୁ ସେ ଅଧିକ କଷ୍ଟ ଅନୁଭବ କଲେ ନାହିଁ । କିଛିଦିନପରେ ପ୍ରାକ୍‌ଟିକାଲ ପରୀକ୍ଷା ଦେଲେ । ପ୍ରଥମ ସନ୍ତାନ ଜନ୍ମ ହେବାର ତିନିସପ୍ତାହ ପରେ ରାଧାଦେବୀ ପିଲାକୁ ଧରି ଶ୍ୟାମବାବୁଙ୍କ ସହିତ ଶ୍ୱଶୁର ଘର ଆସିଲେ । କିନ୍ତୁ ଦଇବର ଗତି ବିଚିତ୍ର । ପୁତ୍ର ସନ୍ତାନଟିକୁ ତିନି ମାସପରେ ଭଗବାନ ରାଧାଦେବୀଙ୍କଠାରୁ ଛଡ଼ାଇ ନେଲେ । ରାଧାଦେବୀଙ୍କ ଏହା ଖୁବ୍ କଷ୍ଟ ଦେଲାସତ୍ କିନ୍ତୁ ସେ ଧୈର୍ଯ୍ୟହରା

Digitized by srujanika@gmail.com

ହୋଇନଥିଲେ । ଶ୍ୟାମବାବୁଙ୍କ ଶାନ୍ତ୍ୱନାରେ ରାଧାଦେବୀଙ୍କର ମନୋବଳ ଖୁବ୍ ବଢ଼ି ଯାଇଥିଲା ।

ରାଧାଦେବୀ ହାଉସସର୍ଜନସିପ କରିବା ପାଇଁ କଟକ ମେଡ଼ିକାଲ କଲେଜକୁ ଫେରିଆସି ମଙ୍ଗଳାବାଗ ତ୍ରିପାଠୀ ଲେନ୍‌ରେ ଗୋଟିଏ ଘରଭଡ଼ା ନେଇ ରହିଲେ । ସ୍ତ୍ରୀ ରୋଗର ପ୍ରସୂତି ବିଭାଗରେ ୧୨ ମାସ ଏବଂ ଚର୍ମ ବିଭାଗରେ ୬ ମାସ ତାଙ୍କୁ କାର୍ଯ୍ୟ କରିବାକୁ ପଡ଼ିଥିଲା । ଏହି ସମୟରେ ଅର୍ଥାତ ୧୯୫୬ ମସିହାରେ ତାଙ୍କର ଦ୍ୱିତୀୟ ସନ୍ତାନ ଗର୍ଭରେ ଥିବା କାଳରେ ସେ ଶ୍ୟାମବାବୁଙ୍କ ସହିତ ପର୍ତ୍ତୁଗୀଜ ସରକାରଙ୍କ ବିରୁଦ୍ଧରେ ସତ୍ୟାଗ୍ରହ କରିବାକୁ ଗୋଆ ଯାଇଥିଲେ । ଆହତ ସତ୍ୟାଗ୍ରହୀମାନଙ୍କର ସେବା କରିବାର ସୌଭାଗ୍ୟ ମଧ୍ୟ ତାଙ୍କୁ ଏଠାରେ ମିଳିଥିଲା । ୧୯୫୭ ମସିହା ମାର୍ଚ୍ଚ ମାସ ୨୮ ତାରିଖରେ ରାଧାଦେବୀଙ୍କର ଦ୍ୱିତୀୟ ସନ୍ତାନ ଝିଅ ମିନୁ ମେଡ଼ିକାଲରେ ଜନ୍ମ ହେଲା । ପରେ ପରେ ସେ ଜୀବନ ଯାତ୍ରାପଥରେ ଆଗେଇ ଚାଲିଲେ । ପ୍ରଥମେ ରାଧାଦେବୀ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଆସିକାର ଲେଡ଼ି ଆସିଷ୍ଟାଣ୍ଟ ସର୍ଜନ ଭାବରେ ଚାକିରୀ ଅର୍ଡ଼ର ପାଇଲେ । ସେତେବେଳେ ଚାକିରୀ ପାଇଁ ବିଶେଷ ପ୍ରତିଯୋଗିତା ନଥିଲା । କେହି ବି ବେକାର ହୋଇ ବସି ରହୁ ନଥିଲେ । ଚାକିରୀରେ ପ୍ରଥମ ନିଯୁକ୍ତି ପାଇଥିଲେହେଁ ସ୍ୱାମୀଙ୍କ ଇଚ୍ଛା ବିରୁଦ୍ଧରେ ସେ କୌଣସି ନିଷ୍ପତ୍ତି ନେବା ପାଇଁ ଉଚିତ ମନେ କରୁନଥିଲେ । ଶ୍ୟାମବାବୁଙ୍କ କର୍ମକ୍ଷେତ୍ର କଲିକତାରେ ଥିବାରୁ ସେ ରାଧାଦେବୀଙ୍କୁ ସେଠାରେ ରହି ଚାକିରୀ କରିବାର ଇଚ୍ଛା ପ୍ରକଟ କଲେ । ତେଣୁ ଶ୍ୟାମ ବାବୁଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ରାଧାଦେବୀ ଆସିକା ଚାକିରୀକୁ ପ୍ରତ୍ୟାଖ୍ୟାନ କଲେ ଏବଂ ରେଲୱେ ମୁଖ୍ୟ ଦପ୍ତର ଗାର୍ଡ଼େନରିଚକୁ ଚାକିରୀ ପାଇଁ ଦରଖାସ୍ତ କରି କଲିକତା ଚାଲି ଆସିଥିଲେ । ଗାର୍ଡ଼େନରିଚ୍‌ରେ ରାଧାଦେବୀଙ୍କ ଦରଖାସ୍ତ ଗୃହିତ ହେଲା । ଚାକିରୀ ମିଳିଲା ଜବଲପୁରରେ । ଏହା ତାଙ୍କୁ ଭଲ ଲାଗିନଥିଲା । ତେଣୁ ସେ ଚାକିରୀ ମଧ୍ୟ ଛାଡ଼ିଦେଲେ । ସେତେବେଳେ ରାଧାଦେବୀ ତାଙ୍କର ସ୍ୱାମୀ ଏବଂ ଶିଶୁ କନ୍ୟାଟି ସହିତ କର୍ଣ୍ଣୱାଲିସ୍ ଷ୍ଟ୍ରିଟରୁ ବାହାରିଥିବା କୈଳାସ ବୋଷ ଷ୍ଟ୍ରିଟର ପ୍ରାଣନାଥ ସେନ୍ ଲେନ୍‌ରେ ଘରଭଡ଼ାରେ ରହୁଥାଆନ୍ତି । ତାଙ୍କର ଡାକ୍ତରୀ ବିଦ୍ୟାକୁ ଉପଯୁକ୍ତ ଭାବରେ ବିନିଯୋଗ କରିବା ମନରେ ପ୍ରବଳ ଆଗ୍ରହ ଥାଏ । ତେଣୁ ସେଠାରେ ରାଧାଦେବୀ କଲିକତାର ବିଶିଷ୍ଟ ଡାକ୍ତର ଓ ସାଂସଦ ନାରାୟଣ ସେନଙ୍କ କ୍ଲିନିକ୍‌ରେ ସହକାରୀ ଡାକ୍ତର ଭାବେ ଯୋଗଦେଲେ । ଗୋଟିଏ

Digitized by srujanika@gmail.com

ସ୍ଥାନରେ ତାଙ୍କୁ ରହିବାକୁ ଭଲଲାଗୁ ନଥାଏ । ଏହାପରେ ରାଧାଦେବୀ ଲୋହିଆ ମାତୃସେବା ସଦନରେ ପ୍ରସୂତି ବିଭାଗରେ ଏବଂ ପରେ ପରେ ମାତୃମଙ୍ଗଳ ପ୍ରତିଷ୍ଠାନର ଆବାସିକ ଡାକ୍ତର ଏବଂ ତା'ପରେ ମାରୱାଡ଼ି ରିଲିପଡ଼ ସୋସାଇଟି ଡାକ୍ତରଖାନାରେ ଆବାସିକ ସହକାରୀ ଡାକ୍ତର ଭାବରେ କାର୍ଯ୍ୟକରି ଥିଲେ । ମାତୃମଙ୍ଗଳ 'ପ୍ରତିଷ୍ଠାନରେ ଡାକ୍ତର ଥିବା ସମୟରେ ତାଙ୍କର ତୃତୀୟ ସନ୍ତାନ ପୁତ୍ର ଶୁଭଙ୍କର ଜନ୍ମଲାଭ କରିଥିଲା । ସେତେବେଳେ ଶ୍ୟାମବାବୁ ଦାମୋଦର ଭ୍ୟାଲି କର୍ପୋରେସନରେ ସହକାରୀ ପ୍ରଚାର ଅଫିସର ଥିଲେ । ଗାନ୍ଧିଜୀଙ୍କ ସେକ୍ରେଟାରୀ ଅମଲହୋମ ଥିଲେ ମୁଖ୍ୟ ଅଫିସର । ଦାମୋଦର ଭ୍ୟାଲି କଲିକତା ଅଫିସରୁ ତାଙ୍କ ସ୍ୱାମୀଙ୍କର ବିହାରର ମାଇଥୁନ୍ ଅଫିସକୁ ବଦଳି ହେବାର ବ୍ୟବସ୍ଥା ଥିଲା । କିନ୍ତୁ ହଠାତ୍ ଅମଲହୋମଙ୍କର ଦେହାନ୍ତ ହେବାରୁ ଶ୍ୟାମବାବୁ ମୁଖ୍ୟ ପ୍ରଚାର ଅଫିସର ଭାବରେ ତାଙ୍କ କାର୍ଯ୍ୟରେ ମୁତୟନ ହୋଇଥିଲେ । ସେତେବେଳେ ବିଧାନସଭାରେ କେବେଳ ବଙ୍ଗାଳି ଅଫିସର । ଦୁଇହଜାର ଉପରେ ବେତନ ପାଇବା ପାଇଁ ଏକ ପ୍ରସ୍ତାବ ହେଲା । ଶ୍ୟାମବାବୁ ଖୁବ୍ ସ୍ୱାଭିମାନୀ ବ୍ୟକ୍ତି । ଏହାକୁ ସେ ବରଦାସ୍ତ କରିପାରି ନାହିଁ । ଫଳରେ ତାଙ୍କ କାର୍ଯ୍ୟରୁ ସେ ଇସ୍ତଫା ଦେଲେ । ରାଧାଦେବୀ ୧୯୫୯ ମସିହାରେ ପିଲାମାନଙ୍କୁ ଧରି ବାଲେଶ୍ୱର ଫେରି ଆସିଲେ । ଶ୍ୟାମବାବୁ କେନ୍ଦ୍ର ସରକାରଙ୍କର ଖଣି ନିରାପତ୍ତା ବିଭାଗ (National Safty of Mines)ରେ ପ୍ରଚାର ବିଭାଗର ମୁଖ୍ୟ ଭାବେ ଧାନବାଦରେ ଯୋଗଦେଲେ । ରାଧାଦେବୀଙ୍କୁ ତାଙ୍କ ସେବାର କ୍ଷେତ୍ର ପ୍ରସ୍ତୁତ କରିବାକୁ ପଡ଼ିଲା । ୧୯୫୯ ମସିହା ଅଗଷ୍ଟମାସ ୯ ତାରିଖ ରାମନବମୀ ଦିନ ତାଙ୍କ ଘରୋଇ ଚିକିତ୍ସାଳୟ ସେବାସଦନ ବାଲେଶ୍ୱରର କେନ୍ଦ୍ରସ୍ଥଳୀ ମୋତିଗଞ୍ଜ ବଜାରରେ ଆରମ୍ଭ ହେଲା । ସେତେବେଳେ ବାଲେଶ୍ୱର ସହର କେବଳ ବଡ଼ ବଡ଼ ଗଛ ଓ ଚାଳଘରରେ ପୂର୍ଣ୍ଣ ଥିଲା । ସହରରେ ସରକାରଙ୍କ ଅଫିସ, କଚେରୀ, ଥାନା ଅନ୍ୟ ବଙ୍ଗାଳୀ ଜମିଦାର ଓ ଧନୀଲୋକମାନଙ୍କର ଘର ପକ୍କା ଥିଲା । କିନ୍ତୁ ରାଧାଦେବୀ ମୋତିଗଞ୍ଜ ବଜାରରେ ଲମ୍ବା ଲମ୍ବା ତିନୋଟି ପକ୍କା ଘରେ ତାଙ୍କର ସେବା ସଦନ ଆରମ୍ଭ କରିଥିଲେ । ସେତେବେଳେ ଏକମାତ୍ର ପ୍ରଧାନ ଡାକ୍ତରଖାନା ବର୍ତ୍ତମାନର ବାରବାଟୀ ବାଳିକା ବିଦ୍ୟାଳୟରେ ଚାଲୁଥିଲା । ସେଥିରେ ମାତ୍ର ଜଣେ ସ୍ତ୍ରୀ ଡାକ୍ତର, ଦଶଜଣ ନର୍ସ, ଜଣେ ସଭିଲ ସର୍ଜନ ଓ ୪ ଜଣ ଡାକ୍ତର ଥିଲେ । ପ୍ରସୂତି ଘର ଏତେ ସଂକୀର୍ଣ୍ଣ ଥିଲା ଯେ, ପିଲାଜନ୍ମପରେ

Digitized by srujanika@gmail.com

ମୃତ ଶିଶୁ ଏବଂ ଫୁଲସବୁ ବାହାରେ ପଡୁଥିଲା । ସେତେବେଳେ ବାଲେଶ୍ୱର ସହରରେ କେତେକ ଚିକିତ୍ସକ ଘରୋଇ ଚିକିତ୍ସା କରୁଥାଆନ୍ତି । ସେମାନଙ୍କ ମଧ୍ୟରେ ଭୁବନ ଚନ୍ଦ୍ର ଗୁପ୍ତ, ଡାଃ ବ୍ରହ୍ମ ମୋହନ ଦାସ, ଡାଃ ରୋହିଣୀ କର, ଡାଃ ସୂର୍ଯ୍ୟ ଦତ୍ତ, ଡାଃ ଚାଟାର୍ଜୀ ଏବଂ ମ୍ୟୁନିସ୍‌ପାଲଟି ଡାକ୍ତର ଅଚଳ ମହାନ୍ତି ଅନ୍ତର୍ଭୁକ୍ତ ଥିଲେ । ଏଠାରେ ଡାକ୍ତରମାନେ ରୋଗୀମାନଙ୍କୁ ପରୀକ୍ଷା କରି ପାରିଶ୍ରମିକ ନେଉନଥିଲେ କିନ୍ତୁ ରୋଗୀକୁ ପରୀକ୍ଷାପରେ ନିଜର ଔଷଧାଳୟରୁ ବଟିକା ଓ ପାଣି ଔଷଧ ଦେଇ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିଲେ । ସେଥିପାଇଁ ରାଧାଦେବୀଙ୍କୁ ପ୍ରଥମେ ଅସୁବିଧା ହେଲା । ସେ ପ୍ରତିରୋଗୀ ପିଛା ଦେଖିବା ପାଇଁ ୪ ଟଙ୍କା ନେଉଥିଲେ ଏବଂ ଘରକୁ ପ୍ରସବ କରାଇବାକୁ ଗଲେ ୧୦୦ ଟଙ୍କା ଫିସ୍ ଆଣୁଥିଲେ । ଗର୍ଭପାତ ଏବଂ ଅତିରିକ୍ତ ରକ୍ତସ୍ରାବ ଆଦିକୁ ନିଜ ଡାକ୍ତରଖାନାରେ ରଖି ଅପରେସନ୍ କରୁଥିଲେ । ଧୀରେ ଧୀରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଲା ଏବଂ ଶହ ଶହ ରୋଗୀ ଡାକ୍ତରଖାନାକୁ ଆସି ଭିଡ଼ ଜମାଇଲେ । ରାଧାଦେବୀଙ୍କୁ ଆଉ ବିଶ୍ରାମ ମିଳିଲା ନାହିଁ । ସକାଳ ୯ଟାରୁ ରାତି ୧୨ଟା ଯାଏ କାର୍ଯ୍ୟବ୍ୟସ୍ତ ରହିଲେ । ବିପଜ୍ଜନକ ରୋଗୀମାନଙ୍କୁ ସରକାରୀ ଡାକ୍ତରଖାନାକୁ ପଠାଇ ଦେଉଥିଲେ । କ୍ରମେ ମୁଖ୍ୟ ଡାକ୍ତରଖାନା ପାଖାପାଖି ପରିମିଟ୍ ପଡ଼ିଆ ଆଗଜାଗାକୁ ନୂଆଘରକୁ ସ୍ଥାନାନ୍ତରିତ ହେଲା । ଘରୋଇ ଚିକିତ୍ସାକୁ ଆସୁଥିବା ନାରୀମାନଙ୍କରୀ ସ୍ୱାସ୍ଥ୍ୟ ଅବସ୍ଥା ଦେଖି ରାଧାଦେବୀଙ୍କ ମନ ଖୁବ୍ ବ୍ୟାକୁଳ ହୋଇ ଉଠୁଥିଲା । ଦରିଦ୍ର ଓ ନିରକ୍ଷର ନାରୀମାନଙ୍କର ରୋଗର ଚିକିତ୍ସା ପାଇଁ ତାଙ୍କର ସ୍ୱାମୀମାନେ ବହୁ ଅବହେଳା କରୁଥିଲେ । ପ୍ରସବ ସବୁ ନିଜ ନିଜ ଘରେ ଅଶିକ୍ଷିତା ଧାଇ ବା ଶୂଳିଆଣିମାନଙ୍କ ଦ୍ୱାରା ହେଉଥିଲା । ସେତେବେଳେ ମ୍ୟୁନିସିପାଲଟି ତରଫରୁ ୧୫ ଜଣ ଧାଇ ଏବଂ ଗୋଟିଏ ମାତୃମଙ୍ଗଳ କେନ୍ଦ୍ର ଥିଲା । ଏହି ସମୟରେ ରାଧାଦେବୀ ସହର ଭିତରେ ରୋଗୀ ଦେଖିବାକୁ ଗଲେ ୧୦ ଟଙ୍କା ଓ ରିକ୍‌ସାଭଡ଼ା ଏବଂ ବାହାରକୁ ଗଲେ ୫୦ ଟଙ୍କା ନେଉଥିଲେ । ତାଙ୍କୁ ରୋଗୀଦେଖିବା ପାଇଁ ଅନେକ ସମୟରେ ବହୁ ଦୂର ସ୍ଥାନକୁ ଯିବାକୁ ପଡୁଥିଲା । ଯାତାୟାତର ପଥ ସୁଗମ ନଥିବାରୁ କେତେ ବେଳେ ନଦୀରେ ନୌକା ଚଢ଼ି, କେତେବେଳେ ଟ୍ରେନରେ ଆଉ କେତେବେଳେ ରିକ୍‌ସାର ସହାୟତା ନେଉଥିଲେ । ସବୁ ପ୍ରକାର ରୋଗୀଙ୍କୁ ତାଙ୍କ ପକ୍ଷରେ ଦେଖିବା ସମ୍ଭବ ହେଲାନାହିଁ । ଅତ୍ୟନ୍ତ କ୍ଲାନ୍ତ ହୋଇପଡ଼ିଲେ । ତେଣୁ ପରେ ନାମଫଳକରେ କେବଳ ସ୍ତ୍ରୀ ଓ ଶିଶୁମାନଙ୍କର ଚିକିତ୍ସା କରାଯାଏ ବୋଲି ଲେଖିବାକୁ ପଡ଼ିଲା ।

Digitized by srujanika@gmail.com

ରୋଗୀଙ୍କର ସଂଖ୍ୟା ଖୁବ୍ ଅଧିକ ହେଲା । ଏକାଦିନରେ ସମସ୍ତଙ୍କୁ ଦେଖିବା ସମ୍ଭବ ହେଉନଥିଲା । ତେଣୁ ନମ୍ବର ଦେଇ ପରଦିନକୁ ଆସିବା ପାଇଁ ସେ ପରାମର୍ଶ ଦେଉଥିଲେ । ଶେଷରେ ରାଧାଦେବୀ ତାଙ୍କ ଶ୍ୱଶୁରଙ୍କର ମହାପାତ୍ର ମେଡ଼ିସିନ ଷ୍ଟୋର ଉପର ମହଲାରେ ୬ ଶଯ୍ୟା ବ୍ୟବସ୍ଥା କଲେ । ଏଥିରେ ଦୂରରୁ ଆସୁଥିବା ରୋଗୀମାନେ ରହୁଥିଲେ । ୧୯୬୦ ମସିହା କଥା । ସେ ନିମନ୍ତ୍ରଣ ପାଇ ଷ୍ଟେସନ କ୍ଲବରେ ହେଉଥିବା ବାଲେଶ୍ୱର ନାରୀ ସଂଘର ଏକ ସଭାକୁ ଯାଇଥିଲେ । ସେଦିନ ନିର୍ବାଚନ ହେଉଥାଏ ନାରୀ ସଂଘର । ତତ୍କାଳୀନ ଜିଲ୍ଲାପାଳ ବାଞ୍ଛାନିଧି ଦାଶଙ୍କ ପତ୍ନୀ ଉମା ଦାଶ ସେହି ସଭାରେ ନାରୀ ସଂଘର ସଭାନେତ୍ରୀ ଭାବରେ ନିର୍ବାଚିତ ହେଲେ । ତତ୍କ୍ଷଣାତ୍ ରାଧାଦେବୀଙ୍କୁ ସଂପାଦିକା କରିବା ପାଇଁ ଅଧିକାଂଶ ସଭ୍ୟା ଏକ ସ୍ୱରରେ ପ୍ରସ୍ତାବ ଦେଲେ । ରାଧାଦେବୀ ସଭ୍ୟା ଭଉଣୀମାନଙ୍କର ଅନୁରୋଧ ରକ୍ଷାକରି ସମ୍ପାଦିକା ହୋଇଥିଲେ । ଏହା ପରଠାରୁ ନାରୀମାନଙ୍କର ସେବା କରିବା ପାଇଁ ସେ ଅକ୍ଲାନ୍ତ ପରିଶ୍ରମ କରିଥିଲେ । ବ୍ୟସ୍ତ ବହୁଳ ଜୀବନ ନେଇ ରାଧାଦେବୀ ଗତିକରି ଚାଲିଥାଆନ୍ତି । ସାରାଦିନ ଓ ରାତିରେ ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ରୋଗୀ ଦେଖିବା, ସପ୍ତାହରେ ନାରୀ ସଂଘକୁ ଯାଇ ବୁଝାସୁଝା କରିବା ଛୋଟ ପିଲା ଦୁଇଟିଙ୍କର ପାଳନ ଦାୟିତ୍ୱ ଏସବୁକୁ ଏକା ସଙ୍ଗେ କରିବା କମ୍ କଷ୍ଟକର ନୁହେଁ ।

ସମୟକ୍ରମେ ବାଲେଶ୍ୱର ନାରୀସଂଘ ଏହାର ଅବଧି ବଢ଼ାଇ ଜିଲ୍ଲା ନାରୀସଂଘ ହେଲା । ୧୯୬୦ ମସିହା ଜୁନ୍‌ମାସରେ ଏହାର ବାର୍ଷିକ ସମ୍ମିଳନୀରେ ସାରା ବାଲେଶ୍ୱର ଜିଲ୍ଲାରୁ ହଜାର ହଜାର ପ୍ରତିନିଧି ୨୨ଟି ବ୍ଲକରୁ ଆସି ଫକୀର ମୋହନ କଲେଜରେ ଯୋଗଦାନ କରିଥିଲେ । ଏଥିରେ ସାଂସଦ ଶ୍ରୀମତୀ ଇଲାପାଲ ଚୌଧୁରୀ, ବୈଜ୍ଞାନିକ ଶ୍ରୀମତୀ ଜେ.ବି.ଏସ୍ ହେଲେଡ଼େନ ପଶ୍ଚିମବଙ୍ଗର ମନ୍ତ୍ରୀ ଶ୍ରୀମତୀ ପୁରବୀ ମୁଖାର୍ଜୀ, ମାୟା ବାନାର୍ଜୀ, ନନ୍ଦିନୀ ଶତପଥୀ, ନିର୍ମଳା ନାୟକ, ଡାଃ ବେଲରାଣୀ ଦତ୍ତ ଓ ସରଳାଦେବୀ ଯୋଗ ଦେଇଥିଲେ ।

୧୯୬୧ ମସିହା ବାର୍ଷିକ ଅଧିବେଶନରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡଃ ହରେକୃଷ୍ଣ ମହତାବ, ଆନ୍ଧ୍ର ପ୍ରଦେଶର ନାରୀନେତ୍ରୀ ମାସୁମା ବେଗମ୍, ମହାରାଷ୍ଟ୍ର ମନ୍ତ୍ରୀ ଶ୍ରୀମତୀ ନିର୍ମଳା ରାଜ ଭୋନ୍‌ସଲେ । ନିଖିଳ ଭାରତ ମହିଳା ସମ୍ମିଳନୀ ସଂପାଦିକା ଡାଃ ଫୁଲରେଣୁ ଗୁହ ଓ ସରଳା ଦେବୀ ପ୍ରମୁଖ ଯୋଗ ଦେଇଥିଲେ । ପ୍ରତିବର୍ଷ ଏହାର ବାର୍ଷିକ ଉତ୍ସବ

Digitized by srujanika@gmail.com

ମହାସମାରୋହରେ ପାଳନ କରାଯାଉଥିଲା ଏବଂ ଓଡ଼ିଶାର ପ୍ରାୟ ସମସ୍ତ ମୁଖ୍ୟମନ୍ତ୍ରୀ ରାଜ୍ୟ ତଥା କେନ୍ଦ୍ରର ଅନେକ ମନ୍ତ୍ରୀ ସାଂସଦ ଏବଂ ବହୁମାନ୍ୟଗଣ୍ୟ ବ୍ୟକ୍ତି ବିଭିନ୍ନ ବର୍ଷ ଏଥିରେ ଯୋଗ ଦେଇଛନ୍ତି । ଏପରିକି ଓଡ଼ିଶାର ଗଭର୍ଣ୍ଣର ବିଶ୍ୱନାଥ ପାଣ୍ଡେ, ସତ୍ୟନାରାୟଣ ରେଡ୍ଡି, ବର୍ଷୀୟାନ ସାମ୍ବାଦିକ ରାଧାନାଥ ରଥ, ମାତୃଭୂମି ସଂପାଦକ ବାଳକୃଷ୍ଣ କର, ଉପରାଷ୍ଟ୍ରପତି ଭେଙ୍କଟରମଣ, ରମାଦେବୀ, ଅନ୍ନପୂର୍ଣ୍ଣା ମହାରଣା ଏବଂ ମନୋରମା ମହାପାତ୍ର ଏଥିରୁ ବାଦ୍ ପଡ଼ି ନାହାନ୍ତି । ୧୯୬୬ ମସିହାରେ ନିଖିଳଭାରତ ମହିଳା ସମ୍ମିଳନୀର ୩୫ ତମ ଅଧିବେଶନ ରାଧାଦେବୀଙ୍କ ନେତୃତ୍ୱରେ ଜିଲ୍ଲା ନାରୀ ସଂଘ କରାଇଥିଲେ । ସେ ସମୟର କେନ୍ଦ୍ର ସୂଚନା ପ୍ରସାରଣ ମନ୍ତ୍ରୀ ନନ୍ଦିନୀ ଶତପଥୀ ଅଭ୍ୟର୍ଥନା କମିଟିର ସଭାନେତ୍ରୀ ଥିଲେ । ହଜାର ହଜାର ମହିଳା ଭାରତର ବିଭିନ୍ନ ସ୍ଥାନରୁ ଆସି ଏହି ସମ୍ମିଳନୀରେ ଯୋଗ ଦେଇଥିଲେ । ଦୀର୍ଘ ସାତଦିନ ଏହି ସମ୍ମିଳନୀ ଚାଲିଥିଲା । ଜିଲ୍ଲାନାରୀ ସଂଘର ରଜତ ଜୟନ୍ତୀ ଅଧିବେଶନ ୧୯୮୩ ମସିହାରେ ଅନୁଷ୍ଠିତ ହୋଇଥିଲା । ୧୯୯୨ ମସିହାରେ ତତ୍କାଳିନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ ନାରୀ ସମ୍ମିଳନୀର ବାର୍ଷିକ ଉତ୍ସବରେ ଭାଷଣ ଦେଲାବେଳେ ଭାବବିହ୍ୱଳିତ ହୋଇ ଉତ୍ତର ଓଡ଼ିଶା ବିଶ୍ୱ ବିଦ୍ୟାଳୟ ବାଲେଶ୍ୱର ଠାରେ ହେବ ବୋଲି ଘୋଷଣା କରିଥିଲେ । ୨୦୦୫ ମସିହାରେ ଜିଲ୍ଲା ନାରୀ ସଂଘର ସୁବର୍ଣ୍ଣ ଜୟନ୍ତୀ ଓ ନିଖିଳ ଭାରତ ମହିଳା ସମ୍ମିଳନୀ ଅନୁଷ୍ଠିତ ହୋଇ ଥିଲା ଏବଂ ଏଥିରେ ପଦ୍ମଶ୍ରୀ ସରୋଜିନୀ ଭାରଦାପନ୍ନ ନିଖିଳ ଭାରତ ମହିଳା ସମ୍ମିଳନୀର ସଭାନେତ୍ରୀ ମନୋରମା ବାୱା ଓ ଡ଼ିଶାର ଆଇନ୍‌ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ, ପଞ୍ଚାୟତରାଜମନ୍ତ୍ରୀ ତଥା ଦାମୋଦର ରାଉତ ଏବଂ ବାଲେଶ୍ୱର ସାଂସଦ ଖାରବେଳ ସ୍ୱାଇଁ ପ୍ରମୁଖ ଉଦବୋଧନ ଦେଇଥିଲେ ।

ଜଣେ ଖ୍ୟାତନାମା ନାରୀ ସଂଗଠିକା ଭାବରେ ଡାଃ ରାଧାଦେବୀ ଓଡ଼ିଶାର ମହିଳା ସମାଜରେ ପରିଚିତ ହେଲେ । ତାଙ୍କର ପ୍ରତିଭାର ବଳୟ ଭାରତର ବହୁପ୍ରଦେଶକୁ ବ୍ୟାପି ଯାଇଥିଲା । ୧୯୬୨ ମସିହାରେ ତାଙ୍କ ନେତୃତ୍ୱରେ ନିଖିଳ ଉତ୍କଳ ମହିଳା ପରିଷଦ ନାମକ ଏକ ରାଜ୍ୟସ୍ତରୀୟ ଅନୁଷ୍ଠାନ ଗଠିତ ହେଲା । ଏହାର ପ୍ରଥମ ନିର୍ବାଚିତ ସଭା ନେତ୍ରୀ ଥିଲେ କୁଜଙ୍ଗର ରତ୍ନମାଳୀ ଜେମା । ସଂପାଦିକା ଭାବରେ ରାଧାଦେବୀଙ୍କୁ ନିର୍ବାଚିତ କରାଗଲା । ଓଡ଼ିଶାର ପ୍ରାୟ ସବୁ ଜିଲ୍ଲାରୁ ଏହାର ବାର୍ଷିକ ସମ୍ମିଳନୀରେ ପ୍ରତିବର୍ଷ ହଜାର ହଜାର ମହିଳା ଯୋଗ ଦେଉଥିଲେ । ଏହି ସଭାମାନଙ୍କରେ

Digitized by srujanika@gmail.com

ନାରୀମାନଙ୍କର ରାଜନୈତିକ ପ୍ରତିନିଧିତ୍ୱ ପାଇଁ ଦାବୀ, ନାରୀ ନୀରକ୍ଷରତା ଦୂରୀକରଣ, ପରିବାର ନିୟନ୍ତ୍ରଣ ପ୍ରଭୃତି ପ୍ରସ୍ତାବମାନ ଗୃହୀତ ହୋଇ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ନିକଟକୁ ପଠା ଯାଉଥିଲା ।

ନାରୀ ଶିକ୍ଷାପାଇଁ ଡଃ ରାଧାଦେବୀଙ୍କର ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ ଥିଲା । ୧୯୬୦ ମସିହାଠାରୁ ବାଲେଶ୍ୱର ଓ ନୀଳଗିରିରେ ସଂକ୍ଷିପ୍ତ ବିଦ୍ୟାଳୟ ପାଠ୍ୟକ୍ରମ ଏମ୍.ଇ ଓ ହାଇସ୍କୁଲ ସ୍ତରରେ ହୋଇ ୧୫ ରୁ ୩୫ ବର୍ଷ ଦରିଦ୍ର, ବିଧବା, ସ୍ୱାମୀ, ପରିତ୍ୟକ୍ତା ୪୭୫ ମହିଳାଙ୍କୁ ଶିକ୍ଷିତା କରାଇ ଧାଇ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟତ୍ରୀ, ଗ୍ରାମ ସେବିକା କାର୍ଯ୍ୟରେ ଅକ୍ଲାନ୍ତ ପରିଶ୍ରମକରି ନିଯୁକ୍ତି କରାଇଥିଲେ । ଦରିଦ୍ର ହରିଜନ ଆଦିବାସୀ ଶିଶୁମାନଙ୍କର ଶିକ୍ଷାପାଇଁ ସେ ରାସ୍ତାପାଖ ଝୁମ୍ପୁଡ଼ି ଏବଂ ମନ୍ଦିର ପ୍ରାଙ୍ଗଣରେ ବ୍ୟବସ୍ଥା କରିଥିଲେ । ଗ୍ରାମାଞ୍ଚଳରେ ଗତ ୧୫ ବର୍ଷ ଧରି ପ୍ରଥମେ ଅଣ ଆନୁଷ୍ଠାନିକ ଓ ପରେ ରେମୁଣା ବ୍ଲକର ୧୫ଟି ଗ୍ରାମ ପଞ୍ଚାୟତରେ ୨୬ଟି ସ୍କୁଲ ଡଃ ରାଧାଦେବୀଙ୍କ ଅଧ୍ୟକ୍ଷତାରେ ପରିଚାଳନା ଅଦ୍ୟାବଧି କରାଯାଉଛି । ୧୯୬୨-୧୯୬୭ ମସିହାରେ କେନ୍ଦ୍ର ସରକାରଙ୍କ ଦ୍ୱାରା Women P.I.C. ବା ସାଧାରଣ କାର୍ଯ୍ୟକାରୀ ମହିଳା କମିଟିର ସଭାନେତ୍ରୀ ଉମାଦାଶଙ୍କ ସହିତ ରାଧାଦେବୀ ୨୨ଟି ବ୍ଲକର ମହିଳା ସମିତି ପଞ୍ଜିକରଣ ଗୃହ ନିର୍ମାଣ ଏବଂ ଆତ୍ମନିଯୁକ୍ତି ପାଇଁ କାର୍ଯ୍ୟକ୍ରମମାନ ଗ୍ରହଣ କରାଇଥିଲେ । ୧୯୬୪ ମସହାରେ ଭାରତ ସରକାର ପରିବାର ନିୟନ୍ତ୍ରଣ ନୀତି ଗ୍ରହଣ କଲେ । ଏହାର ପ୍ରଥମ ମୋଟିଭେସନ କାର୍ଯ୍ୟକ୍ରମ ପାଇଁ ଓଡ଼ିଶାର ୧୩ଟି ଜିଲ୍ଲାରେ ଜଣେ ଜଣେ ମହିଳା ଅବୈତନିକ ଅଧିକାରୀ ନିଯୁକ୍ତ ହେଲେ । ରାଧାଦେବୀ ବାଲେଶ୍ୱର ଜିଲ୍ଲାର ପରିବାର ନିୟନ୍ତ୍ରଣ ଶିକ୍ଷାଦାତା ରୂପେ ନିଯୁକ୍ତି ପାଇଥିଲେ । ଚାନ୍ଦବାଲିଠାରୁ ଭୋଗରାଇ ପର୍ଯ୍ୟନ୍ତ ୬୦ ଜଣ ମହିଳାଙ୍କର ୭ ଦିନ କ୍ୟାମ୍ପ କରି ସେ ସମଗ୍ର ବାଲେଶ୍ୱର ଜିଲ୍ଲାରେ ପରିବାର ସଚେତନତା ସୃଷ୍ଟି କରାଇଥିଲେ । ଜିଲ୍ଲା ନାରୀ ସଂଘ ଜାତୀୟ ସ୍ତରରେ ନିଖିଳଭାରତ ମହିଳା ସମିତିର ଏକ ଶାଖାରୂପେ ୧୯୬୧ ମସିହାରେ ସ୍ୱୀକୃତି ଲାଭ କଲା ଏବଂ ସେହିଦିନଠାରୁ ଆଜିପର୍ଯ୍ୟନ୍ତ ଡାଃ ରାଧାଦେବୀ ଏହାର ଷ୍ଟାଣ୍ଡିଂ କମିଟି ସଭ୍ୟା ରହିଛନ୍ତି ।

ସାହିତ୍ୟ ସାଧନା :

ରାଧାଦେବୀଙ୍କର ସାହିତ୍ୟ ସୃଷ୍ଟିର ବଳୟ ବିସ୍ତୃତ ହୋଇ ନଥିଲେ ମଧ୍ୟ ସାହିତ୍ୟ ପ୍ରତି ତାଙ୍କର ଆନ୍ତରିକତା ଯଥେଷ୍ଟ ଅଧିକ । ଖୁବ୍ ଛୋଟ

Digitized by srujanika@gmail.com

ବେଳୁ ସେ ବଙ୍ଗଳାଭାଷା ପଢ଼ିଥିଲେ । ତେଣୁ ବଙ୍ଗଳା ଓ ଓଡ଼ିଆ ଭାଷାର ବିଶିଷ୍ଟ କବି ଓ ଲେଖକମାନଙ୍କ ଗ୍ରନ୍ଥାବଳୀ ଗଳ୍ପ ଓ କବିତା ଆଦି ପଢ଼ିବାକୁ ତାଙ୍କର ବହୁତ ଆଗ୍ରହ ଥିଲା । ଷଷ୍ଠ ଶ୍ରେଣୀରେ ପଢୁଥିବା ସମୟରେ 'କଦମ୍ବ' ନାମକ ଏକ ହସ୍ତଲିଖିତ ପତ୍ରିକା ସେ ତାଙ୍କର ସହପାଠୀମାନଙ୍କ ସହିତ ମିଳିତ ହୋଇ ବାହାର କରୁଥିଲେ । ସେତେବେଳେ ବମ୍ବେରୁ ପ୍ରକାଶିତ କୁଙ୍କୁମ, କଲିକତାରୁ ଆସନ୍ତାକାଲି ଏବଂ ଅନ୍ୟ କେତେକ ପତ୍ର ପତ୍ରିକାରେ ରାଧାଦେବୀଙ୍କର କେତୋଟି ଗଳ୍ପ ପ୍ରକାଶିତ ହୋଇଛି । ୧୯୬୦ ମସିହାରେ ଓଡ଼ିଶାର ପ୍ରଥମ ମହିଳା ପତ୍ରିକା 'ଯୁଗନାରୀ' ଡାଃ ରାଧାଦେବୀ ସମ୍ପାଦନା କରିଥିଲେ । ବହୁ ଘାତ ପ୍ରତିଘାତ ମଧ୍ୟରେ ଏହି ପତ୍ରିକାଟି ବର୍ତ୍ତମାନସୁଧା ନାରୀମାନଙ୍କର ମୁଖପତ୍ର ଭାବରେ ଓଡ଼ିଆ ଭାଷାର ଅଭିବୃଦ୍ଧିରେ ସହାୟକ ହୋଇଅଛି । ୧୯୬୨ ମସିହାରେ ଓଡ଼ିଆ ଓ ବଙ୍ଗଳାରେ ଲେଖକମାନଙ୍କୁ ନେଇ ଓଡ଼ିଶାର ପ୍ରଥମ ଲେଖିକା ସଂଗଠନ କରିଥିଲେ । ବର୍ତ୍ତମାନ ସୁଲେଖିକା, ସାହିତ୍ୟ ଏକାଡ଼େମୀ ପୁରସ୍କୃତା ବୀଣାପାଣି ମହାନ୍ତି 'ଯୁଗନାରୀ'ରୁ ସୃଷ୍ଟି ହୋଇଥିବା ପ୍ରତିଭାମାନଙ୍କ ମଧ୍ୟରୁ ଅନ୍ୟତମା । ସହରର ଓ ଗ୍ରାମାଞ୍ଚଳର ବହୁ ମହିଳା ଲେଖିକା 'ଯୁଗନାରୀ'ର କଳେବର ମଣ୍ଡନ କରିଛନ୍ତି । ଦିଲ୍ଲୀରେ ଏସିଆ ପେସିଫିକ୍ ୧୯୫୫ ବେଜିଂରେ ବିଶ୍ୱନାରୀ ସମ୍ମିଳନୀ ୧୯୯୬ରେ କୋରିଆର ରାଜଧାନୀ ସିଓଲରେ ଆନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ସମ୍ମିଳନୀରେ ସେ ପାଠକରି ଥିବା ନାରୀ ସମସ୍ୟା ଉପରେ ଲିଖିତ ସନ୍ଦର୍ଭ ସଚ୍ଚ ପ୍ରଶଂସିତ ହୋଇଛି । ତେଣୁ ତାଙ୍କର ବହୁମୁଖୀ ପ୍ରତିଭାହିଁ ରାଧା ଦେବୀଙ୍କର ଆଦର୍ଶ ବ୍ୟକ୍ତିତ୍ୱର ପରିଚୟ ପ୍ରଦାନ କରେ ।

କେତେକ ଅବୈତନିକ ନିଯୁକ୍ତି :

୧ । ୧୯୬୧ ମସିହାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଜନସାଧାରଣ ଉନ୍ନୟନ କାର୍ଯ୍ୟକାରୀ କମିଟିରେ ଉପସଭା ନେତ୍ରୀ ଭାବେ ନିଯୁକ୍ତି ।

୨ । ୧୯୬୪ ମସିହାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ବାଲେଶ୍ୱର ଜିଲା ପରିବାର ନିୟନ୍ତ୍ରଣ ଶିକ୍ଷାଦାତ୍ରୀଭାବେ ନିଯୁକ୍ତି । (Family planning education)

୩ । ରାଜ୍ୟ P.D.D. Act 1995 Women and CD Department ର କାର୍ଯ୍ୟକାରୀଣୀ ସଭ୍ୟା ।

୪ । ଓଡ଼ିଶା ରାଜ୍ୟର AIR (All India Radio) ର ପରାମର୍ଶଦାତା କମିଟି ସଭ୍ୟା ।

Digitized by srujanika@gmail.com

୫ । ଓଡ଼ିଶା ରାଜ୍ୟର ପରିବାର ନିୟନ୍ତ୍ରଣ କାର୍ଯ୍ୟ କାରିଣୀ କମିଟି ସଭ୍ୟା ।

୬ । ଓଡ଼ିଶା ରାଜ୍ୟ ଶ୍ରମ ବିଭାଗ ଦ୍ୱାରା ଗଠିତ ଖଣି ଶ୍ରମିକମାନଙ୍କ ମଙ୍ଗଳକାରୀ ବିଭାଗର କାର୍ଯ୍ୟକାରିଣୀ ସଭ୍ୟା ।

୭ । ଜିଲ୍ଲା ଉର୍ଜ୍ଜା ବିଭାଗର ସଭ୍ୟା ଓ ଜିଲ୍ଲାର ନାରୀ, ଶିଶୁ ଓ ଜନ ସାଧାରଣ ଉନ୍ନୟନ ଆଦି ବହୁ କମିଟିର ସଭ୍ୟା ।

ସାଂସ୍କୃତିକ ଓ ସାମାଜିକ ସ୍ତରର କାର୍ଯ୍ୟ

୧- ନାରୀ ଶିଶୁମାନଙ୍କର ନୀରକ୍ଷରତା ଦୂରୀକରଣ ପାଇଁ ସହରର ଓ ଗ୍ରାମାଞ୍ଚଳରେ ଅନୁଷ୍ଠାନ ସ୍ଥାପନ ।

୨- ସମାଜରେ ନିର୍ଯ୍ୟାତନା, ଅସହାୟ ମହିଳାମାନଙ୍କ ପାଇଁ ନିରାଶ୍ରୟ ନିବାସ ଏବଂ ସେମାନଙ୍କର ଥଇଥାନ ଓ ଆତ୍ମନିଯୁକ୍ତି ପାଇଁ ପ୍ରିଣ୍ଟିଂ ପ୍ରେସ୍, କତାଶିଳ୍ପ, ପୋଷାକ ଓ ଚାନ୍ଦୁଆ ତିଆରି କେନ୍ଦ୍ର, ମସଲା ପ୍ରସ୍ତୁତି କରଣ କେନ୍ଦ୍ରର ପ୍ରତିଷ୍ଠା ।

୩- ସ୍ୱଳ୍ପ ବେତନଭୋଗୀ କର୍ମରତା ନାରୀମାନଙ୍କ ପାଇଁ କର୍ମଜୀବି ମହିଳା ନିବାସ ସେ ଗତ ଦଶବର୍ଷ ଧରି ନିର୍ମାଣ ଓ ପରିଚାଳନା କରି ଚାଲିଛନ୍ତି ।

୪- ବିଗତ ୫୦ବର୍ଷ ଧରି ନାରୀମାନଙ୍କ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଶୁପାଳନ ଓ ରୋଗ ନିବାରଣ ପାଇଁ ପ୍ରତିଷେଧ । ରାଜନୈତିକ ଅଧିକାରର ସଚେତନତା ସଭା ଓ ଦାବୀ ଶୋଭାଯାତ୍ରା ଆଦି ରାଧାଦେବୀଙ୍କ ନେତୃତ୍ୱରେ ପରିଚାଳିତ ।

୫- ସମାଜରୁ ନିଶାଦ୍ରବ୍ୟର ନିରୋଧିକରଣ ଓ ସାମାଜିକ ଅତ୍ୟାଚର ବିରୁଦ୍ଧରେ ସ୍ୱର ଉତ୍ତୋଳନ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ।

୬- ୧୯୮୧ ମସିହାରେ ବାଲେଶ୍ୱର ଜିଲ୍ଲାରେ ମୂକ୍, ବଧିର, ଅନ୍ଧ ଓ ମନ୍ଥର ବୁଦ୍ଧି ସଂପନ୍ନ ବିଦ୍ୟାଳୟ ସ୍ଥାପନ ।

୭- ୧୯୭୨ ମସିହାରେ ନିଖିଳ ଭାରତ ମହିଳା ସମ୍ମିଳନୀ ଓ ଗାନ୍ଧୀଶାନ୍ତି ପ୍ରତିଷ୍ଠାନର ପ୍ରତିନିଧି ଭାବେ ଜେନିଭାରେ ଅନୁଷ୍ଠିତ ନିରସ୍ତ୍ରୀ କରଣ ସମ୍ମିଳନୀରେ ଯୋଗଦାନ, ନରୱେ ଓ ସୁଇଡେନରେ ଅନୁଷ୍ଠିତ ନାରୀ ଓ ଶିଶୁମାନଙ୍କର ସମସ୍ୟା ସମ୍ମିଳନୀରେ ଯୋଗଦାନ, ଚୀନ ମହିଳା ଫେଡ଼େରେସନ ଦ୍ୱାରା ନିମନ୍ତ୍ରିତ ହୋଇ କୋଟ ନିସଙ୍କ ଆତିଥ୍ୟରେ ଡାଲିଆ,

Digitized by srujanika@gmail.com

ସାଂଘାଇ, ହଂକଂ, ବେଜିଂ ପରିଦର୍ଶନ ଏବଂ ବେଜିଂର ୪ର୍ଥ ବିଶ୍ୱନାରୀ ସମ୍ମିଳନୀରେ ଯୋଗଦାନ ।

୮- ୧୯୯୬ ମସିହାରେ ଭାରତ ପରିଦର୍ଶକ ଭାବେ ବିଲ କ୍ଲିଣ୍ଟନଙ୍କ ନିର୍ବାଚନ ସମୟରେ ଚିକାଗୋରେ ହେଉଥିବା ପରିଦର୍ଶକ ସମ୍ମିଳନୀରେ ଯୋଗଦାନ ।

ଏତଦ୍ ବ୍ୟତୀତ ରାଧାଦେବୀ ୧୯୯୬ ମସିହାରେ ଦକ୍ଷିଣ କୋରିଆର ରାଜଧାନୀ ସିଓଲ ସ୍ୱେଚ୍ଛାସେବୀ ଆନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦାନ କରିଥିଲେ ।

ସମ୍ମାନ ଓ ପୁରସ୍କାର :

ରାଜ୍ୟର ବିଭିନ୍ନ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନରୁ ସମ୍ମାନ ଓ ସମ୍ବର୍ଦ୍ଧନା ଲାଭ କରିବା ସହତ ଡାଃ ରାଧାଦେବୀ ଜାତୀୟସ୍ତରରେ ସମାଜ ସେବା ପାଇଁ ଜାତୀୟ ତିରୋମତି ପ୍ରତିଷ୍ଠାନ ଦ୍ୱାରା ସମ୍ମାନିତା ହୋଇଥିଲେ ।

ନୀରକ୍ଷତା ଦୂରୀକରଣ ପାଇଁ ନୀରକ୍ଷରତା ଦୂରୀକରଣ କମିଟି ତରଫରୁ ୨୦୦୦ ମସିହାରେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଶିଲା ଦିକ୍ଷୀତଙ୍କ ଦ୍ୱାରା ପ୍ରଶଂସା ପତ୍ରସହ ଏଗାର ହଜାର ଟଙ୍କା ପୁରସ୍କାର ଲାଭ କରିଥିଲେ ।

✡✡✡

Digitized by srujanika@gmail.com

ଉତ୍ତମ ସେ ମଣିଷଟି ଉତ୍ତମ ମହାନ୍ତି

ସୁବ୍ରତ ପ୍ରିୟବ୍ରତ

ଇଏ ସେଇ ମାଟିର କଥା ଯେଉଁ ମାଟିରୁ ମହ ମହ ମହକୁଥାଏ କଳାର ବାସ୍ନା । ଯେଉଁ ମାଟିରେ ଗୁଜୁରୁଥିବା ବୀଜ ଠାରୁ ଦ୍ରୁମଯାଏ ପବନର ପ୍ରଥମ ଛୁଆଁ ଓ ଶ୍ରାବଣର ପହିଲି ସ୍ପର୍ଶ ପାଇ ଆରମ୍ଭ କରନ୍ତି ସଂଗୀତର ମଧୁର ମୂର୍ଚ୍ଛନା । ଯେଉଁଠି ସକାଳ ଆସେ ଶୋଳ ବୟସୀ ଧାଙ୍ଗଡ଼ୀର ଅଳସଭଙ୍ଗାରେ । ସୂର୍ଯ୍ୟରାସ୍ତା କାଟନ୍ତି ଗାମୁଛା ପିନ୍ଧି ଗୀତ ଗାଉଥିବା ଆଦିବାସୀର ମେହେନତକୁ ପରଖି ପରଖି । ଆଉ ରାତି...., ରାତିଧୀରେ ଧୀରେ ପାହୁଣ୍ଡ ପକାଏ ମହୁଲି ହାଣ୍ଡିଆ ନିଶାରେ ମସ୍‌ଗୁଲ୍ ହାତରେ ହାତ ଛନ୍ଦା ଧାଙ୍ଗଡ଼ା ଧାଙ୍ଗଡ଼ୀଙ୍କ ନାଚ ଗୀତରେ । ସେମିତି ହାତରେ ହାତ ଛନ୍ଦି ହୋଇଥିବା ବେଳେ କେତେବେଳେ ପାହିଯାଏ ରାତି କେହି ଜାଣି ପାରେନା । କେବଳ ମନେଥାଏ ଅନ୍ଧାରଟା ଘନେଇ ନଥିବାର କଥା । ଇଏ ସେଇ ଗାଁ ପାଖର କଥା ଯେଉଁଠି ଜଙ୍ଗଲରେ ମହୁଲ ଫୁଲ ବାସିଲେ ନୂଆକରି ଫଗୁଣରେ ଗାଧୋଇଥିବା ଶୁକ୍ରୁଜାନି ଓ ଟିକ୍ରାଜାନି ମାନଙ୍କ ଦେହରେ ନିଆଁ ଲାଗେ । ଯେଉଁଠି ପାହାଡ଼ ଶିଖରରେ ନିଆଁ ଜଳିଲେ ଜଙ୍ଗଲି ଟୋକାର ପଥର ପରି ଦେହ ଭିତରର ନରମ ହୃଦୟଟା ଶିରି ଶିରେଇ ଯାଏ । ସେହି ମାଟି ମୟୁର ଭଞ୍ଜର ମାଟି । ଯେଉଁଠି ଆକାଶର ନୀଳିମାକୁ ଛୁଇଁଥିବା ସବୁଜ ଗଛମାନଙ୍କ ଅଗଣାରେ ଅଛି ଛୋଟ ଗାଁ ଟିଏ, ନାଁ' ତାର ପୁରୁଣା ହାଟସାହି । ସେହି ଗାଁରେ ଶୁଭି ଥିଲା କୁଆଁ କୁଆଁ ଡାକ ୧୯୫୫ ମସିହା ଏପ୍ରିଲ୍ ୨୯ ତାରିଖ ମଙ୍ଗଳବାର ଦିନ । କିଏ ଜାଣିଥିଲା ସେଇ କୁଆଁ କୁଆଁ ଶବ୍ଦଟା ଯୋଜନ ଯୋଜନ ଅତିକ୍ରମ କରି ଦିନେ ଛୁଇଁଯିବ ଅସଂଖ୍ୟ ହୃଦୟକୁ । ହଁ, ସେଦିନ ପ୍ରଥମ କରି କୁଆଁ କୁଆଁର ସଂଳାପ କହିଥିଲେ ଓଡ଼ିଆ ଚଳଚ୍ଚିତ୍ର ଜଗତର ସମ୍ରାଟ ପ୍ରତ୍ୟେକଟି ଓଡ଼ିଆର ପ୍ରିୟ ଅଭିନେତା ଉତ୍ତମ ମହାନ୍ତି ।

Digitized by srujanika@gmail.com

ଉତ୍ତମ ମହାନ୍ତି, ଉତ୍ତମ ବାବୁ, ଉତ୍ତମ ଭାଇ, ଉତ୍ତମ ଦା ହସି ହସି କୁହନ୍ତି ମତେ କିନ୍ତୁ ଖୁବ୍ ଭଲଲାଗେ କେହି ଆପଣାର ଲୋକଟେ ଯେତେବେଳେ ମତେ କୁନିଆଁ ବା କୁନିଆରେ ବୋଲି ଡାକିଦିଏ । କୁନିଆ (ଉତ୍ତମ ମହାନ୍ତି) ଗୋପାଳ ଚରଣ ମହାନ୍ତି ଓ କାମିନୀ କୁସୁମା ମହାନ୍ତିଙ୍କ କୋଡ଼ପୋଛା ପୁଅ । ସବୁଠାରୁ କୁନିପୁଅ ନା ସେଥିପାଇଁ କୁନିଆ । କୁନିଆଁଙ୍କ ଉପରେ ଦୁଇ ଭାଇ ତିନି ଭଉଣୀ, ସେମାନଙ୍କ ଭଲ ନାଁ ଗୁଡ଼ିକ ଠିକ୍ ଏକ ସଂଗୀତର ଝଙ୍କାର ଭଳି । ତିନିଝିଅ ମୀରା, ଇରା, ଧୀରା ଭାଇ ଅରୁଣ ଏବଂ ଅଶୋକ । ଗୋଟିଏ ତାଳରେ ଭଉଣୀମାନଙ୍କ ନାଁ'ର ଶେଷ ଅକ୍ଷର "ରା" ହୋଇଥିବା ବେଳେ ଦୁଇ ଭାଇଙ୍କର ନାମର ପ୍ରଥମ ଅକ୍ଷରଟି "ଅ" ହୋଇଥିବାରୁ କୁନିଆଙ୍କ ଭଲ ନାଁର ପ୍ରଥମ ଅକ୍ଷର "ଅ" ହେବାଟା ସ୍ୱାଭାବିକ୍ ଏବଂ ସମସ୍ତେ ସେଇଆହିଁ ଚାହୁଁଥିଲେ । କିନ୍ତୁ ଏଥିରେ ବ୍ୟତିକ୍ରମ ସମ୍ପର୍କରେ ତାଙ୍କର ମାଆଙ୍କର ମତ ଥିଲା– ଅନ୍ୟ ପିଲାମାନଙ୍କ ତୁଳନାରେ କୁନିଆ ଜନ୍ମ ହେଲା ବେଳେ ମୁଁ ଆଦୌ କଷ୍ଟ ପାଇନଥିଲି । ମୋର କାହିଁ ମନ କହୁଛି ପୁଅମତେ ଜୀବନରେ କେବେ କଷ୍ଟ ଦେବ ନାହିଁ । ବରଂ ଖୁବ୍ ଭଲ-ଉତ୍ତମ ମଣିଷଟେ ହୋଇ ଦୁନିଆ ଆଗରେ ଛିଡ଼ା ହେବ । ତେଣୁ କୁନି ପୁଅଟିର ନାଁ ଉତ୍ତମ ଦିଆଯାଉ । ପରିବାରର ଅନ୍ୟମାନେ "ଅ" ଅକ୍ଷରରେ ଆରମ୍ଭ ହେଉଥିବା ଏକ ନାମ ଚାହୁଁଥିଲେ ମଧ୍ୟ ଶେଷରେ ମା'ଙ୍କ କଥା ରହିଥିଲା ।

ଶାନ୍ତ ସରଳ ସ୍ୱଭାବର ଉତ୍ତମ ମହାନ୍ତି ଯେ ପିଲାଦିନେ ଖୁବ୍ ଦୁଷ୍ଟଥିଲେ, ଏକଥା ହୁଏତ ହଠାତ୍ ବିଶ୍ୱାସ କରି ହେବ ନାହିଁ । କିନ୍ତୁ ପିଲାଦିନର କଥା ମନେ ପକାଇ ଅଳ୍ପ ହସି ଉତ୍ତମ ମହାନ୍ତି କୁହନ୍ତି– ସବୁ ପିଲାଙ୍କ ପରି ମୁଁ ବି ରଙ୍ଗୀନ୍ ପ୍ରଜାପତି ପଛରେ ଗୋଡ଼େଇ ଗୋଡ଼େଇ ତାକୁ ଧରିବାକୁ ଚେଷ୍ଟା କରୁଥିଲି । କିନ୍ତୁ ସେଇଟାତ ଦୁଷ୍ଟାମି ନୁହେଁ । ସବୁ ଦୁଷ୍ଟାମିର କଥାତ କହିହେବ ନାହିଁ । ତେବେ ମୁଁ ଗୋଟାଏ ଦଳ ଗଠନ କରିଥିଲି ଯାହାର ସର୍ଦ୍ଦାର ଥିଲି ମୁଁ । ଆମ ଦଳର କାମ ଥିଲା କାହା ବାଡ଼ିରୁ ଆମ୍ବ ତ କାହା ବାଡ଼ିରୁ କମଳା ଚୋରି କରିବା । ଯଦି ଗାଁ'ରେ ଏମିତି କିଛି ଘଟଣା ଘଟୁଥିଲା । ତାହେଲେ ଗାଁ'ର ସମସ୍ତଙ୍କ ସନ୍ଦେହ କୁନିଆ ଉପରେ । କାରଣ ସମସ୍ତେ ଜାଣିଥିଲେ ହୁଏତ ଦଳର କୌଣସି ସଦସ୍ୟ ବଦଳି ଯାଇଥିବେ କିନ୍ତୁ ସର୍ଦ୍ଦାର ବଦଳି ନଥିବ ।

ପିଲାଙ୍କ ଦୁଷ୍ଟାମିକୁ ଯଦି କୌଣସି ଜିନିଷ ଢ଼ାଙ୍କିପକାଏ ସେଇଟା ହେଉଛି ପାଠ । ଉତ୍ତମ ଦୁଷ୍ଟ ହେଲେବି ଥିଲେ ମେଧାବି । ଟିକେ ବେଶୀ

Digitized by srujanika@gmail.com

ଦୁଷ୍ଟାମି, ଟିକେ ବେଶି ଚଗଲାମି, ଟିକେ ବେଶି ଚଞ୍ଚଳତା ଭିତରେ ଅଳ୍ପ ସମୟ ପାଠପଢୁଥିଲେ ମଧ୍ୟ ସେତିକି ସମୟ ଭିତରେ ସବୁକିଛି ମନେ ରହିଯିବା ପରିଚୟ ଦେଉଥିଲା ତାଙ୍କ ମେଧା ଶକ୍ତିର । ଏଇ ମିଶ୍ରିତ ଗୁଣ ଏବଂ ସୁନ୍ଦର ଗୁଲୁଗୁଲିଆ ଚେହେରା ପାଇଁ ସ୍କୁଲ୍‌ଠାରୁ ଘର ପର୍ଯ୍ୟନ୍ତ ସମସ୍ତେ ଭଲ ପାଉଥିଲେ ତାଙ୍କୁ ।

ବାରିପଦାର ଥାନା ସ୍କୁଲରେ ପ୍ରଥମରୁ ପାଠପଢ଼ା ଆରମ୍ଭ କରିଥିଲେ ଉତ୍ତମ । ଖୁବ୍ ଭଲ ପାଠ ହେଉଥିବାରୁ ସେ ଏକାଥରେ ତୃତୀୟ ଶ୍ରେଣୀରୁ ଯାଇ ପଞ୍ଚମ ଶ୍ରେଣୀରେ ନାମ ଲେଖାଇଥିଲେ । ସ୍କୁଲ ଶିକ୍ଷକ ଗଦାଧର ନନ୍ଦଙ୍କର ବିଶ୍ୱାସ ଓ ଭରସା ଥିଲା ତାଙ୍କର ପିୟ ଛାତ୍ର ଉତ୍ତମ ଉପରେ । ଯେଉଁଥିପାଇଁ ଏହି ତୃତୀୟରୁ ପଞ୍ଚମକୁ ଯିବା କାର୍ଯ୍ୟ ତାଙ୍କରି ଦ୍ୱାରା ହିଁ କରାଯାଇଥିଲା । ପଞ୍ଚମରେ ବୃତ୍ତି ପାଇଁ ସାରଙ୍କ ବିଶ୍ୱାସ ଓ ଭରସାକୁ ସାକାର କରିଥିଲେ ଉତ୍ତମ । ସେହି ଦିନଠାରୁ ସେ ପାଲଟି ଥିଲେ ସ୍କୁଲର୍ ଆଗଧାଡ଼ିର ଛାତ୍ର । ଘରଠାରୁ ଦୂରରେ ନିଜର କାର୍ଯ୍ୟ ବ୍ୟସ୍ତ ରହୁଥିବା ଉତ୍ତମଙ୍କ ବାପା ପ୍ରତି ପନ୍ଦର ଦିନରେ ଘରକୁ ଫେରୁଥିଲେ । ସେ ଫେରିବା କ୍ଷଣି ତାଙ୍କ ସାମନାରେ ମାଆ ଖୋଲି ଦେଉଥିଲେ କେତେ କେତେ ଘଟଣାର ପେଡ଼ି । ସେ ପ୍ରମାଣ କରିବାକୁ ଚାହୁଁଥିଲେ ଯେ ତାଙ୍କ ପୁଅ କୁନିଆଁ ଖୁବ୍ ଦୁଷ୍ଟ ହେଇଗଲାଣି । କିନ୍ତୁ ବାପା ବୁଝାଉଥିଲେ– ମୁଁ ପନ୍ଦର ଦିନରେ ଥରେ ଘରକୁ ଆସୁଛି, ପିଲାମାନଙ୍କୁ ଗାଳି ଗଲେ କିମ୍ବା ମାଡ଼ ମାରିଲେ ସେମାନେ ମୋତେ ଭୟ କରିବେ ମୋ ପାଖକୁ ଆସିବେନି । ତମେ ଘର କଥା ସବୁ ବୁଝାସୁଝା କରୁଛ, କୁନିଆଁ କଥା ବି ତମେ ବୁଝ । ସେତେବେଳେ ମନେ ମନେ ହସୁଥିଲେ ମାଆ– କାରଣ ସେ ବି ସେଇଆ ଚାହୁଁଥିଲେ, ଯେମିତି ତାଙ୍କ ଆଦରର କୁନିଆଁ ମାଡ଼ ନଖାଉ କି ଗାଳି ନଶୁଣୁ । ଏମିତି ସମୟ ଭିତରେ ଖୁବ୍ କମ୍ ବୟସରେ ବାରିପଦାର ଏମ୍.କେ.ସି. ହାଇସ୍କୁଲରୁ ଏକାଦଶ ପାଶ୍ କରିଥିଲେ ଉତ୍ତମ । ତା'ପରେ ଆରମ୍ଭ ହୋଇଥିଲା ଅନ୍ୟ ଏକ ଅଧ୍ୟାୟ । ଯେଉଁ ଅଧ୍ୟାୟର ମୂଳଦୁଆ ପଡ଼ିଥିଲା ବାରିପଦାର ଏମ୍.ପି.ସି. କଲେଜରେ ପଢ଼ିଲା ବେଳେ । ଆକାଶରୁ ଜହ୍ନ ଛିଡ଼େଇ ଆଣିବାର ଇଛା, ସାତ ତାଳ ପାଣି ନଅ ତାଳ ପଙ୍କ ତା' ଭିତରେ ସୁନା ଫରୁଆ, ସେ ଫରୁଆରେ କଳା ଭଅଁର ସେ ଭଅଁରକୁ ମାରିଲେ ମରିବ ବୁଢ଼ୀ ଅସୁରୁଣୀ, ଅସୁରୁଣୀ ମଲେ ରାଜକୁମାରୀ ହେବ ରାଜାପୁଅର । ସେମିତି ଗୋଟିଏ ରାଜକୁମାରର ଉଦ୍ଦାମତା ସବୁବେଳେ ଛଳ ଛଳ କରୁଥିଲା ତାଙ୍କ ଆଖିରେ ।

Digitized by srujanika@gmail.com

ଅନ୍ୟାୟ ଅନିତି ପାଇଁ କେତେବେଳେ ସେ ମହାଭାରତର ଅର୍ଜୁନ ସାଜୁଥିଲେ ତ କେତେବେଳେ ଧର୍ମ ଓ ଅଧର୍ମର ଦୋଛକି ରାସ୍ତାରେ ଠିଆ ହୋଇ ଶୁଣୁଥିଲେ ଗୀତାର ମହାମନ୍ତ୍ର । ଅବଶ୍ୟ ବେଳେ ବେଳେ ସେଥିପାଇଁ ପରିବାର ସଦସ୍ୟଙ୍କ ଚିନ୍ତା ଟିକେ ବଢ଼ିଯିବାଟା ସ୍ୱାଭାବିକ ଥିଲା ।

ଏମ୍.ପି.ସି. କଲେଜରେ ମୋଟ ୨୨୦୦ ଛାତ୍ରଙ୍କ ମଧ୍ୟରୁ ସେତେବେଳେ ଯେଉଁ ଦୁଇଜଣ ହାପ୍‌ପ୍ୟାଣ୍ଟ ପିନ୍ଧି କଲେଜ ଆସୁଥିଲେ ସେ ଦୁଇଜଣ ଥିଲେ ଉତ୍ତମ ମହାନ୍ତି ଓ ତାଙ୍କ ବନ୍ଧୁ ହୃଷିକେଶ ଦାସ ପଟ୍ଟନାୟକ । କାରଣ ଏହି ପିଲା ଦୁଇଜଣ ଥିଲେ କଲେଜର ସବୁଛାତ୍ରଙ୍କ ମଧ୍ୟରୁ ଗେଡ଼ା ଛାତ୍ର । ଯାହା ମଧ୍ୟରୁ ଉତ୍ତମଙ୍କ ଉଚ୍ଚତା ଥିଲା ମାତ୍ର ୪ ଫୁଟ ୧୧ ଇଞ୍ଚ । ହେଲେ ମନରେ ଥିଲା ଅଦମ୍ୟ ଆଶା ଓ ଆକାଂକ୍ଷା । ପିଲାବେଳୁ ଚାହୁଁଥିଲେ ଭବିଷ୍ୟତରେ ଜଣେ ସୈନିକ ହେବା ପାଇଁ । କିନ୍ତୁ ନିଜର ଶାରୀରିକ ଅଯୋଗ୍ୟତା ସାଜିଥିଲା ତାଙ୍କ ସ୍ୱପ୍ନରେ ପ୍ରତିବନ୍ଧକ ।

ସମୟର ସୁଅରେ ସବୁକିଛି ବଦଳି ଯାଏ । ଆଶା ହଜିଯାଏ, ପୁଣି କେତେବେଳେ ନିରାଶାର ବାଦଲ ଉହାଡ଼ାରୁ ଆଶାର କିରଣ ଉଙ୍କିମାରେ । ସମ୍ଭବ ଅସମ୍ଭବ ହୁଏ ତ ଅସମ୍ଭବ ବଦଳି ଯାଏ ସମ୍ଭବରେ । ବି.ଏସ୍.ସି. ପଢ଼ିବାର ଗୋଟିଏ ବର୍ଷ ପରେ ଉତ୍ତମ ପାଠପଢ଼ାର ଗତି ବଦଳାଇ ଦିଅନ୍ତି । କମର୍ସରେ ନାମ ଲେଖାଇ ବି.କମ୍. ପଢ଼ନ୍ତି । ଦୁଇ ବର୍ଷ ପଢ଼ିବା ପରେ ଶେଷ ବର୍ଷ ହଠାତ୍ ତାଙ୍କ ଦେହ ଅସୁସ୍ଥ ହୋଇଯାଏ । ଯେଉଁଥିପାଇଁ ସେ ପାଠ ପଢ଼ା ବନ୍ଦ କରି ଘରେ ସମ୍ପୂର୍ଣ୍ଣ ବିଶ୍ରାମ ନିଅନ୍ତି । ଏହି ବିଶ୍ରାମ ସମୟରେ ଫଳମୂଳ ଖାଇବା ସହିତ ସାମାନ୍ୟ ବ୍ୟାୟାମ କରିବା ଆରମ୍ଭ କରନ୍ତି ସେ । ଦେହ ଭଲ ହୋଇଯିବା ପରେ ବ୍ୟାୟାମର ସୁଫଳତା ଅନୁଭବ କରି ନିୟମିତ ବ୍ୟାୟାମ ବିଦ୍ୟାଳୟ ଯିବା ଆରମ୍ଭ କରିଦେଲେ ଉତ୍ତମ । ଯାହାଦ୍ୱାରା ତାଙ୍କ ମନରେ ତାଙ୍କର ଶାରୀରିକ ଅଯୋଗ୍ୟତାକୁ ନେଇ ଥିବା ଅବଶୋଷ ହଟିବାକୁ ଲାଗିଲା । ୪ ଫୁଟ ୧୧ ଇଞ୍ଚର ଉଚ୍ଚତା ବଢ଼ିଯାଏ ୫ ଫୁଟ ୯ ଇଞ୍ଚକୁ । ଏହି ଯୁବକ ଅବସ୍ଥାରେ ପାଠପଢ଼ା ସହିତ ଉତ୍ତମଙ୍କ ଅନ୍ୟାନ୍ୟ ପିଲାଳିଆମି ମଧ୍ୟ ଛାଡ଼ିଯାଇନଥାଏ । ପ୍ରତିଦିନ ନିଶ୍ଚୟ ଏକ ରୁ ଅଧିକ ଘଟଣା ଘଟାଇ ଚାଲିଥାଆନ୍ତି ସେ । ଯେଉଁଥିପାଇଁ ଏବେ ବି ତାଙ୍କ ନାଁରେ ୨୭ଟି ଫୌଜଦାରୀ ମାମଲା ରହିଛି ବୋଲି ହିସାବ କରି ସେ କହନ୍ତି । ଯୁବକ ଅବସ୍ଥାରେ ଅନେକ ଘଟଣା ମଧ୍ୟରୁ ଏଯାଏ କେତୋଟି ଘଟଣା ତାଙ୍କ ସ୍ମୃତିପଟ୍ଟରୁ ଅପସରି ଯାଇନି । କେତେବେଳେ କାହାର ଭୁଲ

Digitized by srujanika@gmail.com

ପାଇଁ କାହାକୁ ବିଚ୍ ରାସ୍ତାରେ ମାଡ଼ ମାରିଛନ୍ତି ତ କାହାକୁ ଘରେ ପଶି ଗାଳି କରିଛନ୍ତି । କିନ୍ତୁ ଏସବୁରେ ତାଙ୍କର ନା ଥିଲା କିଛି ସ୍ୱାର୍ଥ ନା ଷଡ଼ଯନ୍ତ୍ର । ଯାହା କିଛି ମାଡ଼ପିଟ କରୁଥିଲେ ସେସବୁ ତାଙ୍କ ଭାଇ ଓ ସାଙ୍ଗମାନଙ୍କ ପାଇଁ । କେହି ଯଦି ଅନ୍ୟାୟ ଭାବେ ତାଙ୍କ ସାଙ୍ଗ କିମ୍ବା ଭାଇଙ୍କୁ ଗାଳି କରୁଥିଲା କିମ୍ବା ଅଯଥାରେ କଷ୍ଟ ଦେଉଥିଲା ସେଥିରେ ଅସମ୍ଭାଳ ହୋଇ ଯାଉଥିଲେ ଉତ୍ତମ ।

ତଥାପି ଉତ୍ତମଙ୍କ ପ୍ରତି କାହାର ଭଲ ପାଇବା କମିନଥିଲା କିମ୍ବା କାହାର ସ୍ନେହ ଊଣା ହେବାର ନଥିଲା । ତାଙ୍କର ମନେପଡ଼େ– କଲେଜରେ ପଢ଼ିଲା ବେଳେ ଥରେ ଜଣେ ଲୋକକୁ ହଇରାଣ କରିବା ପାଇଁ ଚିନ୍ତା କରିଥିଲେ । ନିଜ ସାଙ୍ଗମାନଙ୍କ ସହିତ ମିଶି ବହୁ ପ୍ରକାର ଆଲୋଚନା ପରେ ନିଷ୍ପତ୍ତି ନିଆଗଲା ଯେ ସେ ଭଦ୍ରବ୍ୟକ୍ତିଙ୍କୁ ପାନେ ଦବାପାଇଁ ଗୋଟିଏ ବାଟ ହେଲା ତାଙ୍କ ଘର ଭିତରେ ଗୋଟିଏ ବୋମାରେ ନିଆଁ ଲଗାଇ ପକାଇଦେବା । ସମସ୍ତଙ୍କ ସମ୍ମତିକ୍ରମେ ଉତ୍ତମଙ୍କର ଏହି ପ୍ରସ୍ତାବଟି ପାଶ୍ କରିଥିଲା । କିନ୍ତୁ ଏ କାମଟି କରିବ କିଏ ? ବୋମାରେ ନିଆଁ ଲଗାଇ ଭଦ୍ରବ୍ୟକ୍ତିଙ୍କ ଘର ଭିତରକୁ ଫିଙ୍ଗିବାକୁ ଯିବ କିଏ ? ସର୍ବପ୍ରଥମେ ଯେଉଁ ଜଣକ ନାଁ ଉଠିଥିଲା ସେ ବୀର ଜଣକ ଥିଲେ ଉତ୍ତମ । ସେ ନିଜେ ବି ଏମିତି କାର୍ଯ୍ୟ କରିବାକୁ ପଛ ଘୁଞ୍ଚା ଦେଇନଥିଲେ । ଦିନ ଯାଇ ସଞ୍ଜ ହେଲା, ସଞ୍ଜପରେ ରାତି ପାଖେଇ ଆସିଲା । ଭଦ୍ରବ୍ୟକ୍ତିଙ୍କ ଘର ପାଖରେ । ହଠାତ୍ ବୋମା ଫୁଟିବାର ଶବ୍ଦ । ସମସ୍ତେ ତାଜୁବ୍ । ତା'ପରେ ଶୁଭିଲା ଜଣେ ଲୋକର ବିକଳ ଚିତ୍କାର । ଯେଉଁ ଶବ୍ଦ ଶୁଣି ଗୃହକର୍ତ୍ତା ଜଣକ ବାହାରକୁ ବାହାରି ଆସିଲେ । ଦେଖିଲେ କିଏ ଜଣେ ଯନ୍ତ୍ରଣାରେ ଛଟପଟ ହୋଇ ଚିତ୍କାର କରୁଛି । ଭଦ୍ରବ୍ୟକ୍ତି ଜଣକ ପାଖକୁ ଯାଇ ଯାହା ଦେଖିଲେ ଦୁଃଖରେ ଭାଙ୍ଗି ପଡ଼ିଲେ । ଆରେ ଇଏତ କୁନିଆଁ । ସେଦିନ ସେହି ବୋମାଟି ଉତ୍ତମଙ୍କ ନିଜ ମୁହଁ ପାଖରେ ହିଁ ଫୁଟି ଯାଇଥିଲା । ଯାହା ଫଳରେ କି ତାଙ୍କ ଆଖି ପତା ନାକ ପୋଡ଼ିଯିବା ସହ ରକ୍ତ ବାହାରିଥିଲା । ଯଦିଓ ଭଦ୍ରବ୍ୟକ୍ତି ଜଣଙ୍କ ଜାଣିପାରଲେ କୁନିଆଁ ଏ କାର୍ଯ୍ୟ ତାଙ୍କରି ଉଦ୍ଦେଶ୍ୟରେ କରୁଥିଲା, ତଥାପି ସେ ନିଜ ହାତରେ ଔଷଧ ଲଗାଇ ଦେଇଥିଲେ ଉତ୍ତମଙ୍କ ମୁହଁରେ । ସେଦିନର ସେ ଘଟଣା ମନେ ପଡ଼ିଲେ ଏବେବି ହସି ପକାନ୍ତି ଉତ୍ତମ । ଏମିତି କେତେ ଘଟଣା ସହିତ ସରିଯାଏ କଲେଜ ପଢ଼ା । ବଦଳି ଯାଏ ଜୀବନର ଶୈଳୀ । ଭବିଷ୍ୟତର ସଫଳ ମାନଚିତ୍ରଟିଏ

Digitized by srujanika@gmail.com

ଆଙ୍କିବା ପାଇଁ ନିଜକୁ ପ୍ରସ୍ତୁତ କରନ୍ତି ଉତ୍ତମ । ହେଲେ ବଞ୍ଚିବାର ଢ଼ଙ୍ଗ ସେମିତି ଥାଏ । ବି.କମ୍ ସରିବା ପରେ ବେଶି ପାଠ ପଢ଼ିବାର ଲକ୍ଷ୍ୟ ନେଇ ଚାର୍ଟାର୍ଡ଼ ଆକାଉଣ୍ଟାଣ୍ଟ କରିବାକୁ ସେ ଚାଲି ଯାଇଥିଲେ ଲୁଧିଆନା । ଯେଉଁଠି ରହୁଥାଆନ୍ତି ତାଙ୍କ ବଡ଼ ଭଉଣୀ ମୀରା ଓ ତାଙ୍କ ପରିବାର । ସେହିଠାରୁ ଆରମ୍ଭ ହୁଏ ତାଙ୍କ ଜୀବନର ଅନ୍ୟ ଏକ ଦିଗ । ୧୮ ବର୍ଷ ବୟସରେ ସେ ଲୁଧିଆନାରେ ପଢୁଥିଲା ବେଳେ ତାଙ୍କ ପାଖକୁ ପ୍ରଥମ ଡାକରା ଯାଇଥିଲା ଚଳଚ୍ଚିତ୍ରରେ ଅଭିନୟ କରିବାକୁ । କିନ୍ତୁ ସେ ମନା କରିଥିଲେ । ହେଲେ ଯାହାଙ୍କର ଭାଗ୍ୟରେ ଓଡ଼ିଆ ଚଳଚ୍ଚିତ୍ରର ଭାଗ୍ୟ ବନ୍ଧା, ସିଏ ବା କେମିତି ସେଥିରୁ ନିସ୍ତରି ଥାଆନ୍ତେ । ପଢ଼ିବା ବେଳେ ମାସଟିଏ ଛୁଟି କଟାଇବାକୁ ଘରକୁ ଆସିଥିବା ବେଳେ ପୁଣି ଥରେ ତାଙ୍କୁ ଅଭିନୟ କରିବାକୁ ଦୋହରାଇଥିଲେ ଅଭିନେତା ଓ ନିର୍ଦ୍ଦେଶକ ସାଧୁ ମେହେର । ଯାହାଙ୍କ ଅନୁରୋଧ ରକ୍ଷା କରି ଅଭିନୟ କରିବାକୁ ରାଜି ହୋଇଥିଲେ ଉତ୍ତମ । ତା'ପରେ ୧୯୭୬ ମସିହାରେ ସୁଟିଂ ଆରମ୍ଭ ହୋଇଥିଲା ଉତ୍ତମଙ୍କ ପ୍ରଥମ ଚଳଚିତ୍ର "ଅଭିମାନ" । ଏହା ୧୯୭୭ ମେ ମାସରେ ମୁକ୍ତିଲାଭ କରିଥିଲା । ପ୍ରଥମ ଚଳଚ୍ଚିତ୍ରର ପ୍ରଥ ଦିନର ଅନୁଭୂତି ବିଷୟରେ ମନେ କାଇ ସେ କହନ୍ତି– ଯଦିଓ ମୁଁ କଲେଜରେ ଅଭିନୟ କରୁଥିଲି, ହେଲେ ଚଳଚ୍ଚିତ୍ର ବିଷୟରେ ମୋର କୌଣସି ଜ୍ଞାନ ନଥିଲା କି ଚଳଚ୍ଚିତ୍ରରେ ଅଭିନୟ ବିଷୟରେ କୌଣସି ଧାରଣା ନଥିଲା । କ୍ୟାମେରା ଆଗକୁ ଆସିବା ପୂର୍ବରୁ ବାରିପଦାର କିଛି ଲୋକ ମୋତେ ଖୁବ୍ ଭୟଭୀତ କରିଥିଲେ । କିନ୍ତୁ ମୋର ପ୍ରଥମ ଫିଲ୍ମ ଅଭିମାନର ପ୍ରଥ ସଟ୍‌ଟି ଏକାଥରେ ଓକେ ହୋଇଥିଲା । ଯଦିଓ ଦ୍ୱିତୀୟ ସଟ୍‌ରେ ନିର୍ଦ୍ଦେଶକଙ୍କ କଥା ନମାନି ଘଣ୍ଟା ପିନ୍ଧିଥିଲି ତେଣୁ ମୋତେ ପୁଣି ଥରେ ସଟ୍ ଦେବାକୁ ପଡ଼ିଥିଲା । ଅଭିମାନ ଚଳଚ୍ଚିତ୍ରଟି ଏକ ସଫଳ ଚଳଚ୍ଚିତ୍ର ଭାବେ ଜନାଦୃତ ହୋଇଥିଲା ଏବଂ ଉତ୍ତମ ମହାନ୍ତି ଜଣେ ସଫଳ ଅଭିନେତା ବା ନାୟକ ଭାବେ ପରିଚିତ ହୋଇଥିଲେ । କିନ୍ତୁ ଏହାପରେ ମଧ୍ୟ ଆଉ ଅଭିନୟ ନକରିବାକୁ ସିଦ୍ଧାନ୍ତ ନେଇଥିଲେ ସେ । ପିଲାଦିନେ ସ୍କୁଲରେ ଗୀତିନାଟ୍ୟ ଓ ଦାସକାଠିଆ କରୁଥିବା ଉତ୍ତମଙ୍କ ରକ୍ତରେ ଥିବା ଅଭିନୟର ନିଶା କିନ୍ତୁ ତାଙ୍କୁ ତାଙ୍କ ସିଦ୍ଧାନ୍ତରେ ଉପନୀତ ହେବାକୁ ଦେଇନଥିଲା । ନିଜର ସୁନ୍ଦର ଚେହେରା ଯୋଗୁଁ କଲେଜ ଡ୍ରାମାରେ ବାଧ୍ୟ ହୋଇ ନାୟକ ସାଜୁଥିବା ଉତ୍ତମ ପରବର୍ତ୍ତୀ ସମୟରେ ସାଜିଲେ ଓଡ଼ିଆ ଚଳଚ୍ଚିତ୍ରର କିମ୍ବଦନ୍ତୀ ପୁରୁଷ ।

Digitized by srujanika@gmail.com

ପାଠରେ ଡୋରି ବାନ୍ଧି ଦେଇ ଅଭିନୟ କରିବାର ନିଷ୍ପତ୍ତି ନେବାପରେ । ବ୍ଲାକ୍ ଆଣ୍ଡ ହ୍ୱାଇଟ୍ (Black & White) ଯୁଗରୁ ଏଯାବତ୍ ଅଭିନୟ କରୁଥିବା ଉତ୍ତମ "ଅଭିମାନ" ଚଳଚ୍ଚିତ୍ର ପରଠାରୁ ଏଯାବତ୍ ଦୁଇଶହରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କଲେଣି । ଓଡ଼ିଆ ଚଳଚ୍ଚିତ୍ର ବ୍ୟତୀତ ତାଙ୍କର ଏକ ହିନ୍ଦୀ ଚଳଚ୍ଚିତ୍ର ମଧ୍ୟ ମୁକ୍ତି ଲାଭ କରିଥିଲା । ଯାହାର ନାଁ ଥିଲା 'ନୟା ଜହର', ଏହାର ନିର୍ଦ୍ଦେଶକ ଥିଲେ ସାଧୁ ମେହେର । ଏହି ଚଳଚ୍ଚିତ୍ରରେ ଉତ୍ତମଙ୍କ ବିପକ୍ଷରେ ଯଦିଓ ପାଞ୍ଚ ଜଣ ନାୟିକା ଥିଲେ ମୁଖ୍ୟ ଭୂମିକାରେ ଥିଲେ ଶତାବ୍ଦୀ ରାୟ । ଓଡ଼ିଆ, ହିନ୍ଦୀ ବ୍ୟତୀତ ବଙ୍ଗଳା ଚଳଚ୍ଚିତ୍ରରେ ମଧ୍ୟ ଉତ୍ତମ ଜଣେ ଆଗଧାଡ଼ିର ଅଭିନେତା । ଏଯାବତ୍ ସେ ୩୦ରୁ ଅଧିକ ବଙ୍ଗଳା ଚଳଚ୍ଚିତ୍ରରେ ଅଭିନୟ କରି ବହୁ ସମ୍ମାନରେ ସମ୍ମାନିତ । ବଙ୍ଗଳା ଫିଲ୍ମ ଭାଗ୍ୟଚକ୍ର ପାଇଁ ତାଙ୍କୁ ମିଳିଥିଲା Best Supporting Actor Award.

ଓଡ଼ିଶା ସରକାରଙ୍କ ପ୍ରଦତ୍ତ କଳାକ୍ଷେତ୍ରର ସର୍ବଶ୍ରେଷ୍ଠ ସମ୍ମାନ 'ଜୟଦେବ ପୁରସ୍କାର'କୁ ଯେଉଁ ଅଭିନେତା ସର୍ବପ୍ରଥମେ କନିଷ୍ଠ ଅଭିନେତା ଭାବେ ପାଇଛନ୍ତି ସେ ହେଲେ ଉତ୍ତମ ମହାନ୍ତି । ଯାହାକି ୧୯୯୯ ମସିହାରେ ମିଳିଥିଲା । ଏହା ବ୍ୟତିତ ଓଡ଼ିଶା ସରକାରଙ୍କ ଠାରୁ ତାଙ୍କୁ ପାଞ୍ଚ ଥର ମିଳିଛି ଶ୍ରେଷ୍ଠ ଅଭିନେତା ପୁରସ୍କାର । ଯଦିଓ ସେ ବହୁ ପୁରସ୍କାରର ଅଧିକାରୀ କିନ୍ତୁ ସେଗୁଡ଼ିକର ପ୍ରମାଣ ସାଇତି ରଖିବା ସମ୍ଭବ ହୋଇନି ବୋଲି ଦୁଃଖର ସହିତ କହନ୍ତି ସେ । ବାରମ୍ବାର ଘର ବଦଳାଇବା ଦ୍ୱାରା ସେ ସବୁ ହଜି ଯାଇଛି ବା ନଷ୍ଟ ହୋଇ ଯାଇଛି । ୧୯୯୭ ରୁ ନିଜେ ଘର କରିବା ଦିନ ଠାରୁ କିଛି ପୁରସ୍କାର ସାଇତି ରଖିଛନ୍ତି । ତଥାପି ପାଇଥିବା ପୁରସ୍କାର ଭିତରେ ଅଛି ବାଣିଚିତ୍ର ପୁରସ୍କାର, ଚିତ୍ରପୁରୀ ପୁରସ୍କାର, ଗୌର ଘୋଷ ମେମୋରିଆଲ ଆୱାର୍ଡ଼, ଚଳଚ୍ଚିତ୍ର ଜଗତ ତରଫରୁ ପ୍ରଦତ୍ତ ସିନେ କ୍ରିଟିକ୍ ପୁରସ୍କାର, ଚିତ୍ରପୁରୀ ତରଫରୁ ଲାଇଫ୍ ଟାଇମ୍ ପୁରସ୍କାର ଇତ୍ୟାଦି । ଏହା ବ୍ୟତିତ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ତାଙ୍କର ଅବଦାନ ନିମିତ୍ତ ୨୦୦୬ରେ ତାଙ୍କୁ ମିଳିଛି ସମ୍ମାନଜନକ 'ଇନ୍ଦିରାଗାନ୍ଧୀ ପ୍ରିୟଦର୍ଶିନୀ ଆୱାର୍ଡ଼' । ଏହି ଲମ୍ବା ଅଭିନେତା ଜୀବନରେ ଯଦିଓ ସେ ଦୁଇଶହରୁ ଅଧିକ ଚଳଚ୍ଚିତ୍ରର ନାୟକ, ସହନାୟକ ଓ ଚରିତ୍ର ଅଭିନେତା ଭାବେ ଅଭିନୟ କରିଛନ୍ତି । ତଥାପି ତାଙ୍କର ସେହି ପ୍ରଥମ ଚଳଚ୍ଚିତ୍ର ଅଭିମାନ ହିଁ ତାଙ୍କର ପ୍ରିୟ ଚଳଚ୍ଚିତ୍ର । ଅନେକ ଗୀତର ତାଳରେ ନାଚି ନାଚି ଦର୍ଶକଙ୍କୁ

Digitized by srujanika@gmail.com

ଦୋହଲାଉଥିବା ଉତ୍ତମଙ୍କର ପ୍ରିୟ ଗୀତଟି ମଧ୍ୟ ସେହି ଅଭିମାନ ଚଳଚ୍ଚିତ୍ରର 'ଭସା ମେଘ ମୁଁ ଯେ ଭାସିଯାଏ ଦୂରେ... ସେହି ଦୂର ପାହାଡ଼ର ଚୂଡ଼ା ଛୁଇଁରେ...' । ଅଭିମାନ ଫିଲ୍ମର ସେହି ଗୀତଟିକୁ ସେ ସୁବବେଳେ ଗୁଣୁଗୁଣୁ ଥାଆନ୍ତି । ଯଦିଓ ତା'ପୂର୍ବରୁ ତାଙ୍କର ପ୍ରିୟ ଗୀତଟି ଥିଲା 'ଗପ ହେଲେ ବି ସତ' ଚଳଚ୍ଚିତ୍ରର 'ଏ ବନର ଛାଇ ଯହିଁ ପ୍ରଥମ ପ୍ରେମ ସପନ...' ଗୀତଟି । ଦୁଇଶହରୁ ଅଧିକ ଚଳଚ୍ଚିତ୍ରରେ କେତେ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନାରେ କାମ କରିଥିବା ଉତ୍ତମଙ୍କ ପ୍ରିୟ ନିର୍ଦ୍ଦେଶକ ମଧ୍ୟ ଅଭିମାନ ଚଳଚ୍ଚିତ୍ରର ନିର୍ଦ୍ଦେଶକ ସାଧୁ ମେହେର । ଅଭିନେତା ହିସାବରେ ଉତ୍ତମଙ୍କ ବିଶେଷତ୍ୱ ହେଲା ଅଭିନୟକୁ ବାସ୍ତବତାର ଭାବ ଦେଇ ନିଖୁଣ ଭାବେ ସେ ଫୁଟାଇ ପାରନ୍ତି । କାନ୍ଦିବାର ଥିଲେ ସତ ସତିକା ଆଖିରୁ ଲୁହ ଗଡ଼ାନ୍ତିତ, ହସିବାର ଥିଲେ ସୁଟିଂ ସେଟ୍‌ର ଲୋକମାନେ ବି ହସିପକାନ୍ତି । ଦୌଡ଼ିବାର ଥିଲେ କ୍ୟାମେରା ତାଙ୍କ ସହ ଦୌଡ଼ି ପାରେନା ତ, ଚିନ୍ତା କରିବାର ଥିଲେ ସେଟ୍ ନୀରବ ହୋଇଯାଏ ।

ଉତ୍ତମ ମହାନ୍ତି ଓଡ଼ିଆ ମାଟିର ଜଣେ ଏମିତି କଳାକାର, ଯାହାଙ୍କ ବିଷୟରେ ସଂକ୍ଷେପରେ କହିବା ଏତେ ସହଜ ନୁହେଁ ।

ଏବେ କିଛିତ ତାଙ୍କର ବର୍ତ୍ତମାନର ପରିବାର କଥା: ପରିବାର କହିଲେ ସ୍ତ୍ରୀ ଅପରାଜିତା । ଯାହାଙ୍କୁ ଉତ୍ତମ ସ୍ନେହରେ ଟିକି ବୋଲି ଡାକନ୍ତି । ଓ ଏକମାତ୍ର ପୁଅ ତନ୍ମୟ । ଯେ କି ବାପାଙ୍କର ଆଦରର ବାବୁସାନ୍ । ଅପରାଜିତା ମଧ୍ୟ ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣେ ସଫଳ ଅଭିନେତ୍ରୀ । ଓଡ଼ିଶାର ଜନସାଧାରଣଙ୍କ ପାଖରେ ସେ ବି ହସି ହସାଉଥିବା ଓ କାନ୍ଦି କନ୍ଦାଉଥିବା ଚୁଲବୁଲି ନାୟିକା । ଯାହାଙ୍କ ବିନା ଓଡ଼ିଆ ଚଳଚ୍ଚିତ୍ର ସତେ ଯେମିତି ଫାଙ୍କା ଫାଙ୍କା ଲାଗେ । ଯାହାଙ୍କ ବିଷୟରେ ପଚାରିଲେ ଉତ୍ତମ କହନ୍ତି– ଯୁବକ ବୟସରେ ଅନେକ ଝିଅଙ୍କୁ ପ୍ରେମ ଫାଶରେ ପକାଇଥିଲେ ବି ଟିକିକୁ ନିଜର କରିବାକୁ ଦୀର୍ଘ ପାଞ୍ଚବର୍ଷ ଲାଗିଥିଲା । ସଉକରେ ଝିଅଙ୍କୁ ପ୍ରେମ କରିବାର ନିଶା ଓ ପ୍ରେମିକାମାନଙ୍କର ସଂଖ୍ୟା ବଢ଼ାଇବାରେ ଯେଉଁ ବାହାଦୂରୀ ଥିଲା ତାହା ହୁଏତ ବନ୍ଦ ହୋଇ ଯାଇଥିଲା ଅପରାଜିତା ଓରଫ ଟିକିଙ୍କୁ ଦେଖିଲା ପରେ । ଯଦିଓ ଉତ୍ତମ ମିଥୁନ ରାଶିର ମଣିଷ ଥିଲେ କିନ୍ତୁ କାମଦେବ ହେବାର ଇଚ୍ଛା ତାଙ୍କର ନଥିଲା । ବହୁ ଝିଅତାଙ୍କ ପ୍ରତି ଆକୃଷ୍ଟ ହେଉଥିଲେ ତେଣୁ ବହୁ କଥା ଶୁଣିବାକୁ ପଡୁଥିଲା । କିନ୍ତୁ ଏକଥା ସତ୍ୟ ସେ କେବେ ଦିଗହଜା ହୋଇନାହାନ୍ତି । ପିଲାଟି ଦିନରୁ

Digitized by srujanika@gmail.com

କଲେଜ ଗଲା ଯାଏଁ ପ୍ରତିଦିନ ମା'ଙ୍କ ସହ ମନ୍ଦିର ଯିବା ଅଭ୍ୟାସ ଓ ଈଶ୍ୱରଙ୍କ ପ୍ରତି ଥିବା ଭୟ ତାଙ୍କୁ କେବେ ବି ଅସତ୍, ଅନ୍ୟାୟ ଓ ପାପ ପଥର ପଥିକ କରିବାକୁ ସୁଯୋଗ ଦେଇନାହିଁ । ପ୍ରେମର ପରିଭାଷାକୁ ନେଇ ସେ କହନ୍ତି– ପ୍ରେମ ମୋ ପାଖରେ ସମ୍ପୂର୍ଣ୍ଣ ଭାଷାହୀନ ଓ ଏହା କେବଳ ଭଗବାନଙ୍କ ଆଶୀର୍ବାଦରୁ ହିଁ ମିଳିଥାଏ । ତେଣୁ ଜଣେ ପ୍ରକୃତ ପେମିକା ପସନ୍ଦ କରିବା ତାଙ୍କ ପାଇଁ କଷ୍ଟ ନଥିଲା । ଅପରାଜିତାଙ୍କୁ ଦେଖିବା ପରେ ତାଙ୍କ ପାଟିରୁ ହଠାତ୍ ବାହାରି ପଡ଼ିଥିଲା "ବାହା ହେବତ ଏମିତି ଝିଅକୁ" । ଯେତେବେଳେ ଉତ୍ତମ ଅପରାଜିତାଙ୍କୁ ପ୍ରଥମେ ଦେଖିଥିଲେ ସେତେବେଳକୁ ଅପରାଜିତା ଅଭିନୟ ଜଗତରେ ପାଦ ଦେଇନଥିଲେ କିମ୍ବା ଚଳଚ୍ଚିତ୍ର ସହିତ ସେ ଜଡ଼ିତ ବି ନଥିଲେ । ସେଥିଲେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଅନ୍ୟତମ ପ୍ରତିଷ୍ଠିତା ଅଭିନେତ୍ରୀ ମହେଶ୍ୱତାଙ୍କ ସମ୍ପର୍କୀୟା । ଥରେ ମହେଶ୍ୱତାଙ୍କ ସହ ଅଶାନ୍ତ ଗ୍ରହ ଚଳଚ୍ଚିତ୍ରର ସୁଟିଂ ଚାଲିଥିଲା ବେଳେ ହଠାତ୍ ମହେଶ୍ୱତାଙ୍କ ମା'ଙ୍କ ଦେହ ଅସୁସ୍ଥତା'ର ଖବର ମିଳିଲା । ସୁଟିଂରେ ଥିବା ଉତ୍ତମ ମଧ୍ୟ ମହେଶ୍ୱତାଙ୍କ ସହିତ ତାଙ୍କ ଘରକୁ ଯାଇଥିଲେ । ସେହିଠାରେ ହିଁ ପ୍ରଥମ କରି ଉତ୍ତମଙ୍କର ଦେଖା ହୋଇଥିଲା ଅପରାଜିତାଙ୍କ ସହିତ । ଆଖିରେ ଆଖି ମିଶିଲା ପରେ ସେ ଆଖିରେ କି ମନ୍ତ୍ର ଥିଲା କେଜାଣି ଅପରାଜିତାଙ୍କୁ ନିଜର ଜୀବନ ସାଥୀ କରିବା ପାଇଁ ସେହିଦିନରୁ ହିଁ ଭାବି ନେଇଥିଲେ ଉତ୍ତମ । ସ୍ୱଭାବରେ ସରଳା ଓ ଲାଜକୁଳୀ ଥିବା ଅପରାଜିତା କିନ୍ତୁ ଏ ବିଷୟରେ ଥିଲେ ନୀରବ । ତାଙ୍କ ମା'ଙ୍କ ଇଚ୍ଛା ଓ ପ୍ରସ୍ତାବ ଅନୁସାରେ ସେ ବିବାହ କରିବେ ବୋଲି ସିଧା ସିଧା ଜଣାଇ ଦେଇଥିଲେ । ଚଳଚ୍ଚିତ୍ରରେ ପ୍ରେମ କରି ଭିଲିଆନ୍ ଠାରୁ ମାଡ଼ ଖାଇ ପ୍ରେମରେ ବାଜିମାତ୍ କରୁଥିବା ଉତ୍ତମ ବାସ୍ତବ ପ୍ରେମରେ ବି ହାରିବାର ନଥିଲେ । ଯେଉଁଥି ପାଇଁ ସେ ଆଦୌ ହତାଶ ହୋଇନଥିଲେ କି ଭାଙ୍ଗି ପଡ଼ିନଥିଲେ । କାରଣ ତାଙ୍କର ବିଶ୍ୱାସ ଥିଲା ତାଙ୍କ ମନ ଉପରେ ଓ ବିଶ୍ୱାସ ଥିଲା ତାଙ୍କ ପ୍ରେମ ଉପରେ । ଅନେକ ଝିଅଙ୍କ ଭିତରୁ ଭଲ ଲାଗିଥିବା ଝିଅଟିକୁ ନିଜର କରିବାକୁ ସେ ଯେତିକି ଧୈର୍ଯ୍ୟହରା ହେଉଥିଲେ ସେତିକି ଧୈର୍ଯ୍ୟ ମଧ୍ୟ ଠୁଳ କରୁଥିଲେ । ସମୟ ଓ ସୁଯୋଗକୁ ଅପେକ୍ଷା କରୁ କରୁ ଏମିତି ଗୋଟିଏ ମୁହୂର୍ତ୍ତ ତାଙ୍କ ପାଖରେ ପହଞ୍ଚିଥିଲା ଯେଉଁଦିନ ସେ ଅପରାଜିତାଙ୍କ ମାଙ୍କୁ କଳିଙ୍ଗ ଷ୍ଟୁଡ଼ିଓରେ ଚଳଚ୍ଚିତ୍ର 'ଅଭିଳାଷ'ର ଡବିଂ ଚାଲୁଥିଲା ବେଳେ ମନକଥା କହିଥିଲେ । ସେ ଅପରାଜିତାଙ୍କୁ ଭଲ ପାଆନ୍ତି

Digitized by srujanika@gmail.com

ଓ ବିବାହ କରିବାକୁ ଚାହାଁନ୍ତି- ଏକଥା ସେଦିନ ଅପରାଜିତାଙ୍କ ମାଙ୍କୁ ସେ ସିଧା ସିଧା ନୀର୍ଭିକ ଭାବେ କହିଥିଲେ । ମନରେ ଉଠୁଥିଲା ଅନେକ ବିଯୁକ୍ତାତ୍ମକ ଭାବନାର ଢ଼େଉ । ହଁନାଇଁର ଯନ୍ତ୍ରଣାସିକ୍ତ ଅପେକ୍ଷା । ଜୀବନରେ ପ୍ରଥମ ଥର ଦୋଷୀ ପରି ଠିଆ ହୋଇଥିବା ଉତ୍ତମ ସେତେବେଳେ ଖୁସୀରେ ଆତ୍ମହରା ହୋଇପଡ଼ିଲେ ଯେତେବେଳେ ଶାଶୁମା ତାଙ୍କ ପ୍ରସ୍ତାବରେ ରାଜି ହୋଇଥିଲେ । ଯେହେତୁ ହରପ୍ରିୟା ଦେବୀଙ୍କର କୌଣସି ପୁତ୍ର ସନ୍ତାନ ନଥିଲେ ତେଣୁ ଉତ୍ତମଙ୍କୁ ସେ ଜ୍ୱାଇଁ ବଦଳରେ ପୁଅ ହେବାକୁ ଅନୁରୋଧ କରିଥିଲେ । ତା'ପରେ ବିବାହ । ଦୁଇଟି ଆତ୍ମାର ମିଳନ । ଅଭିନୟ ନୁହେଁ ବାସ୍ତବରେ ପରସ୍ପର ପ୍ରତି ଥିବା ଅହେତୁକ ଆକର୍ଷଣ ସୃଷ୍ଟିକରେ ପରପିଢ଼ି ପାଇଁ ଏକ ଉଦାହରଣ । ସୁଖି ସଂସାରର ଗାଡ଼ିଟାକୁ ଆଗକୁ ଗଡ଼ଉ ଗଡ଼ଉ ସେମାନେ କେବେ ଥକିପଡ଼ି ନାହାଁନ୍ତି କିମ୍ୱା ଅଟକି ଯାଇନାହାନ୍ତି । ସେମାନଙ୍କ ବ୍ୟସ୍ତ ବହୁଳ ଜୀବନରେ କେତେବେଳେ ଗୋଟିଏ ଚଳଚ୍ଚିତ୍ରରେ ଦୁଇଜଣଙ୍କୁ କାମ କରିବାର ଥାଏ ତ କେତେବେଳେ ନଥାଏ । କେଉଁ ଦିନ ସୁଟିଂ ସେଟ୍‌ରେ ଦେଖା ହୁଏତ କେବେ ଦୁଇଜଣଙ୍କୁ ଅଲଗା ଅଲଗା ସୁଟିଂରେ ଯାଇ ଦିନ କେତେଟା ଅଲଗା ରିହବାକୁ ହୁଏ । ତଥାପି ସଂସାରର ସଫଳ ସଂସାରୀ ସେମାନେ । ସଂସାରର ଆଉ ଏକ ମିଠା ମିଠା ଦାୟିତ୍ୱବୋଧ ବଢ଼ିଯାଏ ଯେତେବେଳେ ପୁଅ ବାବୁସାନ୍‌ର ଜନ୍ମହୁଏ । ଜଣେ ମେଧାବୀ ଛାତ୍ର ଭାବେ ବାବୁସାନ୍ ଏବେ ଡିଏଭି ପବ୍ଲିକ ସ୍କୁଲର ଦଶମ ଶ୍ରେଣୀର ଛାତ୍ର । ଯଦିଓ ବାବୁସାନ୍ ଇଂରାଜୀ ମିଡ଼ିୟମରେ ପାଠ ପଢ଼େ ତଥାପି ତାଙ୍କୁ ଓଡ଼ିଆ ବହି ପଢ଼ିବାକୁ ସବୁବେଳେ ବୁଝାନ୍ତି ବାପା । କାରଣ ଉତ୍ତମ ଓଡ଼ିଆର ଗେହ୍ଲାପୁଅ । ଏବେ ଓଡ଼ିଶାରେ ଏକ ନୂଆ ସମସ୍ୟାଶ ମୁଣ୍ଡ ଟେକିଛି । ଆଉ ଭିତରେ କିଛିଟା ହୀନମନ୍ୟତା ବସାବାନ୍ଧୁଛି । ନିଜର ଭାଷାକୁ ନେଇ ନିଜର ସ୍ଥିତିକୁ ନେଇ ଉତ୍ତମ ମହାନ୍ତି କିନ୍ତୁ ସମାଜରେ ନିଜକୁ ଠିକ୍ ଭାବେ ପ୍ରତିଷ୍ଠିତ କରିସାରିବା ପରେ ମଧ୍ୟ ଏ ସମସ୍ୟାରୁ ନିଜକୁ ମୁକ୍ତ ରଖିଛନ୍ତି । ଲୁଧିଆନାରେ ନିଜେ ପଢୁଥିବା ବେଳେ ହେଉ ବା ବାହାର ରାଜ୍ୟର ସୁଟିଂ ସେଟ୍‌ରେ ଅବା ଷ୍ଟୁଡ଼ିଓରେ ହେଉ । ନିଜକୁ ସଗର୍ବେ ପରିଚିତ କରାନ୍ତି ଜଣେ ଓଡ଼ିଆ ଭାବେ । ସେ ଜଣେ ଓଡ଼ିଆ ବୋଲି କହିବା ବେଳେ ଛାତି ଫୁଲି ଉଠେ ତାଙ୍କର ।

କଳାକାର, ଯାହାର ସ୍ୱପ୍ନର ଆକାର ନାହିଁ, ଯାହାର ଆକାଂକ୍ଷାର ପରିସୀମା ଅସୀମ । ଉତ୍ତମଙ୍କ ଜୀବନରେ ମଧ୍ୟ ଅନେକ ଆଶା । ବହୁ

Digitized by srujanika@gmail.com

ଚଳଚ୍ଚିତ୍ରରେ ଅଭିନୟ କରିଥିବା ଉତ୍ତମଙ୍କ ଆଶା ଯଦି କେବେ କୌଣସି ପ୍ରଯୋଜକ କିମ୍ବା ନିର୍ଦ୍ଦେଶକ ଚାହାଁନ୍ତି ତେବେ ସେ ଗୋବିନ୍ଦ ଦାସଙ୍କ ଲିଖିତ ଉପନ୍ୟାସ "ଅମାବାସ୍ୟାର ଚନ୍ଦ୍ର"ର ନାୟକ "କାଉଲ" ଭୂମିକାରେ ଅଭିନୟ କରିବେ । ଏହା ବ୍ୟତୀତ ଲୋକମାନଙ୍କ ସେବାରେ ନିଜକୁ ହଜାଇ ଦେବାକୁ ଚାହୁଁଥିବା ଉତ୍ତମଙ୍କ ଇଚ୍ଛା ବଞ୍ଚିଥିବା ଯାଏ ଅଭିନୟ କରିବାକୁ । କାରଣ କଳା ହିଁ ତାଙ୍କର ପ୍ରଥମ ପ୍ରେମିକା, ଅଭିନୟ ହିଁ ତାଙ୍କର ଜୀବନ ବୋଲି କହନ୍ତି ସେ ।

ଅଳ୍ପକେ ସମସ୍ତଙ୍କୁ ବିଶ୍ୱାସ କରୁଥିବା ଏହି ଅଦ୍ୱିତୀୟ ନାୟକଟିଏ ଭୀଷଣ ରାଗି । କିନ୍ତୁ ତାଙ୍କର ଏହି ରାଗ ଖୁବ୍ କମ ସମୟ ପାଇଁ । ଯଦି କାହାର ଭୁଲ ଥାଏ ତେବେ ସେ ସହଜରେ କ୍ଷମା କରନ୍ତି ନହିଁ । ନିଜର ଭୁଲ୍ ଥିଲେ ସଙ୍ଗେ ସଙ୍ଗେ କ୍ଷମା ମାଗି ନିଅନ୍ତି ଭୁଲ କରିଥିବା ଲୋକ ପାଖରେ ନହେଲେ ଭଗବାନଙ୍କ ପାଖରେ । କାହାର ଅନିଷ୍ଟ କଥା ସେ କେବେ ଚିନ୍ତା କରନ୍ତିନି । ମାତ୍ର ଅନ୍ୟାୟକୁ ସହିଯିବା ପରି ଭୀରୁତା ତାଙ୍କ ପାଖରେ ନାହିଁ । କେହି କେବେ ସାହାଯ୍ୟର ହାତ ପାତି ତାଙ୍କ ପାଖରେ ନିରାଶ ହୋଇନାହିଁ । ଯଥାସାଧ୍ୟ ସାହାଯ୍ୟ କରିବାକୁ ସେ କେବେ ବି ପଛଘୁଞ୍ଚା ଦିଅନ୍ତି ନାହିଁ । ଯୋର୍ କରି ବାଧ୍ୟ କଲେ ସେ କୁଟା ଖଣ୍ଡେ ଦିଖଣ୍ଡ କରନ୍ତିନି ସତ, ହେଲେ ସ୍ନେହରେ କହିଲେ ଯେତେ କଷ୍ଟ କାମ ହେଲେ ବି କରିବାକୁ ତାଙ୍କୁ ଭଲ ଲାଗେ । ସାପକୁ ଭୟ କରୁଥିବା ଉତ୍ତମ ଖଳ ଚରିତ୍ରର ଲୋକମାନଙ୍କୁ ମଧ୍ୟ ସାପ ପରି ଭୟ କରନ୍ତି । କାହାର ଦାରିଦ୍ର୍ୟତା ତାଙ୍କ ପାଇଁ ଅସହ୍ୟ । ଏକୁଟିଆ ରହିବାକୁ ଭୟ କରୁଥିବା ଏହି ଚରିତ୍ର ଖୁବ୍ ଭଲ ପାଆନ୍ତି ଶୋଇବାକୁ । ଜୀବନର ଏହି ୫୨ ଗୋଟି ପାହାଚର ଅତିକ୍ରମ ଭିତରେ ଅନେକ ସୁଖ ଦୁଃଖର ଅନୁଭୂତି ତାଙ୍କ ଜୀବନ ଖାତାରେ ଗୋଟିଏ ଗୋଟିଏ ଅକ୍ଷର ପରି ସାଇତା ହୋଇ ରହିଛି । ସେଥିମଧ୍ୟରୁ ଯେଉଁ ମୁହୂର୍ତ୍ତ ତାଙ୍କର ଅଭୁଲା ସେଥିରୁ ଗୋଟିଏ ସୁଖର ହେଲେ ଗୋଟିଏ ଦୁଃଖର । ପୁଅ ତନ୍ମୟର ଜନ୍ମ ତାଙ୍କ ପାଇଁ ସବୁଠାରୁ ଖୁସୀର ଦିନ ହୋଇଥିଲା ବେଳେ ବଡ଼ଭାଇ ଅରୁଣଙ୍କ ଅକାଳ ବିୟୋଗ ତାଙ୍କ ପାଇଁ ସବୁଠାରୁ ଦୁଃଖର ଦିନ ।

ତାଙ୍କ ମତରେ ଜୀବନ କେବଳ ହସିବା ପାଇଁ ନୁହେଁ କି ଯନ୍ତ୍ରଣା ବୋଲି ଭାବି ଦୟା ନଦୀ କୂଳରେ ସତପ୍ୟା କରିବାର ନୁହେଁ । ନିଜେ ହସିବାକୁ କାହା ଆଖିରେ ଲୁହ ଦେବାପାଇଁ ନୁହେଁ କିମ୍ବା ନିଜେ କାନ୍ଦି

Digitized by srujanika@gmail.com

କାହାକୁ ହସାଇବା ପାଇଁ ଅଭିନୟ କରିବାକୁ ନୁହେଁ । ଜୀବନଟା ଏକ ଦ୍ରବଣ ପରି ଯାହା ନାରୀ ଓ ପୁରୁଷ, ସୁଖ ଓ ଦୁଃଖ, ହସ ଓ ଲୁହର ସମ୍ମିଶ୍ରଣରେ ହିଁ ସାର୍ଥକ ହୁଏ । ସେ ପାପକୁ ଘୃଣା କରନ୍ତି କିନ୍ତୁ ପାପୀକୁ ଭଲ ପାଆନ୍ତି । ଅଯୋଗ୍ୟତାକୁ ଅପମାନ କରନ୍ତିନି ସତ ହେଲେ ଯୋଗ୍ୟତାକୁ ସମ୍ମାନ ଦେଇ ଜାଣନ୍ତି । ତାଙ୍କ ପାଖରେ ଗୋରା ରଙ୍ଗର ଛଅ ଫୁଟର ଲୋକଟିଏ ଯେତିକି ମର୍ଯ୍ୟାଦାରଖେ ଆଖି ଟାଣୁ ନଥିବା ଲୋକଟି ମଧ୍ୟ ସେତିକି ଆଦର ଲଭେ । ଚଳଚ୍ଚିତ୍ର ଜଗତର ବହୁ ମହାନ୍ ଅଭିନେତା, ଓଡ଼ିଶାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ବନ୍ଧୁ ହେବା ସହିତ ତାଙ୍କ ବାସଭବନ ଭୁବନେଶ୍ୱରସ୍ଥିତ ଜଗନ୍ନାଥ ବିହାରରେ ଅଛନ୍ତି ତାଙ୍କର ଆଉ କେତେଜଣ ବନ୍ଧୁ । ଯେଉଁମାନଙ୍କୁ ଦେଖିଲେ ଉତ୍ତମଙ୍କୁ ବହୁତ ଖୁସି ଲାଗେ ତ ଯେଉଁମାନେ ଉତ୍ତମଙ୍କୁ ଦେଖିଲେ ଖୁସିରେ ପାଗଳ ହୋଇଯାଆନ୍ତି । ଅବଶ୍ୟ ସେମାନଙ୍କ ବୟସ ୪ ରୁ ୫ ବର୍ଷ ଭିତରେ । ଉତ୍ତମ କେବଳ ନିଜ ପରିବାରର କଥା ବୁଝନ୍ତିନି, ବ୍ୟସ୍ତ ସମୟ ଭିତରେ ପେପରବାଲା ଠାରୁ ଆରମ୍ଭ କରି କ୍ଷୀରବାଲା, ମାଛବାଲାର ଅସୁବିଧା ବି ସେ ଦୂର କରିବାକୁ ସମୟ ଦିଅନ୍ତି । କାହା ଘରେ ରୋଗୀଟିଏ ପଡ଼ିଥିବାର ଖବର ପାଇଲେ ସୁଟିଂକୁ ନଯାଇ ତାକୁ ନିଜ ଗାଡ଼ିରେ ନେଇ ଡାକ୍ତର ଦେଖାନ୍ତି, ରୋଗୀର ମୁଣ୍ଡରେ ଦୁଇ ହାତ ଥୋଇ ଆଶ୍ୱାସନା ଦେଇ କହନ୍ତି– ତମର କିଛି ହେବନି, ତମେ ଭଲ ହୋଇଯିବ ।

ମୋଟ ଉପରେ କହିବାକୁ ଗଲେ ଚଳଚ୍ଚିତ୍ରର ନାୟକ ଉତ୍ତମ ମହାନ୍ତି ବାସ୍ତବ ଜୀବନରେ ବି ଠିକ୍ ନାୟକ ପରି । ସମସ୍ତଙ୍କୁ ସେ ଗୋଟିଏ କଥା କହନ୍ତି– 'ଆମ ସମସ୍ତଙ୍କର ମନ ଓ ହୃଦୟ ସବୁବେଳେ ଖୋଲା ରହିବା ଉଚିତ୍ । କେହି କାହାକୁ ସନ୍ଦେହ କରିବା ଅନୁଚିତ୍ କିମ୍ବା ପ୍ରତ୍ୟକ୍ଷରେ ଗୋଟିଏ କଥା କହି ପରୋକ୍ଷରେ ଆଉ ଗୋଟିଏ କଥା କହିବା ଅନୁଚିତ । ଯେଉଥିପାଇଁ ସେ ନିଜ ପୁଅ ବାବୁସାନଙ୍କୁ ମଧ୍ୟ ଠିକ୍ ତାଙ୍କରି ପରି ଗଢ଼ିବାକୁ ଚାହାଁନ୍ତି । ଯେ କି ତା' ମନରେ କିଛି କଥା ଲୁଚାଇ ରଖିବାକୁ ଚେଷ୍ଟା ନ କରିବା ସହିତ ବୁଝି ପାରୁଥିବ ପ୍ରତ୍ୟେକ ମଣିଷ ମନରେ, ହୃଦୟରେ ଥିବା କିଛି ଅକୁହା କଥାକୁ ।

ସଂକ୍ଷେପରେ ଉତ୍ତମ ମହାନ୍ତି......

ନାମ	ଉତ୍ତମ ମହାନ୍ତି (କୁନିଆଁ)
ଜନ୍ମ	୨୯.୦୪.୧୯୫୫

Digitized by srujanika@gmail.com

ପିତା	:	୰ ଗୋପାଳ ଚରଣ ମହାନ୍ତି
ମାତା	:	୰ କାମିନୀ କୁସୁମା ମହାନ୍ତି
ଠିକଣା		ଗ୍ରାମ- ପୁରୁଣାହାଟ ସାହି ପୋଷ୍ଟ- ବାରିପଦା ଜିଲ୍ଲା- ମୟୁରଭଞ୍ଜ
ସ୍ତ୍ରୀ		ଅପରାଜିତା ମହାନ୍ତି (ଟିଁକି)
ପୁଅ		ତନ୍ମୟ ମହାନ୍ତି (ବାବୁସାନ୍)
ପ୍ରଥମ ଚଳଚ୍ଚିତ୍ର		ଅଭିମାନ
ପ୍ରିୟ ଚଳଚ୍ଚିତ୍ର		ଅଭିମାନ
ପ୍ରିୟ ଗୀତ		ଭସା ମେଘ ମୁଁ ଯେ... (ଅଭିମାନ)
ପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ	:	ରାଧାକୃଷ୍ଣ ଭଞ୍ଜ ଓ ସରୋଜ ପଟ୍ଟନାୟକ
ପ୍ରିୟ ଚଳଚ୍ଚିତ୍ର ନିର୍ଦ୍ଦେଶକ	:	ସାଧୁ ମେହେର
ପ୍ରିୟ ହିନ୍ଦୀ ଅଭିନେତା	:	ଅମିତାଭ ବଚନ
ପ୍ରିୟ ହିନ୍ଦୀ ଅଭିନେତ୍ରୀ		ସ୍ମିତା ପାଟିଲ
ପ୍ରିୟ ଓଡ଼ିଆ ଅଭିନେତା	:	ବିଜୟ ମହାନ୍ତି
ପ୍ରିୟ ଓଡ଼ିଆ ଅଭିନେତ୍ରୀ	:	ଅପରାଜିତା ଓ ମହେଶ୍ୱତା
ପ୍ରିୟ ରଙ୍ଗ		ଧଳା
ପ୍ରିୟ ଖାଦ୍ୟ		ସବୁ ଖାଦ୍ୟ
ପ୍ରିୟ ମଣିଷ		୰ ଅରୁଣ ମହାନ୍ତି (ବଡ଼ଭାଇ)

✡✡✡

Digitized by srujanika@gmail.com

ବିଶିଷ୍ଟ ଆଇନଜ୍ଞ ଓ ସୁ-ସାହିତ୍ୟିକ ବିନୋଦବିହାରୀ

ଶ୍ରୀ ମହେଶ୍ୱର ମୂଳିଆ

ଉତ୍କଳ ପ୍ରସିଦ୍ଧ ବନମାଳୀପୁର ହାଟ ଓଡ଼ିଆଙ୍କର ଗୌରବମୟ ଐତିହ୍ୟ ବହନ କରୁଥିବା ପ୍ରାଚୀନଦୀ କୂଳରେ ଅବସ୍ଥିତ । ବନମାଳିପୁରରୁ ଖୋଜେ ବାଟରେ ଅଠାନ୍ତର; ତା'ପରେ କେଇ ପାହୁଲ ଗଲେ ପଡ଼େ କଳିଯୋଡ଼ି ବାଗଲପୁର । କଟକ ଜିଲ୍ଲାର ବାଗଲପୁରକୁ 'ସାଇବିରି ବାଗଲପୁର' କହନ୍ତି । ଏହି ଗାଁରୁ ବିନୋଦ ବିହାରୀଙ୍କ ବଂଶ ବୁନିଆଦ୍ ଗଢ଼ି ଉଠିଥିଲା । ତାଙ୍କ ବାପା, ଜେଜେବାପା ପୁରୁଷାନୁକ୍ରମେ ଏଇ ଗାଁ ମାଟିରେ ଜନ୍ମ ହୋଇ ଦୌଡ଼ି ବୁଲୁଥିଲେ । ଆଜି ସେ ଗାଁ, ଗାଁ ହୋଇ ନାହିଁ, କାଁଭାଁ କେତେ ଜଣଙ୍କୁ ଛାଡ଼ି ଦେଲେ ଆଉ କେହି ନାହାଁନ୍ତି । କିଏ କେଉଁଠି ଦେଶ ବିଦେଶରେ ବିକ୍ଷିପ୍ତ ହୋଇ ପଡ଼ିଛନ୍ତି ।

ଗାଁ ଭିତରକୁ ଯିବା ପାଇଁ ଯେଉଁ ରାସ୍ତାଟି ପ୍ରଧାନ ସଡ଼କକୁ ଛୁଇଁଛି, ତା'ର ବାଁ କଡ଼ରେ କେଉଁ କାଳରେ ଭଙ୍ଗା ଦେଉଳ । ତା'ରି ଡାହାଣ କଡ଼ରେ 'ବିପିନ ବିହାରୀ ହାଇସ୍କୁଲ' ଦଣ୍ଡାୟମାନ ।

ବିନୋଦ ବିହାରୀଙ୍କ ପିତା ବିପିନ ବିହାରୀ ଦାସ (ଆବିର୍ଭାବ- ୨୧.୧୦.୧୯୦୧) ମାତ୍ର ୫୨ ବର୍ଷ ବୟସରେ ୩୦.୧୧.୧୯୫୩ ମସିହାରେ ସ୍ୱର୍ଗାରୋହଣ କରିଥିଲେ । ତାଙ୍କରି ନାମାନୁସାରେ ୧୯୬୭ ମସିହା ଜୁନ୍ ୨୦ ତାରିଖ ଦିନ ବିନୋଦ ବାବୁଙ୍କ ଜେଜେ ଜଷ୍ଟିସ୍ ରାଜକିଶୋର ଦାସଙ୍କ ପରାମର୍ଶ କ୍ରମେ ବିନୋଦ ବିହାରୀ ଏହି ହାଇସ୍କୁଲଟି ସ୍ଥାପନ କରିଥିଲେ । ଜଷ୍ଟିସ୍ ରାଜକିଶୋର ଦାସ କହିଥିଲେ- "ମୋର ପିତା ବାଞ୍ଛାନିଧି ଓ ବିପିନ୍ ବିହାରୀ ଉଭୟେ ଉଭୟଙ୍କର ଅତି ପ୍ରିୟ ଥିଲେ । ବସ୍ତୁତଃ ବାପା ବିପିନର କୋଳରେ ଶେଷ ନିଃଶ୍ୱାସ ତ୍ୟାଗ

Digitized by srujanika@gmail.com

କରିଥିଲେ । ବିପିନ ତାଙ୍କୁ ଟିକି ଜେଜେ ବୋଲି ଡାକୁଥିଲେ । ମୋ ବାପାଙ୍କ ନାମାନୁସାରେ 'ବାଞ୍ଛାନିଧି ମାଇନର ସ୍କୁଲ' ୧.୯.୧୯୬୬ ମସିହାରେ ପ୍ରଧାନ ସଡ଼କର ବାଁ କଡ଼ରେ ସ୍ଥାପିତ ହୋଇଛି । ତେଣୁ ହାଇସ୍କୁଲର ନାମକରଣ ବିନୋଦର ବାପା 'ବିପିନ ବିହାରୀ'ଙ୍କ ନାମାନୁସାରେ ହେଉ, ତାହେଲେ ଜେଜେ-ନାତି ପ୍ରଧାନସଡ଼କର ଦି' କଡ଼ରେ ଚାହାଁଚୁହିଁ ହୋଇ କାଳକାଳକୁ ବସିଥିବେ । ଏଥିପାଇଁ ବିନୋଦକୁ କୁହ, ସେ ଚାହିଁଲେ ଏହା ସହଜରେ କରିପାରିବେ ।"

ଜେଜେଙ୍କ ଜରିଆରେ ଗାଁ'ର ମୁଖିଆମାନେ ବିନୋଦ ବାବୁଙ୍କ ପାଖକୁ ଆସି "ବିପିନ ବିହାରୀ ଉଚ୍ଚ ବିଦ୍ୟାଳୟ" ନିର୍ମାଣ କରିବାକୁ ଆର୍ଥିକ ସାହାଯ୍ୟ ପାଇଁ ଅଡ଼ିବସିଲେ । ସେ ଖୁସିରେ ସେତେବେଳେ ତାଙ୍କ ପାଖରେ ଯାହା ଥିଲା ସେଥିରୁ ଖର୍ଚ୍ଚ ପାଇଁ ୫୦୦ ଟଙ୍କା ରଖି ବାକି ସବୁତକ ଟଙ୍କା ସେମାନଙ୍କ ହାତକୁ ବଢ଼ାଇ ଦେଇଥିଲେ । ଏହି ଶିକ୍ଷା ଅନୁଷ୍ଠାନର ରଜତ ଜୟନ୍ତୀ ୧୯୯୬ ମସିହା ମେ' ମାସରେ ଖୁବ୍ ଧୁମ୍‌ଧାମରେ ପାଳିତ ହୋଇଥିଲା ।

ବିପିନ ବିହାରୀ କିଛି ବର୍ଷ ପାଇଁ ସାକ୍ଷୀଗୋପାଳ ବନବିଦ୍ୟାଳୟର ଛାତ୍ର ଥିଲେ । ଆଚାର୍ଯ୍ୟ ହରିହର ଦାଶ ଏବଂ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ସହିତ ତାଙ୍କର ଘନିଷ୍ଠତା ଥିଲା । ୧୯୩୮-୩୯ ମସିହାରେ ଆଚାର୍ଯ୍ୟ ହରିହର ବହୁବାର ବାରିପଦା ଆସି ତାଙ୍କ ଘରେ ଅବସ୍ଥାନ କରୁଥିଲେ । ପଣ୍ଡିତ ଗୋଦାବରୀଶ ଓଡ଼ିଶାର ମନ୍ତ୍ରୀ ଥିଲାବେଳେ, ତାଙ୍କ ଅନୁରୋଧ କ୍ରମେ କଳିଯୋଡ଼ି ବାଗଲପୁର ପରିଦର୍ଶନରେ ଆସିଥିଲେ । ତାଙ୍କ ଶିକ୍ଷାଗତ ଯୋଗ୍ୟତା ମାତ୍ର ନବମଶ୍ରେଣୀ ପର୍ଯ୍ୟନ୍ତ ଥିଲା । ସେ କିଛି ବର୍ଷ ବ୍ରହ୍ମପୁରରୁ ପ୍ରକାଶ ପାଉଥିବା ଶଶୀଭୂଷଣ ରଥଙ୍କ 'ଦୈନିକ ଆଶା' ଖବର କାଗଜର ବ୍ରହ୍ମପୁର ଷ୍ଟେସନରେ ହକର ଥିଲେ । ହକର କାମ ଛାଡ଼ିଲା ପରେ ମୋହନ ଚରଣ ଗୋସ୍ୱାମୀଙ୍କ ଥିଏଟର ପାର୍ଟିରେ ବଂଶୀବାଦକ ଭାବରେ ସାମିଲ ହୋଇ ଅନେକ ଦିନ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ ।

ଓଡ଼ିଶାର ବରିଷ୍ଠ ତଥା ଖ୍ୟାତନାମା ବାରିଷ୍ଟର ବୀରେନ୍ଦ୍ର ମୋହନ ପଟ୍ଟନାୟକଙ୍କ ପିତା ବଂଶୀଧର ପଟ୍ଟନାୟକ ୧୯୨୨-୨୩ ମସିହାରେ ମୟୂରଭଞ୍ଜ ରାଜସରକାରଙ୍କର ଆୟକର ଓ ଅବକାରୀ ଅଫିସ୍‌ର ଥିଲେ । ସେ ତାଙ୍କ ଅଫିସରେ ବିପିନ ବିହାରୀଙ୍କୁ ଆଠଟଙ୍କା ବେତନରେ ନିଯୁକ୍ତି ଦେଇ ବାରିପଦା ଆଣିଥିଲେ ।

Digitized by srujanika@gmail.com

ସେ ବଂଶୀଧର ବାବୁଙ୍କ ଦୁଇପୁଅ ବୀର (ବୀରେନ୍ଦ୍ରମୋହନ ପଟ୍ଟନାୟକ) ଓ ସୁର (ସୁରେନ୍ଦ୍ରମୋହନ ପଟ୍ଟନାୟକ)ଙ୍କୁ ଟିଉସନ କରି କିଛି ଅର୍ଥ ପାଉଥିଲେ । ଏହି ସମୟରେ ନାଟ୍ୟଗୁରୁ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ ବହୁବାର ବାରିପଦା ଆସି ବଂଶୀଧର ବାବୁଙ୍କ ଘରେ ଅତୀଥି ହେଉଥାଆନ୍ତି । ଏତିକିବେଳେ ବିପିନ ବାବୁ କାଳିବାବୁଙ୍କ ବାରିପଦା ଓ ଆଖପାଖ ଅଞ୍ଚଳର ଦର୍ଶନୀୟ ସ୍ଥାନମାନ ବୁଲାଇ ଦେଖାଉଥିଲେ । କବିଚନ୍ଦ୍ର ପରବର୍ତ୍ତୀ କାଳରେ ତାଙ୍କର ଜୀବନୀ 'କୁମ୍ଭାରଚକ' ଗ୍ରନ୍ଥରେ ଏହା ଉଲ୍ଲେଖ କରିଛନ୍ତି ।

୧୯୨୬ ମସିହାରେ ବିପିନ ବିହାରୀଙ୍କ ବିବାହ ସ୍ୱାଧୀନତା ସଂଗ୍ରାମୀ, ଭୂଦାନ କର୍ମୀ ତଥା କଟକ ଥୋରିଆ ସାହିର 'ଗୁଣନିଧି ଭବନ'ର ସ୍ରଷ୍ଟା ଗୁଣନିଧିମହାନ୍ତିଙ୍କ ଝିଆରୀ 'ଚନ୍ଦ୍ରମଣି'ଙ୍କ ସହିତ ହୋଇଥିଲା । ତାଙ୍କ ବଡ଼ଭାଇ କ୍ଷେତ୍ରମୋହନ ଦାସ ସେତେବେଳର ମାଟ୍ରିକୁଲେଟ୍ ଏବଂ ସେଟେଲମେଣ୍ଟ ଅଫିସରେ ହେଡ୍‌କ୍ଲର୍କ ଥିଲେ । ତାଙ୍କର ସନ୍ତାନ ସନ୍ତତି ନଥିଲା । ବିପିନ୍‌ବାବୁ ବାହା ହେବାର ୫ ବର୍ଷ ବିତିଗଲେ ମଧ୍ୟ ପିଲାପିଲି ନହେବାରୁ ତାଙ୍କୁ ଆଉ ଥରେ ବାହା କରାଇବାକୁ ଉଦ୍ୟମ ହୋଇଥିଲା । ଏସବୁ ଦେଖି ବିପିନ ବିହାରୀଙ୍କ ପତ୍ନୀ ଚନ୍ଦ୍ରମଣି କଟକର 'ବିନୋଦବିହାରୀ'ଙ୍କ ପାଠରେ ଅଧିଆ ପଡ଼ିଲେ । 'ବିନୋଦବିହାରୀ ଜୀଉ'ଙ୍କ ଉପରେ ତାଙ୍କର ଅଗାଧ ବିଶ୍ୱାସ ଥିଲା । ତାହା ତାଙ୍କ ସ୍ୱାମୀ ବିପିନ ବିହାରୀଙ୍କ ଦ୍ୱିତୀୟବାର ବିବାହର ଉଦ୍ୟମକୁ ପଣ୍ଡ କରିଦେଇ ଥିଲା । ୧୯୩୧ ମସିହା ଅଗଷ୍ଟ ୨୩ ତାରିଖ ଦିନ ବାରିପଦା ଠାରେ ତାଙ୍କର ପୁତ୍ର ସନ୍ତାନଟିଏ ପ୍ରାପ୍ତ ହୋଇଥିଲା । ତେଣୁ ସେଇ ପିଲାଟିର ନାମକରଣ ହୋଇଥିଲା 'ବିନୋଦବିହାରୀ' ।

ବିନୋଦବିହାରୀଙ୍କ ପରେ ଆଉ ତିନିଭଉଣୀ ଓ ଗୋଟିଏ କୋଡ଼ପୋଛା ଭାଇ ଜନ୍ମ ହୋଇଥିଲେ । ସେମାନଙ୍କର ନାମ ଯଥାକ୍ରମେ ବୀଣାପାଣି, ବିଦ୍ୟୁଲତା, କୃଷ୍ଣା ଓ ବିଜନ ।

ବିନୋଦବିହାରୀଙ୍କ ୫ବର୍ଷ ବୟସରେ ବାରିପଦା 'ଗୁରୁ ଟ୍ରେନିଂ ସ୍କୁଲ'ରେ ତାଙ୍କ ବାପା ଦ୍ୱିତୀୟ ଶ୍ରେଣୀରେ ନାଁ ଲେଖେଇ ଦେଲେ । ସେତେବେଳେ ସେ ଅତି ଡରୁକୁଳା ଥିଲେ । ସ୍କୁଲରେ ପିଲାମାନେ ଅଲଗା ଅଲଗା ମସିଣା ଉପରେ ବସି ପଢୁଥିଲେ । ପରିଶ୍ରା ମାଡ଼ିଲେ ମାଷ୍ଟ୍ରେଙ୍କୁ ସାନ ପାସ ମାଗିବାକୁ ପଡୁଥିଲା । ବିନୋଦବିହାରୀ ଡରରେ ମାଷ୍ଟ୍ରେଙ୍କୁ

Digitized by srujanika@gmail.com

କିଛି କହି ପାରୁନଥିଲେ । ତେଣୁ ତାଙ୍କ ବାପା ବିନୋଦବିହାରୀଙ୍କୁ ସ୍କୁଲରୁ ଉଠେଇ ଆଣିଲେ ।

ଏଣିକି ସେ ଘରେ ଟିଉସନ୍ ମାଷ୍ଟ୍ରଙ୍କ ପାଖରେ ପଢ଼ିଲେ । ୧୯୩୯ ମସିହାରେ ବାପା ତାଙ୍କୁ 'ବାରିପଦା ହାଇସ୍କୁଲ' (ଅଧୁନା ମହାରାଜା କୃଷ୍ଣଚନ୍ଦ୍ର ହାଇସ୍କୁଲ)ର ୪ର୍ଥ ଶ୍ରେଣୀରେ ନାଁ ଲେଖେଇ ଦେଲେ । ସେତେବେଳେ ପଣ୍ଡିତ ଧ୍ୟାନ ମାଷ୍ଟ୍ରେ ୪ର୍ଥ ଶ୍ରେଣୀରେ ଓଡ଼ିଆ ସାହିତ୍ୟ ପଢ଼ାଉଥିଲେ । ବିନୋଦବିହାରୀ ଓଡ଼ିଆ ସାହିତ୍ୟରେ ଦୁର୍ବଳ ଥିବାରୁ ପଣ୍ଡିତେ ତାଙ୍କ ପିଠିରେ ପ୍ରଚଣ୍ଡ ବିଧା କଷି ଦେଉଥିଲେ, ଏହା ତାଙ୍କୁ ଅସହ୍ୟ ହେଉଥିଲା । ମାଡ଼ରୁ ରକ୍ଷା ପାଇବା ପାଇଁ ସେ ବଙ୍ଗଳା ସାହିତ୍ୟ କ୍ଲାସ୍‌ରେ ଯାଇ ବସିଲେ । ସେତେବେଳେ ମୟୂରଭଞ୍ଜ ମହାରାଜାଙ୍କର ଜମିଦାରୀ, ନୟାବସାଣର ବାସିନ୍ଦା ତରେନ୍ଦ୍ରନାଥ ଦାସ ବଙ୍ଗଳା ପଢ଼ାଉଥିଲେ । ସେ ବିନୋଦବିହାରୀଙ୍କୁ ଖୁବ୍ ସ୍ନେହ ଓ ଶ୍ରଦ୍ଧାରେ ବଙ୍ଗଳା ପଢ଼ାଇବାକୁ ଲାଗିଲେ । ବିଧାମାଡ଼ରୁ ତ୍ରାହି ମିଳିଲା । ପ୍ରଖ୍ୟାତ ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦ ସେତେବେଳେ ବାରିପଦା ସ୍କୁଲ୍‌ରେ ଶିକ୍ଷକତା କରୁଥିଲେ । ଏକା ଅଞ୍ଚଳର ବୋଲି ତାଙ୍କ ସହିତ ବିପିନ ବାବୁଙ୍କର ଖୁବ୍ ସଦ୍‌ଭାବ ଥିଲା । ପ୍ରଥମ ଟରମିନାଲ୍ ପରୀକ୍ଷା ପରେ ରାମକୃଷ୍ଣ ନନ୍ଦ ବିନୋଦବିହାରୀଙ୍କ ବଙ୍ଗଳା ପଢୁଥିବାର ଖବର ତାଙ୍କ ବାପାଙ୍କୁ ଜଣାଇଲେ । ଏଥିରେ ତାଙ୍କ ବାପା ବୋଉ ବିରକ୍ତ ହୋଇଥିଲେ । ରାମକୃଷ୍ଣ ନନ୍ଦଙ୍କ ଜରିଆରେ ପଣ୍ଡିତଙ୍କୁ ସବୁ କଥା କୁହାଗଲା । ତା'ପରେ ସବୁ ଠିକ ଠାକ୍ ଚାଲିଲା । ଏଣିକି ବିନୋଦ ଓଡ଼ିଆ କ୍ଲାସ୍‌ରେ ପଢ଼ିଲେ-ଧ୍ୟାନମାଷ୍ଟ୍ରେ ଆଉ ମାଡ଼ ଦେଲେ ନାହିଁ ।

ଅଷ୍ଟମ ଓ ନବମ ଶ୍ରେଣୀରେ ପଢୁଥିଲା ବେଳେ ସେ ଲୋକରନ୍ ଡକ୍ଟର କୁଞ୍ଜବିହାରୀ ଦାସ ଓ ବିଖ୍ୟାତ ଶିଶୁ ସାହିତ୍ୟ ସ୍ରଷ୍ଟା ରାମକୃଷ୍ଣ ନନ୍ଦଙ୍କ ଶିଷ୍ୟତ୍ୱ ଲାଭ କରିବାର ସୁଯୋଗ ପାଇଥିଲେ ।

୧୯୪୬ ମସିହାରେ ମାଟ୍ରିକୁଲେସନ୍ ପାସ୍ କଲେ । ସେଇବର୍ଷ ରେଭେନ୍‌ସା କଲେଜ୍‌ରେ ପ୍ରଥମ ବାର୍ଷିକ ବିଜ୍ଞାନରେ ଆଡ଼ମିସନ ନେଲେ । ସେ ସମୟରେ ବିଜ୍ଞାନ ପାଠ୍ୟକ୍ରମରେ ଓଡ଼ିଆ ସାହିତ୍ୟ ନଥିଲା । ତେଣୁ ମ୍ୟାଟ୍ରିକ୍ ପରେ ଓଡ଼ିଆ ସାହିତ୍ୟ ଆଉ ପଢ଼ିବାକୁ ସୁଯୋଗ ପାଇଲେ ନାହିଁ । ସଂସ୍କୃତ କେବଳ ଗୋଟିଏ ବର୍ଷ ପାଇଁ ଅଷ୍ଟମ ଶ୍ରେଣୀର ପାଠ୍ୟକ୍ରମରେ ଥିଲା । ନବମ ଶ୍ରେଣୀ ବେଳକୁ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ଥାପିତ ହେଲା । ଫଳରେ ଶିକ୍ଷାବର୍ଷ ଓ ପାଠ୍ୟକ୍ରମ ବଦଳି ଗଲା । ବାଧ୍ୟତାମୂଳକ ସଂସ୍କୃତ

Digitized by srujanika@gmail.com

ନବମରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ରହିଲା ନାହିଁ । କେବଳ ଇଚ୍ଛାଧୀନ ବିଷୟ ହୋଇ ରହିଲା । ବିନୋଦ ବାବୁ ଗଣିତକୁ ଇଚ୍ଛାଧୀନ ବିଷୟ ଭାବେ ନେଲେ । ତେଣୁ ସଂସ୍କୃତ ସାହିତ୍ୟ ଅଧ୍ୟୟନ କରିବାର ଅବକାଶ ମଧ୍ୟ ପାଇନଥିଲେ । ଓଡ଼ିଆରେ ର-୦ କରି ପାସ୍ ନମ୍ବର ରଖୁଥିଲେ ।

ଓଡ଼ିଶାର ଯେଉଁ ବରପୁତ୍ରମାନେ ସେତେବେଳେ ତାଙ୍କ ସହିତ ବାରିପଦା ହାଇସ୍କୁଲରେ ପଢୁଥିଲେ ସେମାନେ ହେଲେ ଗୀତିକାର ଶିବବ୍ରତ ଦାସ (ମୁନାଭାଇ), କବି ଓ ଗୀତିକାର ଜୀବନାନନ୍ଦ ପାଣି, ସ୍ୱନାମଧନ୍ୟ ଔପନ୍ୟାସିକ, ସୁସାହିତ୍ୟିକ ଓ ଦୈନିକ 'ସମୟ'ର ସମ୍ପାଦକ ଶ୍ରୀ ସାତକଡ଼ି ହୋତା, ନୃତତ୍ତ୍ୱବିତ୍ ତଥା ପୂର୍ବତନ କୁଳପତି ଡକ୍ଟର ଲକ୍ଷ୍ମଣ ମହାପାତ୍ର । ଏମାନେ ତାଙ୍କର ଅତି ଅନ୍ତରଙ୍ଗ ଥିଲେ ।

୧୯୪୮ ମସିହାରେ ଆଇ.ଏସ୍.ସି. ପାସ୍ ପରେ ତୃତୀୟ ବାର୍ଷିକ ବିଜ୍ଞାନରେ ଆଡ଼ମିସନ୍ ନେବା ପାଇଁ ସେ ରେଭେନ୍ସା କଲେଜ୍‌ରେ ଦରଖାସ୍ତ କଲେ । ଗଡ଼ଜାତ ମିଶ୍ରଣ ବେଳେ ମୟୂରଭଞ୍ଜ ରାଜ୍ୟ ଓଡ଼ିଶାରେ ନମିଶି ଅଲଗା ରହିବାରୁ ମୟୂରଭଞ୍ଜର ଛାତ୍ରମାନଙ୍କୁ ରେଭେନ୍ସା କଲେଜ୍‌ରେ ଆଡ଼ମିସନ୍ ମିଳିଲା ନାହିଁ । ବିନୋଦବାବୁଙ୍କୁ ଛାଡ଼ି ଅନ୍ୟମାନେ କିଏ କଲିକତା, କିଏ ମେଦିନିପୁର ପଢ଼ିବା ପାଇଁ ଚାଲିଗଲେ । ପରିବାରର ଆର୍ଥିକ ସମ୍ବଳ ଅଭାବରୁ ସେ କଲିକତା କିମ୍ବା ମେଦିନିପୁରକୁ ପଢ଼ିବା ପାଇଁ ଯାଇ ପାରିଲେ ନାହିଁ । ବାଧ୍ୟ ହୋଇ ବାରିପଦାରେ ବସି ରହିଲେ । ଏଇଠୁ ଆରମ୍ଭ ହେଲା ଐଶୀ-ଶକ୍ତିର ବରଦାନ । ବାରିପଦା ହାଇସ୍କୁଲର ତତ୍‌କାଳୀନ ହେଡ଼ମାଷ୍ଟର ଦୈତାରୀ ବାରିକ (ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ କବି ସୌରୀନ୍ଦ୍ର ବାରିକଙ୍କ ପିତା) ତତ୍‌କ୍ଷଣାତ୍ ତାଙ୍କୁ ଡାକି ନେଇ ସ୍କୁଲ୍‌ରେ ଶିକ୍ଷକତା କରିବା ପାଇଁ ଷାଠିଏ ଟଙ୍କା ବେତନରେ ନିଯୁକ୍ତି ଦେଲେ । ହାଇସ୍କୁଲରେ ମାଷ୍ଟ୍ର ହେବା ପରେ ତାଙ୍କର ଲୋକପ୍ରିୟତା ଏପରି ବଢ଼ିଲା ଯେ ତାଙ୍କ ପାଖରେ ଶତାଧିକ ପିଲା ଟିଉସନ ପଢ଼ିବାକୁ ଲାଗିଲେ । ଫଳରେ ଯଥେଷ୍ଟ ଅର୍ଥାଗମ ହେଲା । ୧୯୪୯ ମସିହାର ପ୍ରଥମ ଭାଗରେ ଓଡ଼ିଶା ସହିତ ମୟୂରଭଞ୍ଜର ମିଶ୍ରଣ ହେଲା । ରେଭେନ୍ସା କଲେଜ୍‌ର ତତ୍‌କାଳୀନ ପ୍ରିନ୍‌ସିପାଲ୍ ଡକ୍ଟର ଗୋଲକଚନ୍ଦ୍ର ବାନାର୍ଜି ବିନୋଦବିହାରୀଙ୍କୁ ଚିହ୍ନି ପାରିଲେ ଏବଂ ୩ୟ ବର୍ଷ ବିଜ୍ଞାନରେ ଆଡ଼ମିସନ ନେବା ପାଇଁ ଅନୁମୋଦନ କଲେ । ସେ ରେଭେନ୍ସା କଲେଜ୍‌ରେ ଆଡ଼ମିଶନ ନେଲେ । ଏହି କଲେଜ୍‌ରେ ୧୯୪୯ ମସିହାଠାରୁ ୧୯୫୩ ମସିହା ଯାଏ ୩ୟ ବର୍ଷ

Digitized by srujanika@gmail.com

ବିଜ୍ଞାନରୁ ୬ଷ୍ଠ ବର୍ଷ ବିଜ୍ଞାନ ପର୍ଯ୍ୟନ୍ତ ଅଧ୍ୟୟନ କଲେ । ତା' ସହିତ ଏଲ୍.ବି. ପ୍ରଥମ ଭାଗ ୧୯୫୨ ମସିହାରେ ଓ ୨ୟ ଭାଗ ୧୯୫୪ ମସିହାରେ ପାସ୍ କରିଥିଲେ ।

୧୯୪୮ ମସିହାଠାରୁ ଆରମ୍ଭ ହେଲା ତାଙ୍କ ନାଟ୍ୟ ଜୀବନ ପର୍ବ । ଏତିକିବେଳେ ତାଙ୍କର ଜଣେ ସହପାଠୀ ଶ୍ରୀକ୍ଷୀରୋଦ ପ୍ରସାଦ ମହାନ୍ତିଙ୍କ ସହିତ ସମ୍ପର୍କ ଘନିଷ୍ଠ ହୋଇଗଲା । ଏହି ଘନିଷ୍ଠତା ଏପରି ନିବିଡ଼ ହେଲା ଯେ ଦୁହେଁ ଦୁହିଁକି ଘଡ଼ିଏ ନଦେଖିଲେ ରହିପାରିଲେ ନାହିଁ । ସେ ସମୟରେ 'ବିନୋଦ-କ୍ଷୀରୋଦ' ଯୋଡ଼ି ରେଭେନ୍ସା କଲେଜ୍‌ରେ ହଲ୍‌ଚଲ୍ ସୃଷ୍ଟି କରୁଥିଲା । ୧୯୯୩ ମସିହାରୁ କ୍ଷୀରୋଦ ବାବୁ ଓଡ଼ିଶାର ଅଗ୍ରଣୀ ସାଂସ୍କୃତିକ ପୀଠ 'କଳା ବିକାଶ କେନ୍ଦ୍ର', କଟକର ସାଧାରଣ ସମ୍ପାଦକ ରୂପେ କାର୍ଯ୍ୟରତ ।

ବିନୋଦ ବାବୁଙ୍କ ସମ୍ପର୍କରେ ସେ 'ସାରଳା ରତ୍ନଭଣ୍ଡାର ରସସାଗର' ଗ୍ରନ୍ଥ ୫ମ ଖଣ୍ଡ 'ଟେକାଟେକି ନାଇଁ', ଶୀର୍ଷକରେ ଲେଖିଛନ୍ତି, "ବାମ୍ଫୁଆ କୋହ ଯାହାର ଆଖି କୋଣର ଲୁହ ଭଳି ନିଗିଡ଼ି ଆସେ ସେ ହେଲା 'କ୍ଷୀରୋଦ-ବିନୋଦ' ଯୋଡ଼ିର ସରସାପଟ ବିନୋଦ । ସେ ଯୁଝିଚି, ଜିତିଚି, କମେଇଚି, ଗମେଇଛି । ସେ ପୁଣି ମୂଳରେ ଥିଲା ଶ୍ରୋତା, ତା'ପରେ ଅଭିନେତା, ଅଧିବକ୍ତା, ନେତାଠୁ ଉଠି ହେଲାଣି ଲୋକ ସାହିତ୍ୟର ସଙ୍କଳୟିତା । ଏଡ଼େ ସଅଳ ସ୍ୱଅଳ ସିଏ ବଦଳି ଯାଉଛି ଗୋଟିକରୁ ଆରଟିକୁ ।"

ବିନୋଦବାବୁ ୧୯୪୮ ରୁ ୧୯୫୬ ପର୍ଯ୍ୟନ୍ତ କଟକର ବହୁ ସୌଖୀନ୍ ନାଟ୍ୟ ସଂସ୍ଥାରେ ଯୋଗ ଦେଇ ଅଭିନୟ କରିଛନ୍ତି । ତନ୍ମଧ୍ୟରୁ 'ବକ୍ସି ଜଗବନ୍ଧୁ', 'ପତିତା', 'ଭଞ୍ଜକବି', 'ସଂଗ୍ରାମ' ଏବଂ 'ଯୁଗେ ଯୁଗେ ଉତ୍କଳ' ଇତ୍ୟାଦି ମୁଖ୍ୟ । ବେଳେବେଳେ ପେଶାଦାର ରଙ୍ଗମଞ୍ଚରେ ଅଭିନୟ କରି ତାଙ୍କୁ ପେଟ ପୋଷିବାକୁ ପଡୁଥିଲା । ସୌଖୀନ୍ ନାଟ୍ୟ ସଂସ୍ଥାରେ ଯେ ଯେଉଁମାନଙ୍କ ସହିତ ଅଭିନୟ କରୁଥିଲେ, ସେମାନଙ୍କ ମଧ୍ୟରେ ଧୀରେନ୍ଦ୍ରନାଥ ବିଶ୍ୱାଳ (ଧୀର ବିଶ୍ୱାଳ), କବି ଜୀବନାନନ୍ଦ ପାଣି, ଶ୍ରୀ ଅବନୀ ବରାଳ (ଶିକ୍ଷକ ନେତା), ରବିନାରାୟଣ ମହାନ୍ତି (ଆଡ୍‌ଭୋକେଟ୍), ଶ୍ରୀ ବିଜୟକୃଷ୍ଣ ମହାନ୍ତି (ଆଡ୍‌ଭୋକେଟ୍ ଜେନେରାଲ), ଶ୍ରୀ ଶକ୍ତି ପ୍ରସାଦ ମିଶ୍ର (ଅବସରପ୍ରାପ୍ତ ଆଇ.ଏ.ଏସ୍), ଶ୍ରୀ ରଜତ କୁମାର କର (ଅବସରପ୍ରାପ୍ତ ଓ.ଇ.ଏସ୍), ଜଷ୍ଟିସ୍ କିଶୋର ଚନ୍ଦ୍ର ଜଗଦ୍ଦେବ ରାୟ,

Digitized by srujanika@gmail.com

ଅନିମା ପେଢ଼ିନି, ଚନା, ରାଧାରାଣୀ ବୋଷ (ସରକାର), ପ୍ରଫେସର ଆଦରମଣି ଦାସ, ବସନ୍ତଲତା ମହାନ୍ତି । ନିରୁପମା ପଟ୍ଟନାୟକ (ଅବସରପ୍ରାପ୍ତ ଡେପୁଟି ଜେନେରାଲ୍ ମେନେଜର୍, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ), ମୀରା ପଟ୍ଟନାୟକ ପ୍ରଭୃତି ଅନେକ ଅନ୍ତର୍ଭୁକ୍ତ ।

ଯେଉଁ ଦୁଇଜଣ ତାଙ୍କୁ ଅଭିନୟ କଳା ଶିଖେଇଥିଲେ, ସେମାନେ ହେଲେ– ଖଗେନ୍ଦ୍ର ନାଥ ମିତ୍ର (ଖଗେନ୍ ମିତ୍ର ଏବଂ ବିମଳ ଚନ୍ଦ୍ର ଘୋଷ୍ (ବିମଳ ଘୋଷ) । ସେ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ଶିଷ୍ୟତ୍ୱ ଗ୍ରହଣ କରିବା ପାଇଁ ତାଙ୍କ ପାଖକୁ ଗଲାବେଳକୁ କବିଚନ୍ଦ୍ର ଆଉ ଇହଲୋକରେ ନଥିଲେ ।

୧୯୫୩ ମସିହା ପ୍ରାରମ୍ଭରୁ (ଦ୍ୱିତୀୟଭାଗ ଆଇନ୍ ପଢ଼ିବା ସମୟରେ) ମିସନ୍ ହାଇସ୍କୁଲ, କଟକରେ ଶିକ୍ଷକତା କରିବା ପାଇଁ ତତ୍କାଳୀନ ହେଡ଼ମାଷ୍ଟର ରଙ୍ଗୀନ୍‌ଲାଲ୍ ରାୟ ତାଙ୍କୁ ୯୦ ଟଙ୍କା ଦରମାରେ ନିଯୁକ୍ତି ଦେଲେ । ବହୁ ସଂଖ୍ୟାରେ ପିଲାମାନଙ୍କୁ ବିନା ଦରମା ବା ପାରିଶ୍ରମିକରେ ସ୍କୁଲ୍ ପରିସର ମଧ୍ୟରେ ଟିଉସନ୍ କରୁଥିବାରୁ ୩/୪ ମାସ ମଧ୍ୟରେ ତାଙ୍କର ଲୋକପ୍ରିୟତା ଅନ୍ୟାନ୍ୟ ଶିକ୍ଷକ ତୁଳନାରେ ବୃଦ୍ଧି ପାଇ ଥିଲା । ଏହା ଦେଖି ସେମାନେ କ୍ଷୁବ୍‌ଧ ହୋଇଥିଲେ ।

ବିନୋଦ ବାବୁ ୧୯୫୩ ମସିହା ପୂଜା ଛୁଟିରେ ବାରିପଦା ଯାଇ ଦେଖିଥିଲେ, ବାପା ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ବାରିପଦା ଡାକ୍ତରଖାନାରେ ଶଯ୍ୟାଶାୟୀ । ସେଇ ସମୟର ଦୁଃଖ ଓ ଦୁର୍ଦ୍ଦଶାର କଥା ମନେପକେଇ ବିନୋଦ ବାବୁ ଛଳ ଛଳ ଆଖିରେ କହିଥିଲେ–

"ସେତବେଳେ ମୋର ବୟସ ମାତ୍ର ୨୨ ବର୍ଷ । ସାଂସାରିକ ଯୋଗ୍ୟତାର ଘୋର ଅଭାବ । ବାପା ଆଉ ବିଛଣାରୁ ଉଠିପାରିବେ ନାହିଁ ବୋଲି ସ୍ୱତଃସ୍ଫୂର୍ତ୍ତ ମୋର ଜ୍ଞାନ ଉଦୟ ହୁଅନ୍ତେ, ବାପାଙ୍କ ଅନ୍ତିମ ଦିବସ ପର୍ଯ୍ୟନ୍ତ ତାଙ୍କରି ପାଖରେ ରହି ତାଙ୍କର ସେବାଶୁଶ୍ରୁଷା କରିବା ପାଇଁ ମନସ୍ଥ କଲି । ପୂଜାଛୁଟି ପରେ ମିଶନ୍ ହାଇସ୍କୁଲକୁ ଛୁଟି ଦରଖାସ୍ତ ପଠାଇଲି । ସେଇ ସମୟରେ ହେଡ଼୍‌ମାଷ୍ଟ୍ରେ ରଙ୍ଗିନ୍ ଲାଲ୍ ରାୟ ମଧ୍ୟ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ କଟକ ମେଡ଼ିକାଲ୍‌ରେ ଆଡ଼ମିଶନ ନେଇଛନ୍ତି ବୋଲି ଶୁଣିଲି । ହେଡ଼୍‌ମାଷ୍ଟ୍ରଙ୍କର ଅନୁପସ୍ଥିତିରେ ମୋର ଚାକିରୀ ଚାଲିଗଲା ବୋଲି ମତେ ଜଣାଇ ଦିଆଗଲା । ଏହି ଚିଠି ପାଇବାର ଅଳ୍ପଦିନ ପରେ ବାପାଙ୍କର ୩୦.୧୧.୧୯୯୫ ତାରିଖ ଦିନ ଦେହାନ୍ତ ହୋଇଗଲା । x x x ମୁଁ

Digitized by srujanika@gmail.com

ଲ' କଲେଜ୍‌ରେ ଶେଷ ବର୍ଷରେ ପଢୁଥାଏ । ବୃଦ୍ଧା ମାତାଙ୍କ ସହିତ ତିନି ଭଉଣୀ ବୀଣାପାଣି (୧୮), ବିଦ୍ୟୁଲତା (୧୬); କୃଷ୍ଣା (୧୪) ଏବଂ ସାନଭାଇ ବିଜନ (୦୭)- ସମସ୍ତଙ୍କର ଦାୟିତ୍ୱ ଏକାବେଳକେ ମୋ ଉପରେ ଲଦି ହୋଇପଡ଼ିଲା । ବାରିପଦା ଘରଭଡ଼ା ମାସକୁ ଟ. ୪୦/- ମାତ୍ର ମିଳୁଥିଲା । ସେତିକି ଥିଲା ଆମର ସମ୍ବଳ । ଘଟଣାଚକ୍ରରେ ମୁଁ ପେଶି ହୋଇ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଲି । କେତେକ ବଦାନ୍ୟ ବ୍ୟକ୍ତି ସ୍ୱତଃପ୍ରବୃତ୍ତ ହୋଇ ମୋତେ କିଛି କିଛି ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ । ବାପାଙ୍କର ଯତ୍‌ସାମାନ୍ୟ ପେନ୍‌ସନ୍ କିମ୍ବା ପ୍ରୋଭିଡେଣ୍ଟ ଫଣ୍ଡ ଟଙ୍କା ପାଇବାରୁ ମଧ୍ୟ ଆମ ପରିବାର ବଞ୍ଚିତ ହୋଇଥିଲା । କାରଣ ବାପାଙ୍କର ସର୍ଭିସ୍ ବହି ହଜିଯାଇଛି ବୋଲି ଦର୍ଶାଗଲା । ନେହୁରା ହୋଇ ମଠ ଫଣ୍ଡ, ପୁଅର ଫଣ୍ଡ ଓ କେତେକ ସରକାରୀ ଦପ୍ତରରୁ ତିନି ଭଉଣୀଙ୍କର ପାଠପଢ଼ା ଖର୍ଚ୍ଚ ପାଇଁ ଅର୍ଥ ଯୋଗାଡ଼ କଲି । ବନ୍ଧୁବାନ୍ଧବମାନେ କେହି ସାହାଯ୍ୟ କରିନଥିଲେ । ମୁଁ ଥିଲି ଦିଗହରା । ବାପାଙ୍କର କେତେକ ଅନ୍ତରଙ୍ଗ ବନ୍ଧୁ, ସ୍ଥାନୀୟ କେତେଜଣ ଜଣାଶୁଣା ଭଦ୍ରବ୍ୟକ୍ତି ବାରିପଦା ନଛାଡ଼ିବାକୁ ମୋତେ ପରାର୍ଶମ ଦେଲେ । ରୋଜଗାର କରିବା ପାଇଁ କେହି ଟିଉସନ୍ କରିବାକୁ, କେହି କଚେରୀରେ ପୁରୁଣା ଟାଇପ୍ ମେସିନ ପକାଇ ଟାଇପ୍ କରିବାକୁ, କେହି ହାଟବାଟ ବା ବିକ୍ରିବଟା କରି ରୋଜଗାର କରିବାକୁ ପବର୍ତ୍ତାଇଲେ । ଏପରିକି ଜଣେ ଦି'ଜଣ ମୋର ବିବାହ ପାଇଁ ପ୍ରସ୍ତାବ ଦେଲେ । ଭଲ ଯୌତୁକ ମିଳିବ ବୋଲି ପ୍ରଲୋଭନ ଦେଖାଇଲେ । ମୋର ଅବସ୍ଥା ଦେଖି, କଳେବଳେ କୌଶଳେ ମୋତେ ବିବାହ ବନ୍ଧନରେ ବାନ୍ଧି ପକେଇବାକୁ ଚାହିଁଲେ । ଖଣ୍ଡିଆଭୂତ ମଧ୍ୟରେ ପଡ଼ିଯିବା ଭଳି ମୋତେ ଲାଗିଲା । ଏଥିରୁ ଉଦ୍ଧାର ପାଇବା ପାଇଁ ବୋଉକୁ କହି ବୋଲି କଟକକୁ ପଳେଇ ଆସିଲି । ପକେଟ୍‌ରେ ଦି'ଟଙ୍କିଆ ନାଲି ନୋଟ୍ ଖଣ୍ଡେ । ସମ୍ବଳ ଭିତରେ ଖଣ୍ଡିଏ ନକଲି ସିଲ୍‌କର ଗାରଗାରିଆ ସାର୍ଟ ଆଉ ଖଣ୍ଡେ ସୁତି ଫୁଲପେଣ୍ଟ୍ । x x x ଲ' କଲେଜର ଦୁଇନମ୍ବର ହଷ୍ଟେଲ୍ ସେତେବେଳେ କଟକର ତାଳଦଣ୍ଡା କେନାଲ୍ ପାଖରେ ଥିବା ଢେଙ୍କାନାଳର ନନ୍ଦପେସ୍କାରଙ୍କ ଘରେ ଚାଲୁଥିଲା । ଲ' ହଷ୍ଟେଲ୍ ଉଠିଗଲା ପରେ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ରାଣୀହାଟ ଶାଖା କାର୍ଯ୍ୟ କଲା । ଏବେ ସେ ଘରେ କୋଅପରେଟିଭ୍ ମାର୍କେଟିଙ୍ଗ୍ ସୋସାଇଟିର ଖୁଚୁରା ଦୋକାନରେ ଖାଉଟି ପଦାର୍ଥ ବିକ୍ରି ହେଉଛି । ବାରିପଦାରୁ ଆସି ମୁଁ ସେଇଠି ପ୍ରଥମେ ଆଶ୍ରୟ ନେଲି । ଘର

Digitized by srujanika@gmail.com

ଚଟାଣରେ ଦି'ପରସ୍ତ ଖବର କାଗଜ ବିଛାଇ ଅନେକ ଦିନ ଶୋଇଛି । ମୋର ଅଗ୍ରଜ ତୁଲ୍ୟ ଅନ୍ତରଙ୍ଗ ବନ୍ଧୁ ବାରିପଦାର ବିଭୁତି ଭୂଷଣ ଦାସ (ପରବର୍ତ୍ତୀ କାଳରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ସଭାପତି) ସେତେବେଳେ ମୋର ଦୟନୀୟ ଅବସ୍ଥା ଦେଖି ମର୍ମାହତ ହେଲେ । ସେ ତାଙ୍କ ଖଟ ଓ ବିଛଣାପତ୍ର ବ୍ୟବହାର କରିବାକୁ, ଏପରିକି ତାଙ୍କର ଦୈନନ୍ଦିନ ମିଲ୍‌ଟିକୁ ମୋତେ ଖାଇବାକୁ ଦେଲେ । ତାଙ୍କର ଏ ବଦାନ୍ୟତା ଭୁଲିବାର ନୁହେଁ । ଏତିକିରେ ଦୁର୍ଗତିର ଅନ୍ତ ହୋଇନଥିଲା । ଲ' କଲେଜ୍‌ର ତତ୍‌କାଳିନ ଅଧ୍ୟକ୍ଷ କେ. ଶ୍ରୀରାମମୂର୍ତ୍ତି ଦିନେ ସଞ୍ଜବେଳେ ମୋତେ ଅନଧିକାର ଭାବରେ ହଷ୍ଟେଲ୍‌ରେ ରହୁଥିବାର ଦେଖି ଗାଳିଗୁଲଜ କଲେ । ତତ୍‌କ୍ଷଣାତ୍ ହଷ୍ଟେଲ୍‌ରୁ ମୋତେ ତଡ଼ିଦେଲେ । ଚାରିଆଡ଼ ଖାଲି ଅନ୍ଧାର ଦେଖାଗଲା । ହଷ୍ଟେଲ୍ ପାଖରେ 'ପାରାଡ଼ାଇଜ୍ ହଲ୍' ହୋଟେଲ୍ । ତା'ର ମାଲିକ ସୁରେନ୍ଦ୍ର ନାଥ କାନୁନ୍‌ଗୋ, ସେ ସମୟର କଟକର ଜଣେ ଅତ୍ୟନ୍ତ ପ୍ରତିପତ୍ତି ସମ୍ପନ୍ନ ଓ ପ୍ରଭାବଶାଳୀ ବ୍ୟକ୍ତି । ସେ ମୋର ଦୟନୀୟ ଅବସ୍ଥା ଦେଖି ଦୟା ପରବଶ ହୋଇ 'ପାରାଡ଼ାଇଜ୍ ହଲ'ର ଗୋଟିଏ ପରିତ୍ୟକ୍ତ ରୁମ୍‌ରେ ରହିବାକୁ ଦେଲେ । ମାଲିକଙ୍କର ତିନୋଟି ଫୋଡ଼୍ ଟ୍ରକ୍ ଧୁଆଧୋଇ କରିବା ଏବଂ ହୋଟେଲ୍‌ର ଗ୍ରାହକମାନଙ୍କୁ ଖାଦ୍ୟଦ୍ରବ୍ୟ ପରିବେଷଣ କରିବା ଥିଲା ମୋର କାମ । ସେଥିପାଇଁ ଦି'ଓଳି ମୋତେ ଗଣ୍ଡେ ଗଣ୍ଡେ ଖାଇବାକୁ ମିଳୁଥିଲା । ହୋଟେଲ୍ କାମଛଡ଼ା ଘର ଘର ଯାଇ କେତେକ ପିଲାଙ୍କୁ ଟିଉସନ କରି କିଛି ଉପାର୍ଜନ ମଧ୍ୟ କରୁଥିଲି । x x x ଦ୍ୱିତୀୟଭାଗ ଫାଇନାଲ୍ ଲ' ପରୀକ୍ଷା ଦେବା ପାଇଁ ସମୟ ଘନେଇ ଆସିଲା । ପରୀକ୍ଷା ଫିସ୍ ଦେବାକୁ ହେବ । ସେତିକିବେଳେ ସ୍ୱର୍ଗତଃ ବୀରେନ୍ଦ୍ର ମୋହନ ପଟ୍ଟନାୟକ ବାରିଷ୍ଟରଙ୍କ ସୁପାରିଶ୍ କ୍ରମେ ପରୀକ୍ଷା ଫିସ୍ ପାଇଁ ଓଡ଼ିଶାର ବରପୁତ୍ର ବିଜୁ ପଟ୍ଟନାୟକଙ୍କ ପାଖରେ ଯାଇ ପହଞ୍ଚିଲି । ସେ କେବଳ ଯେ ଆର୍ଥିକ ଦାନ ଦେଲେ ତାହା ନୁହେଁ, ବଜ୍ର ଗମ୍ଭୀର କଣ୍ଠରେ କହିଲେ– 'ଚାକିରୀ କରିବୁନି, ଗୋଲାମ୍ ହବୁନି, ଓଡ଼ିଆ ହୋଇ ରହିବୁ । ଯା', ଈଶ୍ୱର ମଙ୍ଗଳ କରିବେ ।' ଏହି ଦି'ପଦ କଥା ଆଜିବି ମୋର କର୍ଣ୍ଣକୁହରରେ ଅହରହ ନିନାଦିତ ହୁଏ । ସେହି ବର୍ଷ ୨ୟ ଭାଗ ଲ' ପରୀକ୍ଷା ପାସ୍ କଲି । ଏହିଠାରେ ମୋର ସଂଘର୍ଷପୂର୍ଣ୍ଣ ଛାତ୍ରଜୀବନର ପରିସମାପ୍ତି ଘଟିଥିଲା ।"

Digitized by srujanika@gmail.com

୨୦-୨୧ ବର୍ଷ ବୟସରେ ବିନୋଦ ବାବୁଙ୍କର ସାହିତ୍ୟ ସାଧନାର ଉନ୍ମେଷ ହୋଇଥିଲା କିନ୍ତୁ ସେତେବେଳେ ବିକଶିତ ହୋଇପାରିନଥିଲା । ସେ ସମ୍ପର୍କରେ ସେ କହନ୍ତି–

"୧୯୫୧-୫୨ ମସିହାରେ ତତ୍‌କାଳୀନ୍ ଦୈନିକ 'ପ୍ରଜାତନ୍ତ୍ର'ର ସାହିତ୍ୟ ବିଭାଗର ସମ୍ପାଦକ ପରବର୍ତ୍ତୀ କାଳରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଉତ୍ସାହିତ ହୋଇ ଏବଂ ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କର ଆଶୀର୍ବାଦ ପାଇ ସେତେବେଳେ ପ୍ରକାଶ ପାଉଥିବା 'ରବିବାରର ପ୍ରଜାତନ୍ତ୍ର'ରେ ବିଜ୍ଞାନ ସମ୍ପର୍କରେ କ୍ରମାନ୍ୱୟରେ ମୋର ଧାରାବାହିକ ଲେଖା ପ୍ରକାଶିତ ହେଉଥିଲା । ମୋର ସର୍ବପ୍ରଥମ ଲେଖାଟି ହେଲା– 'ସିଗାରେଟ୍‌ରେ ବିଷ' । ତା'ପରଟି ହେଲା– 'ମଦ୍ୟପାନ ହିଁ ବିଷପାନ' ଆଉ ଗୋଟିଏ ହେଲା 'ମଙ୍ଗଳ ଗ୍ରହରେ ମନୁଷ୍ୟ' । ତା'ପର ଲେଖାଗୁଡ଼ିକ ସମ୍ପର୍କରେ ମୋର ଆଉ ହେତୁ ନାହିଁ । ଏହି ସମୟରେ ମୋର ଅଳ୍ପ କିଛି ବ୍ୟଙ୍ଗାତ୍ମକ କବିତା, ଯାହାକି ତତ୍‌କାଳୀନ ବହୁଚର୍ଚ୍ଚିତ ଉଦୀୟମାନ ନାରୀ କବି ତୁଳସୀ ଦାସଙ୍କ ଲିଖିତ କବିତାର ଅନୁରୂପ ବୋଲି ଖ୍ୟାତ, କାନ୍ତ କବି ଲକ୍ଷ୍ମୀକାନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ, ଶ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ, ଭଦ୍ରକରୁ ପ୍ରକାଶିତ ଓଡ଼ିଶାର ତତ୍‌କାଳୀନ ଏକମାତ୍ର ସାହିତ୍ୟ ପତ୍ରିକା 'ଡଗର'ରେ ନିୟମିତ ଭାବରେ ପ୍ରକାଶିତ ହେଉଥିଲା । ଏତଦ୍‌ବ୍ୟତୀତ ସେ ସମୟରେ ବହୁ ସାହିତ୍ୟ ପତ୍ରିକାରେ ମଧ୍ୟ ମୋର ଗଳ୍ପ କବିତା ଓ ସମାଲୋଚନା ପ୍ରକାଶ ପାଇଛି । ଏଗୁଡ଼ିକ ମୋ ପାଖରେ ଦୁଷ୍ପ୍ରାପ୍ୟ । ଏଥିପାଇଁ ମୋର ଯାଯାବର ଜୀବନ ହିଁ ଦାୟୀ । ତା'ପରେ ୧୯୭୯-୮୦ ଠାରୁ ଦୈନିକ 'ପ୍ରଜାତନ୍ତ୍ର' ଓ 'ସମାଜ'ରେ ପ୍ରକାଶ ପାଇଥିଲା । ବିଭିନ୍ନ ପତ୍ରପତ୍ରିକା ଓ ସ୍ମରଣିକାମାନଙ୍କରେ ମୋର ଅନେକ ଲେଖା ପ୍ରକାଶ ପାଇଛି । ଆନ୍ତର୍ଜାତିକ ଓ ନିଖିଳ ଭାରତ ଆଇନ୍ ସମ୍ମିଳନୀରେ ଭାଗ ନେଇ ସେଥିରେ ଉଚ୍ଚମାନର ଆଇନ୍ ସମ୍ବନ୍ଧୀୟ ପ୍ରବନ୍ଧ ପ୍ରଦାନ ଏବଂ ତା'ଉପରେ ଆଲୋଚନା ହୋଇଛି । ଏହାଛଡ଼ା ଆନ୍ତର୍ଜାତିକ ଓ ଜାତୀୟ ଆଇନ୍ ଅନୁଷ୍ଠାନମାନଙ୍କ ଦ୍ୱାରା ପ୍ରକାଶିତ ସ୍ମରଣିକା ଓ ପତ୍ରିକାରେ ବହୁ ଉପାଦେୟ ଲେଖାମାନ ପ୍ରକାଶିତ ହୋଇଛି ଏବଂ ହେଉଅଛି ।"

ସାଧାରଣ କ୍ଷେତ୍ରରେ ପ୍ରବେଶ କରି ବିନୋଦ ବିହାରୀ ଓଡ଼ିଶାର ପ୍ରଥମ ଓଡ଼ିଆ ଚାଟାର୍ଡ଼ ଏକାଉଣ୍ଟାଣ୍ଟ୍ ହୃଦାନନ୍ଦ ନାୟକଙ୍କୁ ୧୯୫୪ ମସିହା ଶେଷାର୍ଦ୍ଧରେ ଗୁରୁରୂପରେ ପାଇବାର ସୌଭାଗ୍ୟ ଲାଭ କରିଥିଲେ । ତିନିବର୍ଷ

Digitized by srujanika@gmail.com

କାଳ ତାଙ୍କର ଜଣେ ଅନୁଗତ ଓ ଅନ୍ତରଙ୍ଗ କର୍ମୀ ରୂପେ ରହିଥିଲେ । ସେଇ ସ୍ମରଣୀୟ ତିନିବର୍ଷ ତାଙ୍କ ଭବିଷ୍ୟତ ଜୀବନକୁ ବହୁତ ପ୍ରଭାବିତ କରିଥିଲା । ନାୟକ ବାବୁଙ୍କ ଅଗାଧ ଈଶ୍ୱର ବିଶ୍ୱାସ, ଅଧ୍ୟବସାୟ, କର୍ମନିଷ୍ଠା ଓ ଅବିଶ୍ରାନ୍ତ ସାଧନା ବିନୋଦବାବୁଙ୍କ ଜୀବନର ଗତିପଥ ନିୟନ୍ତ୍ରିତ କରିଥିଲା । ତାହାରି ଫଳରେ ଆଜି ଏପରି ଏକ ଆୟାସସାଧ୍ୟ, ସାଧନାସାପେକ୍ଷ, କାର୍ଯ୍ୟସାଧନ କରିବା ତାଙ୍କ ପକ୍ଷରେ ସମ୍ଭବପର ହୋଇପାରିଛି । ନାନା ବାଧା-ବିଘ୍ନ, ଅଭାବ-ଅସୁବିଧା, ଘାତ-ପ୍ରତିଘାତ, ଆଶା-ନିରାଶା ମଧ୍ୟରେ ତାଙ୍କର ଆଶୀର୍ବାଦ ଲାଭ କରିନଥିଲେ ବିନୋଦବାବୁ, 'ସାରଳା ରତ୍ନଭଣ୍ଡାର ରସସାଗର' ଭଳି ବିରାଟ ଗ୍ରନ୍ଥର ଖଣ୍ଡମାନ ସଙ୍କଳନ କରି ପାରିନଥା'ନ୍ତେ କି ଓଡ଼ିଶାର ଜଣେ ପ୍ରଖ୍ୟାତ ଆୟକର ଆଇନ୍‌ଜୀବୀ ରୂପେ ସୁପ୍ରତିଷ୍ଠିତ ହୋଇ ପାରିନଥା'ନ୍ତେ ।

୧୯୫୬ ମସିହା ଆଡ଼କୁ ଅବସ୍ଥା ସାମାନ୍ୟ ସୁଧୁରିଗଲା । ସେତେବେଳେ ତାଙ୍କର ସାନ ଦି'ଭଉଣୀ ବିଦ୍ୟୁଲତା ଓ କୃଷ୍ଣା I.Sc. ପରେ ମେଡ଼ିକାଲ୍ ପଢ଼ିବାକୁ କଟକ ଆସିଲେ । ବିଦ୍ୟୁଲତାକୁ ମେଡ଼ିକାଲ୍‌ରେ ସ୍ଥାନ ନମିଳିଲାରୁ ସେ ରେଭେନ୍ସା କଲେଜ୍‌ରେ ବଟାନି ଓ ଜୁଲଜି ପାଠ୍ୟକ୍ରମରେ B.Sc. ପଢ଼ିଲେ । କୃଷ୍ଣା ମେଡ଼ିକାଲ୍‌ରେ ଆଡ଼ମିଶନ୍ ନେଲେ । ଉଭୟଙ୍କର ଖର୍ଚ୍ଚ ବିନୋଦ ବାବୁ ନାନାଦି ଫନ୍ଦିଫିକର କରି ତୁଲେଇ ଦେଉଥିଲେ । ସେତେବେଳକୁ ତାଙ୍କ ତଳଭଉଣୀ ବୀଣାପାଣି ମହାରାଣୀ ପ୍ରେମକୁମାରୀ ଗାର୍ଲସ୍ ହାଇସ୍କୁଲ୍‌ରେ ମାସିକ ଦରମା ଟ. ୮୫/-ରେ ନିଯୁକ୍ତି ପାଇଲାରୁ ସେ ପରିବାରକୁ ଭରଣ ପୋଷଣରେ ସାହାଯ୍ୟ କଲେ । ଆର୍ଥିକ ସଙ୍କଟ ଆଉ କିଛି ପରିମାଣରେ ଦୂର ହୋଇଗଲା । ତାଙ୍କର ବୃଦ୍ଧା ମାତା ଓ ସାନ ଭାଇଟି ବାରିପଦାରେ କୌଣସି ପ୍ରକାରେ ଚଳି ଯାଉଥିଲେ ।

ଆଇନ୍‌ଜୀବୀ ବୃତ୍ତି ପାଇଁ ବିନୋଦବାବୁ ୧୯୫୬ ମସହା ଜୁଲାଇ ମାସରେ କଲିକତାର ସବୁଠାରୁ ବଡ଼ ଓକିଲ, ଇନକମ୍ ଟାକ୍ସ ବାର ଆସୋସିଏସନ୍‌ର ସଭାପତି ହୀରାଲାଲ୍ ସରକାରଙ୍କ ତଲବ କ୍ରମେ ଗୁରୁଦେବ ନାୟକବାବୁଙ୍କ ଠାରୁ ଚିଠି ଖଣ୍ଡେ ନେଇ କଲିକତା ଗଲେ । ଆମ୍‌ହର୍ଷ୍ଟ ଷ୍ଟ୍ରିଟ୍‌ରେ ଥିବା 'ମୟୁରଭଞ୍ଜ ହଷ୍ଟେଲ୍'ରେସେ ଅବସ୍ଥାନ କଲେ । ସବୁ ବୋଡ଼ରତକ ବାରିପଦା ହାଇସ୍କୁଲ୍‌ର ପୂର୍ବତନ ଛାତ୍ର ଥିବାରୁ ତାଙ୍କୁ ବହୁ ଆଦର ଅଭ୍ୟର୍ଥନା କରିଥିଲେ । ନେତାଜୀ ସୁବାଷ ଚନ୍ଦ୍ର ବୋଷ ରୋଡ଼୍‌ରେ ହୀରାଲାଲ୍ ସରକାରଙ୍କ ଘର । ବିନୋଦବାବୁଙ୍କୁ ଜଣେ ବୋଡ଼ର ସାଙ୍ଗରେ

Digitized by srujanika@gmail.com

ଧରି ହୀରାଲାଲ୍ ସରକାର ଓକିଲଙ୍କ ଘରକୁ ନେଇଗଲା । ହୀରାଲାଲ୍ ବାବୁ ତାଙ୍କର ବଗିଚା ଭିତରେ ଥିବା ଆଉଟ୍ ହାଉସ୍‌ରେ ବିନୋଦବାବୁଙ୍କ ରହିବାର ବନ୍ଦୋବସ୍ତ କରିଦେଲେ । ତହୁଁ ବିନୋଦବାବୁ 'ମୟୂରଭଞ୍ଜ' ହଷ୍ଟେଲକୁ ଫେରି ଆସିଲେ । ତା' ପରଦିନ ସକାଳୁ ମୂଷଳଧାରାରେ ବର୍ଷା ହେବାକୁ ଲାଗିଲା । ସାତଦିନ କାଳ ବର୍ଷା ଛାଡ଼ିଲା ନାହିଁ । ଆମ୍‌ହର୍ଷ୍ଟ ଷ୍ଟ୍ରିଟ୍‌ରେ ଅଣ୍ଟାଏ ପାଣି ଠିଆ ହୋଇ ରହିଲା । ଗାଡ଼ି ଚଳାଚଳ ବନ୍ଦ ହୋଇଗଲା । ବହୁ କଷ୍ଟରେ ବୋଡ଼ରମାନଙ୍କ ସାହାଯ୍ୟ ପାଇ କେତୁଟା ଦିନ ସେ ଚଳିଗଲେ । ପାଣି କମିଲାରୁ ବୋଡ଼ରମାନଙ୍କ ଆର୍ଥିକ ସହାୟତାରେ ରେଳଟିକଟ କରି ସେ କଟକ ଫେରି ଆସିଥିଲେ । କଲିକତାରେ ରହି ଇନ୍‌କମ୍‌ଟେକ୍ସ ଓକିଲାତି କରିବା ଆଉ ହୋଇପାରିଲା ନାହିଁ ।

୧୯୫୭ ଶେଷାର୍ଦ୍ଧରେ ସେ ଗୁରୁଦେବ ନାୟକବାବୁଙ୍କ ଆଜ୍ଞାନୁବର୍ତ୍ତିତା ହୋଇ ବ୍ରହ୍ମପୁରକୁ ଓକିଲାତି କରିବାକୁ ଗଲେ । ସେଠାରେ ୧୯୫୮, ୧୯୫୯ ମଧ୍ୟଭାଗ ପର୍ଯ୍ୟନ୍ତ ଦକ୍ଷତାର ସହିତ କାର୍ଯ୍ୟ ସମ୍ପାଦନ କରି ବେଶ୍ କିଛି ଅର୍ଥ ଉପାର୍ଜନ କରିଥିଲେ । ଏଣିକି ଧନ ଉପାର୍ଜନର ପିପାସା ତାଙ୍କ ଭିତରେ ସଞ୍ଚରିତ ହୋଇଥିଲା । ଆତ୍ମୀୟ ସ୍ୱଜନ, ପ୍ରିୟ ପରିଜନ, ବନ୍ଧୁବାନ୍ଧବ, ଘରସଂସାର, ପ୍ରିୟାପ୍ରୀତି ସମସ୍ତଙ୍କୁ ବର୍ଜନ କରି ଅର୍ଥ ଉପାର୍ଜନ ପଛରେ ଅଣନିଃଶ୍ୱାସୀ ହୋଇ ସେ ଧାଇଁବାରେ ଲାଗିଲେ ।

୧୯୫୯ ଶେଷାର୍ଦ୍ଧରେ ବ୍ରହ୍ମପୁର ଛାଡ଼ି ବାରିପଦା ଚାଲି ଆସିଲେ । ୧୯୬୦, ୧୯୬୧, ୧୯୬୨ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ଜିଲ୍ଲାରେ ସୁଦକ୍ଷ ଟାକ୍ସ ପ୍ରାକ୍ଟିସନାର ହିସାବରେ ତାଙ୍କର ଖ୍ୟାତି ବ୍ୟାପିଗଲା । ସେ ୩୧.୦୩.୧୯୬୨ ଦିନ ଆଡ଼ଭୋକେଟ୍ ଭାବରେ ଓଡ଼ିଶା ରାଜ୍ୟ ବାର କାଉନ୍‌ସିଲ୍‌ଙ୍କ ଦ୍ୱାରା ପଞ୍ଜିକୃତ ହେଲେ ।

ଅର୍ଥ ଉପାର୍ଜନ ସାଙ୍ଗକୁ ବେପରବାୟ ଖର୍ଚ୍ଚ କରି ସେ ଏପରି ବିଳାସବ୍ୟସନରେ ବୁଡ଼ିଗଲେ ଯେ ଅର୍ଥରୁ ଉତ୍ପନ୍ନ ୧୫ ପ୍ରକାର ଅନର୍ଥ ତାଙ୍କୁ ଗ୍ରାସ କରିଥିଲା । ଅୟସରେ ଏପରି ମଗ୍ନ ଥିଲେ ଯେ, ସେ ତାହା ଉପଲବ୍ଧି କରି ପାରୁନଥିଲେ ।

୧୯୬୨ ମସିହାର ପ୍ରଥମାର୍ଦ୍ଧରେ ବିନୋଦବାବୁ ବାରିପଦାର କେନ୍ଦ୍ରସ୍ଥଳରେ ଅବସ୍ଥିତ 'ଚାପର' ଓ 'ବଡ଼ ପୋଖରୀ' ଆଡ଼ି ଉପରେ ଦୋତାଲା ଘର କରିବାର ଉପକ୍ରମ କଲେ । ୧୯୬୨ ଓ ୧୯୬୪ ସୁଦ୍ଧା ପ୍ରଥମ ତାଲା ଘର ସମ୍ପୂର୍ଣ୍ଣ ହୋଇ ଦ୍ୱିତୀୟ ତାଲାର ଘର କାମ ଚାଲୁଥିଲା ।

Digitized by srujanika@gmail.com

ଜୁନ୍ ମାସରେ ନୂଆ ଆମ୍ବାସାଡ଼ାର କାର୍ ଖର୍ଦ୍ଦ ହେଲା । ଏତିକିବେଳେ ଔପନ୍ୟାସିକ ସତ୍ୟାନନ୍ଦ ବେହୁରାଙ୍କ 'ସାବତ ମା' ଉପନ୍ୟାସକୁ ଚଳଚ୍ଚିତ୍ର ରୂପ ଦେବାପାଇଁ ସେ ସହଯୋଗୀମାନଙ୍କ ସହ ପ୍ରବଳ ଉତ୍ସାହ ଓ ଉଦ୍ଦୀପନାରେ ଲାଗିପଡ଼ିଲେ । ସେତେବେଳେ ଏହି ଉପନ୍ୟାସର ଲେଖକ ମୟୂରଭଞ୍ଜ ଜିଲ୍ଲାର ପାଞ୍ଚପିଢ଼ ସବଡିଭିଜନର ସଦର ମହକୁମା କରଞ୍ଜିଆ ଟାଉନ୍‌ରେ ଅବସ୍ଥାନ କରୁଥିଲେ । ବିନୋଦ ବାବୁ ତାଙ୍କଠାରୁ ସମ୍ମତିପତ୍ର ଆଣିବା ପାଇଁ ତାଙ୍କର ଦ୍ୱାରସ୍ଥ ହେଲେ । ସତ୍ୟାନନ୍ଦ ବାବୁ ତାଙ୍କ ମୁଣ୍ଡରେ ହାତ ଥୋଇ ଆଶୀର୍ବାଦ କଲେ ଏବଂ ତତ୍‌କ୍ଷଣାତ୍ ଓଡ଼ିଆରେ ସମ୍ମତିପତ୍ର ଲେଖିଦେଲେ ।

ବିନୋଦବିହାରୀଙ୍କ ବାଲ୍ୟବନ୍ଧୁ ସହପାଠୀ କବି ଜୀବନାନନ୍ଦ ପାଣି ଚଳଚ୍ଚିତ୍ରର ଗୀତିକବିତା ଲେଖିଲେ । ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସ ସଙ୍ଗୀତ ନିର୍ଦ୍ଦେଶକ ହେଲେ । ମହମ୍ମଦ ସିକନ୍ଦର ଆଲମ୍, ପ୍ରଣବ ପଟ୍ଟନାୟକ ଓ ନୀଳିମା ମିଶ୍ର ଗୀତ ବୋଲିଲେ । ସଂଳାପ ଲେଖିବାର ଦାୟିତ୍ୱରେ ରହିଲେ ପ୍ରଫେସର ମହାପାତ୍ର ନୀଳମଣି ସାହୁ । ପ୍ରଖ୍ୟାତ ଯନ୍ତ୍ରସଙ୍ଗୀତ ପରିଚାଳକ ଭି. ବାଲସରାଙ୍କୁ ନେଇ କଲିକାର ଏକନମ୍ବର ନିଉଥିଏଟର୍ସ ଷ୍ଟୁଡ଼ିଓରେ ଛଅଟି ଗୀତ ଗୋଟିଏ ଦିନରେ ରେକଡ଼ିଂ କରାଗଲା । ତା'ପରେ ଚିତ୍ରଗହଣ ହେବ । ଡାଇରେକ୍ଟର ପ୍ରଫୁଲ୍ଲ ସେନଗୁପ୍ତ, କେମେରାମ୍ୟାନ ବିଜୟ ଦେ, ବିନୋଦ ବାବୁଙ୍କର ଜଣେ ବିଶିଷ୍ଟ ବନ୍ଧୁ, ବଙ୍ଗଳା ଚିତ୍ର ଜଗତର ପ୍ରସିଦ୍ଧ କ୍ୟାମେରାମେନ୍ ଦିଲେନ୍ ଗୁପ୍ତା ପ୍ରଭୃତି ବହୁ ବର୍ଷ ପରେ ଗୋଟିଏ ଓଡ଼ିଆ ଚଳଚ୍ଚିତ ପ୍ରସ୍ତୁତ ହେଉଥିବାରୁ ସମସ୍ତେ ଏହାକୁ ସଫଳ କରିବା ପାଇଁ ମାତି ଉଠିଲେ । ଠିକ୍ ଏହି ମୁହୂର୍ତ୍ତରେ ଚଳଚ୍ଚିତ୍ର କାହାଣୀ ନାଟକ ଭାବରେ 'ଅନ୍ନପୂର୍ଣ୍ଣା ବି ଗ୍ରୁପ୍', ରଙ୍ଗ ମଞ୍ଚରେ 'ସାବତ ମା' ନାମରେ ମଞ୍ଚସ୍ଥ ହେଲା । ସେହି ନାଟକ କଟକରେ ୧୦୦ ଦିନରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଥିଲା । ବିନୋଦବାବୁ ଏହାର ପ୍ରତିରୋଧ କରିନଥିଲେ । ସେ ଜଣେ ଓକିଲ ହୋଇ ମଧ୍ୟ ଏହା ବିରୁଦ୍ଧରେ ଆଇନ୍‌ଗତ ପଦକ୍ଷେପ ନେଇନଥିଲେ କିମ୍ବା ଓଡ଼ିଶାର ଏକମାତ୍ର ପେଷାଦାର ରଙ୍ଗମଞ୍ଚ 'ଅନ୍ନପୂର୍ଣ୍ଣା ବି ଗ୍ରୁପ୍' ବିରୁଦ୍ଧରେ ଯାଇନଥିଲେ ।

ଯେଉଁମାନଙ୍କ ସାହାଯ୍ୟ ନେଇ ସେ ଚଳଚ୍ଚିତ୍ରଟିର ପ୍ରଯୋଜନା କାର୍ଯ୍ୟ ଚଳାଇ ଥିଲେ ସେମାନେ ମଧ୍ୟ ଅଯଥା ଅର୍ଥ ଶ୍ରାଦ୍ଧ କରିବାକୁ ଲାଗିଲେ । ଫଳତଃ ବାଧ୍ୟ ହୋଇ ତାଙ୍କୁ ଚଳଚ୍ଚିତ୍ର ପ୍ରଯୋଜନା ନିଶା ତ୍ୟାଗ କରିବାକୁ ପଡ଼ିଲା ।

Digitized by srujanika@gmail.com

୧୯୬୫ ମସିହା ନଭେମ୍ବର ମାସରେ ତାଙ୍କର ଦୁଇତାଲା ଘର ସମ୍ପୂର୍ଣ୍ଣ ହୋଇଥିଲା । ସେହିବର୍ଷ ନଭେମ୍ବର ୧୮ ତାରିଖରେ, ୩୧ ବର୍ଷ ବୟସରେ, ବିନୋଦବାବୁଙ୍କ ବିବାହ ହୋଇଥିଲା ବାଲେଶ୍ୱର ଟାଉନ୍ ନିବାସୀ ଏକ ବଙ୍ଗୀୟ ପରିବାରର ଜଣେ ଉଚ୍ଚଶିକ୍ଷିତା କନ୍ୟା ଝରଣାରାଣୀଙ୍କ ସହିତ । ସେତେବେଳେ ତାଙ୍କର ବଡ଼ବାପା କ୍ଷେତ୍ରମୋହନ ଦାସ ବରକର୍ତ୍ତା ହୋଇ ବିବାହ ସମ୍ପନ୍ନ କରାଇଥିଲେ । ଥରେ ଉତ୍କଳୀୟ ବିଧିରେ, ଆଉଥରେ ବଙ୍ଗୀୟ ବିଧିରେ ତାଙ୍କର ବିବାହ ସମ୍ପନ୍ନ ହୋଇଥିଲା । ଝରଣାରାଣୀଙ୍କ ଜେଜେ ନାରାୟଣ ମୋହନ ଇଂରେଜ ଶାସନ ଅମଳରେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ସ୍କୁଲ୍ ଇନିସ୍‌ପେକ୍ଟର ଥିଲେ । ବଙ୍ଗାଳୀ ହୋଇ ମଧ୍ୟ ସେ ଜଣେ ଉଚ୍ଚକୋଟୀର ଓଡ଼ିଆ ଲେଖକ ଥିଲେ । ତାଙ୍କର ବହୁ ଓଡ଼ିଆ ପୁସ୍ତକ ପ୍ରକାଶିତ ହୋଇଛି ।

ବିନୋଦବାବୁଙ୍କ ବାହାଘର ପରେ ପରେ ତାଙ୍କ ତଳ ଦୁଇ ଭଉଣୀ ବିଣାପାଣି ଓ ବିଦ୍ୟୁଲତାଙ୍କର ବିବାହ ହୋଇଥିଲା । ବୀଣାପାଣିଙ୍କର ତାଳଚେର ଶ୍ରୀ ବଟକୃଷ୍ଣ ପଟ୍ଟନାୟକ, ସବ୍ ଜଜ୍‌ଙ୍କ ସହିତ ଫେବୃୟାରୀ ୧୯୬୬ ଏବଂ ତାଙ୍କ ତଳ ଭଉଣୀ ବିଦ୍ୟୁଲତାଙ୍କର ପ୍ରଫୁଲ୍ଲ କୁମାର ଦାସ, ଆଡ଼ଭୋକେଟଙ୍କ ସହିତ ବିବାହ ସମ୍ପନ୍ନ ହୋଇଥିଲା । ଏତେଗୁଡ଼ିଏ ଆନୁଷ୍ଠାନିକ ସମାରୋହ ସହିତ ବାରିପଦାରେ ଦୁଇତାଲା କୋଠାନିର୍ମାଣ ଓ ନୂଆ ମଟରଗାଡ଼ି ଖର୍ଦ୍ଦି କରିବାରେ ତାଙ୍କର ପ୍ରାୟ ସମସ୍ତ ଅର୍ଥ ପାଣି ପରି ବୋହି ଯାଇଥିଲା । ତାଙ୍କ ସାନଭାଇ ଆଡ଼ଭୋକେଟ୍ ବିଜନ ଦାସଙ୍କ ବିବାହ ୧୯୭୬ ମସିହା ଡିସେମ୍ବର ମାସରେ, ତତ୍‌କାଳୀନ ଓଡ଼ିଶା ବିଧାନସଭାର ବାଚସ୍ପତି ବ୍ରଜମୋହନ ମହାନ୍ତିଙ୍କ ଦ୍ୱିତୀୟ କନ୍ୟା ସଂଘମିତ୍ରାଙ୍କ ସହିତ ସମ୍ପନ୍ନ ହୋଇଥିଲା । ସାନ ଭଉଣୀ ଡାକ୍ତର କୃଷ୍ଣା ଦାସ ଅବିବାହିତା ରହିଲେ ।

ବିନୋଦବାବୁଙ୍କ ପତ୍ନୀ ଝରଣାରାଣୀ ବିବାହ ପୂର୍ବରୁ (୧୯୬୩ ରୁ ୧୯୬୫ ବିବାହ ପର୍ଯ୍ୟନ୍ତ) ରାଉରକେଲା ଇସ୍ପାତ୍ ହସ୍‌ପିଟାଲ୍‌ରେ ଟ୪୦୦ଙ୍କା ବେତନରେ ସିଷ୍ଟର୍ ଟିଉଟର୍ ଥିଲେ । ବିବାହର ଅବ୍ୟବହିତ ପୂର୍ବରୁ ସେ ସିଷ୍ଟର ଟିଉଟର୍ ଚାକିରୀରୁ ଅବ୍ୟାହତି ନେଇଥିଲେ । ତା'ପରେ ସେ ଘରୋଇ ଭାବରେ ଆଇନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଏବଂ ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ୍‌ରୁ ୧୯୬୮ ରେ ଲାଇସେନ୍ସ ପ୍ରାପ୍ତ ହୋଇ ଟିକସ ସମ୍ପର୍କୀୟ ଓକିଲାତି ଆରମ୍ଭ କଲେ । ଆଜିପର୍ଯ୍ୟନ୍ତ ସେ ନିରବଚ୍ଛିନ୍ନ ଭାବରେ

Digitized by srujanika@gmail.com

ଓକିଲାତି କରୁଛନ୍ତି । ତତ୍‌ସହିତ ଜଣେ ସମାଜସେବୀ ଭାବରେ ସେ, ନାରୀମାନଙ୍କ କଲ୍ୟାଣ ପାଇଁ 'କଲ୍ୟାଣୀ ମହିଳା ସମିତି' ନାମକ ଏକ ଦାତବ୍ୟ ଅନୁଷ୍ଠାନ ଏବଂ କର୍ମଜୀବୀ ମହିଳା ନିବାସ୍ ବାରିପଦାରେ ସ୍ଥାପନ କରିଛନ୍ତି । ପ୍ରତିବର୍ଷ ମାଗଣା ସ୍ୱାସ୍ଥ୍ୟ ଶିବିର, ମୋତିଆବିନ୍ଦୁ ଅପରେସନ୍ କ୍ୟାମ୍ପ୍ ଇତ୍ୟାଦି ଜନସାଧାରଣଙ୍କ ସୁବିଧା ପାଇଁ ଆୟୋଜନ କରିଥାଆନ୍ତି । ବର୍ଷ ସାରା ତାଙ୍କର ଆହୁରି ଅନେକ ପ୍ରକାରର ସମାଜସେବା କାର୍ଯ୍ୟକ୍ରମ ଚାଲିଥାଏ । ସେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ସିନେଟ୍‌ର ସଦସ୍ୟା, ମୟୂରଭଞ୍ଜ ଲ' କଲେଜ୍ ଗଭର୍ଣ୍ଣିଂ ବଡ଼ିର ସଦସ୍ୟା ଏବଂ ବହୁ ସରକାରୀ ଓ ବେସରକାରୀ ଅନୁଷ୍ଠାନର ସଦସ୍ୟା ଅଛନ୍ତି ।

ବିନୋଦବାବୁଙ୍କର ଏକମାତ୍ର ପୁତ୍ର ବିକ୍ରମ । ୫ ବର୍ଷ ବୟସରେ 'ରାଜକୁମାର କଲେଜ୍' ରାୟପୁର (ଅଧୁନା ଛତିଗଡ଼)ରେ ପ୍ରଥମ ଶ୍ରେଣୀରେ ଭର୍ତ୍ତି ହେଲେ । ୧୯୮୫ ରେ +୨ (ଆଇ.ସି.ଏସ୍.ସି.) ପ୍ରଥମ ଶ୍ରେଣୀରେ ପାସ୍ କଲେ । ୧୯୮୬ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର 'ଡେନିସନ୍ ଇଉନିଭରସିଟି'ରେ ଡିଗ୍ରୀ ପଢ଼ିବା ପାଇଁ ଆଡ଼ମିଶନ ନେଲେ । ୧୯୮୯ ମସିହାରେ ସେ ସ୍ୱଦେଶକୁ ଫେରି ନର୍ଥ ଓଡ଼ିଶା ବିଶ୍ୱବିଦ୍ୟାଳୟରୁ ଏଲ୍.ଏଲ୍.ବି. ହାସଲ କଲେ । ଏହାପରେ ବାରିପଦାରେ ଓକିଲାତି କରୁ କରୁ ଦୁଇବର୍ଷ ପରେ ଏଲ୍.ଏଲ୍.ଏମ୍. ଡିଗ୍ରୀ ପ୍ରାପ୍ତ ହେଲେ । ଏହାଛଡ଼ା ସେ ଜଣେ କବି । ଇଂରାଜୀରେ ସେ ଅନେକ ଗୁଡ଼ିଏ କବିତା ଲେଖିଛନ୍ତି । ଦୁଇଟି ଗ୍ରନ୍ଥ ତାଙ୍କର ଅଦ୍ୟାବଧି ପ୍ରକାଶିତ ହୋଇଛି । ତାଙ୍କର ବିବାହ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ଶ୍ରୀ ଅଶୋକ ପଟ୍ଟନାୟକ, ଆଇ.ଏ.ଏସ୍‌ଙ୍କ ଭଉଣୀ 'ପ୍ରଣତି' ସହିତ ୧୯୯୮ ନଭେମ୍ବର ଆଠ ତାରିଖ ଦିନ ସମ୍ପନ୍ନ ହୋଇଥିଲା । ଏବେ ତାଙ୍କ ପତ୍ନୀ ବାରିପଦାର 'ଝାନସୀ ରାଣୀ' କଲେଜ୍‌ରେ ଓଡ଼ିଆ ଅଧ୍ୟାପିକା ଅଛନ୍ତି । ସେମାନଙ୍କର ଏକମାତ୍ର ପୁତ୍ର ୭ ବର୍ଷ ବୟସର 'ପ୍ରଣବ' ଏବେ ବାରିପଦା ସେଣ୍ଟ ଏନିସ୍ କନଭେଣ୍ଟ ସ୍କୁଲରେ ପ୍ରଥମ ଷ୍ଟାଣ୍ଡାର୍ଡରେ ପଢୁଛି ।

୧୯୭୯ରେ ବାରିଷ୍ଟର୍ ରଣଜିତ୍ ମହାନ୍ତି ହଠାତ ଦିନେ ବିନୋଦ ବାବୁଙ୍କୁ ଟେଲିଫୋନ୍ କରି ତାଙ୍କ ସହିତ ସାକ୍ଷାତ କରିବା ପାଇଁ ଡାକିଲେ । ବାରିଷ୍ଟର ମହାନ୍ତି, ତାଙ୍କର ସମ୍ପର୍କୀୟ ମାମୁଁ । ସେ ବିନୋଦବାବୁଙ୍କୁ ଓଡ଼ିଶା ରାଜ୍ୟ ବାର କାଉନ୍‌ସିଲ୍‌ର ହେବାକୁ ଥିବା ଇଲେକ୍‌ସନ୍‌ରେ ଲଢ଼ିବା ପାଇଁ ପରାମର୍ଶ ଦେଲେ । ତତ୍‌ସଙ୍ଗେ ତାଙ୍କୁ ନୋମିନେସନ୍ ଫର୍ମ ଦସ୍ତଖତ କରିବାକୁ

Digitized by srujanika@gmail.com

କହିଲେ । ବିନୋଦବାବୁ ସେଥିରେ ଦସ୍ତଖତ କରୁ କରୁ ବାରିଷ୍ଟର ମହାନ୍ତି ତାଙ୍କ ପାଖରେ ବସିଥିବା ବାର କାଉନ୍‌ସିଲର ତତ୍‌କାଳୀନ ସେକ୍ରେଟାରୀ ଗୌରାଙ୍ଗ ଚରଣ ଦାସଙ୍କ ଆଡ଼କୁ ଦୁଇଶ'ଟଙ୍କା ନୋମିନେସନ୍ ଫି' ବାବଦକୁ ବଢ଼ାଇ ଦେଲେ ।

ବାରକାଉନ୍‌ସିଲ୍ ନିର୍ବାଚନରେ ବିନୋଦବାବୁ ବହୁସଂଖ୍ୟକ ଭୋଟ୍‌ରେ ଜୟଯୁକ୍ତ ହେଲେ । ତା'ପରେ ଚେୟାରମ୍ୟାନ, ଭାଇସ୍ ଚେୟାରମେନ୍ ଓ ଅନ୍ୟାନ୍ୟ ପଦପଦବୀ ନିର୍ବାଚନ ପାଇଁ ଆଉ ଗୋଟିଏ ତାରିଖ ଧାର୍ଯ୍ୟ ହେଲା । ତତ୍‌କାଳିନ ଆଡ଼ଭୋକେଟ୍ ଜେନେରାଲ ବାରିଷ୍ଟର ବୀରେନ୍ଦ୍ର ମୋହନ ପଟ୍ଟନାୟକଙ୍କର ସଭାପତିତ୍ୱରେ ତାଙ୍କୁ ଲଗାଇ ଆଉ ଚଉଦ ଜଣ ନିର୍ବାଚନରେ ଜିତିଥିବା ଓକିଲମାନଙ୍କର ଏକ ବୈଠକ ହେଲା । ବ୍ରହ୍ମପୁରର ଓକିଲ କୃଷ୍ଣ ଚରଣ ପଟ୍ଟନାୟକ ନିର୍ଦ୍ୱନ୍ଦରେ ଚେୟାରମ୍ୟାନ୍ ନିର୍ବାଚିତ ହେଲେ । ଭାଇସ୍‌ଚେୟାରମ୍ୟାନ୍ ପାଇଁ ବିନୋଦବାବୁଙ୍କ ନାଁ ଉଠିଲା । କୃଷ୍ଣ ଚରଣ ପଟ୍ଟନାୟକ ଏବଂ ଯାଜପୁର ଓକିଲ ଦାମୋଦର ମହାନ୍ତି (ପରବର୍ତ୍ତୀ କାଳରେ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆର ଲ' ଅଫିସର୍) ତାଙ୍କର ପ୍ରସ୍ତାବକ ଓ ସମର୍ଥକ ହେଲେ । ଅନ୍ୟ ଜଣେ ଓକିଲ ତାଙ୍କ ସହିତ ପ୍ରତିଦ୍ୱନ୍ଦିତା କରିଥିଲେ । ଭୋଟ ନିଆଗଲା । ଭୋଟରେ ବିନୋଦବାବୁ ଜୟଯୁକ୍ତ ହୋଇ ଭାଇସ୍‌ଚେୟାରମ୍ୟାନ୍ ହେଲେ । ଏହି ପଦବୀରେ ସେ ୧୯୮୫ ମସିହା ପର୍ଯ୍ୟନ୍ତ ରହିଲେ । ତେବେ ୧୯୮୦ ମସିହାରେ କୃଷ୍ଣ ଚରଣ ପଟ୍ଟନାୟକ, ବିଧାନସଭା ନିର୍ବାଚନରେ ବ୍ରହ୍ମପୁର ସହରରୁ ଜିତି ଓଡ଼ିଶାର ଆଇନ୍ ମନ୍ତ୍ରୀ ହେଲେ ଏବଂ ବାର୍ କାଉନ୍‌ସିଲ୍‌ର ଚେୟାରମ୍ୟାନ୍ ପଦବୀରୁ ଇସ୍ତଫା ଦେଲେ । ତାଙ୍କ ସ୍ଥାନରେ ବିନୋଦବାବୁ ଚେୟାରମ୍ୟାନ୍ କାର୍ଯ୍ୟ ତୁଲାଇଲେ । ଏହାର କେତେ ମାସ ପରେ ଭଦ୍ରକର ଓକିଲ ଦେବାନନ୍ଦ ମହାପାତ୍ରଙ୍କୁ ଚେୟାରମ୍ୟାନ୍ କରାଗଲା ପରେ ପୁଣି ସେ ଭାଇସ୍‌ଚେୟାରମ୍ୟାନ ପଦରେ କାର୍ଯ୍ୟନିର୍ବାହ କଲେ । ତା'ପରେ ଆଉ ଦୁଇଟି ନିର୍ବାଚନ ୧୯୮୫ ଏବଂ ୧୯୯୦ରେ ଲଢ଼ି ଜୟଯୁକ୍ତ ହେଲେ ଏବଂ ୧୯୯୭ ପର୍ଯ୍ୟନ୍ତ ବିତ୍ତ କମିଟିର ଚେୟାରମ୍ୟାନ ରହି କାର୍ଯ୍ୟ କରିଥିଲେ ।

୧୯୮୦ ମସିହାରୁ ବିନୋଦବାବୁ ଇଣ୍ଟରନ୍ୟାସନାଲ୍ ବାର ଆସୋସିଏସନ୍ ଏବଂ ଇଣ୍ଟରନ୍ୟାସନାଲ୍ ଲ' ଆସୋସିଏସନ୍‌ର ସଦସ୍ୟ ଭାବେ ମନୋନୀତ ହୋଇଥିଲେ । ସେହି ବର୍ଷ ସେ ଅଲ୍ ଇଣ୍ଡିଆ ଫେଡ଼େରେସନ ଅଫ୍ ଟେକ୍ସ ପ୍ରାକ୍‌ଟିସନାର୍ସର ଜାତୀୟ କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ

Digitized by srujanika@gmail.com

ହୋଇଥିଲେ । ପୁଣି ସେହିବର୍ଷ ଠାରୁ ସେ ଅଲ୍ ଓଡ଼ିଶା ଟେକ୍ସବାର ଆସୋସିଏସନ୍‌ର ଆଜୀବନ ସଦସ୍ୟ ଅଛନ୍ତି । ୨୦୦୫ ମସିହାରୁ ଅଲ୍ ଇଣ୍ଡିଆ ଫେଡ଼େରେସନ୍ ଅଫ୍ ଟେକ୍ସ ପ୍ରାକଟିକସନ୍ (ଇଷ୍ଟର୍ଣ୍ଣ ଜୋନ୍)ର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି ।

"୧୯୭୬ରେ ଦୀର୍ଘଦିନ ପର୍ଯ୍ୟନ୍ତ ଜ୍ୱରାକ୍ରାନ୍ତ ହେଲି । ମୁମୂର୍ଷ ଅବସ୍ଥାରେ ୧୯୭୩ରେ ପିତକୋଷରେ ପଥର ପାଇଁ ଅପରେସନ୍ କରି ନବଜୀବନ ଲାଭ କରିଥିଲି । ପୁଣି କଲିକତା ହସ୍ପିଟେଲ୍‌ରେ ରହି ଚିକିତ୍ସିତ ହୋଇ ମରଣ ମୁଖରୁ ଉଦ୍ଧାର ପାଇଲି ।"

"ପୁଣି ୧୯୮୭ ମସିହା ମେ' ମାସରେ କଟକରେ ରହଣିବେଳେ ହଠାତ୍ ପେଟରେ ଯନ୍ତ୍ରଣା ଆରମ୍ଭ ହେଲା । ଏହା ପ୍ରଚଣ୍ଡ ଆକାର ଧାରଣ କଲା । ତତ୍‌କାଳୀନ କଟକର ବିଶିଷ୍ଟ ଭେଷଜ ଡାକ୍ତର ଆକୁଳାନନ୍ଦ ଷଡ଼ଙ୍ଗୀ ଓ ମୋର ବାଲ୍ୟବନ୍ଧୁ ବିଶିଷ୍ଟ ସରଜନ୍ ଡାକ୍ତର ଗୁରୁପ୍ରସାଦ ମହାନ୍ତି ପରୀକ୍ଷା କରି ପେଟରେ କ୍ୟାନସର ସନ୍ଦେହ କଲେ । ପୁଣି ମୁମୂର୍ଷୁ ଅବସ୍ଥାରେ ମୋତେ କଲିକତାକୁ ନିଆଯାଇ ବେଲ୍‌ଭିଉ ହସପିଟାଲ୍‌ରେ ଭର୍ତ୍ତି କଲେ । ଦେଢ଼ମାସ କାଳ ପରୀକ୍ଷା ନିରୀକ୍ଷା କଲାପରେ ପେଟ ଅପରେସନ୍ କରାଗଲା । ସୌଭାଗ୍ୟକୁ ମୋ ପେଟରେ 'କ୍ରୋନ୍' ରୋଗ ହୋଇଥିବାରୁ ମୁଁ ଭର୍ତ୍ତିଗଲି । ସେ ସମୟରେ ମୋର ମାମୁଁ ବାରିଷ୍ଟର୍ ରଣଜିତ୍ ମହାନ୍ତି ମଧ୍ୟ ସମଦଶାପନ୍ନ ହୋଇ ତାଙ୍କର ପେଟ ଅପରେସନ୍ ବମ୍ବେରେ ହେଲା । କେନ୍‌ସର୍ ବାହାରିଲାରୁ ସେ କେତୋଟି ମାସ ପରେ ସଂସାରରୁ ଚିରଦିନ ପାଇଁ ବିଦାୟ ନେଲେ ।"

ବିନୋଦବାବୁ ୧୯୮୦ ମସିହା ଅଗଷ୍ଟ ମାସରେ ଭାରତୀୟ ବାର କାଉନ୍‌ସିଲ୍ ତରଫରୁ ୫୧ ଜଣ ଆଇନ୍‌ଜୀବୀ ପ୍ରତିନିଧି ଦଳର ଉପଦଳ ପତି ଭାବରେ ଇଣ୍ଟର ନ୍ୟାସନାଲ୍ ବାର ଆସୋସିଏସନ୍ ଓ ଇଣ୍ଟରନ୍ୟାସନାଲ ଲ' ଆସୋସିଏସନ୍‌ର ଦ୍ୱିବାର୍ଷିକ ସମ୍ମିଳନୀରେ ଜର୍ମାନୀର ବର୍ଲିନ୍ ସହର ଓ ଯୁଗୋସ୍ଲୋଭାକିଆ ଠାରେ ଯୋଗଦାନ ତତ୍ ସଙ୍ଗେ ସଙ୍ଗେ ଦେଢ଼ମାସ ବ୍ୟାପୀ ଇଉରୋପ ମହାଦେଶ, ଲଣ୍ଡନ, ଯୁକ୍ତରାଷ୍ଟ୍ର ଆମେରିକା ସ୍ଥିତ ବିଧିମୂଳକ ସଂସ୍ଥାମାନ ପରିଦର୍ଶନ, ଆଇନ୍ ସମୀକ୍ଷା ଓ ଅନୁଧ୍ୟାନ କରିଥିଲେ ।

୧୯୮୨ ମସିହାରେ ଦ୍ୱିତୀୟଥର ପାଇଁ ଭାରତୀୟ ବାରକାଉନ୍‌ସିଲ୍ ତରଫରୁ ୩୫ ଜଣ ଆଇନ୍‌ଜୀବୀ ପ୍ରତିନିଧି ଦଳର ଦଳପତି ହୋଇ କାନାଡ଼ାର ମଣ୍ଟ୍ରିଲ ଠାରେ ଆନ୍ତର୍ଜାତିକ ସମ୍ମିଳନୀରେ ଯୋଗଦାନ ସଙ୍ଗେ

Digitized by srujanika@gmail.com

ସଙ୍ଗେ ୧ମାସ ୧୦ଦିନ ବ୍ୟାପୀ ବିଦେଶସ୍ଥିତ ସଂସ୍ଥାମାନ ପରିଦର୍ଶନ ଏବଂ ବୈଷୟିକ ଆଇନ୍‌ର ଅନୁଧ୍ୟାନ କରିଥିଲେ ।

୧୯୮୪ ମସିହାରେ ସସ୍ତ୍ରୀକ, ଆନ୍ତର୍ଜାତିକ ଆଇନ୍ ସମ୍ମିଳନୀରେ ପ୍ରତ୍ୟକ୍ଷ ଭାବରେ ନିମନ୍ତ୍ରିତ ହୋଇଥିଲେ । ଫ୍ରାନ୍ସ, ରୋମ ପ୍ରଭୃତିରେ ଏକମାସ ବ୍ୟାପୀ ଆଇନ୍ ଅନୁଧ୍ୟାନ ଜନିତ ଭ୍ରମଣ କରିଥିଲେ । ଏହି ଅବସରରେ ପୁତ୍ର ବିକ୍ରମ ଯୁକ୍ତରାଷ୍ଟ୍ର ଆମେରିକାର 'ଡେନିସନ୍ ବିଶ୍ୱବିଦ୍ୟାଳୟ'ରେ ଗ୍ରାଜୁଏଟ୍ ପାଠ୍ୟକ୍ରମରେ ନାମ ଲେଖାଇଥିଲେ ।

୧୯୮୬ ମସିହାରେ ପ୍ରତ୍ୟକ୍ଷ ଭାବରେ ନିମନ୍ତ୍ରିତ ହୋଇ 'ଏଥେନ୍‌ସ' ଠାରେ ଅନୁଷ୍ଠିତ ଆଇନ୍ ସମ୍ମିଳନୀରେ ଯୋଗଦାନ ସଙ୍ଗେ ସଙ୍ଗେ ଆଇନ୍ ଅନୁଧ୍ୟାନ ପାଇଁ ଆମେରିକାର ବିଭିନ୍ନ ସହର, ସ୍କେଣ୍ଡିନେଭିୟାନ୍ ଦେଶ ସମୂହ ଗସ୍ତ କରିଥିଲେ ।

୧୯୮୮ ମସିହା ନଭେମ୍ବର ମାସରେ ସସ୍ତ୍ରୀକ କେତେକ ବିଧିସଂସ୍ଥା ଓ ଆଇନ୍‌ଜୀବୀମାନଙ୍କ ସ୍ୱତନ୍ତ୍ର ନିମନ୍ତ୍ରଣ କ୍ରମେ ଯୁକ୍ତରାଷ୍ଟ୍ର ଆମେରିକାର ନିଉୟର୍କ ସହରରେ ଏକମାସ ଅବସ୍ଥାନ କରି ବିଭିନ୍ନ ଆଇନ୍‌ଜୀବୀ ଓ ଆଇନ୍‌ସଂସ୍ଥା ସହିତ ଯୋଗାଯୋଗ ସ୍ଥାପନ କରିଥିଲେ ।

ବମ୍ବେ, ଦିଲ୍ଲୀ, ଯୋଧପୁର, ଜୟପୁର (ରାଜସ୍ଥାନ), ରାୟପୁର, କଲିକତା, ହାଇଦ୍ରାବାଦ, ମାଡ୍ରାସ, ବାଙ୍ଗାଲୋର, କୋଚିନ, ଭୋପାଳ, ପାଟନା (ବିହାର), ନାଗପୁର, ଜାମସେଦପୁର ପ୍ରଭୃତି ସ୍ଥାନମାନଙ୍କରେ ଆହୂତ ବହୁ ଜାତୀୟ ଆଇନ୍ ସମ୍ମିନଳୀରେ ବାର୍ଷିକ ପ୍ରାୟ ୩/୪ ଥର (୧୯୮୦ ମସିହାଠାରୁ ଏ ଯାବତ୍) ତାଙ୍କର ଯୋଗଦାନ ଅବ୍ୟାହତ ରହିଛି ।

୧୯୯୪ ମସିହା ମେ' ମାସରେ 'ଗୋବିନ୍ଦ ନାରାୟଣ ରିଲିଜିୟସ୍ ଆଣ୍ଡ ଚେରିଟେବୁଲ୍ ପବ୍ଲିକ ଟ୍ରଷ୍ଟ' ନାମକ ଏକ ଧାର୍ମିକ ଓ ଜନକ୍ୟାଣ ଟ୍ରଷ୍ଟ୍ ବାଲେଶ୍ୱର ସହର ଉପକଣ୍ଠରେ ଗଠିତ ଓ ପଞ୍ଜୀକୃତ ହୋଇ ଚାଲିଛି ।'

୧୯୯୬ ମସିହା ଜୁଲାଇ ମାସରେ 'ବିପିନ ବିହାରୀ ଏଜୁକେସନାଲ୍ ଆଣ୍ଡ୍ ପବ୍ଲିକ୍ ଚାରିଟେ଼ବୁଲ୍ ଟ୍ରଷ୍ଟ' ନାମକ ଏକ ଜନକଲ୍ୟାଣ ଟ୍ରଷ୍ଟ୍‌ର ନ୍ୟାସ ପତ୍ର ବାଲିପାଟଣା ଠାରେ ପଞ୍ଜିକୃତ ହୋଇ ଚାଲିଛି ।

ମେ' ମାସ ୧୯୯୯ ମସିହାରେ ତାଙ୍କର ବାରିପଦାସ୍ଥିତ ତିନିତାଲା କୋଠା ଘରେ ପ୍ରତିଷ୍ଠା କଲେ 'ତ୍ରିଭାଷୀ ଏକତା ସ୍କୁଲ୍' । ଏହି ସ୍କୁଲ୍ ଶିକ୍ଷାବିଭାଗ ଦ୍ୱାରା ୭ମ ଶ୍ରେଣୀ ପର୍ଯ୍ୟନ୍ତ ଅନୁମୋଦନ ଲାଭ କରି ଓଡ଼ିଆ, ହିନ୍ଦି ଓ ଇଂରେଜୀ ମିଡ଼ିୟମ୍‌ରେ ଶିକ୍ଷା ପ୍ରଦାନ କରୁଛି ।

Digitized by srujanika@gmail.com

ବିନୋଦବିହାରୀଙ୍କ ସାରସ୍ୱତ କୃତି

କ୍ର.ନଂ.	ଗ୍ରନ୍ଥର ନାମ			ପ୍ରକାଶ କାଳ
୧	ସାରଳା ରତ୍ନଭଣ୍ଡାର ରସସାଗର	(ପ୍ରଥମ ଖଣ୍ଡ)	(ପ୍ରଥମ ସଂସ୍କରଣ)	୧୭.୯.୯୬
୨	,,	(ଦ୍ୱିତୀୟ ଖଣ୍ଡ)	(ପ୍ରଥମ ସଂସ୍କରଣ)	୧୭.୧୦.୯୯
୩	,,	(ତୃତୀୟ ଖଣ୍ଡ)	(ପ୍ରଥମ ସଂସ୍କରଣ)	୬.୫.୨୦୦୦
୪	,,	(ଚତୁର୍ଥ ଖଣ୍ଡ)	(ପ୍ରଥମ ସଂସ୍କରଣ)	୬.୮.୨୦୦୧
୫	,,	(ପଞ୍ଚମ ଖଣ୍ଡ)	(ପ୍ରଥମ ସଂସ୍କରଣ)	୧୪.୧.୨୦୦୩
୬	,,	(ଷଷ୍ଠ ଖଣ୍ଡ)	(ପ୍ରଥମ ସଂସ୍କରଣ)	୧୦.୧୦୨୦୦୩
୭	,,	(ସପ୍ତମ ଖଣ୍ଡ)	(ପ୍ରଥମ ସଂସ୍କରଣ)	୨୪.୧୧.୦୫
୮	ସହବାସ (ଉପନ୍ୟାସ)		(ପ୍ରଥମ ସଂସ୍କରଣ)	୧୦୯.୨୦୦୨
୯	ସାଉଁଟା ମଣି ମାଣିକ୍ୟ (ପ୍ରବଚନ ସଂକଳନ)		(ପ୍ରଥମ ସଂସ୍କରଣ)	୨୮.୧୧୨୦୦୨
୧୦	ସାନ୍ତାଳ ଲୋକକଥା	(ପ୍ରଥମ ଖଣ୍ଡ)	(ପ୍ରଥମ ସଂସ୍କରଣ)	୪.୫.୨୦୦୩
୧୧	,,	(ଦ୍ୱିତୀୟ ଖଣ୍ଡ)	(ପ୍ରଥମ ସଂସ୍କରଣ)	୨୭.୧୦.୦୪
୧୨	ବୀରବଲଙ୍କ ହସ କାହାଣୀ	(ପ୍ରଥମ ଖଣ୍ଡ)	(ପ୍ରଥମ ସଂସ୍କରଣ)	୪.୫.୨୦୦୩
୧୩	ଲୋଧାଶବର ଲୋକକଥା		(ପ୍ରଥମ ସଂସ୍କରଣ)	୪.୫.୨୦୦୩
୧୪	ଜୀବନ କାହାଣୀ (ଅନୁବାଦ ଗଳ୍ପ)		(ପ୍ରଥମ ସଂସ୍କରଣ)	୨୩.୧୦.୦୪
୧୫	ବାଂଲାଦେଶ ଲୋକଗୀତ (ଅନୁବାଦ)		(ପ୍ରଥମ ସଂସ୍କରଣ)	୨୦.୧୦.୦୪
୧୬	ହସ-କଲ୍ଲୋଳ (ବ୍ୟଙ୍ଗଗଳ୍ପ)	(ପ୍ରଥମ ଖଣ୍ଡ)	(ପ୍ରଥମ ସଂସ୍କରଣ)	୨୦.୧୧.୦୪
୧୭	,,	(ଦ୍ୱିତୀୟ ଖଣ୍ଡ)	(ପ୍ରଥମ ସଂସ୍କରଣ)	୨୭.୩.୦୬
୧୮	ଗଳ୍ପ ବିନୋଦ		(ପ୍ରଥମ ସଂସ୍କରଣ)	୧୫.୧୨.୦୪
୧୯	ଅପହରଣ (ଉପନ୍ୟାସ)		(ପ୍ରଥମ ସଂସ୍କରଣ)	୩୦.୪.୦୬

✡✡✡

Digitized by srujanika@gmail.com

ସ୍ନାୟୁଶଲ୍ୟ-ସେବାର ସବ୍ୟସାଚୀ: ଡାକ୍ତର ସନାତନ ରଥ

ଡକ୍ଟର ସୁନାମଣି ରାଉତ

ଧନ୍ୟ କହିବା କଟକ ଜିଲ୍ଲାର ନରସିଂହପୁର ବ୍ଲକ୍ ଅନ୍ତର୍ଗତ ଅତଣ୍ଡା ଗାଁକୁ । ଧନ୍ୟକହିବା ୧୯୩୪ ମସିହାର ସେପ୍ଟେମ୍ବର ମାସ ସତର ତାରିଖକୁ । ଆଉ ଧନ୍ୟ କହିବା ପିତା ମନମୋହନ ରଥ ଓ ମାତା ଚନ୍ଦ୍ରମଣୀ ଦେବୀଙ୍କୁ । କାରଣ ସେଇ ଅଖ୍ୟାତ ଗାଁ'ରେ ସେଇ ପୁଣ୍ୟତିଥିରେ, ସେଇ ଭାଗ୍ୟବାନ ପିତା ଓ ଭାଗବତୀ ମାତାଙ୍କ କୋଳକୁ ଉଜ୍ଜଳ କରି. ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ସ୍ନାୟୁଶଲ୍ୟ ଚିକିତ୍ସାବିତ୍ ଡାକ୍ତର ସନାତନ ରଥ ଜନ୍ମଗ୍ରହଣ କରିଥିଲେ । ଏକ ମଧ୍ୟବିତ୍ତ ଧାର୍ମିକ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ସେ ନିଜର ଐକାନ୍ତିକ ନିଷ୍ଠା, ଆପ୍ରାଣ ଉଦ୍ୟମ, ଦୃଢ଼ ଇଚ୍ଛାଶକ୍ତି ଅଦମ୍ୟ ଅଧ୍ୟବସାୟ ବଳରେ ନିଜର ଲକ୍ଷ୍ୟ ହାସଲରେ ସଫଳ ହୋଇ ପାରିଛନ୍ତି ।

ସେତେବେଳେ ନରସିଂହପୁର ଅଞ୍ଚଳରେ କୌଣସି ହାଇସ୍କୁଲ ନଥିଲା । ସନାତନଙ୍କ ପିତା ମନମୋହନ ମାଟ୍ରିକ ଯାଏ ବାଙ୍କିରେ ପଢ଼ିଥିଲେ । ମାଟ୍ରିକ ପାଶ୍‌ପରେ ସେ ଇଂଜିନିୟରିଂରେ ଟ୍ରେନିଂନେଇ ତତ୍‌କାଳୀନ ନରସିଂହପୁର ପ୍ରଶାସନରେ ଇଂଜିନିୟରିଂ ସହାୟକ ଭାବେ ଯୋଗଦେଲେ । ସେ ମୁଖ୍ୟତଃ ନଦୀବଂଧ ନିର୍ମାଣ ଓ 'ରକ୍ଷଣାବେକ୍ଷଣର କାର୍ଯ୍ୟ ତଦାରଖ କରିବା ପାଇଁ ସହଯୋଗ କରୁଥିଲେ । ଡାକ୍ତର ରଥଙ୍କ ଜେଜେବାପା ଓ ଜେଜେଇ ପରିବାରର ଭରଣ ପୋଷଣ ପାଇଁ ଚାଷ ଉପରେ ନିର୍ଭର କରୁଥିଲେ । ସେ ସମୟରେ ସେ ଅଞ୍ଚଳର ଅନ୍ୟ ଚାଷୀମାନେ ପାରମ୍ପାରିକ ପ୍ରଣାଳୀରେ ଚାଷ କରୁଥିବା ବେଳେ ଡାକ୍ତର ରଥଙ୍କ ଜେଜେ ବାପା ଓ ଜେଜେଇ ଆଧୁନିକ ପ୍ରଣାଳୀରେ ଚାଷକରି ଅତି ଉନ୍ନତ ମାନର

Digitized by srujanika@gmail.com

ଧାନ ଓ ଆଖୁ ଅମଳ କରିବା ଏକ ଉଲ୍ଲେଖନୀୟ ଘଟଣା ଥିଲା । ପିଲାଦିନେ ଡାକ୍ତର ରଥ ମଧ୍ୟ ଚାଷକାର୍ଯ୍ୟ ଦେଖୁଥିଲେ ଏବଂ ଆଖୁରୁ ଗୁଡ଼ ତିଆରି ହେବାର କୌଶଳ ଓ ଅନ୍ୟାନ୍ୟ ଚାଷକାର୍ଯ୍ୟ ସହିତ ପ୍ରତ୍ୟକ୍ଷଭାବେ ଜଡ଼ିତ ଥିଲେ । ମାତ୍ର ପାଠପଢ଼ାରେ ସେ କେବେହେଲେ ହେଳା କରୁନଥିଲେ ।

ପ୍ରାୟ ସମସ୍ତ ବଡ଼ ମଣିଷଙ୍କ ପିଲାଦିନକୁ ଗଢ଼ିବା ପାଇଁ ସେମାନଙ୍କ ମହିୟସୀ ମା'ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବାପରି ଡାକ୍ତର ରଥଙ୍କ ମା' ସେ ଦିଗରୁ କିଛି କମ ନଥିଲେ । ଡାକ୍ତର ରଥଙ୍କ ମା' ବେଶୀ କିଛି ପାଠ ପଢ଼ିନଥିଲେ ମଧ୍ୟ ସ୍ୱଭାବରେ ସେ ଥିଲେ ଜଣେ ଧର୍ମ ପରାୟଣ ମହିଳା । ଶୁଣି ଶୁଣି ଓ ଅଭ୍ୟାସକରି ସେ ରାମାୟଣ ଓ ମହାଭାରତରୁ ଅନେକ ଗୀତ ବୋଲି ପାରୁଥିଲେ । ମା'ଙ୍କ ମୁହଁରୁ ସେଇ ଗୀତଶୁଣିବାକୁ ପିଲାମାନେ ଖୁବ୍ ଭଲ ପାଉଥିଲେ ।

ପିତାମାତାଙ୍କ ଜନ୍ମିତ ଚାରିଜଣ ପିଲାଙ୍କ ଭିତରୁ ସନାତନ ଥିଲେ ତୃତୀୟ ସନ୍ତାନ । ତାଙ୍କ ଉପରେ ଜନ୍ମ ହୋଇଥିବା ଦୁଇଟି ଭାଇ ପିଲାଦିନରୁ ମରି ଯାଇଥିବାରୁ ସେ ହିଁ ବାପା ମା'ଙ୍କ ବଡ଼ ପୁଅ ବୋଲି ପରିଚିତ ହେଲେ । ତାଙ୍କର କେହି ଭଉଣୀ ନଥିଲେ । ତାଙ୍କ ଘରର ଏକ ବଡ଼ କୋଠରୀରେ ଠାକୁରପୂଜା ଓ ପ୍ରାର୍ଥନା କରାଯାଉଥିଲା । ସେଇ ଠାକୁର ଘରେ ଜଗନ୍ନାଥ, ଲକ୍ଷ୍ମୀ, ଗଣେଶ, ଶିବ ପ୍ରଭୃତି ଦେବଦେବୀ ପୂଜା ପାଉଥିଲେ । ପିଲାମାନେ ସେଇ କୋଠରୀକୁ 'ମନ୍ଦିର' ବୋଲି କହୁଥିଲେ । ପ୍ରତିଦିନ ସେଇ ଗାଁର ପୁରାଣ ଶାସ୍ତ୍ରରେ ପଣ୍ଡିତ ଜଣେ ବ୍ରାହ୍ମଣ ଆସି ଠାକୁର ପୂଜା କରୁଥିଲେ । ଠାକୁର ପୂଜା ପାଇଁ ତାଙ୍କୁ ବର୍ତ୍ତନ ଦିଆଯାଉଥିଲା ।

ସନାତନଙ୍କ ପିତା ଚାହୁଁଥିଲେ ତାଙ୍କ ପୁଅ ବଡ଼ ହୋଇ ଜଣେ ଭଲ ଡାକ୍ତର ହେଉ । ସେଥିପାଇଁ ସେ ବହୁ ଉଦ୍ୟମ କରିଛନ୍ତି । ଏହା ସହିତ ସନାତନଙ୍କ ଦୃଢ଼ ଇଚ୍ଛାଶକ୍ତି ଓ ପ୍ରାଗାଢ଼ ଅଧ୍ୟବ୍‌ସାୟ ସହାୟକ ହୋଇଛି । ଭଗବାନ ସମସ୍ତଙ୍କ ଡାକ ଶୁଣିଛନ୍ତି । ସେଦିନର ସେହି ଅଧ୍ୟବସାୟୀ କର୍ତ୍ତବ୍ୟନିଷ୍ଠ ଦୃଢ଼ମନା ସନାତନ ଆଜି ହୋଇପାରିଛନ୍ତି ଆମ ସମସ୍ତଙ୍କର ପ୍ରିୟ 'ଡାକ୍ତର ସନାତନ ରଥ' ।

ପ୍ରାଥମିକ ଓ ମଧ୍ୟ ଇଂରାଜୀ ଶିକ୍ଷା

ଡଃ ରଥଙ୍କର ବାଲ୍ୟଶିକ୍ଷା ଆରମ୍ଭ ହୋଇଥିଲା ନରସିଂହପୁର ମଡ଼େଲ ପ୍ରାଇମେରୀ ସ୍କୁଲରୁ । ତାଙ୍କ ପ୍ରାଥମିକ ସ୍କୁଲ ଜୀବନରେ ଗୋଟିଏ ମଜା

Digitized by srujanika@gmail.com

ଘଟଣା ଘଟିଥିଲା । ଦିନେ ସ୍କୁଲରେ ଗୋଟିଏ ପୂଜା ହେଉଥିଲା । ସନାତନଙ୍କୁ ତାଙ୍କର ମା' କିଛି କଦଳୀ ଓ ଗୁଡ଼ ପୂଜା ପାଇଁ ଦେଇଥିଲେ । ମାତ୍ର ସନାତନ ସେଇ କଦଳୀ ଓ ଗୁଡ଼କୁ ପୂଜାରେ ନଦେଇ ସ୍କୁଲଯିବା ବାଟରେ ନିଜେ ଖାଇଦେଇ ଥିଲେ । ଏକଥା ଜାଣିବା ପରେ ସ୍କୁଲର ପ୍ରଧାନ ଶିକ୍ଷକ ସନାତନଙ୍କୁ ଖୁବ୍ ଗାଳି ଦେଇଥିଲେ ।

ପ୍ରାଥମିକ ସ୍କୁଲ ଶିକ୍ଷା ଶେଷକରି ନରସିଂହପୁର ମଧ୍ୟଇଂରାଜୀ ସ୍କୁଲରେ ସନାତନ ପଢ଼ା ଆରମ୍ଭ କରିଥିଲେ । ସେ ସ୍କୁଲର ପ୍ରଧାନ ଶିକ୍ଷକ ଥିଲେ ତାଙ୍କର ସଂପର୍କୀୟ ଶ୍ରୀରାମଚନ୍ଦ୍ର ରଥ । ସେ ସେତେବେଳେ ରେଭେନ୍‌ସା କଲେଜରୁ ଇଂରାଜୀରେ ଅନର୍ସ ରଖି ବି.ଏ. ପାଶ କରିଥିଲେ ଓ ଇଂରାଜୀରେ ଖୁବ୍ ଭଲ୍ ପଢ଼ାଉଥିଲେ । ତାଙ୍କର ଉଚ୍ଚମାନର ଶିକ୍ଷାଦାନ ଫଳରେ ସନାତନ ଇଂରାଜୀରେ ଭଲ କରୁଥିଲେ । ସେଥିପାଇଁ ସେ ଇଂରାଜୀ ଆବୃତ୍ତି ପ୍ରତିଯୋଗିତାରେ ସେତେବେଳର ରେସିଡେଣ୍ଟ୍ କମିଶନର ସାର୍. ଇସ୍‌କାଣ୍ଡ ମୀର୍ଜା, ଆଇ.ସି.ଏସ୍ (ଯେକି ପରେ ପାକିସ୍ଥାନର ରାଷ୍ଟ୍ରପତି ହୋଇଥିଲେ)ଙ୍କ ଠାରୁ ପୁରସ୍କୃତ ହୋଇଥିଲେ । ସେ ଗଣିତରେ ମଧ୍ୟ ଭଲ କରୁଥିଲେ ।

ହାଇସ୍କୁଲ ଶିକ୍ଷା:

ନରସିଂହପୁର ଅଞ୍ଚଳରେ ଆଦୌ ହାଇସ୍କୁଲ ନଥିଲା । ସେତେବେଳେ ନୂଆକରି ଯେଉଁ ହାଇସ୍କୁଲଟି ଗଢ଼ି ଉଠିଲା ତା'ର ନାଁ ତତ୍‌କାଳୀନ ନରସିଂହପୁର ରାଜା ଶ୍ରୀ ଅନନ୍ତ ନାରାୟଣ ସିଂହଦେଓଙ୍କ ନାମରେ ନାମିତ ହୋଇଥିଲା । ସନାତନ ଅଷ୍ଟମ ଶ୍ରେଣୀରେ ସେ ସ୍କୁଲରେ ନାମ ଲେଖାଇଲେ । ସେ ଥିଲେ ସେ ସ୍କୁଲର ଦ୍ୱିତୀୟ ବ୍ୟାଚ୍ ପିଲା । ତାଙ୍କ ଶ୍ରେଣୀରେ ପ୍ରାୟ କୋଡ଼ିଏ ଜଣ ପିଲା ପାଠ ପଢୁଥିଲେ ।

ବେଳେବେଳେ ଛାତ୍ରଛାତ୍ରୀମାନେ ଗଣିତ ଓ କବିତା ଆବୃତ୍ତି ପ୍ରତିଯୋଗିତାରେ ଭାଗନେଉଥିଲେ । ସନାତନ ମଧ୍ୟ ସବୁଥିରେ ଭଲ କରୁଥିଲେ । ତାଙ୍କର ସଂସ୍କୃତ ମଧ୍ୟଭଲ ହେଉଥିଲା । ତାଙ୍କ ଶାନ୍ତ ସରଳ ସ୍ୱଭାବ ଓ ଅଧ୍ୟବସାୟ ପାଇଁ ତାଙ୍କୁ ସମସ୍ତେ ଭଲ ପାଉଥିଲେ । ସେ ଦିନର କଥାସବୁ ମନେ ପଡ଼ିଲେ ଆଜି ଡା. ରଥଙ୍କ ହୃଦୟ ଆନନ୍ଦରେ ଉଚ୍ଛୁଳି ଉଠେ । ସେ ଛାତ୍ର ଥିବାବେଳେ ସ୍ୱାଧୀନତା ଆନ୍ଦୋଳନ ଚାଲିଥିଲା । ସେତେବେଳେ ସ୍କୁଲକୁ ପୋଲିସ୍‌ମାନେ ଆସୁଥିଲେ । କେତେକ ଶିକ୍ଷକ ସ୍କୁଲ ଛାଡ଼ି ଚାଲି ଯାଉଥିଲେ । ଛାତ୍ରଛାତ୍ରୀମାନଙ୍କ ପାଠପଢ଼ାରେ ବ୍ୟାଘାତ ହେଉଥିଲା ।

Digitized by srujanika@gmail.com

ସନାତନଙ୍କ ବାପା ତାଙ୍କ ପାଇଁ ୧୯୪୯ ମସିହାରେ ଗୋଟିଏ ସାଇକେଲ କିଣିଦେଇ ଥିଲେ । ହାଇସ୍କୁଲ ଛାତ୍ରମାନଙ୍କ ଭିତରେ ସନାତନଙ୍କ ସାଇକେଲ ଥିଲା ସେ ସ୍କୁଲର ପ୍ରଥମ ସାଇକେଲ । ଖେଳକୁଦରେ ତାଙ୍କର ଖୁବ ଝୁଙ୍କ୍ ରହିଥିଲା । ସେତେବେଳେ ସ୍କୁଲରେ ଖେଳକୁଦ ପାଇଁ ସୁବିଧା ମିଳୁନଥିଲା । କେବେଳ ଫୁଟବଲ ଖେଳର ସୁବିଧାଥିଲା । ସ୍କୁଲ ଛୁଟିପରେ ସେ ଫୁଟବଲ୍ ଖେଳିବାର ଅଭ୍ୟାସ ରଖୁଥିଲେ । ଅନ୍ୟଖେଳ ପ୍ରତି ତାଙ୍କର ସେତେ ଆଗ୍ରହ ନଥିଲା । ସ୍କୁଲରେ ପିଲାମାନଙ୍କ ବ୍ୟକ୍ତିତ୍ୱ ବିକାଶ ପାଇଁ ସେମିତି କିଛି ସୁବିଧା ନଥିଲା । ତେବେ ସ୍କୁଲରେ ସ୍କାଉଟ୍ ସଂସ୍ଥା କାର୍ଯ୍ୟ କରିବାରୁ ସେ ବାଳକ ସ୍କାଉଟ୍‌ରେ ଯୋଗ ଦେଲେ । ଫଳରେ ସେ ନିଜର ଓ ଅଭାବୀ ଲୋକମାନଙ୍କ ସେବା କରିବାର ପ୍ରେରଣା ଲାଭ କଲେ । ଏହି ପ୍ରେରଣା ତାଙ୍କ ପରବର୍ତ୍ତୀ ଡାକ୍ତରୀ ଜୀବନରେ ବହୁଭାବରେ ସହାୟକ ହୋଇଛି ।

ନରସିଂହପୁରରୁ ତାଙ୍କ ଗାଁ'କୁ ଯିବାକୁ ହେଲେ ଜଙ୍ଗଲ ବାଟ ଦେଇ ପ୍ରାୟ ଦଶ କି.ମି. ବାଟ ଯିବାକୁ ହେଉଥିଲା । ଗାଁ ଲୋକମାନେ ପ୍ରାୟ ଶଗଡ଼ ସାହାଯ୍ୟରେ ନରସିଂହପୁରକୁ ଯିବା ଆସିବା କରୁଥିଲେ । ସାଇକେଲ କିଣାହେବା ପରେ ସନାତନ ଦିନବେଳା ଏତେ ଦୂରବାଟକୁ ସାଇକେଲରେ ଯାଇପାରୁଥିଲେ । ଏହା ଥିଲା ତାଙ୍କ ପାଇଁ ଖୁବ୍ ଖୁସି, ମଜାର ଦିନ । ସେତେବେଳେ ବସ୍‌ର ସୁବିଧା ନଥିଲା । ସାଇକେଲ ଓ ଶଗଡ଼ରେ ଯିବାବେଳେ ବାଘଟାଏ କି ଭାଲୁଟାଏ ରାସ୍ତାରେ ବସିଥିବାର ସେ ଦେଖୁଥିଲେ ।

ଏତେ ସବୁ ବାଧାବିଘ୍ନ ସତ୍ତ୍ୱେ ପାଠପଢ଼ାରେ ତାଙ୍କର ନିଷ୍ଠାପରତା ଓ ଭଗବାନଙ୍କ ଆଶୀର୍ବାଦ ପାଇଁ ସେ ମାଟ୍ରିକରେ ପ୍ରଥମ ଶ୍ରେଣୀରେ ପାଶ୍ କରିଥିଲେ । ନୂଆ ହାଇସ୍କୁଲରେ ପ୍ରଥମକରି ପ୍ରଥମ ଶ୍ରେଣୀରେ ପାଶ୍ କରିଥିବାରୁ ସନାତନଙ୍କ ପାଇଁ ସ୍କୁଲରେ ସେଦିନ ଉତ୍ସବ ପାଳିତ ହୋଇଥିଲା । ଏହାଥିଲା ତାଙ୍କ ପାଇଁ, ତାଙ୍କ ବାପା ଓ ସାଙ୍ଗସାଥୀମାନଙ୍କ ପାଇଁ ଖୁବ୍ ଗୌରବର ବିଷୟ ।

ଖୁବ୍ ଆଶ୍ଚର୍ଯ୍ୟ କଥା ସ୍କୁଲରେ ପାଠ ପଢ଼ିବା ବେଳେ ସେ ଡାକ୍ତରମାନଙ୍କୁ ଓ ଡାକ୍ତରଖାନାକୁ ଖୁବ୍ ଭୟ କରୁଥିଲେ । କାରଣ ଟିକିଏ ଦେହ ଖରାପ ହେଲେ ଡାକ୍ତରମାନେ ସାଙ୍ଗେ ସାଙ୍ଗେ ଇଞ୍ଜେକସନ୍ ଫୋଡ଼ି ଦେଉଥିଲେ, ଯାହାକି ଥିଲା ଖୁବ୍ ଯନ୍ତ୍ରଣାଦାୟକ । ପିଲାଦିନେ ଡାକ୍ତର ଓ ଡାକ୍ତରଖାନାକୁ ଡରୁଥିବା ସନାତନ ଯେ ଦିନେ ଜଣେ ଡାକ୍ତର ହୋଇ ଶଲ୍ୟଚିକିତ୍ସା କରିବେ ଏହା ଥିଲା ବୋଧହୁଏ ବିଧି ନିର୍ଦ୍ଦେଶିତ ।

Digitized by srujanika@gmail.com

ସେତେବେଳେ ନରସିଂହପୁରରେ ମାତ୍ର ଦୁଇଟି ଟେଲିଫୋନ୍ ଥିଲା । ଗୋଟିଏ ଥିଲା ମାଜିଷ୍ଟ୍ରେଟଙ୍କ କୋର୍ଟରେ, ଅନ୍ୟଟିଥିଲା ରାଜଦରବାରରେ । ଫୋନ୍‌ରେ କିପରି କଥାବାର୍ତ୍ତା ହୁଏ ତାହା ଦେଖିବାକୁ ହାଇସ୍କୁଲ ପିଲାମାନେ ସେଠାକୁ ଯାଉଥିଲେ । ତାହା ଦେଖି ଓ ଶୁଣି ସେମାନେ ବହୁତ ଖୁସି ହେଉଥିଲେ । ସମୟ ବଦଳି ଯାଇଛି । ଏବେ ତାଙ୍କର ନାତିନାତୁଣୀମାନେ ମୋବାଇଲ୍‌ରେ କଥାବାର୍ତ୍ତା ହେଉଛନ୍ତି ।

ସ୍କୁଲଜୀବନ ପରେ :

କଲେଜରେ ନାଁ ଲେଖାଇବା ପୂର୍ବରୁ ତାଙ୍କର ବାପା ଓ କକେଇ ତାଙ୍କ ପାଇଁ ଜବାହାରଲାଲ୍‌ଙ୍କ ଜୀବନୀ, ଗ୍ଲିମସେସ୍ ଅଫ୍ ୱାର୍ଲଡ୍ ହିଷ୍ଟ୍ରି, ଲେଟର ଫ୍ରମ୍ ଏ ଫାଦର, ଟୁ ହିଜ୍ ଡଟର, ପରି ବହି କିଣି ଦେଉଥିଲେ । ସେ ମଧ୍ୟ ମହାତ୍ମା ଗାନ୍ଧୀଙ୍କ "My experience with truth", ବିବେକାନନ୍ଦଙ୍କ ଜୀବନୀ ପ୍ରଭୃତି ପୁସ୍ତକ ପଢ଼ିବାର ସୁଯୋଗ ପାଇଥିଲେ । ସେ ଭଲ ଭଲ ବହି ପଢ଼ିବାକୁ ଭଲ ପାଉଥିଲେ ଓ ଏହି ଅଭ୍ୟାସ ତାଙ୍କର ବହୁଦିନ ଯାଏ ରହିଥିଲା । ସେ ମଧ୍ୟ ଫକୀର ମୋହନଙ୍କ "ଛ'ମାଣ ଆଠଗୁଣ୍ଠ", "ଲଛମା" ପରି ଓଡ଼ିଆ ଉପନ୍ୟାସ ଓ ରାଧାନାଥଙ୍କ କାବ୍ୟ କବିତା ସବୁ ପଢ଼ି ଖୁବ୍ ଆନନ୍ଦିତ ହେଉଥିଲେ ।

ତାଙ୍କର କକେଇ ରାମଚନ୍ଦ୍ର ରଥଙ୍କ ପରାମର୍ଶକ୍ରମେ ସେ ରେଭେନ୍‌ସା କଲେଜରେ ଆଇ.ଏସ୍.ସି. ପଢ଼ିବାକୁ ସ୍ଥିର ହେଲା ।

ରେଭେନ୍‌ସାରେ ସନାତନ

ସେ ମାଟ୍ରିକ୍‌ରେ ପ୍ରଥମଶ୍ରେଣୀରେ ପାଶ୍ କରିଥିବାରୁ ରେଭେନ୍‌ସା କଲେଜରେ ଆପେ ଆପେ ନାଁ ଲେଖା ହୋଇଗଲା । ଏହା ଥିଲା ସେତେବେଳେ ପ୍ରଥମ ଶ୍ରେଣୀ ପାଉଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ସୌଭାଗ୍ୟ ।

ପ୍ରଫେସର ଗୋଲୋକ ବାନାର୍ଜୀ ସେତେବେଳେ ରେଭେନ୍‌ସାର ପ୍ରିନ୍ସିପାଲ ଥାଆନ୍ତି । ସେ ଥିଲେ ଜଣେ କଡ଼ା ମିଜାଜ୍‌ର ପ୍ରଶାସକ । ଏମିତିକି ବରିଷ୍ଠ ପ୍ରଫେସରମାନେ ମଧ୍ୟ ତାଙ୍କୁ ଭୟ କରୁଥିଲେ । ତାଙ୍କ ସମୟରେ କଲେଜରେ ଶାନ୍ତି ଶୃଙ୍ଖଳା, କ୍ଲାସ ଇତ୍ୟାଦି ପ୍ରତି ଗୁରୁତ୍ୱ ରହିଥିଲା । ସେତେବେଳେ ଫିଜିକ୍ସ ପଢ଼ାଇବା ପାଇଁ ବ୍ରହ୍ମାନନ୍ଦ ମିଶ୍ର, କେମିଷ୍ଟ୍ରି ପାଇଁ ଡ. ବଳଭଦ୍ର ପ୍ରସାଦ ଓ ବଟାନୀ ପାଇଁ ଡ. ବଂଶୀଧର ସାମନ୍ତରାୟଙ୍କ ପରି

Digitized by srujanika@gmail.com

ଆଦର୍ଶ ଶିକ୍ଷକମାନେ ରେଭେନ୍‌ସାରେ ଥିଲେ । ସନାତନ ହଷ୍ଟେଲରେ ରହୁଥିଲେ । ହଷ୍ଟେଲରେ ରହିବା ଓ ମିଲ୍ ଖାଇବା ପାଇଁ ତାଙ୍କୁ ମାସକୁ ବାଇଶ ଟଙ୍କା ଓ ଟିଫିନ୍ ଖାଇବାକୁ ୮ ଟଙ୍କା ଦେବାକୁ ପଡୁଥିଲା । ପ୍ରଥମ କରି ସେ ହଷ୍ଟେଲରେ ଆଧୁନିକ ପାଇଖାନାର ବ୍ୟବହାର ଶିଖିଲେ । ଆଧୁନିକ ପାଇଖାନାରେ ଜୋର୍‌ରେ ପାଣି ପଶିଯିବା ଘଟଣାଟି ତାଙ୍କୁ ଭାରି ମଜା ଲାଗୁଥିଲା ।

ହଷ୍ଟେଲରେ ବିଭିନ୍ନ ଅଞ୍ଚଳର ପିଲାମାନେ ଭିନ୍ନ ଭିନ୍ନ ଶୈଳୀରେ ଓଡ଼ିଆ କହୁଥିଲେ । ବାଲେଶ୍ୱରର ପିଲା ବଂଗଳା ମିଶା ଓଡ଼ିଆ, ଗଞ୍ଜାମ ଅଞ୍ଚଳର ପିଲା ତେଲଗୁ ମିଶ୍ରିତ ଓଡ଼ିଆ ଓ ସମ୍ବଲପୁର ଅଞ୍ଚଳର ପିଲାମାନେ ଛତିଶଗଡ଼ ମିଶ୍ରିତ ଓଡ଼ିଆରେ କଥାବାର୍ତ୍ତା କରୁଥିଲେ । ଏହାର କାରଣ ୧୯୩୬ ମସିହା ପର୍ଯ୍ୟନ୍ତ ଓଡ଼ିଶା, ବଂଗଳା ଓ ମାଡ୍ରାସ ପ୍ରେସିଡେନ୍ସିରେ ଏକ ଶାସନାଧୀନ ଥିଲା ।

ଏବେ ଡାକ୍ତର ରଥ ମେଦିନାପୁର ଜଳାରାମ, ପୁରୁଲିଆ, ସିଂହଭୂମ୍, ରାୟପୁର ଏବଂ ରାୟଗଡ଼ ପ୍ରଭୃତି ଅଞ୍ଚଳରୁ ଆସୁଥିବା ତାଙ୍କର ରୋଗୀମାନଙ୍କୁ ଶୁଦ୍ଧ ଓଡ଼ିଆରେ କଥା କହିପାରୁ ନଥିବା କାରଣରୁ ଦୁଃଖ ଅନୁଭବ କରନ୍ତି । ଓଡ଼ିଶା ଓ ଓଡ଼ିଆକୁ ପ୍ରକୃତରେ ଭଲ ପାଉଥିବା ମଣିଷଟି ଏହାହିଁ ଅନୁଭବ କରିବ ।

ସେ ବିଜ୍ଞାନ ଛାତ୍ର ହୋଇଥିଲେ ମଧ୍ୟ କେତେକ ସାଂଧ୍ୟ ଉତ୍ସବରେ ଡ. ଶ୍ରୀରାମଚନ୍ଦ୍ର ଦାସ, ଡ. ଗଣେଶ୍ୱର ମିଶ୍ର ଓ ଡ. ସଦାଶିବ ମିଶ୍ରଙ୍କ ଭାଷଣ ଶୁଣିବାକୁ ଭଲ ପାଉଥିଲେ । ସେ ସାଙ୍ଗମାନଙ୍କ ସହ ମାସରେ ଥରୁଟିଏ ପ୍ରଭାତ କିମ୍ବା କ୍ୟାପିଟାଲ ସିନେମା ହଲକୁ ସିନେମା ଦେଖି ଯାଉଥିଲେ ।

କଟକ ରେଭେନ୍‌ସା କଲେଜିଏଟ୍ ସ୍କୁଲ ଓ ପ୍ୟାରୀମୋହନ ଏକାଡ଼େମୀରୁ ପାଶ୍ କରିଥିବା ଛାତ୍ରମାନେ ତାଙ୍କୁ ଓ ଅନ୍ୟମାନଙ୍କୁ ଢ଼େଙ୍କାନାଳିଆ ବୋଲି ଡାକୁଥିଲେ । ଦିନେ ଏହି କଟକିଆ ଛାତ୍ରମାନେ ତାଙ୍କୁ ଓ ତାଙ୍କର ସାଙ୍ଗମାନଙ୍କୁ ଛ'ଟି ବେଞ୍ଚ ପଛରେ ବସିବାକୁ କହିଲେ । ସେମାନେ ବିନା ପ୍ରତିବାଦରେ ଛ'ଟି ବେଞ୍ଚ ପଛରେ ବସିଲେ । ଦିନେ କେମିଷ୍ଟ୍ରି କ୍ଲାସରେ ଅଧ୍ୟାପକ ଡ. ବି. ପ୍ରସାଦ ପଚାରିଥିବା । ସମସ୍ତ ପ୍ରଶ୍ନର ଉତ୍ତର ଦେଇ ଥିବାରୁ ସେ ସନାତନଙ୍କ ଉପରେ ଖୁସି ହୋଇ ତାଙ୍କୁ ଏଣିକି ଆଗବେଞ୍ଚରେ ବସିବାକୁ କହିଲେ । ସେହିଦିନଠାରୁ କଟକର ଛାତ୍ରମାନେ

Digitized by srujanika@gmail.com

ଆଉ ସନାତନଙ୍କୁ ଢ଼େଙ୍କାନାଳିଆ ବୋଲି କହିବାକୁ ସାହସ କରିନଥିଲେ ।

ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ସନାତନ:

ସେତେବେଳେ ମେଡ଼ିକାଲ କଲେଜରେ ପଢ଼ିବା ପାଇଁ ଏଣ୍ଟ୍ରାସ୍ ପରୀକ୍ଷା ହେଉନଥିଲା । ଆଇ.ଏସ୍.ସି ପରୀକ୍ଷାରେ ରଖିଥିବା ନମ୍ବରକୁ ଭିତ୍ତିକରି ମେଡ଼ିକାଲ କଲେଜରେ ନାଁ ଲେଖା ହେଉଥିବାରୁ ତାଙ୍କର ନାଁ ଲେଖା ପାଇଁ କିଛି ଅସୁବିଧା ହୋଇନଥିଲା ।

ପ୍ରଥମେ ମେଡ଼ିକାଲ କଲେଜରେ ଅନେକ ମୃତ ଶରୀର ଦେଖି ସେ ଏକ ପ୍ରକାର ଡରି ଯାଇଥିଲେ । ଯେଉଁ ଦିନ ଚାରି ଜଣିଆ ମେଡ଼ିକାଲ ଛାତ୍ରଦଳ (ଉମାପତି, ଲକ୍ଷ୍ମୀ ଥାମ୍ମା, ସଚି ମିଶ୍ର ଓ ସନାତନ)ଙ୍କୁ ଶବ ବ୍ୟବଛେଦ କରିବା ପାଇଁ ଦିଆଗଲା, ସେଦିନଟି ଥିଲା ସନାତନଙ୍କ ପାଇଁ ଖୁବ୍ ଭୟଭୀତର ଦିନ । ସେ ଏ କାମ କରିବାକୁ ପ୍ରଥମେ ରାଜି ହୋଇନଥିଲେ । ସେଦିନ ସେ ଡାକ୍ତରୀପାଠ ନପଢ଼ି କଳା (ଆର୍ଟସ୍) ପଢ଼ିଥିଲେ ବହୁ ଖ୍ୟାତନାମା ଲେଖକଙ୍କ ମହାନକୃତି ସବୁ ପଢିଥାନ୍ତେ ବୋଲି ପରିତାପ କରିଥିଲେ ।

ସନାତନଙ୍କ ବାପା ତାଙ୍କର ଆୟକୁ ଦେଖି ସନାତନର ମାସିକ ଖର୍ଚ୍ଚ ପାଇଁ ପଚାଶ ଟଙ୍କା ଲେଖାଏଁ ପଠାଉଥିଲେ । ଏଇ ଟଙ୍କାରୁ ସବୁ ଖର୍ଚ୍ଚ ଯାଇ ଆହୁରି ବଳୁଥିଲା । ସନାତନଙ୍କ ବଡ଼ବାପା ମଧ୍ୟ ତାଙ୍କୁ ପାଞ୍ଚ/ଦଶ ଟଙ୍କା ଲେଖାଏଁ ଦେଉଥିଲେ । ଏହି ଟଙ୍କାରୁ ସେ ପ୍ରଥମକରି ଏକ ପୂରାପ୍ୟାଣ୍ଟ୍ ଓ ଯୋତାହଳେ କିଣିଥିଲେ । ରେଭେନ୍ସା କଲେଜରେ ପଢ଼ିବାବେଳେ ସେ ହାପ୍‌ପ୍ୟାଣ୍ଟ୍ ପିନ୍ଧି ଖାଲି ପାଦରେ ଚାଲି ଚାଲି କଲେଜ ଯାଉଥିଲେ । ଏଥିରୁ ତାଙ୍କ ହାଇସ୍କୁଲ ଜୀବନର ଚଳଣି ସମ୍ପର୍କରେ ଅନୁମାନ କରାଯାଇପାରେ ।

ବଂଧୁ ଭାବରେ ଡା. ଲକ୍ଷ୍ମୀ ଥାମ୍ମା, ଡା. ଉମାପତି, ଡା. କୌଶଲ୍ୟା ନାଥ ଶର୍ମା, ଡା. ବୈକୁଣ୍ଠ ନାଥ ମିଶ୍ର, ଡା. ଶଶୀଶେଖର କର, ଡା. ସ୍ୱର୍ଣ୍ଣଲତା ମହାନ୍ତିଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ଥିଲା । ପାଠପଢ଼ା ଓ ଅନ୍ୟାନ୍ୟ ବିଷୟରେ ସେମାନେ ପରସ୍ପରର ସାହାଯ୍ୟ ନେଉଥିଲେ ।

ସତ କହିବାକୁ ଗଲେ ସେତେବେଳେ ସନାତନଙ୍କ ଚେହେରା ଖୁବ୍ ସୁନ୍ଦର ଥିଲା । କଲେଜ ଡ୍ରାମାରେ ହିରୋଇନ୍ ଭୂମିକାରେ ଅଭିନୟ କରିବା ପାଇଁ ତାଙ୍କୁ ବଛା ଯାଇଥିଲା । ସେତେବେଳେ ଝିଅପିଲାମାନେ ଡ୍ରାମାରେ ପ୍ରାୟ ମିଶୁନଥିଲେ । ତେଣୁପାଇଁ ସନାତନଙ୍କୁ ହିରୋଇନ୍ ହେବାର ସୁଯୋଗ

Digitized by srujanika@gmail.com

ମିଳିଥିଲା । ସେ ଡ୍ରାମାରେ ହିରୋଇନ୍ ଭୂମିକାଟି ଖୁବ୍ ଦକ୍ଷତାର ସହ ଅଭିନୟ କରି ପ୍ରଶଂସିତ ହୋଇଥିଲେ । ସେ ଘଟଣାଟି ଏବେବି ତାଙ୍କ ମନରେ ସ୍ମରଣୀୟ ଅନୁଭୂତି ହୋଇ ରହିଛି ।

ତାଙ୍କର ଅନ୍ୟଜଣେ ସାଙ୍ଗ ଗଣେଷ ପଣ୍ଡା ତାଙ୍କୁ ଏନ୍.ସି.ସି.ରେ ଯୋଗଦେବାକୁ କହିଥିଲେ । ସେ ଏନ୍.ସି.ସି.ରେ ଯୋଗଦେଇ 'ବି' ସାର୍ଟିଫିକେଟ ହାସଲ କରିଥିଲେ । ମାତ୍ର ଗଣେଷ ସୈନ୍ୟ ବିଭାଗରେ ଯୋଗ ଦେଇଥିବା ବେଳେ ସନାତନ ସେ ବିଭାଗରେ ଚାକିରି କରିବାକୁ ଚାହିଁ ନଥିଲେ ।

ପାଠପଢ଼ିବା ସମୟରେ ସନାତନ ତାଙ୍କର କେତେକ ଅଧ୍ୟାପକଙ୍କ କାର୍ଯଦକ୍ଷ୍ୟତା ଓ ଆଦର୍ଶକୁ ଅନୁସରଣ କରିଥିଲେ । ସେମାନଙ୍କ ମଧ୍ୟରେ ଡା. ଆର୍.ଏନ୍. ସାହୁ, ପ୍ରଫେସର ପିସାରୋତୀ, ଡା. ଜି.ଏସ୍. ଦାସ, ଡା. ଜ୍ୟୋତ୍ସ୍ନା ଦେଇ, ଡା. ସୁକୁମାର ସେନ୍, ଡା. ଦୁର୍ଗା ମିଶ୍ର, ଡା. ବିଭୂତି ତ୍ରିପାଠୀ ପ୍ରମୁଖ ଥିଲେ ପ୍ରଧାନ ।

ସେତେବେଳେ ଡାକ୍ତରଖାନାରେ ଶୃଙ୍ଖଳା ଓ ପରିଚ୍ଛନ୍ନତା ପ୍ରତି ଅଧିକ ଗୁରୁତ୍ୱ ଦିଆ ଯାଉଥିଲା । ୱାର୍ଡ଼ ଗୁଡ଼ିକ ଥିଲା ଖୁବ୍ ପରିଷ୍କାର, ପରିଚ୍ଛନ୍ନ । ଡାକ୍ତରମାନେ ଠିକ୍ ସମୟରେ କାର୍ଯ୍ୟକୁ ଆସୁଥିଲେ । ଥରେ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ବ୍ରିଗ୍ ଖୁରାନା କାହାକୁ କିଛି ନଜଣାଇ ଅଚାନକ ଭାବେ ସର୍ଜରୀ ବିଭାଗ ପରିଦର୍ଶନରେ ଆସିଥିଲେ । ସେଦିନ ଦାୟିତ୍ୱରେ ଥିବା ନର୍ସ ଜଣକ ରୋଗୀ ଦେଖିବା ସମୟ ହୋଇନଥିବାରୁ ତାଙ୍କୁ ଭିତରକୁ ଛାଡ଼ି ଦେଇନଥିଲେ । ବ୍ରିଗ୍ ଖୁରାନା ସେଠାରୁ ଚୁପ୍‌ଚାପ ଚାଲିଯାଇ ବାହାରୁ ଲକ୍ଷ୍ୟ କରିଥିଲେ । ୱାର୍ଡ଼ ଭିତରେ କାର୍ଯ୍ୟର ଶୃଙ୍ଖଳା କିପରି ଚାଲିଛି । ତାଙ୍କୁ ଭିତରକୁ ଛାଡ଼ି ନଥିବା ନର୍ସକୁ ଦଣ୍ଡଦେବା ପରିବର୍ତ୍ତେ ବ୍ରିଗ୍ ଖୁରାନା ସେଇ ନର୍ସକୁ ତାଙ୍କର କାର୍ଯ୍ୟ ଦକ୍ଷତା ପାଇଁ ପ୍ରମୋଶନ ଦେଇଥିଲେ । ସ୍ୱସ୍ଥ୍ୟ ନିର୍ଦ୍ଦେଶକ ବ୍ରିଗ୍. ଖୁରାନାଙ୍କ ଏତାଦୃଶ କାର୍ଯ୍ୟ ଡାକ୍ତର ରଥଙ୍କୁ ବହୁ ଭାବରେ ଅନୁପ୍ରାଣିତ କରିଥିଲା । ଏହି ଘଟଣାକୁ ଲକ୍ଷ୍ୟକରି ଡାକ୍ତର ରଥ ହସିହସି କହିଥିଲେ– "ଏବେ ସେ କଥା କ'ଣ ଆଉ ଅଛି ?"

ସରକାରୀ ଚାକିରି ଆରମ୍ଭ

ସେ ୧୯୫୮ ମସିହାରେ କଟକ ସିଭିଲ ସର୍ଜନ ଅଫିସରେ ଜଣେ ଆସିଷ୍ଟାଣ୍ଟ ସର୍ଜନ ଭାବେ ଯୋଗ ଦେଇଥିଲେ । ତା'ପରେ ସେ ଢେଙ୍କାନାଳ

Digitized by srujanika@gmail.com

ଜିଲାର ଜିରାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ହେଲେ । କାମାକ୍ଷା ନଗର ସବ୍‌ଡ଼ିଭିଜନଠାରୁ ଜିରାଳ ଗାଁ'ର ଦୂରତା ପ୍ରାୟ ୧୫ କି.ମି. ହେବ । ସେତେବେଳେ ବ୍ରାହ୍ମଣୀନଦୀ ପୋଲ ନଥିଲା । ନଈପାରି ହୋଇ ଜିରାଳ ଯିବାକୁ ହେଉଥିଲା । ଡାକ୍ତର ରଥ ସେହି ଗାଁ'ରେ ପହଞ୍ଚି ଦେଖିଲେ ସେଠାରେ ଗୋଟିଏ ହେଲେ କୋଠାଘର ନାହିଁ । ସେ ଛଣଛପର ଘରେ ରହିବାକୁ ବାଧ୍ୟ ହେଲେ । ସେଠାରେ ଚଳିବା ପାଇଁ ଅସୁବିଧା ହେବାରୁ ସେ ଗାଁ ଛାଡ଼ି ଚାଲିଯିବାକୁ ଭାବିଥିଲେ; ମାତ୍ର ତାଙ୍କ ଉପସ୍ଥିତିରେ ଗାଁ ଲୋକମାନଙ୍କ ହସଖୁସିକୁ ସେ ଭାଙ୍ଗିଦେବାକୁ ଚାହିଁ ନଥିଲେ । ଚଳିବା ପାଇଁ ଅସୁବିଧା ହେଲେ ମଧ୍ୟ ସେଇ ଗାଁରେ ରହି ରୋଗୀ ସେବା କରିବାକୁ ସେ ସ୍ଥିର କରିଥିଲେ । ଗାଁ ଲୋକେ ତାଙ୍କର ଖାଇବା ଓ ରହିବାର ସବୁ ଦାୟିତ୍ୱ ବହନ କଲେ । ତାଙ୍କ ଦରମା ଟଙ୍କାରେ ତାଙ୍କର ହାତ ବାଜିଲା ନାହିଁ । ଗାଁ ଲୋକମାନଙ୍କ ଛୋଟ ମୋଟ ସମସ୍ୟାକୁ ଡାକ୍ତର ରଥ ସମାଧାନ କରି ଦେଉଥିଲେ । ତେଣୁ ଗାଁ ଲୋକମାନଙ୍କୁ ଆଉ ଥାନା କିମ୍ବା କୋର୍ଟ କଚେରୀ ଦଉଡ଼ିବାକୁ ପଡୁନଥିଲା ।

ଉତ୍ତୋରତର ଶିକ୍ଷାପାଇଁ ତାଙ୍କୁ ଜିରାଳ ଛାଡ଼ିବାକୁ ହେଲା । ସେତେବେଳ ତାଙ୍କ ବାପାଙ୍କ ଦେହ ଖରାପ ହେବାରୁ ସେ ଉଚ୍ଚଶିକ୍ଷା ପାଇଁ ଇଂଲଣ୍ଡ ଯାଇ ପାରିନଥିଲେ । ଶେଷରେ ସେ ୧୯୬୨ ମସିହାରେ ପାଟଣା ମେଡ଼ିକାଲ କଲେଜରେ ସର୍ଜରୀରେ ସ୍ନାତକୋତ୍ତର ଡିଗ୍ରୀ ପଢ଼ି ଡିଷ୍ଟିଂସନ୍ ସହ ପାଶ୍ କରିଥିଲେ । ସେ ପାଟଣା ମେଡ଼ିକାଲ କଲେଜରେ ପ୍ରଫେସର ଓ ଅନ୍ୟମାନଙ୍କ ପ୍ରିୟଭାଜନ ହୋଇ ପାରିଥିଲେ ।

ସେ ପାଟଣାରୁ ସର୍ଜରୀରେ ମାଷ୍ଟର ଡିଗ୍ରୀ ପାଶ୍ କଲାପରେ ବୁର୍ଲା ମେଡ଼ିକାଲ କଲେଜରେ ସର୍ଜରୀ ବିଭାଗର ରେଜିଷ୍ଟ୍ରାର ପଦବୀରେ ଯୋଗ ଦେଲେ । ସେତେବେଳେ ସେଠାରେ ଥିବା ସମ୍ବଲପୁରୀ-କଟକୀ ମନୋଭାବକୁ ସେ ପସନ୍ଦ କରୁନଥିଲେ । ବୁର୍ଲା ମେଡ଼ିକାଲ କଲେଜର ତତ୍‌କାଳୀନ ଅଧ୍ୟକ୍ଷ ଡା. ରାଧାନାଥ ମିଶ୍ର ତାଙ୍କୁ ସ୍ନାୟୁଶଲ୍ୟ ବିଭାଗରେ ଯୋଗ ନଦେବାକୁ ଏବଂ ଡା. ଜି.ଏସ୍. ଦାସମହାପାତ୍ର ଯୋଗଦେବାକୁ ପରାମର୍ଶ ଦେଇଥିଲେ । ମାତ୍ର ତାଙ୍କର ବାପା ଉଚ୍ଚ ରକ୍ତଚାପ ଜନିତ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ପଡ଼ିବାରୁ ଡା. ରଥ ସ୍ନାୟୁ ଶଲ୍ୟ ବିଭାଗରେ ପଢ଼ିବାକୁ ସ୍ଥିର କରିଥିଲେ ।

Digitized by srujanika@gmail.com

ଆନ୍ତର୍ଜାତିକ କ୍ଷାତିରେ ଭେଲୋର ଡାକ୍ତରଖାନାର ନାଁ ଖୁବ୍ ପରିଚିତ ଏକ ସାକ୍ଷାତକାର ପରୀକ୍ଷାରେ ଯେତେବେଳେ ତାଙ୍କୁ ପଚରା ଗଲା– "ଡାକ୍ତରଖାନାର ମୁଖ୍ୟ ବ୍ୟକ୍ତିଟି କିଏ ?" ସେ ତତ୍‌କ୍ଷଣାତ୍ ଉତ୍ତର ଦେଇଥିଲେ । "ରୋଗୀ ହେଉଛି ଡାକ୍ତରଖାନାର ମୁଖ୍ୟ ବ୍ୟକ୍ତି ।" ସେ ଥରେ ଛୁଟିରେ ଭେଲୋରରୁ ଆସି କଟକରେ ପହଞ୍ଚିଲେ । କାର ଦୁର୍ଘଟଣାରେ ଜଣେ ବାଳକର ମସ୍ତିଷ୍କରେ କ୍ଷତ ହୋଇଥିଲା । ଯଦିଓ ତାଙ୍କ ପାଖରେ ସେତେବେଳେ ଆବଶ୍ୟକୀୟ ଯନ୍ତ୍ରପାତି ନଥିଲା, ତଥାପି ପାଖରେ ଥିବା ଉପକରଣ ଦ୍ୱାରା ସେ ବାଳକଟିର ମସ୍ତିସ୍କରେ ଅସ୍ତ୍ରୋପଚାର କରି ତାଙ୍କୁ ବଞ୍ଚାଇ ଦେଇଥିଲେ । ଏଥିପାଇଁ ସେ ତାଙ୍କର ସାଙ୍ଗ ପ୍ରଫେସର ଡା. ଜି.ଏସ୍. ମହାପାତ୍ର ଓ ଡା. ମଧୁସୂଦନ ଖାଡ଼ଙ୍ଗାଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲେ । ସେଥିଲେ ୧୯୬୨-୬୫ ବ୍ୟାଚର ଏକମାତ୍ର ସ୍ନାୟୁଶଲ୍ୟ ଡାକ୍ତର । ପରେ ସେ ଜାଣିବାକୁ ପାଇଲେ ଯେ ସେହି ବାଳକଟି ଆଇ.ପି.ଏସ୍. ଅଫିସର ହୋଇଛି ।

ପରିପୂର୍ଣ୍ଣ ପରିବାର ଓ ପରିଜନ :

ଡାକ୍ତର ରଥ ୧୯୫୮ ମସିହାରେ ଉଦୟନାଥ ମିଶ୍ରଙ୍କ କନ୍ୟା ସୁଷମାଙ୍କୁ ବିବାହ କରିଥିଲେ । ସୁଷମା ତାଙ୍କ ବାପା ମା'ଙ୍କ ଚତୁର୍ଥ ସନ୍ତାନ ଥିଲେ । ତାଙ୍କ ବାବା (ଡା. ରଥଙ୍କ ଶ୍ୱଶୁର) ଜଣେ ସୁପରିଟେଣ୍ଡିଂ ଇଂଜିନୟର ଥିବାରୁ ତାଙ୍କ ଝିଅ ଡା. ରଥଙ୍କ ପରିବାରରେ ପିଅନ/ଚପରାଶି ନଥିବା କାରଣରୁ ଚଳିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇପାରେ ବୋଲି ଅନୁମାନ କରିଥିଲେ । ଡା. ରଥଙ୍କ ଶାଶୁ ବେଶି ପାଠ ପଢ଼ିନଥିଲେ ମଧ୍ୟ ଭଲ କବିତା ଲେଖୁଥିଲେ । ସେ ଚିନ୍ତାମଣି ମିଶ୍ରଙ୍କ ଝିଅ ଥିଲେ । ତାଙ୍କ ଭାଇ ଥିଲେ ଗୋପବଂଧୁ ମିଶ୍ର, ଯେକି ଓଡ଼ିଶା ଲୋକ ସେବା ଆୟୋଗର ଅଧ୍ୟକ୍ଷ ପଦ ମଣ୍ଡନ କରିଥିଲେ ।

ତାଙ୍କ ବାହାଘର ହେବା ବେଳକୁ ତାଙ୍କ ସ୍ତ୍ରୀ ସୁଷମାଙ୍କ ବୟସ ପନ୍ଦର ବର୍ଷ ହୋଇଥିଲା ଓ ସେ ମାଟ୍ରିକ ପାଶ୍ କରିଥିଲେ । ତାଙ୍କ ମା' ଆଉ ତାଙ୍କୁ ବେଶି ପାଠ ପଢ଼େଇବାକୁ ଚାହୁଁନଥିଲେ । ତାଙ୍କ ମା' (ଡା. ରଥଙ୍କ ଶାଶୁ) ଖୁବ୍ ଧର୍ମପରାୟଣା ଥିଲେ ଓ ସବୁ ଦେବଦେବୀଙ୍କୁ ପୂଜା କରୁଥିଲେ ।

ସ୍ତ୍ରୀ ସୁଷମାଙ୍କ ବାପା ମା' ମୃତ୍ୟୁ ପର୍ଯ୍ୟନ୍ତ ମଧ୍ୟ ତାଙ୍କ ପିଲାମାନଙ୍କ କଥାସବୁ ବୁଝୁଥିଲେ । ସେ ଡାକ୍ତରଖାନାରୁ ରାତି ୨ଟା/୪ଟାରେ ଫେରିଲେ

Digitized by srujanika@gmail.com

ମଧ୍ୟ ତାଙ୍କ ସ୍ତ୍ରୀ ସୁଷମା ଆଦୌ ବିରକ୍ତ ହେଉନଥିଲେ । ବରଂ ତାଙ୍କର ସ୍ୱାମୀ (ଡା. ରଥ) କାହାର ବାପା, ମା' କିମ୍ବା ପୁଅଝିଅ ଅଥବା ଭାଇ ଭଉଣୀଙ୍କୁ ମୃତ୍ୟୁ ମୁଖରୁ ବଞ୍ଚାଇ ପାରିଛନ୍ତି ଜାଣି ସେ ଅତ୍ୟନ୍ତ ଖୁସି ହେଉଥିଲେ । ସେ ମା'ଟିଏ ପରି ପରିବାରର ସବୁ ଲୋକଙ୍କ ଖାଇବା ପିଇବା ଓ ଅନ୍ୟାନ୍ୟ ଖବର ସବୁ ବୁଝୁଥିଲେ ।

ଜଣେ ଡାକ୍ତରଙ୍କ ସହଧର୍ମିଣୀ ଭାବରେ ସୁଷମାଙ୍କ କର୍ତ୍ତବ୍ୟ ଥିଲା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଥରେ ଜଣେ ଲୋକ ଦଉଡ଼ି ଦଉଡ଼ି ଆସି କହିଲା ତାଙ୍କର ଏକମାତ୍ର ପୁଅ ସଂଜ୍ଞାହୀନ ଅବସ୍ଥାରେ ଡାକ୍ତରଖାନାରେ ପଡ଼ିଛି । ତା'ର ମସ୍ତିଷ୍କରେ ଆଘାତ ଲାଗିଛି । ଅପରେସନ୍ ହେଲେ ସେ ବଞ୍ଚି ଯା'ନ୍ତା । ଠିକ୍ ସେଇଦିନ ଡାକ୍ତର ରଥଙ୍କ ପିତା ମୃତ୍ୟୁବରଣ କରିଥାଆନ୍ତି । ମୃତ ଦେହକୁ ତାଙ୍କ ନିଜ ଗାଁକୁ ନେବା ପାଇଁ ଯୋଗାଡ଼ ଚାଲିଥାଏ । ଡାକ୍ତର ରଥ କିନ୍ତୁ ପ୍ରଥମେ ସେ ପିଲାର ଅପରେସନ୍ କରିବାକୁ ନାହିଁ କରିଦେଲେ । ମାତ୍ର ତାଙ୍କ ସ୍ତ୍ରୀ ସୁଷମାଙ୍କ ବିନମ୍ର ଅନୁରୋଧରେ ସେ ପିଲାଟିର ଅପରେସନ୍ କରିବାକୁ ରାଜିହେଲେ ଏବଂ ପିଲାଟି ବଞ୍ଚି ଯାଇଥିଲା । ସେଦିନର ସେଇ ଘଟଣାଟି ଡାକ୍ତର ରଥଙ୍କ ଜୀବନରେ ସ୍ମରଣୀୟ ହୋଇ ରହିଛି ।

ତାଙ୍କର ସ୍ତ୍ରୀ କୌଣସି ଜନିଷ ପାଇବାକୁ ଦାବି କରୁନଥିଲେ । ତାଙ୍କର ଯେତିକି ଅଛି ସେତିକିରେ ସେ ଖୁସି ହେଉଥିଲେ । ଜଣେ ସୁଗୃହିଣୀ ହେବା ପାଇଁ ତାଙ୍କର ସବୁ ଗୁଣ ରହିଥିଲା । ସବୁ ନାତିନାତୁଣୀ ତାଙ୍କରି ପାଖରେ ବଡ଼ ହୋଇଥିଲେ । ତାଙ୍କର ସ୍ନେହ, ଶ୍ରଦ୍ଧା ଓ ସ୍ୱାର୍ଥ ତ୍ୟାଗ ପାଇଁ ଡ. ରଥଙ୍କର ଏକ ଶୃଙ୍ଖଳିତ ପରିବାର ଗଢ଼ି ଉଠିଥିଲା । ଭଗବାନଙ୍କ ଦୟାରୁ ଏପରି ଜଣେ ଦରଦୀ ଓ ସର୍ବଗୁଣ ସଂପନ୍ନା ସହଧର୍ମିଣୀ ପାଇ ସେ ଏକ ସୁଖଶାନ୍ତିର ପାରିବାରିକ ଜୀବନ କାଟୁଛନ୍ତି ।

ସେମାନଙ୍କର ଦୁଇଟି ଝିଅ ଓ ଗୋଟିଏ ପୁଅ । ବଡ଼ ଝିଅ ସସ୍ମିତା, ଜଣେ ପ୍ରଖ୍ୟାତ ନିଶ୍ଚେତକ ଡା. ବିଷ୍ଣୁ ପ୍ରସାଦ ପାଣିଗ୍ରାହୀଙ୍କୁ ବିବାହ କରିଛନ୍ତି । ସେ ଏବେ ଦିଲ୍ଲୀରେ Max Health Care ର ନିର୍ଦ୍ଦେଶକ ଅଛନ୍ତି । ତାଙ୍କର ସାନଝିଅ ସଂଗୀତା ଓ ତା'ର ସ୍ୱାମୀ ପାର୍ଥସାରଥି ଏବେ ଆମେରିକାରେ ବରିଷ୍ଠ ମ୍ୟାନେଜର ଅଛନ୍ତି । ଯେବେ ତାଙ୍କ ନାତୁଣୀ କଟକ ଆସେ ସେ ଆଗେ ପଚାରେ ଭାରତରେ କାହିଁକି ରାସ୍ତାଘାଟରେ

Digitized by srujanika@gmail.com

ବୁଲା ଷଣ୍ଢ ଓ କୁକୁରସବୁ ବୁଲୁଛନ୍ତି ? ରାସ୍ତାଘାଟ ଏତେ ଅପରିଷ୍କାର କାହିଁକି ? ସେ ଆମେରିକାର ଯେଉଁ ପରିବେଶ ଓ ମୂଲ୍ୟବୋଧ ଭିତରେ ଚଳି ଆସୁଛି ତାହା ଭାରତ ଠାରୁ ସଂପୂର୍ଣ୍ଣ ଅଲଗା । ସେଥିପାଇଁ ତା' ମନରେ ଏତେସବୁ ପ୍ରଶ୍ନ ଉଙ୍କି ମାରିବା ସ୍ୱାଭାବିକ ।

ଡାକ୍ତର ରଥଙ୍କ ଦୁଇଟି ଝିଅ ଖୁବ୍ ଉଚ୍ଚାଭିଳାଷୀ ହୋଇଥିବା ବେଳେ ତାଙ୍କ ପୁଅଟିର ସ୍ୱଭାବ ମା' ପରି ଅଳ୍ପରେ ସନ୍ତୁଷ୍ଟ ରହିବା । ସେ ଭୁବନେଶ୍ୱର ଏକ ବ୍ୟବସାୟ କରୁଛି । ସେ ଖୁବ୍ ମିଷ୍ଟଭାଷୀ ଓ ମଣିଷ ପଣିଆକୁ ଭଲ ପାଉଥିବା ମଣିଷଟିଏ । ତାଙ୍କର କେହି ଶତ୍ରୁ ନାହାନ୍ତି । କେତେକ ଧୂର୍ତ୍ତ ସାଂଗମାନଙ୍କ ଦ୍ୱାରା ସେ ପ୍ରତାରିତ ହୋଇଥିବା ବିଷୟ ଡାକ୍ତର ରଥ ଅନୁଭବ କରିଛନ୍ତି । ତାଙ୍କର ବୋହୂ ସଞ୍ଚିତା ପିଏଚ୍‌ଡି ଡିଗ୍ରୀ ପାଇଥିଲେ ମଧ୍ୟ ଚାକିରି ନକରି ତାଙ୍କର ଦୁଇଟି ପିଲାଙ୍କୁ ଭଲଭାବେ ଗଢ଼ିବା ପାଇଁ ଗୃହିଣୀ ହୋଇଛନ୍ତି । ସେ (ସଂଚିତା) ସେବା ନିବୃତ୍ତ ଅଧ୍ୟକ୍ଷ ମେଜର ନନ୍ଦଙ୍କ ଝିଅ । ବାଲେଶ୍ୱରର ଗୋଟିଏ ଉଚ୍ଚଶିକ୍ଷିତ ପରିବାରରେ ତାଙ୍କର ଜନ୍ମ । ଡ. ରଥ ତାଙ୍କ ବୋହୂ ସଂଚିତାକୁ ନିଜ ଝିଅଠାରୁ ମଧ୍ୟ ଅଧିକ ସ୍ନେହ କରନ୍ତି । .

ଭେଲୋରରେ୍ ପ୍ରଶିକ୍ଷଣ ଓ ତା'ପରେ...

ଆନ୍ତର୍ଜାତିକ ଖ୍ୟାତି ସଂପନ୍ନ ଭେଲୋରର ଖ୍ରୀଷ୍ଟିଆନ ମେଡ଼ିକାଲ କଲେଜରେ ସେ ସ୍ନାୟୁଶଲ୍ୟ ଚିକିତ୍ସା ସମ୍ପର୍କରେ ଭାରତର ସର୍ବ ପ୍ରଥମ ସ୍ନାୟୁ ଶଲ୍ୟ ଚିକିତ୍ସକ ପ୍ରଫେସର ଜାକୋବ୍ ଚାଣ୍ଡୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇଛନ୍ତି । ତତ୍‌କାଳୀନ ସ୍ୱାସ୍ଥ୍ୟସେବାର ନିର୍ଦ୍ଦେଶକ ପ୍ରଫେସର ଘନଶ୍ୟାମ ମହାପାତ୍ର ଓ ସ୍ୱାସ୍ଥ୍ୟସଚିବ ଏ.ଏଲ୍.ନାୟାର, ଆଇ.ଏ.ଏସ୍. କେବଳ ତାଙ୍କୁ ସ୍ନାୟୁଶଲ୍ୟ ପ୍ରଶିକ୍ଷଣ ନେବାପାଇଁ ପ୍ରୋତ୍ସାହିତ କରିନଥିଲେ ବରଂ ଏଥିପାଇଁ ସମସ୍ତ ସାହାଯ୍ୟ ସହଯୋଗ ମଧ୍ୟ କରିଥିଲେ ।

ଭେଲୋରରୁ ପ୍ରଶିକ୍ଷଣ ନେଇ ୧୯୬୬ ମସିହାରେ ଏସ୍.ସି.ବି. ମେଡ଼ିକାଲ କଲେଜରେ ସହାୟକ ପ୍ରଫେସର ଭାବେ ଯୋଗେ ଦେଲେ । ସେତେବେଳେ ଡା. ବିପ୍ର ସ୍ୟାସମଲ୍, ଡା. ବନମାଳୀ ମହାନ୍ତି, ଡା. ସି.ଆର୍.କର ବିଶେଷଭାବେ ତାଙ୍କୁ ସାହାଯ୍ୟ କରିଥିଲେ । ଏହା ଛଡ଼ା ଡା. ବ୍ରହ୍ମାନନ୍ଦ ଆଚାର୍ଯ୍ୟ, ଡା. ବି.ଏସ୍. ଦାସ, ଏନ୍.ଆର୍. ନନ୍ଦ ପ୍ରମୁଖଙ୍କ ସହ କାର୍ଯ୍ୟ କରିବାର ଆନନ୍ଦ ସେ ଅନୁଭବ କରିଛନ୍ତି ।

Digitized by srujanika@gmail.com

ସ୍ନାୟୁଶଲ୍ୟ ବିଭାଗରେ ଡାକ୍ତର ରଥ

ପ୍ରାଥମିକ ସ୍ତରରେ ସ୍ନାୟୁଶଲ୍ୟ ବିଭାଗ ଗଠନ ପାଇଁ ତତ୍କାଳୀନ ସ୍ୱାସ୍ଥ୍ୟସେବାର ନିର୍ଦ୍ଦେଶକ ଡା.ଜି.,ଏସ୍. ମହାପାତ୍ର, ସ୍ୱାସ୍ଥ୍ୟ ସଚିବ ଶ୍ରୀ ଏ.ଏଲ୍. ନାୟାର ଏବଂ କ୍ଷମତାପ୍ରାପ୍ତ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ରାମ ସେସାୟାଙ୍କ ଭୂମିକା ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ଟ. ୫୦, ୦୦୦ରେ ଏକ ମୋଟା ଅନୁଦାନ ଟଙ୍କାରେ ସେ ଚେନ୍ନାଇରୁ ଆବଶ୍ୟକୀୟ ଯନ୍ତ୍ରପାତି କିଣି ଆଣି ସ୍ନାୟୁଶଲ୍ୟ ବିଭାଗ ଆରମ୍ଭ କରିଥିଲେ । ମେଡ଼ିକାଲ ଛାତ୍ରଛାତ୍ରୀ ଓ ସହକର୍ମୀମାନଙ୍କ ସହ ଡା. ରଥଙ୍କ ଖୁବ୍ ଭଲ ସଂପର୍କ ରହିଥିଲା ।

ଡାକ୍ତର, ଶଲ୍ୟଚିକିତ୍ସକ, ରେଡ଼ିଓ ଲୋଜିଷ୍ଟ ଏବଂ ଅନ୍ୟାନ୍ୟ ବିଶେଷଜ୍ଞମାନଙ୍କୁ ନେଇ ନିୟମିତଭାବେ ସେମିନାର ଅନୁଷ୍ଠିତ ହେଉଥିଲା । ଏଥିରେ ପ୍ରତ୍ୟେକ ପ୍ରତିନିଧି ଚିକିତ୍ସା ସଂପର୍କରେ ନିଜ ନିଜର ଅଭିମତ ମୁକ୍ତଭାବରେ ବ୍ୟକ୍ତ କରୁଥିଲେ । ପରୋକ୍ଷଭାବେ ଏହା ରୋଗୀମାନଙ୍କୁ ଉପଯୁକ୍ତ ଚିକିତ୍ସା ପ୍ରଦାନରେ ସହାୟକ ହେଉଥିଲା । ଅନ୍ୟାନ୍ୟ ମେଡ଼ିକାଲ କଲେଜଠାରୁ କଟକ ଶ୍ରୀରାମଚନ୍ଦ୍ର ଭଂଜ ମେଡ଼ିକାଲ କଲେଜର ସ୍ନାୟୁଶଲ୍ୟ ବିଭାଗର ସାଫଲ୍ୟ ବହୁଗୁଣିତ ଥିଲା । ସେଥିପାଇଁ ବିଭିନ୍ନ ସ୍ଥାନରୁ ଲୋକମାନେ ଏଠାକୁ ପ୍ରଶିକ୍ଷଣ ନେବା ପାଇଁ ନିୟମିତ ଭାବେ ଆସୁଥିଲେ ।

ଏସ୍.ସି.ବି. ମେଡ଼ିକାଲ କଲେଜର ଅଧ୍ୟକ୍ଷ :

ସେ ୧୯୯୦ ମସିହାରେ ଏସ୍.ସି.ବି. ମେଡ଼ିକାଲ କଲେଜର ଅଧ୍ୟକ୍ଷ ଭାବେ ଯୋଗଦେଲେ । ସେ ପ୍ରଥମେ ମେଡ଼ିକାଲ କଲେଜରେ ଶୃଙ୍ଖଳା ଓ ପାଠପଢ଼ା ପ୍ରତି ବିଶେଷ ଗୁରୁତ୍ୱ ଦେଇଥିଲେ । ତାଙ୍କ ସମୟରେ ଅଧ୍ୟାପକ ମାନେ ଠିକ୍ ସମୟରେ କ୍ଲାସ ନେଉଥିଲେ । ପରୀକ୍ଷା ଠିକ୍ ସମୟରେ ଅନୁଷ୍ଠିତ ହେଉଥିଲା । ଛାତ୍ରାବାସଗୁଡ଼ିକ ପରିଷ୍କାର ପରିଚ୍ଛନ୍ନ ରହିବା ସହିତ ପିଇବା ପାଇଁ ଫିଲ୍‌ଟର ପାଣିର ବନ୍ଦୋବସ୍ତ ହୋଇଥିଲା । ଦର୍ଶନୀୟ ସ୍ଥାନ ଭ୍ରମଣ ସକାଶେ ନୂଆ ବସ୍‌ଟିଏ କିଣା ଯାଇଥିଲା । ତାଙ୍କର ଲକ୍ଷ୍ୟ ଥିଲା ଏକ ଆଦର୍ଶ ପମ୍ପରାରେ କଲେଜ ଓ ହଷ୍ଟେଲ ପରିଚାଳିତ ହେଲେ ସେଠାରୁ ଦେଶର ଯୋଗ୍ୟ ଡାକ୍ତରମାନେ ତିଆରି ହୋଇ ପାରିବେ । ସେଥିପାଇଁ ସେ ଆପ୍ରାଣ ଉଦ୍ୟମ କରିଥିଲେ ।

ଓଡ଼ିଶା ସ୍ୱାସ୍ଥ୍ୟ ଶିକ୍ଷା ଏବଂ ପ୍ରଶିକ୍ଷଣର ନିର୍ଦ୍ଦେଶକ

ସେ ୧୯୯୧ ମସିହାରେ ଓଡ଼ିଶାର ସ୍ୱାସ୍ଥ୍ୟଶିକ୍ଷା ଓ ପ୍ରଶିକ୍ଷଣର ନିର୍ଦ୍ଦେଶକ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ତାଙ୍କ ସମୟରେ

Digitized by srujanika@gmail.com

ମେଡ଼ିକାଲ କଲେଜରେ ନାମ ଲେଖା ଓ ପରୀକ୍ଷା ପଦ୍ଧତି ଖୁବ୍ ଶୃଙ୍ଖଳିତ ଥିଲା । ଏଥିପାଇଁ ଆଦୌ କୋର୍ଟ କଚେରୀ ମାମଲା ହୋଇନଥିଲା । ଔଷଧ ଓ ଯନ୍ତ୍ରପାତି କିଣାରେ ବିଶେଷଜ୍ଞମାନଙ୍କ ପରାମର୍ଶ ଓ ସୁପାରିଶକୁ ଗୁରୁତ୍ୱ ଦିଆଯାଉଥିଲା । ନିତିଦିନିଆ ପ୍ରଶାସନ କ୍ଷେତ୍ରରେ ସଚିବାଳୟ କର୍ମଚାରୀମାନଙ୍କ ହସ୍ତକ୍ଷେପକୁ ପ୍ରଶ୍ରୟ ଦିଆ ଯାଉନଥିଲା ।

ସେ ନିଜ ନିଷ୍ପତ୍ତିରେ ଦୃଢ଼ ରହୁଥିଲେ । ଏପରିକି ବିଭାଗୀୟ ଅଫିସର ଓ ମନ୍ତ୍ରୀମାନଙ୍କ ଚାପ ଆଗରେ ସେ ମୁଣ୍ଡ ନୁଆଁଉନଥିଲେ । ଥରେ ଟ୍ରେନ୍ ଭିତରେ ଚାରି ଜଣ ପୋଲିସଙ୍କ ଦ୍ୱାରା ଜଣେ ଭିନ୍ନକ୍ଷମ ଯୁବତୀଟି ଗଣ ଧର୍ଷିତ ହୋଇଥିଲା । ତା'ପରେ ତାକୁ ଅମାନୁଷିକଭାବେ ଟ୍ରେନରୁ ଫିଙ୍ଗି ଦିଆଗଲା । ସେ ଡାକ୍ତରଖାନାକୁ ଅଣାଗଲା ଏବଂ ଜଣେ ଡାକ୍ତରାଣୀ ତାଙ୍କୁ ଚିକିତ୍ସା କଲେ । ସେଇ ଡାକ୍ତରାଣୀଙ୍କ ଦ୍ୱାରା ଯୁବତୀଟି ଗଣଧର୍ଷଣର ଶିକାର ହୋଇଛି ବୋଲି ରିପୋର୍ଟ ଦିଆଗଲା । ସ୍ଥାନୀୟ ପୋଲିସ୍ ଯୁବତୀକୁ ଧର୍ଷଣ କରାଯାଇନଥିବା ଦର୍ଶାଇ ରିପୋର୍ଟ ଦେବାକୁ ଡାକ୍ତରାଣୀଙ୍କୁ ଧମକ ଦେଇଥିଲେ । ମାତ୍ର ଡାକ୍ତରାଣୀ ଜଣକ ତାଙ୍କ ରିପୋର୍ଟ ବଦଳାଇ ନଥିଲେ । ଡାକ୍ତରାଣୀଙ୍କ ଉପରେ ଆକ୍ରୋଶ ରଖି ପୋଲିସ୍ ତାଙ୍କୁ ଆରେଷ୍ଟ କରି ଜେଲକୁ ନେଇ ଯାଇଥିଲା । ଏଇ ଘଟଣାଟି ଖୁବ୍ ଗୁରୁତର ରୂପ ଧାରଣ କଲା । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ତତ୍କାଳୀନ ମୁଖ୍ୟ ଶାସନ ସଚିବ ଶ୍ରୀ ଆର୍.କେ. ରଥ ତାଙ୍କ ପାଖକୁ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଲୋଡ଼ି ଫାଇଲ ପଠାଇଲେ । ଡାକ୍ତର ରଥ ଏହି ଘଟଣାରେ ପୋଲିସ ଓ ସରକାର ଡାକ୍ତରାଣୀଙ୍କୁ ରିପୋର୍ଟ ବଦଳାଇବାକୁ କହି ଧମକ ଦେବା ଏବଂ ଜଣେ ପ୍ରଥମଶ୍ରେଣୀ ପାହ୍ୟାର ଡାକ୍ତରାଣୀଙ୍କୁ ସରକାରଙ୍କ ବିନାନୁମତିରେ ବାନ୍ଧି ନେଇଯିବା ଉଚିତ ହୋଇନାହିଁ ଏବଂ ଏହା ଭିତ୍ତିହୀନ ବୋଲି ଫାଇଲରେ ଉଲ୍ଲେଖ କରିଥିଲେ । ଶେଷକୁ ଡାକ୍ତରାଣୀ ଜଣଙ୍କ ମୁକ୍ତ ହୋଇ ତାଙ୍କ ଚାକିରିରେ ଯୋଗ ଦେଇଥିଲେ ।

ସେ ନିର୍ଦ୍ଦେଶକ ଥିବାବେଳେ ଢେଙ୍କାନାଳ ଜିରାଳ ଅଞ୍ଚଳର ଜଣେ ବୃଦ୍ଧା ଡାକ୍ତର ରଥଙ୍କ ସେବାରେ ଅତ୍ୟନ୍ତ ଆନନ୍ଦିତ ହୋଇ ସେ ତିରିଶ ବର୍ଷ ତଳେ ଥିବା ଜିରାଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପୁଣିଥରେ ବଦଳି ହୋଇ ଯିବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ନିବେଦନ କରିଥିଲେ । ଏହି ଘଟଣାଟି ସେତେବେଳେ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଜାଣିପାରି ଡା ରଥଙ୍କୁ ଡକାଇ କହିଲେ– ଜିରାଳ ଅଞ୍ଚଳର ବୁଢ଼ୀ ଜଣକ ଯାହା କହିଛି, ତାହା ତାଙ୍କର ଅତି ଉତ୍ତମ

Digitized by srujanika@gmail.com

ସି.ସି.ଆର. ଠାରୁ ଅଧିକ । ତେଣୁ ସେ ଆଉ ଅଧିକ ତିନିବର୍ଷ ପାଇଁ ନିର୍ଦ୍ଦେଶକ ପଦବୀରେ ରହିବା ଉଚିତ । ମାତ୍ର ଡା. ରଥ ଏହି ପ୍ରସ୍ତାବକୁ ପ୍ରତ୍ୟାଖାନ କରି କହିଥିଲେ । ଅବସରପରେ ସେ ଆଉ ତିନିବର୍ଷ ଆଶାୟୀ ଡାକ୍ତର ପ୍ରାର୍ଥୀ ଜଣଙ୍କ ପାଇଁ ନିଶ୍ଚୟ ଅନ୍ୟାୟ ହେବ । ତେଣୁ ସେ ଆଉ ତିନିବର୍ଷ ପାଇଁ ନିର୍ଦ୍ଦେଶକ ପଦବୀରେ ରହିବା ପାଇଁ ମନା କରିଦେଇଥିଲେ । ଏହା ଥିଲା ଡା. ରଥଙ୍କ ମଣଷ ପଣିଆ ଓ ଉଦାରତାର ଉଦାହରଣ ।

ସେ ଜୁଲାଇ ୩୧ ତାରିଖ ୧୯୯୨ ମସିହାରେ ସରକାରୀ ଚାକିରିରୁ ଅବସର ଗ୍ରହଣ କଲେ ଓ ୧୯୯୪ ମସିହାରେ NSI (Neurologycial Society of India) ର ଅଧ୍ୟକ୍ଷ ପଦକୁ ନିର୍ବାଚିତ ହୋଇଥିଲେ । ଏହାଥିଲା ଜାତୀୟ ସ୍ତରରେ ତାଙ୍କପାଇଁ ସର୍ବୋତ୍ତମ ସ୍ୱୀକୃତି ।

ଡାକ୍ତର ରଥଙ୍କ ଅବସର ଗ୍ରହଣ ପରେ ବିଜୁବାବୁ ତାଙ୍କୁ ସାଧାରଣ ସଭାରେ ଯୋଗଦେବା ପାଇଁ ଆମନ୍ତ୍ରଣ କଲେ । ସେ କେତେକ ସଭାରେ ବିଜୁବାବୁଙ୍କ ସହ ଯୋଗଦେବାର ସୁଯୋଗ ପାଇଥିଲେ । ଥରେ ଗୋଟିଏ ସଭାରେ ଜଣେ ଲୋକ ବିଜୁବାବୁଙ୍କୁ ଅତି ଖରାପ ଭାଷାରେ ଗାଳି ଗୁଲଜ କଲା । ଏହି ଘଟଣା ତାଙ୍କୁ ଆଦୌ ଭଲ ଲାଗିଲା ନାହିଁ । ତେଣୁ ସେ ସ୍ଥିର କଲେ ଆଉ କୌଣସି ରାଜନୈତିକ ସଭାରେ ଯୋଗ ଦେବେ ନାହିଁ କି ରାଜନୀତିରେ ମିଶିବେ ନାହିଁ । ସେ ନିଜର ବୃତ୍ତିରେ ରହି ରୋଗୀ ସେବା କରିବାକୁ ଉଚିତ ମନେ କଲେ ।

ବୃତ୍ତିଗତ ଜୀବନରେ ମାଇଲ୍‌ଖଣ୍ଟ

ସେ ୧୯୭୦ ମସିହାରେ ଇଣ୍ଟନ୍ୟାସନାଲ କଲେଜ ଅଫ୍ ସର୍ଜନ, ୧୯୭୨ ମସିହାରେ ଆମେରିକାନ କଲେଜ ଅଫ୍ ସର୍ଜନ ଏବଂ ପରେ ୟୁ.କେର ରୟାଲ ସୋସାଇଟି ଅଫ୍ ମେଡ଼ିସିନ୍‌ର ଫେଲୋ ଭାବେ ନିର୍ବାଚିତ ହୋଇଥିଲେ । ନିଜ ଦେଶ ଭାରତବର୍ଷରେ ନିଜର ଗୁଣାତ୍ମକ କାର୍ଯ୍ୟଦକ୍ଷତା ପାଇଁ ସେ ଏହିସବୁ ପଦବୀ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ ।

ସ୍ନାୟୁ ଶଲ୍ୟ ସମ୍ପର୍କରେ ତାଙ୍କର ପ୍ରାୟ ଶହେଟି ଗବେଷଣାଧର୍ମୀ ପ୍ରବନ୍ଧ ପ୍ରକାଶିତ ହୋଇ ପ୍ରଶଂସନୀୟ ହୋଇଛି । ମେଡ଼ିକାଲ ସମ୍ମିଳନୀରେ ଯୋଗଦେବାକୁ ସେ ଉତ୍ତର କୋରିଆ, ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ, ଜାପାନ, ସିଙ୍ଗାପୁର, ସ୍କଟଲ୍ୟାଣ୍ଡ, ବ୍ୟାଙ୍କକ୍, ଥାଇଲାଣ୍ଡ, ଫ୍ରାନ୍ସ, ଚାଇନା ପ୍ରଭୃତି ଦେଶକୁ ଯାଇଛନ୍ତି । ଗତ ୨୦୦୫ ଅଗଷ୍ଟ ମାସରେ ସେ ଆନ୍ତର୍ଜାତିକ

Digitized by srujanika@gmail.com

ଅପସ୍ମାର ସମ୍ମିଳନୀରେ ଯୋଗଦେବା ପାଇଁ ଆମେରିକାର ମିନେଆ ୨ୟ ଥର ପ୍ୟାରିସ ଓ ଫ୍ରାନ୍ସ ଯାତ୍ରା କରିଥିଲେ ।

ସେ ୧୯୯୪ ମସିହାରେ ବାଙ୍ଗାଲୋରରେ ଥିବା 'ଅଖିଳ ଭାରତ ସ୍ନାୟୁଶଲ୍ୟ ସମାଜ'ର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ଏହି ସମ୍ମାନଜନକ ପଦବୀ ଡା. ରଥଙ୍କ ନିଷ୍ଠାପର କାର୍ଯ୍ୟ ଦକ୍ଷତାକୁ ଭିତ୍ତିକରି ଦିଆ ଯାଇଥିଲା । ତାଙ୍କର ବହୁଲେଖା 'ସମାଜ' 'ଜୀବନ ରଂଗ' 'ଲାଇଫ୍ ଲାଇନ୍', 'ସମାଜ ସୁରକ୍ଷା' ପରି ଲୋକ ପ୍ରିୟ ପତ୍ରପତ୍ରିକାରେ ସାଧାରଣ ସ୍ୱାସ୍ଥ୍ୟରକ୍ଷା ଓ ସଚେତନତାକୁ ଆଧାରକରି ପ୍ରକାଶିତ ହୋଇଛି ।

ଭାରତରେ ପ୍ରଥମ କରି ସେ ବ୍ରେନ୍‌ଟ୍ୟୁମର ସମ୍ପର୍କରେ ବୈଜ୍ଞାନିକ ତଥ୍ୟ ପ୍ରକାଶ କରି ପ୍ରଥମ ପୁରସ୍କାର ହାସଲ କରିଛନ୍ତି । ତାଙ୍କ ପ୍ରେଚେଷ୍ଟାରେ ପ୍ରଥମ କରି ମସ୍ତିସ୍କ ଅସ୍ତ୍ରୋପଚାର ସଂପର୍କରେ ଟିଭିରେ ଜୀବନ୍ତ ପ୍ରଦର୍ଶନ କରାଯାଇଥିଲା । ଏହା ପ୍ରଥମ ଇଂରାଜୀ ଓ ପରେ ପରେ ହିନ୍ଦୀ ଏବଂ ଓଡ଼ିଆ ଭାଷାରେ ରୂପାନ୍ତରିତ ହୋଇ ପ୍ରଦର୍ଶିତ ହୋଇଥିଲା । ଗାଁ' ଗହଳିର ସାଧାରଣ ଜନତାଙ୍କ ପାଇଁ ଏହାଥିଲା ଖୁବ୍ ଶିକ୍ଷଣୀୟ ଓ ଚିତ୍ତାକର୍ଷକ ।

ସେ ଏସ୍.ସି.ବି. ମେଡ଼ିକାଲ କଲେଜରେ ସ୍ନାୟୁଶଲ୍ୟ ବିଭାଗରେ ସ୍ନାତକୋତ୍ତର ଶ୍ରେଣୀ ଖୋଲିଥିଲେ । ତାଙ୍କରି ପାଇଁ ବହୁ ତରୁଣ ଡାକ୍ତର ସ୍ନାୟୁଶଲ୍ୟ ବିଭାଗରେ ଉଚ୍ଚତର ଶିକ୍ଷା ଗ୍ରହଣ କରି ଲୋକମାନଙ୍କୁ ଉପଯୁକ୍ତ ସେବା ଦେଇ ପାରୁଛନ୍ତି । ଏହା ତାଙ୍କର କାର୍ଯ୍ୟଦକ୍ଷତା ଓ ସେମାନଙ୍କ ମନୋଭାବର ଜ୍ୱଳନ୍ତ ପରିଚୟ

କଟକ- ତାଙ୍କ ସୁଖ ଦୁଃଖର ସାଥୀ - କଟକ

କଟକ ହେଉଛି ତାଙ୍କର ପ୍ରିୟ କାର୍ଯ୍ୟସ୍ଥଳୀ । କଟକର ରେଭେନ୍‌ସା କଲେଜରେ ସେ ଉଚ୍ଚଶିକ୍ଷା, ଏସ୍.ସି.ବି. ମେଡ଼ିକାଲ କଲେଜରେ ଡାକ୍ତରୀ ଶିକ୍ଷା ଗ୍ରହଣ କରି କଟକରେ ପ୍ରଥମ ସରକାରୀ ଚାକିରି ଆରମ୍ଭ କରିଛନ୍ତି । କଟକରେ ରହି ସେ ରୋଗୀମାନଙ୍କୁ ସେବା ଯୋଗାଇ ଦେବାରେ ସଫଳ ହୋଇଛନ୍ତି । ସେଥିପାଇଁ ନିଜର ରାଜ୍ୟ ଓ ଦେଶ ମଧ୍ୟରେ ତାଙ୍କର ସୁନାମ ବିସ୍ତାରିତ ହୋଇଛି । କଟକର ମେଡ଼ିକାଲ କଲେଜରେ ପାଠପଢ଼ି ସେଇ କଲେଜରେ ସେ ଅଧ୍ୟକ୍ଷ ହୋଇଛନ୍ତି । ଭେଲୋରରେ ଯେଉଁ ସ୍ନାୟୁଶଲ୍ୟ ଚିକିତ୍ସା ଏକଲକ୍ଷ ଟଙ୍କାରେ ହୋଇ ଥାଆନ୍ତା । କଟକରେ ରହି ସେ ମାତ୍ର କୋଡ଼ିଏ ହଜାର ଟଙ୍କାରେ କରିପାରିଛନ୍ତି । ସେଥିପାଇଁ କଟକ ସହ ତାଙ୍କର

Digitized by srujanika@gmail.com

ସଂପର୍କ ଅତ୍ୟନ୍ତ ନିବିଡ଼ ଓ ଅନ୍ତରଙ୍ଗ । ସେଥିଲାଗି କଟକକୁ ସେ ନିଜର ମା'ପରି ମମତାମୟୀ, ଭଉଣୀ ଓ ଝିଅପରି ସ୍ନେହଶୀଳା ଏବଂ ସହଧର୍ମିଣୀ ପରି ସୁଖଦୁଃଖର ସାଥୀ ଭାବରେ ଗ୍ରହଣ କରି ନେଇଛନ୍ତି ।

ଚାକିରିରୁ ଅବସର ନେବାପରେ ସେ କଟକରେ ରହି ରୋଗୀ ସେବାକୁ ଜୀବନର ବ୍ରତରୂପେ ବାଛିଛନ୍ତି । କଟକରେ ରହି ମଧ୍ୟ ସେ ସୁଦୂର ପଶ୍ଚିମବଙ୍ଗ ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ଆନ୍ଧ୍ରପାଖାପାଖି ଅଞ୍ଚଳରୁ ଆସୁଥିବା ରୋଗୀମାନଙ୍କୁ ଉପଯୁକ୍ତ ଚିକିତ୍ସା ଦେଇ ପାରୁଛନ୍ତି । ତାଙ୍କର ଗୁଣାତ୍ମକ ଚିକିତ୍ସା ଓ ସ୍ୱଳ୍ପ ପାରିଶ୍ରମିକ ପାଇଁ ଲୋକେ ଭେଲୋର ନଯାଇ କଟକରେ ତାଙ୍କରି ପାଖରେ ଚିକିତ୍ସା ଗ୍ରହଣ କରିବାକୁ ଉଚିତ ମନେ କରନ୍ତି ।

କଟକ ଏପରି ଏକ ସହର, ଯେଉଁଠି ଧନୀ ଗରିବ, ଉଚ୍ଚ ନୀଚ, ବଡ଼ସାନର ଭେଦଭାବ ନଥାଏ । ସମସ୍ତେ ମିଳିମିଶି ସାହି ବସ୍ତିରେ ଜୀବନ ଅତିବାହିତ କରନ୍ତି । ମାତ୍ର ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଏପରି ଅବସ୍ଥା ନଥାଏ । ତାଙ୍କର ଯଦିଓ ହଜାର ବର୍ଗଫୁଟର ଗୋଟିଏ ଜାଗା ଭୁବନେଶ୍ୱରରେ ଅଛି, ତଥାପି ସେ କଟକକୁ ଭଲ ପାଇ ସେଇଠି ଜୀବନ କାଟୁଛନ୍ତି । ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ କଟକରେ ରହି ସେ ଲୋକମାନଙ୍କର ସେବା କରୁଥିବେ– ଏହାହି ତାଙ୍କର ଇଚ୍ଛା ।

ସେ ଓ ତାଙ୍କର ଛାତ୍ର ଛାତ୍ରୀ

ଅଧ୍ୟାପକ ଜୀବନରେ ଡା. ରଥ ତାଙ୍କର ଛାତ୍ରଛାତ୍ରୀମାନଙ୍କୁ ଖୁବ୍ ଭଲ ପାଉଥିଲେ । ଛାତ୍ର ଛାତ୍ରୀମାନଙ୍କୁ ନିଜ ନିଜର କାର୍ଯ୍ୟରେ ଖୁବ୍ ବିଶ୍ୱସ୍ତ ଓ ବିନୟୀ ଏବଂ ରୋଗୀମାନଙ୍କ ପ୍ରତି ସଦୟ ହେବାକୁ ସେ ସର୍ବଦା ପରାମର୍ଶ ଦେଉଥିଲେ । ତାଙ୍କର କେତେକ ଛାତ୍ର ବିଦେଶକୁ ଯାଇ ଆଉ ଭାରତକୁ ନଫେରିବା କାରଣରୁ ସରକାର ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ଦେବାକୁ ଚାହୁଁଥିଲେ । ମାତ୍ର ଛାତ୍ରମାନଙ୍କ ସପକ୍ଷରେ ଡା. ରଥଙ୍କ ଯୁକ୍ତି ଥିଲା ଯେ, ସେଇ ସବୁ ଛାତ୍ରମାନେ ବିଦେଶରେ ରହି ଭାରତ ପାଇଁ ବୈଦେଶିକ ମୁଦ୍ରା ଅର୍ଜନ କରୁଛନ୍ତି ଏବଂ ଅନ୍ୟ ପକ୍ଷରେ ସେମାନଙ୍କ ଅନୁପସ୍ଥିତି ଫଳରେ ଅନ୍ୟ ବେକାରୀ ଡାକ୍ତରମାନେ ଚାକରିର ସୁଯୋଗ ପାଇବାକୁ ସକ୍ଷମ ହେଉଛନ୍ତି । ଡା. ରଥଙ୍କ ଏହି ଅଭିମତ ଶେଷକୁ ସରକାରଙ୍କ ଦ୍ୱାରା ଗୃହୀତ ହୋଇଥିଲା ଏବଂ ତାଙ୍କର ଛାତ୍ରଛାତ୍ରୀମାନେ ଦଣ୍ଡପାଇବାରୁ ବର୍ତ୍ତି ଯାଇଥିଲେ । ତାଙ୍କର ଅନେକ ଛାତ୍ରଛାତ୍ରୀ ବିଦେଶରେ

Digitized by srujanika@gmail.com

ରହି ନାଁ କରିଛନ୍ତି । ସେମାନଙ୍କ ମଧ୍ୟରୁ ସ୍ନାୟୁ ଶଲ୍ୟ ଚିକିତ୍ସକ ଭାବେ ଆମେରିକାର ଆଟ୍‌ଲାଣ୍ଟା ସହରରେ ଥିବା ତାଙ୍କର ଛାତ୍ର ବାଲେଶ୍ୱରର ଧୀରଜ ପଣ୍ଡା ଏକ ଉଦାହରଣ ।

ସେ ଯେଉଁ ଦେଶ ଭ୍ରମଣରେ ଯାଇଛନ୍ତି ସେଠାରେ ତାଙ୍କର ଛାତ୍ର ଖୁବ୍ ଭଲ ନାଁ କରିଥିବାର ଶୁଣିଛନ୍ତି । ବିଦେଶରେ ଭଲକାମ କରି ଜଣେ ଭାରତୀୟଭାବେ ବିଶେଷ କରି ଓଡ଼ିଆ ଭାବେ ଗର୍ବିତ ହେବାପାଇଁ ସେ ଛାତ୍ରମାନଙ୍କୁ ପରାମର୍ଶ ଦେଇଛନ୍ତି ।

ରୋମୀମାନଙ୍କ ସହ ସଂପର୍କ:

ଭେଲୋରରେ ପ୍ରଶିକ୍ଷଣ ନେବାଲାଗି ସାକ୍ଷାତକାର ପରୀକ୍ଷାରେ ତାଙ୍କୁ ପରୀକ୍ଷକମାନେ ପ୍ରଶ୍ନ କରିଥିଲେ– "ଡାକ୍ତରଖାନାରେ ସବୁଠୁଁ ମୁଖ୍ୟ ବ୍ୟକ୍ତିଜଣକ କିଏ ?" ସେ ତତ୍‌କ୍ଷଣାତ୍ ପ୍ରଶ୍ନର ଉତ୍ତରରେ କହିଥିଲେ– ରୋଗୀ । ଏହି ଉତ୍ତରହିଁ ତାଙ୍କୁ ରୋଗୀ ପ୍ରତି ସର୍ବଦା ସଜାଗ ହେବାକୁ ପ୍ରେରଣା ଦେଇ ଆସିଛି । ଏହି ଆଦର୍ଶକୁ ସେ ତାଙ୍କର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଶିକ୍ଷା ଦେଇଛନ୍ତି ।

ରୋଗିଟିର ସେବାକଲାବେଳେ ସେ ତା'ର ପଦପଦବୀ କିମ୍ୱା ଟଙ୍କା ପଇସାକୁ ଗୁରୁତ୍ୱ ନଦେଇ ତା'ର ରୋଗର ଲକ୍ଷଣ ଓ ନିରାକରଣ ପାଇଁ ଯତ୍ନବାନ ହୁଅନ୍ତି । ରୋଗୀ ସଂପର୍କରେ ଲୁଇ ପାଶ୍ଚର କହିଥିଲେ– 'ମୁଁ ରୋଗୀର ସାମର୍ଥ୍ୟ କିମ୍ୱା ଧନସମ୍ପତ୍ତି ବିଷୟରେ ଜାଣିବାକୁ ଚାହେଁ ନାହିଁ; ମୁଁ ତା'ର ରୋଗ ବିଷୟରେ ଜାଣିବାକୁ ଚାହେଁ ।' ରୋଗୀ ଦେଖିବା ବେଳେ ଡାକ୍ତର ରଥ ମଧ୍ୟ ଏହି ଆଦର୍ଶକୁ ଗୁରୁତ୍ୱ ଦେଇ ଆସିଛନ୍ତି । ରୋଗୀ ସେବାହିଁ ତାଙ୍କ ଜୀବନର ମୁଖ୍ୟ ଲକ୍ଷ୍ୟ ହୋଇଛି ।

ରୋଗୀଟି ଯଦି ପ୍ରକୃତରେ ଗରିବ ହୋଇଥାଏ, ତେବେ ସେ କେବଳ ଡାକ୍ତରଖାନାର ଆବଶ୍ୟକୀୟ ଫିସ୍‌ଦେଇ ମାଗଣାରେ ତା'ର ଚିକିତ୍ସା କରିଥାଆନ୍ତି । ସେ କହନ୍ତି– "ଭଲ କାମକଲେ ଟଙ୍କା ଆପେ ଆପେ ଆସିବ; ମାତ୍ର ଟଙ୍କା ପଛରେ ଦଉଡ଼ିବା ଏକ ରୋଗ ।" ତାଙ୍କ ମତରେ ଡାକ୍ତର ଓ ରୋଗୀର ସଂପର୍କ ବ୍ୟାବସାୟିକ ନହୋଇ ପବିତ୍ର ହେବା ଉଚିତ । ସେ ଦିନକୁ ପ୍ରାୟ ୬୦-୭୦ ଜଣ ରୋଗୀ ଦେଖିବାକୁ ଚେଷ୍ଟା କରନ୍ତି । ସେ ନମାଗିଲେ ମଧ୍ୟ ତାଙ୍କ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସିତ ହେଉଛନ୍ତି ଜାଣି ରୋଗୀମାନେ ତାଙ୍କୁ ସ୍ୱଇଚ୍ଛାରେ ଟଙ୍କା ଦିଅନ୍ତି ।

Digitized by srujanika@gmail.com

ସେ ସପ୍ତାହରେ ଗୋଟିଏ ଦିନ ମାଗଣା ଚିକିତ୍ସା କରିବାକୁ ମନସ୍ଥ କରିଛନ୍ତି । ଓଡ଼ିଶା ବାହାରୁ ବଙ୍ଗ, ବିହାର, ଆନ୍ଧ୍ର ପ୍ରଭୃତି ସ୍ଥାନରୁ ଆସୁଥିବା ରୋଗୀମାନେ କହନ୍ତି ଡାକ୍ତର ରଥଙ୍କ ସେବା ଓ କାର୍ଯ୍ୟ ଭିତରେ ସେମାନେ ଜଗନ୍ନାଥଙ୍କୁ ଉପଲବ୍ଧି କରନ୍ତି । ଏବେ ସୁଦ୍ଧା ସେ ପ୍ରାୟ ଦଶହଜାର ରୋଗୀଙ୍କ ବ୍ରେନ୍ ଅପରେସନ୍ ସ୍ପାଇରାଲ କର୍ଡ୍ ଅପରେସନ୍ ପ୍ରଭୃତି କରି ସାରିଲେଣି । ସେ ଏବଂ ତାଙ୍କର ସହଯୋଗୀମାନେ ରୋଗୀଟିକୁ ସାହାଯ୍ୟ କରନ୍ତି, ମାତ୍ର ଈଶ୍ୱର ହିଁ ସେମାନଙ୍କୁ ନବ ଜୀବନ ଦେଇଥାଆନ୍ତି ।

ଥରେ ରାତି ୧୧ଟା ସମୟରେ ସେ ସବୁ କାମସାରି ଘରକୁ ଫେରିବା ବେଳେ ହଠାତ୍ ଜଣେ ବୟସ୍କା ମହିଳାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ତାଙ୍କ ପାଖକୁ ଅଣାଗଲା । ପରୀକ୍ଷାରୁ ଜଣାପଡ଼ିଲା ଯେ ସ୍ତ୍ରୀଲୋକଟିର ଖୁବ୍ ଶୀଘ୍ର ଅପରେସନ୍ ଆବଶ୍ୟକ । ସେ ସ୍ତ୍ରୀଲୋକଟି କିଏ ସେ କଥା ନଜାଣି ସେ ତା'ର ଅପରେସନ୍ କରି ଏକ ବଡ଼ ମାଂସ ପିଣ୍ଡୁଳା କାଢ଼ି ଦେଇଥିଲେ । ପ୍ରକୃତରେ ତା' ପାଖରେଏତେ ଖର୍ଚ୍ଚ ପାଇଁ ପଇସା ନଥିଲା । ତା' ପରଦିନ ସକାଳେ ସେ ସ୍ତ୍ରୀଲୋକଟିର ପୁଅ ୟୁକ୍ରେନ୍‌ରୁ ଫୋନ୍ କରି ଡା. ରଥଙ୍କୁ ଧନ୍ୟବାଦ ଜଣାଇ ସମସ୍ତ ଖର୍ଚ୍ଚ ଦେଇଦେବାକୁ କହିଲେ । ସେ ତାଙ୍କ ମା'ଙ୍କ ଅପରେସନ୍‌ର ସମସ୍ତ ଖର୍ଚ୍ଚ କେବଳ ପରିଶୋଧ କଲେ ନାହିଁ, ବରଂ ଡା. ରଥଙ୍କୁ ଆମନ୍ତ୍ରଣ କରି ୟୁକ୍ରେନ୍ ବୁଲିଯିବାର ସମସ୍ତ ଖର୍ଚ୍ଚ ବହନ କରିଥିଲେ । ସେଠାକାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଡା. ରଥଙ୍କୁ ପରିଚିତ କରାଇ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଜଣାଇଥିଲେ ।

ଆଇଡ଼ିଆଲ କ୍ଲିନକ୍, ନର୍ସିଂହୋମ୍ ଏବଂ ସନ୍ ହସ୍ପିଟାଲ

କଟକ ବକ୍ସିବଜାରରେ ଥିବା ଆଇଡ଼ିଆଲ୍ ନର୍ସିଂହୋମ୍ ଓ କ୍ଲିନକ୍‌ରେସେ ରୋଗୀମାନଙ୍କ ସେବା କରନ୍ତି । ସେ ମଧ୍ୟ କଟକ ତୁଳସୀପୁରରେ ଥିବା 'ସନ୍ ହସ୍ପିଟାଲ୍'ରେ ସପ୍ତାହରେ ଏକ ନିର୍ଦ୍ଦିଷ୍ଟ ଦିନ ଏବଂ ଆବଶ୍ୟକ ସ୍ଥଳେ ଜରୁରୀ ଡାକରାରେ ରୋଗୀ ଦେଖିଥାଆନ୍ତି । ଆଇଡ଼ିଆଲ ନର୍ସିଂହୋମ୍ ଦାୟିତ୍ୱରେ ଥିବା ଡାକ୍ତର ରେବତୀ ପ୍ରସାଦ ଦାସଙ୍କୁ ସେ ପରାମର୍ଶ ଦେଇଛନ୍ତିଯେ କୌଣସି ରୋଗୀ ଯେପରି ସେଠାରେ ଅସୁବିଧାର ସମ୍ମୁଖୀନ ନହୁଏ । ସେମାନଙ୍କ ଉପଯୁକ୍ତ ସେବାହିଁ 'ଆଇଡ଼ିଆଲ୍ ନର୍ସିଂହୋମ'ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେବା ଉଚିତ । ଏହାହିଁ ହେଉଛି ଡାକ୍ତର ରଥଙ୍କ ଉଦାରତା ଓ ସହୃଦୟତାର ଜ୍ୱଳନ୍ତ ଉଦାହରଣ ।

Digitized by srujanika@gmail.com

ଓଡ଼ିଶାରେ ସ୍ୱାସ୍ଥ୍ୟସେବା ପାଇଁ ତାଙ୍କର ଚିନ୍ତା

ଓଡ଼ିଶାର ସ୍ୱାସ୍ଥ୍ୟସେବା ସଂପର୍କରେ ଡାକ୍ତର ରଥ ଆଦୌ ସନ୍ତୁଷ୍ଟ ନୁହଁନ୍ତି । ସେ ସଂପର୍କରେ ମତଦେଇ କହନ୍ତି– "ଆମ ରାଜ୍ୟରେ ଆଧୁନିକ ସ୍ୱାସ୍ଥ୍ୟ ସେବା ସନ୍ତୋଷ ଜନକ ନୁହେଁ । କାରଣ ବିଜ୍ଞାନ ଓ ବୈଷୟିକ କୌଶଳର ଦ୍ରୁତ ଅଗ୍ରଗତି ଫଳରେ ଲୋକମାନଙ୍କ ସ୍ୱାସ୍ଥ୍ୟ ସଚେତନତା ବିଶେଷତଃ ଷ୍ଟେଥୋସ୍କୋପ୍ ଦ୍ୱାରା ଔଷଧ ନିର୍ଦ୍ଧାରଣରୁ କମ୍ପ୍ୟୁଟର ଓ ବୈଦ୍ୟୁତିକ ମାଧ୍ୟମକୁ ପରିବର୍ତ୍ତିତ ହେଲାଣି । ମାତ୍ର ଆମ ରାଜ୍ୟରେ ଏ ସୁବିଧା ଉପଲବ୍ଧ ହୋଇନାହିଁ । ଏସବୁ ପରିବର୍ତ୍ତନ ଭିତରେ ସବୁଠୁ ବଡ଼କଥା ହେଉଛି ରୋଗୀ ପ୍ରତି ସଦୟ ହୋଇ ଚିକିତ୍ସା କରିବା । ପାଶ୍ଚାତ୍ୟ ଦେଶମାନଙ୍କରେ ଔଷଧୀୟ ଚିକିତ୍ସା ଏକ ବ୍ୟାବସାୟିକ ଅଭ୍ୟାସରେ ପରିଣତ ହୋଇଥିବାରୁ ସେମାନେ ରୋଗୀ ପ୍ରତି ସଦୟ ହେବା ଓ ଯତ୍ନନେବାକୁ ଆରମ୍ଭ କଲେଣି ।

ଆୟୁର୍ବେଦ, ହୋମିଓପାଥି ଓ ସେହିପରି ଚିକିତ୍ସା ଖୁବ୍ ଶସ୍ତା ହୋଇଥିବାରୁ ଏହାର ବିକାଶ ହେବା ଆବଶ୍ୟକ । ଲୋକମାନଙ୍କ ମଙ୍ଗଳ ପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ସେବାକୁ ପୂର୍ଣ୍ଣାଙ୍ଗ କରିବା ଲକ୍ଷ୍ୟରେ ଏକ ନିର୍ଦ୍ଦିଷ୍ଟ ପ୍ରଶାସନର ନିୟନ୍ତ୍ରଣ ରହିବା ଜରୁରୀ । ସ୍ୱାସ୍ଥ୍ୟ ସେବାର ବିକାଶ ପାଇଁ ଫଟୋ ପରିଚୟ ପତ୍ର ପ୍ରବର୍ତ୍ତିତ ହେବା ବଜେଟ୍‌ରେ ଅଧିକ ଅର୍ଥ ବରାଦ, ଆଧୁନିକ ଚିକିତ୍ସା ସଂପର୍କରେ ରାଜ୍ୟ ଓ ଦେଶ ଭିତରେ ସ୍ୱାଧୀନ ଗବେଷଣା ସୁବିଧା ଇତ୍ୟାଦି ରହିବା ନିତାନ୍ତ ଆବଶ୍ୟକ ।"

ସରକାରଙ୍କ ନିୟନ୍ତ୍ରଣରେ ଘରୋଇ ମେଡ଼ିକାଲ କଲେଜ ଖୋଲିବାକୁ ପ୍ରୋତ୍ସାହନ, ବିଶୁଦ୍ଧ ପିଇବା ପାଣିର ସୁବିଧା, ଗାଁ ଗହଳିରେ ପାଇଖାନା ବ୍ୟବହାର ପାଇଁ ସଚେତନତା, ଖାଇବା ପୂର୍ବରୁ ମୁହଁ ହାତଧୋଇବା ପାଇଁ ସତର୍କତା ଇତ୍ୟାଦି ପ୍ରତି ଗୁରୁତ୍ୱ ଦିଆଗଲେ ରୋଗ ନିୟନ୍ତ୍ରଣ ସହଜ ହୋଇ ପାରିବ ବୋଲି ତାଙ୍କର ଅଭିମତ ।

ଈଶ୍ୱର ବିଶ୍ୱାସ ଓ ପୂଜାପାଠ

ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପ୍ରତି ଡାକ୍ତର ରଥଙ୍କ ପ୍ରଗାଢ଼ ଭକ୍ତି ରହିଛି । 'କର୍ମ ହିଁ ଈଶ୍ୱର' ବୋଲି ସେ ବିଶ୍ୱାସ କରନ୍ତି । ଯଦିଓ ମନ୍ଦିର ଯାଇ ଠାକୁରଙ୍କୁ ପୂଜା କରିବା ପାଇଁ ସେ ସମୟ ପାଆନ୍ତି ନାହିଁ, ତଥାପି ରୋଗୀମାନଙ୍କ ସେବାରେ ସେ ଈଶ୍ୱର ଦର୍ଶନର ଶାନ୍ତିଲାଭ କରନ୍ତି । ଭଗବାନ୍ ତାଙ୍କୁ ରୋଗୀମାନଙ୍କ ସେବା କରିବାକୁ ଜନ୍ମ ଦେଇଛନ୍ତି ବୋଲି ସେ ମନେ କରନ୍ତି ।

Digitized by srujanika@gmail.com

ଥରେ ତାଙ୍କର ଜଣେ ବରିଷ୍ଠ ସହକର୍ମୀ ତାଙ୍କ ସଂପର୍କରେ ମତାମତ ଦେଇ କହିଥିଲେ ଯେ ତାଙ୍କର (ଡା. ରଥଙ୍କର) ପୂର୍ବଜନ୍ମରେ ଅର୍ଜିଥିବା ପାପକର୍ମ ପାଇଁ ଏ ଜନ୍ମରେ ସେ କଠିନ ପରିଶ୍ରମ କରୁଛନ୍ତି । ଏହା କି ଦୁଃଖ ଓ ପରିତାପର କଥା । ଯିଏ ଯେଉଁ ରଂଗର ଚଷମା ପିନ୍ଧିବ, ତାକୁ ଦୁନିଆଟା ସେମିତି ଦେଖାଯିବ ବୋଲି ଡା. ରଥ ମନେକରନ୍ତି । ମଣିଷ ଜୀବନରେ ଉଭୟ ଜ୍ଞାନ ଓ କର୍ମ ଗୁରୁତ୍ୱପୂର୍ଣ୍ଣ । ଜୀବନର ଲକ୍ଷ୍ୟ ହାସଲ ପାଇଁ ଏ ଦୁଇଟିର ଆବଶ୍ୟକତା ରହିଛି । ଜ୍ଞାନ ଭିତ୍ତିକ କର୍ମ ସମାଜର ଉନ୍ନତି କରେ ବୋଲି ତାଙ୍କର ଧାରଣା । ଈଶ୍ୱର ହିଁ ସବୁ କାର୍ଯ୍ୟ ଓ କାରଣର ମୂଳାଧାର ବୋଲି ତାଙ୍କର ବିଶ୍ୱାସ । ମୋଟ ଉପରେ ଈଶ୍ୱରଙ୍କ ପ୍ରତି ପ୍ରଗାଢ଼ ଭକ୍ତି ଓ ବିଶ୍ୱାସ ଡା. ରଥଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇ ପାରିଛି ବୋଲି କହିବାକୁ ହେବ ।

ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ପାଇଁ ଚିନ୍ତା

ଯେତେବେଳେ ଓଡ଼ିଶାରୁ ଷଢ଼େଇକଳା, ଖରସୁଆଁ ବିଚ୍ଛିନ୍ନ ହୋଇଗଲା ସେତେବେଳେ ଜଣେ ସଚ୍ଚା ଓଡ଼ିଆଭାବେ ଡା. ରଥ ଖୁବ୍ ମର୍ମାହତ ହୋଇଥିଲେ । ସଂପ୍ରତି ଉତ୍କଳ ସମ୍ମିଳନୀର ଡକ୍ଟର ଗୁରୁପ୍ରସାଦ ମହାନ୍ତି ଓ ଅଭୟ ସାମନ୍ତରାୟଙ୍କ ସହ ସେ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାଭାଷୀ ଲୋକମାନଙ୍କ ସମସ୍ୟା ସଂପର୍କରେ ଆଲୋଚନା କରିଛନ୍ତି । ସେ ନିଜ ଅଭିଜ୍ଞତାରୁ ଜାଣିଛନ୍ତି, ମେଦିନାପୁର, ଝାଡ଼ଗାଁଓ ଓ ପୁରୁଲିଆରେ ଓଡ଼ିଆମାନେ ବଙ୍ଗଳା ଭାଷାଭାଷୀଙ୍କ ପାଇଁ ଓ ସିଂହଭୂମିରେ ହିନ୍ଦୀ ଭାଷାଭାଷୀଙ୍କ ପାଇଁ ଓଡ଼ିଆ ଭାଷାରୁ ବଞ୍ଚିତ ହେଉଛନ୍ତି । ଏହିସବୁ ଅଞ୍ଚଳରେ ଓଡ଼ିଆ ଭାଷା ଓ ସଂସ୍କୃତିର ପୁନରୁଦ୍ଧାର ପାଇଁ ସେ ପ୍ରାଥମିକ ସ୍ତରରେ ପାଞ୍ଚହଜାର ଟଙ୍କା ଓ ପରେ ଦଶହଜାର ଟଙ୍କା ଦେଇଛନ୍ତି । ବିଚ୍ଛିନ୍ନାଞ୍ଚଳ ଓଡ଼ିଶାରେ ଓଡ଼ିଆମାନଙ୍କ ଦୁଃଖ ଦୁର୍ଦ୍ଦଶା ପ୍ରତି ତାଙ୍କର ଗଭୀର ସମବେଦନା ଓ ପ୍ରତିକାର ଚିନ୍ତା ଅବ୍ୟାହତ ରହିଛି । ଏଥିପାଇଁ ପର୍ଯ୍ୟାପ୍ତ ପାଣ୍ଠି ସଂଗ୍ରହ କରିବାକୁ ସେ ପରାମର୍ଶ ଦେଇଛନ୍ତି ।

ଜନ୍ ଗିଲିନ୍ ହାମ ତାଙ୍କ ଜୀବନର ଆଦର୍ଶ (John Gulliangham)

ଏଡ଼େନ୍‌ବର୍ଗରେ ଥିବା 'ରୟାଲ୍ କଲେଜ୍ ଅଫ ସର୍ଜନ'ର ସଭାପତି, ପ୍ରଫେସର ଜନ୍ ଗିଲିନ୍ ହାମ ହେଉଛନ୍ତି ତାଙ୍କ ଡାକ୍ତରୀ ଜୀବନର ଆଦର୍ଶ ।

Digitized by srujanika@gmail.com

୧୯୭୦ ମସିହାରେ ସେତେବେଳେ ୭୧ ବର୍ଷ ବୟସ୍କ ପ୍ରଫେସର ଜନ୍ ଯେପରି ୩୪ ବର୍ଷର ଯୁବକପରି ଚଳଞ୍ଚଳ ଥିଲେ । ସେ ସକାଳ ୮ଟାରୁ ରାତି ୧୨ଟା ଯାଏଁ କାର୍ଯ୍ୟ କରୁଥିବାର ଡା. ରଥ ଦେଖିଛନ୍ତି । ଆମ ଦେଶରେ ୫୫/୫୮ ବର୍ଷରେ କାର୍ଯ୍ୟରୁ ଅବସର ନେବାକଥା ଭାବିଲେ ଜନ୍‌ଙ୍କ ଜୀବନ ଓ କର୍ମ ପ୍ରବୀଣତା ତାଙ୍କ ଆଖିରେ ନାଚିଯାଏ । ପୂର୍ଣ୍ଣ ବାର୍ଦ୍ଧକ୍ୟରେ ମଧ୍ୟ ଜଣେ ଡାକ୍ତର ଲୋକଙ୍କୁ ସେବା ଦେଇପାରେ ବୋଲି ଡା. ରଥ ଜନ୍‌ଙ୍କ ଠାରୁ ଶିଖିଥିଲେ । ପ୍ରତିକୂଳ ପରିସ୍ଥିତି ଓ ପରିବେଶରେ କାର୍ଯ୍ୟକରି କିପରି ସଫଳତା ହାସଲ କରିହୁଏ ସେକଥା ସେ ତାଙ୍କଠାରୁ ଜାଣିଥିଲେ । ସେ ସର୍ବଦା କହୁଥିଲେ– "କର୍ମଣ୍ୟେ ବାଧିକାରସ୍ତୁ ମା ଫଳେଷୁ କଦାଚନ, ମା କର୍ମଫଳ ହେତୁର୍ଭୁମା ତେ ସଂଗୋସ୍ତୁ ଅକର୍ମଣି ।" ଅର୍ଜୁନଙ୍କୁ ଶ୍ରୀକୃଷ୍ଣ ଏହି ଉକ୍ତିଟି ଡାକ୍ତର ରଥଙ୍କୁ ବହୁଭାବରେ ଅନୁପ୍ରାଣିତ କରିପାରିଛି ।

ସେ ଯୁବକ ଥିବାବେଳେ ଭାଗ୍ୟ ଉପରେ ଆଦୌ ବିଶ୍ୱାସ କରୁନଥିଲେ । କିନ୍ତୁ ଚାଣକ୍ୟଙ୍କ ଉକ୍ତି ଅନୁସାରେ "ଭାଗ୍ୟଂ ଫଳତି ସର୍ବତ ନଚ ବିଦ୍ୟାନଚ ପୌରୁଷଂ" ତାଙ୍କ ନିଜ ଜୀବନ ଏବଂ ତାଙ୍କ ସଂପର୍କରେ ଆସିଥିବା ବହୁଲୋକଙ୍କ ଜୀବନରୁ ସେ ଏହା ଜାଣି ପାରିଛନ୍ତି । "କର୍ମଣ୍ୟେ ବାଧିକାରସ୍ତୁ ମା ଫଳେଷୁ କଦାଚନ" ବାଣୀଟି ତାଙ୍କ ଜୀବନକୁ ନିୟନ୍ତ୍ରଣ କରିଛି । ମାନବ ସେବାହିଁ ମାଧବ ସେବା– ଏହାଠୁଁ ବଳି ଆଉ ଅଧିକ ସତ୍ୟ କିଛି ନାହିଁ ବୋଲି ଅନୁଭବ କରିଛନ୍ତି ଏବଂ ତାଙ୍କର କନିଷ୍ଠ ଡାକ୍ତରମାନଙ୍କୁ ପରାମର୍ଶ ଦେଇଛନ୍ତି । ଅର୍ଜୁନଙ୍କୁ ଶ୍ରୀକୃଷ୍ଣଙ୍କ ମହତବାଣୀକୁ ଉପଲବ୍ଧି କଲେ ଜୀବନର ଲକ୍ଷ୍ୟ ହାସଲ ସହଜ ହୋଇପାରିବ ବୋଲି ତାଙ୍କର ଧାରଣା । ଠକାମୀ ଓ ପ୍ରତାରଣା ଦିନେନା ଦିନେ ଦଣ୍ଡିତ ହେବ– ଏହା ସୁନିଶ୍ଚିତ । ସେଥିପାଇଁ ଜୀବନର ନ୍ୟାୟ, ନୀତି, ଆଦର୍ଶ ଓ ମୂଲ୍ୟବୋଧକୁ ରକ୍ଷାକରି ସତ୍‌ପଥରେ ଅଗ୍ରସର ହେବାକୁ ସେ ଉଚିତ୍ ମନେକରନ୍ତି ।

ଜୀବନର କେତୋଟି ସ୍ମରଣୀୟ/ଗୁରତ୍ୱପୂର୍ଣ୍ଣ ଘଟଣା

ବେଳେବେଳେ ଡାକ୍ତରମାନଙ୍କ କଠିନ ପରିଶ୍ରମ ଓ ଚେଷ୍ଟା ସତ୍ତ୍ୱେବି ରୋଗିଟି ମୃତ୍ୟୁବରଣ କରେ । ସେତେବେଳେ ରୋଗିଟିର ସଂପର୍କୀୟ ଓ ଜନ ସାଧାରଣ ଡାକ୍ତରଙ୍କ ପରିଶ୍ରମ ଓ ଚେଷ୍ଟା ବିଷୟରେ ନବୁଝି ତାଙ୍କୁ ଦୋଷୀ ସାବ୍ୟସ୍ତ କରନ୍ତି । ଥରେ ରେଭେନ୍‌ସା କଲେଜର ଚାରି ମହଲା

Digitized by srujanika@gmail.com

କୋଠା ଛାତରୁ ଡେଇଁଥିବା ଜଣେ ଛାତ୍ରକୁ ମୁମୂର୍ଷ ଅବସ୍ଥାରେ ଡାକ୍ତରଖାନାକୁ ଅଣାଗଲା । ଡା. ରଥ ଏବଂ ତାଙ୍କର ସହଯୋଗୀ ଡାକ୍ତରମାନଙ୍କର ପ୍ରବଳ ଚେଷ୍ଟା ସତ୍ତ୍ୱେ ପିଲାଟି ବଞ୍ଚିଲା ନାହିଁ । ସେଠାରେ ଉପସ୍ଥିତ ଥିବା ଅନ୍ୟାନ୍ୟ ଛାତ୍ର ଏଥିରେ ପ୍ରତିହିଂସା ପରାୟଣ ହୋଇ ସେଠାରେ ଥିବା ଡାକ୍ତର, ନର୍ସ ଓ କର୍ମଚାରୀମାନଙ୍କୁ ମାର୍‌ଧର କଲେ । ଏହା ଖୁବ୍ ଦୁଃଖଦ ଘଟଣା ଥିଲା ଏବଂ ଏଥିପାଇଁ ଆମ ପ୍ରଚଳିତ ତ୍ରୁଟିଯୁକ୍ତ ଶିକ୍ଷା ବ୍ୟବସ୍ଥାହିଁ ଦାୟୀ ବୋଲି ସେ ଅନୁଭବ କରିଥିଲେ । ସେଥିପାଇଁ ପିଲାମାନଙ୍କୁ ପିଲାଦିନରୁ ଉତ୍ତମ ବ୍ୟବହାର ଓ ସାମାଜିକ ଚଳଣି ସଂପର୍କରେ ଶିକ୍ଷା ଦିଆଯିବା ଉଚିତ ବୋଲି ତାଙ୍କର ମତ ।

ଥରେ ୧୯୬୯ ମସିହାରେ ସେ ଆବଶ୍ୟକୀୟ ଯନ୍ତ୍ରପାତି ବିନା ଜଣେ ପିଲାର ବ୍ରେନ୍ ଟ୍ୟୁମର ଅପରେସନ୍ କରିଥିଲେ । ହୃଦ୍ ଚିକିତ୍ସକ ଡାକ୍ତର ବିଜୟ ପଟ୍ଟନାୟକ ଏଥିରେ ତାଙ୍କୁ ସାହାଯ୍ୟ କରିଥିଲେ । ଅପରେସନ୍ ସମୟରେ ହଠାତ୍ ରୋଗୀର ହୃଦ୍‌କ୍ରିୟା ବନ୍ଦ ହୋଇଗଲା । ସମସ୍ତେ ଭାବିଲେ ପିଲାଟି ମରିଗଲା । ମାତ୍ର ସେମାନଙ୍କ ଚେଷ୍ଟାଫଳରେ ରୋଗୀର ଶ୍ୱାସକ୍ରିୟା ପୁଣି ଚାଲିଲା । ଏହାଥିଲା ଖୁବ୍ ଜଟିଳ ଅସ୍ତ୍ରୋପଚାର । ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅପରେସନ୍ ପରେ ରୋଗିଟି ଭଲ ଅବସ୍ଥାକୁ ଆସିଲା । ଡା. ରଥ ବାହାରକୁ ଆସି ଦେଖିଲେ ଏଥି ପୂର୍ବରୁ ରୋଗୀଟି ମରିଯାଇଛି ଖବର ଶୁଣି ତାଙ୍କର ସଂପର୍କୀୟମାନେ ହାଣ୍ଡି, ମାଠିଆ, କୋକେଇ, ନିଆଁର ଯୋଗାଡ଼ କରି ଶବକୁ ଖାନ୍‌ନଗର ନେବା ପାଇଁ ସ୍ଥିର କରିସାରି ଥିଲେ । ପିଲାଟି ବଞ୍ଚିଥିବାର ଜାଣି ତା'ର ବାପା ଅତି ଖୁସିରେ ମୂର୍ଚ୍ଛା ହୋଇ ପଡ଼ିଥିଲେ ।

ଆଉ ଗୋଟିଏ ଘଟଣା । ସେ ୧୯୭୦ ମସିହାରେ ସ୍କଟଲାଣ୍ଡର ଗ୍ଲାସ୍ଗୋଠାରେ ଅନୁଷ୍ଠିତ ଏକ ସମ୍ମିଳନୀରେ "ଭାରତରେ ସ୍ନାୟୁଶଲ୍ୟ ଚିକିତ୍ସା ଶୀର୍ଷକ ଏକ ପ୍ରବଂଧ ପାଠକରିଥିଲେ । ଏହି ପ୍ରବଂଧରେ ଆଧୁନିକ ଯନ୍ତ୍ରପାତି ବିନା ଏପରିକି ଏକ୍ସରେ ଅଭାବରେ ମଧ୍ୟ ଭାରତରେ ସ୍ନାୟୁଶଲ୍ୟ ଚିକିତ୍ସା ହେଉଛି ବୋଲି ସେ କହିଥିଲେ । ଏଥିରେ କେତେକ ଯୁବ ସ୍ନାୟୁଶଲ୍ୟବିତ୍ ତାଚ୍ଛଲ୍ୟ କରି କହିଥିଲେ– "ଯଦି ତମର ସେଠାରେ ଏକ୍ସରେ ସୁବିଧା ନାହିଁ ତେବେ ତମେ କାହିଁକି ଭାରତୀୟ ବୋଲି ଗର୍ବ କରୁଛ ? ଏଇ ମନ୍ତବ୍ୟଟି ଡା. ରଥଙ୍କ ଦେଶପ୍ରାଣତାକୁ ଖୁବ୍ ବାଧିଲା । ସେ ସଙ୍ଗେ ସଙ୍ଗେ ତାଙ୍କୁ ଜବାବ୍ ଦେଇ କହିଲେ– "ତମେ ବ୍ରିଟିଶ୍‌ମାନେ ଦୀର୍ଘ ଦୁଇଶହବର୍ଷରୁ

Digitized by srujanika@gmail.com

ଅଧିକକାଳ ଭାରତକୁ ଶାସନ କରି ମଧ୍ୟ ଏକ୍ସରେ ର ସୁବିଧା କରିପାରି ନାହଁ; ଏଥିରେ ଭାରତୀୟଙ୍କ ଭୁଲ୍ ରହିଲା କେଉଁଠି ? "ଡା. ରଥଙ୍କ ଏତାଦୃଶ ସାହସିକ ପ୍ରତ୍ୟୁତ୍ତର ସେଠାରେ ଉପସ୍ଥିତ ସମସ୍ତଙ୍କୁ ଚୁପ୍ କରି ଦେଇଥିଲା ।

ଚୀନ୍ ପରିଦର୍ଶନ ସମୟରେସେ ଭାରତର ଦାରିଦ୍ର୍ୟକୁ ଅନୁଭବ କରିଛନ୍ତି । ଗୋଟିଏ ଛୋଟିଆ ଦେଶ ହୋଇ ଚୀନ୍ ସମୃଦ୍ଧିଶାଳୀ ହୋଇଥିବା ବେଳେ ଏକ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇ ଭାରତ ତାହା ହୋଇପାରି ନାହିଁ । ସମାଜ ରୂପକ ରଥକୁ ଟାଣିନେବା ପାଇଁ ଯୁବଶକ୍ତିର ଭୂମିକା ସେ ଗୁରୁତ୍ୱ ଦେଇଛନ୍ତି । ଯୁବକମାନେ ସଚେତନ ହେଲେ ଆମର ଦେଶ ଅଗ୍ରସର ହେବ ବୋଲି ତାଙ୍କର ଧାରଣା । ସେଥିପାଇଁ ସେ ଯୁବକମାନଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡ଼ିକୁ ପ୍ରୋତ୍ସାହନ କରିଛନ୍ତି ।

ଏବଂ ଶେଷରେ

"ମାନବ ଜୀବନ ନୁହଁଇ କେବଳ
ବର୍ଷ, ମାସ, ଦିନ, ଦଣ୍ଡ
କର୍ମେ ଜୀଏଁ ନର, କର୍ମ ଏକା ତା'ର
ଜୀବନର ମାନଦଣ୍ଡ ।",

କର୍ମବୀର ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଏହି ମହନୀୟ ଉକ୍ତିଟି ଡାକ୍ତର ସନାତନ ରଥଙ୍କ କର୍ମମୟ ଜୀବନର ଛତ୍ରେଛତ୍ରେ ପ୍ରତିଫଳିତ । ଜନ୍ମରୁ ଏଯାବତ୍ କର୍ମକୁ ଈଶ୍ୱର ମନେକରି ସେ ତା'ର ଉପାସନା କରିଚାଲିଛନ୍ତି । ଜଣେ ସହୃଦୟ ମଣିଷ ଏବଂ ନିଷ୍ପାପର ଡାକ୍ତର ଭାବରେ ତାଙ୍କ ସାଧନାର ପଟାନ୍ତର ନାହିଁ । ଗାଁ' ଗହଳିରେ ସାଧାରଣ ଲୋକମାନଙ୍କ ଚିକିତ୍ସା କିପରି ବହୁ ମୂଲ୍ୟବାନ ଯନ୍ତ୍ରପାତି ବିନା କରାଯାଇ ପାରିବ ସେଥିପାଇଁ ସେ ଅନେକ ଚେଷ୍ଟା ଓ ଅନୁଧ୍ୟାନ କରିଛନ୍ତି ଏବଂ ସଫଳ ମଧ୍ୟ ହୋଇଛନ୍ତି । ମଣିରେ ସେବା ସକାଶେ ସେ ଯାହା କରିଛନ୍ତି ଓ କରୁଛନ୍ତି ସେଥିରେ ତାଙ୍କର ଆତ୍ମତୃପ୍ତି । ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ରୋଗୀସେବାକୁ ସେ ପରମ ଧର୍ମରୂପେ ଗ୍ରହଣ କରିଥିବେ ବୋଲି ତାଙ୍କର ଅଭିଳାଷ ।

ଡାକ୍ତର ସନାତନ ରଥଙ୍କ ପାଇଁ ଆଜି ନରସିଂହପୁରର ସେଇ ଅଖ୍ୟାତ 'ଅତଣ୍ଡା' ଗାଁ' କେବଳ ବିଖ୍ୟାତ ହୋଇନାହିଁ, ବରଂ ଆମର ରାଜ୍ୟ ଓଡ଼ିଶା ଆମର ଭାରତ ବର୍ଷ ତାଙ୍କ ପାଇଁ ହୋଇଛି ଗୌରବାନ୍ୱିତ ! ସେ ଆମର

Digitized by srujanika@gmail.com

ଜାତୀୟ ସମ୍ପତ୍ତି ! ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଆମେ ତାଙ୍କର ଦୀର୍ଘ ନିରାମୟ ଜୀବନ ଓ ସୁରକ୍ଷା କାମନା କରୁଛୁ !!

ତଥ୍ୟ ଓ ସୂଚନା

୧. Pragyan Purusha: Biography of Prof. Dr. Sanatan Rath on the occasion of his 72th Birth Anniverssary- Published by Cuttack Surakhya Committee- 17.09.2005.

୨. ଡାକ୍ତର ସନାତନ ରଥଙ୍କ ସହ ବ୍ୟକ୍ତିଗତ ସାକ୍ଷାତ ଆଲୋଚନା

✡✡✡

Digitized by srujanika@gmail.com

ସଙ୍ଗୀତଜ୍ଞ ପ୍ରଫୁଲ କର

ବସନ୍ତ ମହାନ୍ତି

ପ୍ରଫୁଲ କର- ଏକ ପ୍ରଲମ୍ବିତ ସାଙ୍ଗୀତିକ ସମୟର ଶେଷହୀନ ସ୍ୱର । ଅନନ୍ୟ ସାଧନାର ଚେତନାର ଏହି ଉତ୍ସର୍ଗୀକୃତ ପ୍ରତିଭା ପଗଲ୍‌ଭା ନଦୀପରି ଚିର ପ୍ରବାହମାନ । ସେ କେତେବେଳେ ପ୍ରୀତିମୟ ଫଗୁଣତ କେତେବେଳେ ଭିଜା ଭିଜା ଶ୍ରାବଣ । କେତେବେଳେ ଜ୍ୟୋତିର୍ମୟୀ ଜହ୍ନ ରାତିତ କେତେବେଳେ ଅମାବାସ୍ୟାର କଳାକିଟିମିଟି ଅନ୍ଧାର । କେତେବେଳେ ଅପାଶୋରା ପ୍ରେମର କୂଳପ୍ଲାବିନୀ ଢ଼େଉତ କେତେବେଳେ ନିରବଛିନ୍ନ ବିରହର ଆତ୍ମମଗ୍ନ ମାଳଭୂମି । କେତେବେଳେ ସ୍ୱପ୍ନଛଳ ସଂସାରୀତ କେତେବେଳେ ନିର୍ବାଣକାମୀ ନିରାସକ୍ତ ସନ୍ୟାସୀ । ପ୍ରତିଟି ରୂପରେ ସେ ଏକ ସୃଜନଶୀଳ ପୁରୁଷାକାର, ଯେଉଁଠି କେବଳ ସଞ୍ଚରିତ ହୁଏ ସଂଗୀତାତ୍ମକ ଭାବନାର ଆସରନ୍ତି ଲହରୀ ।

ଗୋଟିଏ ନଦୀର ଅନେକଧାର ପରି, ସେ ଗାୟକ, ଗୀତିକାର, ସଂଗୀତ ନିର୍ଦ୍ଦେଶକ, ଲଳିତ ନିବନ୍ଧ ରଚୟିତା ଏବଂ ସ୍ତମ୍ଭକାର ଭାବରେ ଭିନ୍ନ ଭିନ୍ନ ଦିଗକୁ ପ୍ରସରି ଯାଇ ପ୍ରସିଦ୍ଧି ଅର୍ଜ୍ଜନ କରିଛନ୍ତି । ସବୁ ଦିଗରେ ସ୍ୱତନ୍ତ୍ର ସଫଳତା ହାସଲ କରିଥିବା ଏହି ପ୍ରତିଭାଦୀପ୍ତ ବ୍ୟକ୍ତିତ୍ୱ ପରିଣତ ବୟସରେ ମଧ୍ୟ ବିତରି ଚାଲିଛନ୍ତି ସଂଗୀତ ସହ ନୂତନ ସୃଜନର ନବୀନ ସୂତ୍ର ।"

୧୯୩୯ ମସିହା, ଫେବୃଆରୀ ମାସ ୧୬ ତାରିଖର ଅମୃତଲଗ୍ନରେ ଜନ୍ମଲାଭ କରିଥିଲେ ପ୍ରଫୁଲ୍ଲ କର । ପୁରୀର ଦୋଳମଣ୍ଡପ ସାହିରେ କର ପରିବାରର ଭାରି ନା' ଡାକ । ପିତା ବୈଦ୍ୟନାଥ କର ଏବଂ ମାତା ସୁଶୀଳା କରଙ୍କର ଆନନ୍ଦ କହିଲେ ନସରେ । ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଖୁସି । ଅନତି ଦୂରରେ ଥିବା ଶ୍ରୀଗନ୍ନାଥ ମନ୍ଦିର ନିକଟରୁ ଭାସି ଆସୁଥାଏ ଘଣ୍ଟ ଘଣ୍ଟା କରତାଳର ମିଶ୍ରିତ ଧ୍ୱନୀ । ଶିଶୁର ଓଠରେ ଦିବ୍ୟହସର ଆଭାସ ପାଇ

Digitized by srujanika@gmail.com

ବୋଧହୁଏ ବୈଦ୍ୟନାଥ ତାଙ୍କ ପୁତ୍ରର ନାଁ ରଖିଥିଲେ ପ୍ରଫୁଲ୍ଲ । ସମସ୍ତଙ୍କଠାରୁ ସ୍ନେହ, ଆଦର ପାଇ ବଡ଼ ହେଲେ ପ୍ରଫୁଲ୍ଲ ।

ସେତେବେଳକୁ ତାଙ୍କୁ ଛଅବର୍ଷ ହୋଇଥାଏ । ଦଇବ ଦାଉସାଧିଲା ମାତ୍ର ୨୮ ବର୍ଷ ବୟସରେ ଟାଇଫଏଡ୍ ଜ୍ୱରରେ ପଡ଼ି ଆଖି ବୁଜିଲେ ବୈଦ୍ୟନାଥ କର । ୨୨ ବର୍ଷ ବୟସ୍କା ସୁଶୀଳା ଦେବୀଙ୍କ ଉପରେ ଚଡ଼କ ପଡ଼ିଲା ଯେମିତି । କୋଳରେ ଛୋଟ ପିଲା ସାଙ୍ଗକୁ ବୈଧବ୍ୟ ଯୋଗର ଦାରୁଣ ଦୁଃଖ ଦୋହଲାଇ ଦେଲା ତାଙ୍କର ଜୀବନଧାରାକୁ । ନୀରବ ଅଶ୍ରୁପାତ ଏବଂ ନିଶ୍ଚୁପ ପରିବେଶ ମଧ୍ୟରେ ପୁଅର ମୁହଁକୁ ଚାହିଁ ଦିନ କାଟିଲେ ସୁଶୀଳା ଦେବୀ ।

ପ୍ରଫୁଲ୍ଲ କରଙ୍କ ଉଭୟ କୂଳଥିଲେ ବିତ୍ତଶାଳୀ । ଗୋସେଇଁ ବାପା ବନମାଳି କର ଥିଲେ ବଡ଼ ବ୍ୟବସାୟୀ ଏବଂ ଅଜା ଭଗବାନ ମିଶ୍ର ଥିଲେ ବଡ଼ ଜମିଦାର । ଗେହ୍ଲାଝିଅ ସୁଶିଳାଦେବୀ ବିଧବା ଦୁଃଖ ଆଉ ସହି ପାରିଲେନି ଭଗବାନ ମିଶ୍ର । ନାତି ପ୍ରଫୁଲ୍ଲଙ୍କ ସହ ଝିଅକୁ ନେଇ ଆସିଲେ ନିଜ ପାଖକୁ । ପ୍ରଫୁଲ୍ଲ ଦୋଳମଣ୍ଡପ ସାହିରୁ ଆସି ରହିଲେ ମିଶ୍ରସାହିରେ । ଏକରେ ବାପଛେଉଣ୍ଡ, ଦୁଇରେ ଘରର ବଡ଼ ନାତି ବୋଲି ଅଜା ଆଇଙ୍କର ନିଃଶ୍ୱାସ ପ୍ରଶ୍ୱାସ ହୋଇଗଲେ ସେ । ମାମୁଁ ମାଇଁଙ୍କର ନୟନ ପିତୁଳା ପ୍ରଫୁଲ୍ଲ ଖୁବ୍ ଗେହ୍ଲାରେ ବଢ଼ିଲେ ମିଶ୍ର ସାହିରେ । ଯେତେବେଳେ ତାଙ୍କର ମାମୁଁ ଝିଅ ଭଉଣୀମାନେ ମାମୁଁମାନଙ୍କୁ ନନା ଡାକନ୍ତି, ସେତେବେଳେ ପ୍ରଫୁଲ୍ଲଙ୍କ ମନରେ ଉଠେ ଅଜଣା କୋହ । ଲୁଚେଇ ଲୁଚେଇ କାନ୍ଦି ପକାନ୍ତି । ସେ ନନା ନନା ବୋଲି କାହାକୁ ଡାକିବେ ? ଆକାଶରେ କଳାହାଣ୍ଡିଆ ମେଘ ଦେଖିଲେ ପ୍ରଫୁଲ୍ଲଙ୍କ ଆଖିରୁ ଆପଣାଛାଏଁ ଝରିଯାଏ ଲୁହ । ପିଲାଟି ଦିନରୁ ପିତାଙ୍କର ମହାପ୍ରସ୍ଥାନ, ବୋଧହୁଏ ଏଇଭଳି ଏକ ମନସ୍ତାତ୍ତ୍ୱିକ ଦୁଃଖର କାରଣ ହୋଇପାରେ ।

ସୁଶୀଳା ଦେବୀଙ୍କ ମାସରେ ଦୁଇଟା ନିର୍ଜଳା ଏକାଦଶୀ ପାଳନ, ପିଆଜ, ରସୁଣ, କୋଳି, ସଜନାଶାକ, ପୋଇ, କଳମଶାଗ ଇତ୍ୟାଦି ଖାଇବାରେ ବାରଣ ପୁରିଲା ଦେହରେ ଧଳାଧୋତିର ଆବରଣ ଭଗବାନ ମିଶ୍ରଙ୍କ ଛାତିକୁ ଫଡ଼ା ଫଡ଼ା କରି ଚିରି ପକାଉ ଥାଏ । ତେଣୁ ତାଙ୍କ ଘରର ସବୁ ଦାୟିତ୍ୱ- ଜମିଦାରୀର ସବୁ ହିସାବ ପତ୍ର, ଚା' ତିଆରି, ପାନଭଙ୍ଗା ସବୁକାମ ନ୍ୟସ୍ତ ଥାଏ ସୁଶୀଳା ଦେବୀଙ୍କ ଉପରେ । ସଂଧ୍ୟା ହୋଇ ଆସିଲେ ଭଗବାନ ମିଶ୍ର ପଢ଼ନ୍ତି ପୁରାଣ । କେତେବେଳେ ମହାଭାରତ ତ କେତେବେଳେ ରାମାୟଣ । ତାଙ୍କର ପୁରାଣ ପଢ଼ା ଶୈଳୀ ଏତେ ମଧୁର ଏବଂ ଆକର୍ଷଣୀୟ ଯେ ପ୍ରଫୁଲ୍ଲ ଅଜାଙ୍କ ପାଖରେ

Digitized by srujanika@gmail.com

ପେଟେଇପଡ଼ି ମନ୍ତ୍ରମୁଗ୍ଧ ହୋଇ ଶୁଣୁଥାଆନ୍ତି । ଅନ୍ୟ ଦୁଇଜଣ ଶ୍ରୋତ୍ରୀ ହେଉଛନ୍ତି ପ୍ରଫୁଲ୍ଲଙ୍କ ବିଧବା ବୋଉ ଏବଂ ଆଇ । ପୁରାଣର ହସ କାନ୍ଦ ଯୁଦ୍ଧଭକ୍ତି ଇତ୍ୟାଦି ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଭଗବାନ ମିଶ୍ର ଏମିତି ସ୍ୱରକୁ ବଦଳେଇ ବୋଲନ୍ତି ଯେ– ପ୍ରଫୁଲ୍ଲ, ବୋଉ ଏବଂ ଆଇଙ୍କ ସହ ବେଳେ ବେଳେ କାନ୍ଦି ପକାନ୍ତି ଆଉ ହସି ଦିଅନ୍ତି ।

ପ୍ରଫୁଲ୍ଲଙ୍କ ଉପରେ ରାମାୟଣର ପ୍ରଭାବ ପଡ଼ିଲା । ସେ ନିଜକୁ ରାମ ଭାବରେ କଳ୍ପନା କରି ଗୋଟିଏ ସୀତା ଏବଂ ଗୋଟିଏ ହନୁମାନ ମନେ ମନେ ଖୋଜିଲେ । ତାଙ୍କର ଗୋଟିଏ ଦୂର ସଂପର୍କୀୟା ଭଉଣୀ ଥାଏ । ନାଁ ତା'ର ପ୍ରମିଳା । ତାକୁ ପ୍ରଫୁଲ୍ଲ ମନେ ମନେ ସୀତା କରିଦେଲେ । ଅଜାଙ୍କ ଘରେ କାମ କରୁଥିବା ରଜମିସ୍ତ୍ରୀର ପୁଅ ଶ୍ୟାମ ପ୍ରଧାନକୁ ମନେ ମନେ ହନୁମାନ କରିଦେଲେ । ଶାମ ଶାଗ ପଖାଳ ଖାଇ ମଧ୍ୟ ଦେଖିବାକୁ ଖୁବ୍ ବଳୁଆ ଆଉ କାଳିଆ । ପ୍ରଫୁଲ୍ଲଙ୍କ ସହ ଏହି ଦୁଇଜଣ ଶିଶୁଶ୍ରେଣୀରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଏକାଠି ପଢୁଥିଲେ । ଶ୍ରେଣୀରେ ପ୍ରଫୁଲ୍ଲ ପ୍ରଥମ, ପ୍ରମିଳା ଦ୍ୱିତୀୟ ହେଉଥାଏ । ଶାମ କିନ୍ତୁ ଭଲ ପଢୁ ନଥାଏ । ସେଇ ଦିନଠୁ ପ୍ରଫୁଲ୍ଲଙ୍କ ଭିତରେ ଏକ ଅହେତୁକ ଆଧ୍ୟାତ୍ମିକ ଚିନ୍ତା ସହ ଏକ ଅପରିପକ୍ୱ ରୋମାଞ୍ଚର ଅଙ୍କୁରୋଦ୍‌ଗମ୍ ହୋଇଥିଲା ବୋଲି ଅନୁମାନ କରାଯାଏ ।

ପ୍ରଫୁଲ୍ଲ ଦଦେଇ କ୍ଷେତ୍ରମୋହନ କର ଥିଲେ ଜଣେ ଭାରତ ବିଖ୍ୟାତ ତବଲା ବାଦକ । ତେଣୁ ତାଙ୍କ ଦୋଳମଣ୍ଡପ ସାହିଁ ଘରେ ଦିନରାତି ଚାଲିଥାଏ ଶାସ୍ତ୍ରୀୟ ସଙ୍ଗୀତର ଚର୍ଚ୍ଚା । ଭାରତବର୍ଷର ବଡ଼ ବଡ଼ ସଂଗୀତଜ୍ଞମାନେ ଏଇଠି ଆସି କରନ୍ତି ସଂଗୀତଆସର । ଦଦେଇ ଏବଂ ଜେଠେଇଙ୍କର ସ୍ନେହ ଆଦର ପାଇ ପ୍ରଫୁଲ୍ଲ ବେଳେବେଳେ ଚାଲି ଆସନ୍ତି ନିଜ ଘର ଦୋଳମଣ୍ଡପସାହିକୁ ଆଉ ସାନିଧ୍ୟଲାଭ କରନ୍ତି– ହୀରାବାଇ ବରୋଡ଼େକର୍, ପଣ୍ଡିତ ଓଁକାରନାଥ ଠାକୁର, ପାନ୍ନାଲାଲ ଘୋଷ, ପ୍ରସୁନ୍ ବାନାର୍ଜୀ, ରାଧିକା ମୋହନ ମିଶ୍ର, ମାଳବିକା କାନନ୍ ପ୍ରଭୃତି ପ୍ରସିଦ୍ଧ ସଙ୍ଗୀତଜ୍ଞମାନଙ୍କର । ସୁପ୍ତ ସଂଗୀତ ଶକ୍ତି ଜୀବନ୍ୟାସ ପାଏ ପ୍ରଫୁଲ୍ଲଙ୍କ କୋମଳ ଚେତନାରେ । ସେ ସେତେବେଳେ ସ୍କୁଲ୍‌ରେ ପଢୁଥାଆନ୍ତି । ଓଡ଼ିଆ ସିନେମା, ଶ୍ରୀଜଗନ୍ନାଥ ପୁରୀରେ ପଡ଼ିଲା । ପ୍ରଫୁଲ୍ଲଙ୍କ ମାମୁଁ ସେଥିରେ ଅଭିନୟ କରିଥାଆନ୍ତି ବୋଲି ସମସ୍ତେ ଗଲେ ଶ୍ରୀକୃଷ୍ଣ ସିନେମା ହଲକୁ 'ଶ୍ରୀଜଗନ୍ନାଥ' ଦେଖିବା ପାଇଁ । ସେଇ ସିନେମାରେ ଗୋଟେ ଗୀତଥାଏ– 'ପିଆସୀରେ ନୀରଖୋଜୁ କ୍ଷୀର ଦେବି ମୁହିଁ' ଗୀତଟି ପ୍ରଫୁଲ୍ଲଙ୍କ

Digitized by srujanika@gmail.com

ମନକୁ ଭାରିପାଇଗଲା । ମନରେ ଛାପି ହୋଇଗଲା ଗୀତର ପ୍ରଥମପଦ ଏବଂ ସୁର । ତା'ପରଦିନ ସାଙ୍ଗ ବାବେନାସହ ପ୍ରଫୁଲ୍ଲ ବାହାରିଲେ ତାଙ୍କର ନିତିଦିନିଆ ଗାଧୁଆତୁଠ ଖୁରୁଣ୍ଟି ଗାଦୀକୁ ଗାଧୋଇବା ପାଇଁ । ସାହିର ବଡ଼ ବଡ଼ ଭାଇମାନେ ସେଠି ଗାଧୋଉ ଥାଆନ୍ତି । ବାବେନା ସହ ପାହାଚ ଉପରେ ବସି ଖରା ପୁଉଁପୁଉଁ ପ୍ରଫୁଲ୍ଲ ଗାଇଲେ ସେଇଗୀତଟି– ପିଆସିରେ... ପୋଖରି ତୁଠରେ ଗାଧୋଉ ଥିବା ବଡ଼ଭାଇମାନେ ପ୍ରଫୁଲକୁ କହିଲେ– "ହଇରେ ଟୋକା ତୁତ ବଢ଼ିଆ ଗାଉଛୁ" ଗାଆ ଗାଆ ଆଉଥରେ ଗା..। ବଡ଼ ଭାଇମାନଙ୍କର ପ୍ରଶଂସା ସୂଚକ କଥା ପ୍ରଫୁଲ୍ଲଙ୍କ ଭିତରେ ପୋତିଦେଲା ସଙ୍ଗିତର ପ୍ରଥମ ମଞ୍ଜି ।

ପ୍ରଫୁଲ୍ଲଙ୍କ ଅଜା ଭଗବାନ ମିଶ୍ରଙ୍କ ପରେ ମଧ୍ୟ ସଂଗୀତର ବହୁଳ ଆଦର ଥିଲା । ତାଙ୍କର ମଝିଆ ମାମୁଁ ବୈଦ୍ୟନାଥ ମିଶ୍ର ଥିଲେ ଜଣେ ବେତାର ଶିଳ୍ପୀ । ମାମୁଁ ଝିଅ ଭଉଣୀମାନେ ଶାସ୍ତ୍ରୀୟ ସଂଗୀତ ଶିଖୁ ଥିଲେ । ପ୍ରଫୁଲ୍ଲଙ୍କୁ ବାରଣ କରାଯାଇଥିଲା ଶିଖିବା ପାଇଁ । କାରଣ ତାଙ୍କ ଜାତକ ଦେଖି ବାଞ୍ଛା ଅବଧାନ କହିଥିଲେ– "ଇଏ ଡାକ୍ତର କିମ୍ବା ଇଂଜିନିୟର ହେବ । ବାପଛେଉଣ୍ଡ ବୋଲି ବଡ଼ମଣିଷ ହେବାର ସ୍ୱପ୍ନ ତାଙ୍କର ଅଜା ଆଇ ମାମୁଁ ମାଇଁ ଏବଂ ବୋଉ ସୁଶୀଳା ଦେବୀଙ୍କୁ ଘାରିଥାଏ । ହେଲେ ପ୍ରଫଲ୍ଲ ସମସ୍ତଙ୍କ ଅଜାଣତରେ ଏକଲବ୍ୟ ପରି ଶାସ୍ତ୍ରୀୟ ସଂଗୀତ ଶିଖିଲା ବେଳେ ଗୋଟିକ ପରେ ଗୋଟିଏ ରାଗ ଉଠେଇବାରେ ଲାଗିଲେ । ରିଆଜ ଆରମ୍ଭ ହୁଏ ସାଙ୍ଗମାନଙ୍କ ସହିତ କେତେବେଳେ ପୋଖରୀ ତୁଠରେ ତ କେତେବେଳେ ସମୁଦ୍ର କୂଳରେ ।

ଭଲ ପାଠ ପଢୁଥିବାରୁ ସେ ମେଟ୍ରିକ ପାସ କଲେ ଏବଂ କଲେଜ ଗଲେ । ଆରମ୍ଭ ହେଲା ଗୁରୁ ମାର୍କଣ୍ଡେୟ ମହାପାତ୍ରଙ୍କ ଠାରୁ ଧାରାବାହିକ ଭାବେ ସଂଙ୍ଗୀତ ଶିକ୍ଷା । ଘର ଲୋକମାନଙ୍କର ଅଜ୍ଞାତରେ ଚାଲିଥିବା ଏହି ସଙ୍ଗିତ ଶିକ୍ଷା ତାଙ୍କର ଭବିଷ୍ୟତ ଜୀବନ ପାଇଁ ତିଆରି କରୁଥିବା ଏକ ଦୃଢ଼ ଭିତ୍ତିଭୂମି । ପୁରି କଲେଜ ନାଟ୍ୟ ସଂସଦର ନାଟ୍ୟ ସଂପାଦକ ହେଲେ ପ୍ରଫୁଲ୍ଲ କର ।

୧୯୫୮ ମସିହା କଥା । ଆନ୍ତଃ ବିଶ୍ୱବିଦ୍ୟାଳୟ ଯୁବଉତ୍ସବ ପାଇଁ ଶାସ୍ତ୍ରୀୟ ସଂଗୀତ ପ୍ରତିଯୋଗୀତା ହେଉଥାଏ । ପ୍ରଫୁଲ୍ଲ ସେଥିରେ ଜଣେ ପ୍ରତିଯୋଗୀ ହିସାବରେ ଯୋଗଦେଲେ । ବିଚାରକ ଥିଲେ– କ୍ଷତିଶ୍ ମୈତ୍ର, କୁଣ୍ଡଳାଆଦି ନାରାୟଣ ରାଓ ଏବଂ ସୁନନ୍ଦା ପଟ୍ଟନାୟକ । ପ୍ରଫୁଲ୍ଲ ଗାଇଲେ ରାଗ- ଜୟଜୟନ୍ତୀ ଏବଂ ପ୍ରଥମ ସ୍ଥାନ ପାଇଲେ । ପ୍ରଶଂସା ଏବଂ ଆଶୀର୍ବାଦ

Digitized by srujanika@gmail.com

ଅଜାଡ଼ି ହୋଇ ପଡ଼ିଲା ତାଙ୍କ ଶୀରରେ । ତାପରେ ତାଟକା ହୋଇଗଲେ ତାଙ୍କର ଅଜା, ଆଇ, ମାମୁଁ, ମାଇଁ ଏବଂ ବୋଉ ସୁଶୀଳା ଦେବୀ ।

ଓଡ଼ିଶାରୁ ବଛା ହୋଇ ପ୍ରଫୁଲ୍ଲ ଗଲେ ଦିଲ୍ଲୀ ଯୁବଉତ୍ସବରେ ଭାଗ ନେବା ପାଇଁ । ଦିଲ୍ଲୀରେ ଯଦିଓ ସେ ପ୍ରଥମ ହୋଇପାରିଲେନି ତଥାପି ଷାଠିଏ ପ୍ରତିଶତ ନମ୍ବର ରଖି ପ୍ରଶସ୍ତିସୂଚକ ମାନପତ୍ର ହାସଲ କଲେ । ଏଇଠୁ ଆରମ୍ଭ ହେଲା ସଂଗୀତ ପାଇଁ ବିଧିବଦ୍ଧ ଯୋଜନାର ପ୍ରସ୍ତୁତି ପର୍ବ ଏବଂ ପ୍ରଥମ ଅଧ୍ୟାୟ ।

ବିଏ ପାସ୍ କରିବାପରେ ପ୍ରଫୁଲ୍ଲ କଟକ ଆସିଲେ ଓକିଲାତି ପାଠ ପଢ଼ିବା ପାଇଁ । ପଣ୍ଡିତ କୁଣ୍ଡଳାଆଦି ନାରାୟଣ ରାଓଙ୍କ ଠାରୁ ବିଧିବଦ୍ଧ ସଂଗୀତ ଶିକ୍ଷାକରି ହାସଲ କଲେ ସଂଗୀତ ବିଶାରଦ ଡିଗ୍ରୀ । ତାପରେ ସଂଗୀତ ଅଳଙ୍କାର ପାଇଁ ଶିକ୍ଷାଲାଭ କଲେ ପଣ୍ଡିତ କେ.ଭି.ଏସ୍ ରାଓଙ୍କଠାରୁ ।

ସେତେବେଳେ କଟକରେ ଲଘୁ ସଂଗୀତର ବେଶ୍ ଆଦର । ପ୍ରଫୁଲ୍ଲ ଚେଷ୍ଟା କଲେ ଲଘୁ ସଂଗୀତ କ୍ଷେତ୍ରରେ ନିଜର ପାଦ ଥାପିବାକୁ । ପୁଣି ସେଇ ବାଧା । ସେ ଶାସ୍ତ୍ରୀୟ ସଗୀତ ଗାଇବାରୁ ସମସ୍ତେ ନାକଟେକିଲେ । ଭଲଗୀତ ମିଳିଲାନି କି ଭଲ ସୁରକାର ମିଳିଲେନି । ଅଣନିଶ୍ୱାସୀ ହୋଇଗଲା ପ୍ରଫୁଲ୍ଲଙ୍କର ଶିଳ୍ପୀପ୍ରାଣ । ମହାପ୍ରଭୁ ଜଗନ୍ନାଥଙ୍କର ଶରଣ ପଶି ଧିରେ ଧିରେ ନିଜେ ଗୀତ ଲେଖିବା ଏବଂ ଗୀତ ସ୍ୱର କରିବା ଆରମ୍ଭ କଲେ । ଏଣିକି କାମ ଆଉ କାମ ବିରାମ ନାହିଁ । ନିଜେ ନିଜର ବଳ ପରଖି ଆଗକୁ ଆଗକୁ ଯିବାର ନିଷା କ୍ରମଶଃ ବଳବତ୍ତର ହେଲା । ତା'ପରେ ଆଉ ପଛକୁ ଚାହିଁନାହାନ୍ତି ପ୍ରଫୁଲ୍ଲ କର ।

୧୯୬୭ ମସିହା ଜୁଲାଇ ମାସ ୪ ତାରିଖ । ପ୍ରଫୁଲ୍ଲଙ୍କ ଜୀବନର ଏକ ସ୍ମରଣୀୟ ଦିନ ଏହିଦିନ କାଳିକା ଦେବୀ ସାହିର ମନୋରମାଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହେଲେ ପ୍ରଫୁଲ୍ଲ । ମନୋରମାଙ୍କ ଉତ୍ସାହ ଓ ପ୍ରେରଣାରେ ପ୍ରଫୁଲ୍ଲଙ୍କ ସଂଗୀତ ଏବଂ ସଂସାର ହାତରେ ହାତଛନ୍ଦି ବନ୍ଧୁଭଳି ଆଗକୁ ଆଗକୁ ମାଡ଼ି ଚାଲିଲେ ।

ପ୍ରଫୁଲ୍ଲକର ହେଲେ ଗାୟକ, ଗୀତିକାର ଏବଂ ସଂଗୀତ ନିର୍ଦ୍ଦେଶକ । ୭୦ଟି ଓଡ଼ିଆ ଚଳଚ୍ଚିତ୍ର ଏବଂ ୪ଟି ବଙ୍ଗଳା ଚଳଚ୍ଚିତ୍ରର ସଂଗୀତ ନିର୍ଦ୍ଦେଶକଭାବେ ସେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟଟିଏ ସୃଷ୍ଟି କଲେ । ତାଙ୍କର ଅନବଦ୍ୟ ଅବଦାନ ପାଇଁ ସେ ଓଡ଼ିଶା ସରକାରଙ୍କ ତରଫରୁ ୮ଥର ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ ସମ୍ମାନ ଗ୍ରହଣ କରିଛନ୍ତି । ମମତା, ଶେଷ ଶ୍ରାବଣ, ବଂଧୁ

Digitized by srujanika@gmail.com

ମହାନ୍ତି, ମୁକ୍ତି, ସତୀଅନସୂୟା, ତପସ୍ୟା, ସିତା ଲବକୁଶ, ବଳିଦାନ ଏବଂ ସ୍କୁଲ ମାଷ୍ଟର ଚଳଚିତ୍ରର ସଙ୍ଗୀତ ଯିଏ ଶୁଣଛି ସିଏ ଜାଣିଛନ୍ତି ପ୍ରଫୁଲ୍ଲଙ୍କର କେତେ ପ୍ରତିବଦ୍ଧ ତାଙ୍କର ସଂଗୀତ ନିର୍ଦ୍ଦେଶନାରେ ।

ଏହା ଛଡ଼ା ତାଙ୍କର ଶହଶହ ରେକର୍ଡ଼ କ୍ୟାସେଟ୍, ସିଡ଼ି ତାଙ୍କୁ ଏକ ମର୍ଯ୍ୟାଦାଜନକ ସ୍ଥାନରେ ଅଧିଷ୍ଠିତ କରିଛି । ଓଡ଼ିଆ ଭାଗବତ, ଓଡ଼ିଆ ଛାନ୍ଦ, ଦେଶାତ୍ମବୋଧକ ଗୀତ, ଦୃଷ୍ଟିହୀନଙ୍କ ପାଇଁ ସ୍ୱତନ୍ତ୍ର ଭକ୍ତିଗୀତର ସଂଗୀତ ନିର୍ଦ୍ଦେଶକ ଭାବେ ସେ ଓଡ଼ିଶାର ଘରେ ଘରେ ପରିଚିତ । ଆକାଶବାଣୀ ଏବଂ ଦୂରଦର୍ଶନର ସେ ଜଣେ ସର୍ବୋଚ୍ଚ ଶ୍ରେଣୀଭୁକ୍ତ ଗୀତିକାର ଏବଂ ଗାୟକ । ତାଙ୍କର ଭକ୍ତିଗୀତ ଗୁଡ଼ିକର ଦୁଇଟି ସଂକଳନ ବାହାରିଛି । ପ୍ରଥମଟି ହେଲା– ଆଜ୍ଞାମାଳ ଏବଂ ଦ୍ୱିତୀୟଟି ହେଲା– କୃପାଜଳ । ତାଙ୍କର ଲଳିତ ନିବନ୍ଧ ପୁସ୍ତକ 'ସାଉଁଟା କାହାଣୀ' ଏକ ଉଚ୍ଚସ୍ତରୀୟ ସୃଜନଶୀଳ ରଚନାଭାବେ ମାନ୍ୟତା ପ୍ରାପ୍ତ ।

ଶ୍ରୀ କର ପୁରୀର ଶ୍ରୀକ୍ଷେତ୍ର କଳାପ୍ରକାଶିକା ଏବଂ ଭୁବନେଶ୍ୱରର ସଂସ୍କାର ସଂସ୍ଥାର ସଭାପତି ରହିବା ସହ ଆହୁରି ଅନେକ ସଂସ୍ଥା ସହ ପ୍ରତ୍ୟକ୍ଷ ଏବଂ ପରୋକ୍ଷଭାବେ ଜଡ଼ିତ ।

ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ପ୍ରଦତ୍ତ ସର୍ବଶ୍ରେଷ୍ଠ ସମ୍ମାନ– ଜୟଦେବ ସମ୍ମାନ ଏବଂ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ସମ୍ମାନ ପାଇବାସହ ଅନେକ ଜାତୀୟ ଏବଂ ଆନ୍ତର୍ଜାତୀକ ସମ୍ମାନ ହାସଲ କରିଛନ୍ତି ।

ଓଡ଼ିଶୀ ସଙ୍ଗୀତକୁ ଲୋକପ୍ରିୟ କରିବା ପାଇଁ ସେ ସୋଭିଏତ୍ ଋଷ, ଅଷ୍ଟ୍ରେଲିଆ, ଫିଜି ଦ୍ୱୀପପୁଞ୍ଜ, ଆମେରିକା ଏବଂ ଇଂଲଣ୍ଡ ଗସ୍ତ କରି ରାଜ୍ୟ ପାଇଁ ଆଣିଛନ୍ତି ଯଶ ଏବଂ ଖ୍ୟାତି ।

ଦୁଇଟି ପୁଅ– ମହାଦୀପ ଏବଂ ମହାପ୍ରସାଦ ସଂଗୀତ ପ୍ରେମୀ । ମହାପ୍ରସାଦ ସଙ୍ଗୀତଜ୍ଞ ପିତାଙ୍କ ସହ ପାଦରେ ପାଦ ମିଳାଇ ଚାଲିଛନ୍ତି । ସେ ଆକାଶବାଣୀର ଜଣେ 'କ' ଶ୍ରେଣୀଭୁକ୍ତ ସଙ୍ଗୀତ ଶିଳ୍ପୀ । ଝିଅ ସନ୍ଧ୍ୟାଦୀପା ଜଣେ ନୃତ୍ୟ ଶିଳ୍ପୀ । ବିବାହକରି ସେ ସଂପ୍ରତି ପତିଙ୍କ ସହ ଆମେରିକାରେ ଅବସ୍ଥାନ କରୁଛନ୍ତି । ପତ୍ନୀ ମନୋରମା, ପୁତ୍ର, ପୁତ୍ରବଧୂଙ୍କ ସହ ଶିଳ୍ପୀ ସୁଖରେ ଅଛନ୍ତି ତାଙ୍କର ସତ୍ୟନଗର, ଭୁବନେଶ୍ୱର ବାସଭବନରେ । ପ୍ରତିଟି ସକାଳକୁ ନୂଆ ନୂଆ ରୂପରେ ଦେଖି ସର୍ଜନାତ୍ମକ ଚେତନା ଲିପ୍ତ ଏହି ଯୁଗଜ୍ଞ ସଂଗୀତ ନିର୍ଦ୍ଦେଶକ ବିଭିନ୍ନ ଅନୁଷ୍ଠାନରୁ ପଦ୍ମ କେଶରୀ, ସଂଗୀତ ଭୂଷଣ, ଉତ୍କଳଜ୍ୟୋତି,

Digitized by srujanika@gmail.com

ପଣ୍ଡିତ ସଂଗୀତ ସରସ୍ୱତୀ, କଣ୍ଠରତ୍ନ, ବସନ୍ତ ସମ୍ମାନ, ସଂଗୀତ ସମ୍ରାଟ ଏବଂ ସଂଗୀତ ସାନ୍ଦୀପନୀ ଉପାଧିରେ ଭୂଷିତ ।

ସମୟ ପାଇଲେ ଚିତ୍ର ଆଙ୍କିବା ସହ ପାରମ୍ପରିକ ଓଡ଼ିଆ ବ୍ୟଞ୍ଜନ ପ୍ରସ୍ତୁତ କରିବାରେ ସିଦ୍ଧହସ୍ତ ଶ୍ରୀଯୁକ୍ତ ପ୍ରଫୁଲ୍ଲ କର । ତାଙ୍କ ଅନ୍ୱେଷଣର ପରିସମାପ୍ତି ନାହିଁ ଯେମିତି, ନାହିଁ କ୍ଲାନ୍ତି, ନାହିଁ ଅବସାଦ, ଆହୁରି ଅନେକ ବାଟଯିବାର ଅଛି । ମହାପ୍ରଭୁଙ୍କଠାରେ ବିଶ୍ୱାସ ଅଛି । ସମୟ ସାଥିରେ ତାଳଦେଇ ଦୌଡୁଛନ୍ତି ପ୍ରଫୁଲ୍ଲକର । ତାଙ୍କର ଯାତ୍ରାପଥ ହେଉ କୁସୁମିତ ଏବଂ ଚନ୍ଦନ ଚର୍ଚ୍ଚିତ । ଉତ୍କଳ ପାଠକ ସଂସଦ ଏହି ମହାନ ଶିଳ୍ପୀଙ୍କ ନିରୁନ୍‌ବିଘ୍ନ ଜୀବନ ଏବଂ ଜ୍ୟୋତିର୍ମୟ ଭବିଷ୍ୟତ କାମନା କରେ ।

✡✡✡

Digitized by srujanika@gmail.com

ସାରସ୍ୱତ ସଂଗ୍ରାମୀ : ଗୁରୁଚରଣ ପଟ୍ଟନାୟକ

ଡକ୍ଟର ବିଜୟାନନ୍ଦ ସିଂହ

ଓଡ଼ିଆ ସାହିତ୍ୟ ଜଗତରେ ଶ୍ରୀ ଗୁରୁଚରଣ ପଟ୍ଟନାୟକ ଏକ ବିରଳ ପ୍ରତିଭା । ଗୁରୁଚରଣ ଆଦର୍ଶବାଦୀ, ସୃଷ୍ଟିନିପୁଣ ପୁଣି ସୌନ୍ଦର୍ଯ୍ୟସେବୀ ଓ କଳାକୁଶଳୀ ସାରସ୍ୱତଶିଳ୍ପୀ । ତାଙ୍କ ରଚନାରେ ସ୍ୱଦେଶ ପ୍ରୀତି, ଜାତୀୟ ଭାବନା ଓ ମାନବବାଦର ସ୍ପଷ୍ଟ ଚିତ୍ର ଅଙ୍କିତ । ଓଡ଼ିଆ ପ୍ରବନ୍ଧ, ସମାଲୋଚନା ସାହିତ୍ୟ ରଚନାରେ ସେ ସୃଷ୍ଟି କରିଛନ୍ତି ଏକ ନୂତନ ଧାରା । ସାମ୍ୟବାଦୀ ଚେତନାରେ ବିଶ୍ୱାସୀ ଶ୍ରୀ ଗୁରୁଚରଣ ଜଣେ ଚିନ୍ତାଶୀଳ ଓ ବିଚକ୍ଷଣ ପ୍ରତିଭା । ସାହିତ୍ୟ ସାଧନାରେ ନିଜର ପରାକାଷ୍ଠା ପ୍ରମାଣିତ କରିଥିବା ଏହି ବିଶିଷ୍ଟ ସାରସ୍ୱତ ସ୍ରଷ୍ଟାଙ୍କ ଜୀବନ ବିଚିତ୍ରବର୍ଣ୍ଣା । ଭାରତୀୟ ସ୍ୱାଧୀନତା ସଂଗ୍ରାମର ସେ ଜଣେ ମୁକ୍ତିଯୋଦ୍ଧା । ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ହୋଇଛନ୍ତି ବହୁବାର କାରାରୁଦ୍ଧ । ଗତାନୁଗତିକ ଓ ପ୍ରଚଳିତ କୁସଂସ୍କାରପୂର୍ଣ୍ଣ ଅନୁଶାସନ ବିରୋଧରେ ସେ ବିଦ୍ରୋହ କରିଛନ୍ତି । ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ଅନ୍ୟତମ ପ୍ରତିଷ୍ଠାତା ଗୁରୁଚରଣ ପଟ୍ଟନାୟକ ଓଡ଼ିଶାର ପ୍ରଥମ କମ୍ୟୁନିଷ୍ଟ । ଓଡ଼ିଶାର ସାମ୍ୟବାଦୀ ଆନ୍ଦୋଳନର ଭଗୀରଥ ସେ ।

ଦେଶ ଓ ଜାତି ପାଇଁ ନିଜକୁ ସଂପୂର୍ଣ୍ଣ ଭାବେ ସମର୍ପିତ କରିଥିବା ଏହି ବିପ୍ଳବୀଙ୍କ ସ୍ୱାଧୀନତା ପରବର୍ତ୍ତୀ ଜୀବନ ଓଡ଼ିଆ ସାହିତ୍ୟ ପାଇଁ ନିୟୋଜିତ ହୋଇଛି । ଏକ ଆଦର୍ଶ ମାନବବାଦର ସୁରକ୍ଷା ଓ ବିକାଶ ତାଙ୍କ ଜୀବନର ପରମ ବ୍ରତ ବୋଲି ବୁଝିହୁଏ । ସହଜ, ସ୍ନେହୀ, ଶ୍ରଦ୍ଧାଶୀଳ ଗୁରୁଚରଣଙ୍କ କୃତିତ୍ୱପୂର୍ଣ୍ଣ ଜୀବନ ଏକ ପ୍ରେରଣା ଓ ଉତ୍ସାହର କେନ୍ଦ୍ରବିନ୍ଦୁ । ମାନବବାଦର କଥା, ଦେଶର କଥା କହିବାକୁ ଯାଇ ସେ ରଚନା କରିଛନ୍ତି ପ୍ରବନ୍ଧ,

Digitized by srujanika@gmail.com

ସମାଲୋଚନା । "ଶ୍ରୀ ଗୁରୁଚରଣ ପଟ୍ଟନାୟକ ମାର୍କସ୍‌ବାଦୀ ଦର୍ଶନ ଏବଂ ଭାବଧାରାର ଜଣେ ବ୍ୟାଖ୍ୟାକାର ଏବଂ ତଦ୍‌ବିଦ୍ ଭାବରେ, ପୁଣି ମାର୍କସ୍‌ବାଦୀ ସାହିତ୍ୟର ଜଣେ ଅନୁବାଦକ ଭାବରେ ସୁପରିଚିତ" । (୧)

ଏହି ସ୍ମରଣୀୟ ସଂଗ୍ରାମୀ ତଥା ସାହିତ୍ୟ ସାଧକଙ୍କ କୃତିତ୍ୱକୁ ଉପଲବ୍ଧି କରିବାକୁ ହେଲେ ତାଙ୍କ ଜୀବନ ଚରିତକୁ ଅଧ୍ୟୟନ କରିବା ଏକାନ୍ତ ଆବଶ୍ୟକ ।

ଜୀବନଧାରା :

ଚଣାହାଟ ଓଡ଼ିଶାର ମାନଚିତ୍ରରେ ବେଶ୍ ପରିଚିତ ଗାଁ । ଏହି ପୁଣ୍ୟଭୂମି ବହୁ କୃତି ସନ୍ତାନଙ୍କୁ କୋଳରେ ଧରି ଧନ୍ୟ ହୋଇଛି । ଖୋର୍ଦ୍ଧା ଜିଲ୍ଲାର ବାଲିପାଟଣା ଥାନା ଅର୍ନ୍ତଗତ ଏହି ଚଣାହାଟ ଗାଁରେ ବପ୍ଳବୀ ଗୁରୁଚରଣ ପଟ୍ଟନାୟକ ୧୯୧୭ ମସିହା ଅକ୍ଟୋବର ୩୧ ତାରିଖରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଜୟକୃଷ୍ଣ ପଟ୍ଟନାୟକ ଓ ମାତାଙ୍କ ନାମ ମହାଦେଈ । ବଡ଼ଭାଇ ପ୍ରଗତିବାଦୀ ଚେତନାର ଅଗ୍ରଦୂତ ଯଶସ୍ୱୀକବି ଅନନ୍ତ ପଟ୍ଟନାୟକ । ଚଣାହାଟ ଥିଲା ସ୍ୱାଭିମାନ ଓ ମୁକ୍ତି ପାଇଁ ସଂଗ୍ରାମର ଭୂମି । ମାନବିକ ଚେତନାରେ ଉଦଭାସିତ ହେଉଥିଲା ଏହି ଗାଁର ପ୍ରତିଟି ଧୂଳିକଣା । "୧୯୦୩ରେ ଉତ୍କଳ ସମ୍ମିଳନୀ ଆରମ୍ଭ ହେବାର ମାତ୍ର ଦୁଇବର୍ଷ ପରେ ଚଣାହାଟରେ ଏ ସଭା ଆୟୋଜିତ ହୋଇଥିଲା ସେଥିରେ ବନ୍ଦେ ମାତରଂର ଆହ୍ୱାନ ସହିତ ବିଦେଶୀ ଦ୍ରବ୍ୟ ବର୍ଜନ, ସ୍ୱଦେଶୀ ପ୍ରଚାର, କପାଚାଷ, ଲୁଗାବୁଣା ଇତ୍ୟାଦି ତାହା ପୁଣି ଗାନ୍ଧୀ, ଗୋପବନ୍ଧୁଙ୍କ ଆର୍ବିଭାବର ହେବା ପୂର୍ବରୁ, ମଧୁବାବୁଙ୍କ ଡାକରାରେ । ଓଡ଼ିଶା କ'ଣ ଭାରତର ଆଉ କେଉଁଠି ଏପରି ଘଟଣା ଘଟିଥିବ ?" (୨) ଅନନ୍ତଗୁରୁଚରଣଙ୍କ ପରିବାର ଏକ ସାଧାରଣ ପରିବାର ନଥିଲା । ତାହା ଥିଲା ଯେପରି ଐତିହ୍ୟପୂର୍ଣ୍ଣ, ସେହିପରି ଭବିଷ୍ୟତ ମଧ୍ୟ ସମ୍ଭାବନାରେ ମହତ୍ୱପୂର୍ଣ୍ଣ ଥିଲା । ବଂଶ ପରେ ବଂଶ ସତେ ଯେପରି ଉତ୍ତରାଧିକାର ସୂତ୍ରରେ ସେମାନେ ଦେଶ ଓ ଜାତିର ସେବା ପାଇଁ ଧରାବତରଣ

---

୧ । ଓଡ଼ିଆ ସାହିତ୍ୟର ପ୍ରଗତିବାଦୀଧାରା– ଡଃ ବିଜୟ କୁମାର ଶତପଥୀ- ପୃଷ୍ଠା-୫୯୨ ।

୨ । ଆସଚି ମୁଁ ଆସିଚିର ବବି ପଟ୍ଟନାୟକ– ଅବନୀ କୁମାର ବରାଳ- ୩/୪

Digitized by srujanika@gmail.com

କରୁଥିଲେ । "ଚଣାହାଟ ଗାଁ'ର ଏହି ଖ୍ୟାତିସମ୍ପନ୍ନ ଜମିଦାର ଚୌଧୁରୀ ପରିବାର । ପାଞ୍ଚ କୋଶରେ ଗାଁ ଡାକ ଚୌଧୁରୀ ପଟ୍ଟନାୟକ ପରିବାରର ଅନନ୍ତଙ୍କ ଜେଜେବାପା ଚୌଧୁରୀ ହରେକୃଷ୍ଣ ଥିଲେ ସ୍ୱନାମଧନ୍ୟ ସାହିତ୍ୟିକ । ସେତେବେଳେ ଓଡ଼ିଶାର ସାହିତ୍ୟିକଗଣ ଭଂଜ ଓ ରାଧାନାଥ ଏପରି ଦୁଇ ଗୋଷ୍ଠିରେ ବିଭକ୍ତ ହୋଇ, "ବିଜୁଳୀ" ଓ "ଇନ୍ଦ୍ରଧନୁ". ଦୁଇଟି ସାହିତ୍ୟ ପତ୍ରିକା ଧରି ପରସ୍ପର ମଧ୍ୟରେ ଲଢୁଥିଲେ । ଗୌରୀ ଶଙ୍କର, କହ୍ନେଇଲାଲ ବୋଷ, ଗୋପାଳବଲ୍ଲଭ ଦାସ, ରାଜକିଶୋର ଦାସ, ହରେକୃଷ୍ଣ ଚୌଧୁରୀ, ସୁଦାମ ନାୟକ ପ୍ରମୁଖ ଥିଲେ ଭଂଜଙ୍କ ସମର୍ଥକ । ଅପର ପକ୍ଷରେ ଥିଲେ ମଧୁସୂଦନ ରାଓ, ବିଶ୍ୱନାଥ କର, ଫକୀରମୋହନ ସେନାପତି, ଚକ୍ରଧର ମହାରଣା, ରାଜା ସୁଢ଼ଳ ଦେବ (ବାମରା) ଆଦି ରାଧାନାଥଙ୍କ ସମର୍ଥନକାରୀ । କହିବାକୁ ଗଲେ, ତାହା ଥିଲା ପ୍ରାଚୀନ ଓ ନବୀନ କବିଙ୍କ ମଧ୍ୟରେ ସଂଘାତ । ସେ କାଳରେ ବିଶିଷ୍ଟ ବରପୁତ୍ରମାନଙ୍କ ବିଷୟରେ ଉଲ୍ଲେଖକରି ଲାଲମୋହନ ପଟ୍ଟନାୟକ ତାଙ୍କ ପ୍ରଣୀତ "Resurrected oriya ରେ କହନ୍ତି Harekrishna Chouwdhury of Chanahata was patriot and regular contributor to the 'Inhradhanu' which defended Bhanja" ଚଣାହାଟ ହରେକୃଷ୍ଣ ଚୌଧୁରୀ ଜଣେ ଦେଶପ୍ରେମୀ ଓ ଭଂଜଙ୍କୁ ସମର୍ଥନ କରି ସେ ନିୟମିତ ଭାବରେ 'ଇନ୍ଦ୍ରଧନୁ'ର ପୃଷ୍ଠପୋଷକତା କରୁଥିଲେ । ଏବର ଦେଶପ୍ରେମୀ ସାହିତ୍ୟିକମାନଙ୍କ ମଧ୍ୟରୁ ଅନନ୍ତ, ଗୁରୁଚରଣ, ବୀଣାପାଣି ମହାନ୍ତି, ବ୍ରହ୍ମୋତ୍ରୀ ମହାନ୍ତି ଓ ଅମରେଶ ପଟ୍ଟନାୟକ ଆଦି ହେଲେ ସେହି ହରେକୃଷ୍ଣଙ୍କର ପ୍ରଜନ୍ମ । ହରେକୃଷ୍ଣଙ୍କ ପୁତ୍ର ଜୟକୃଷ୍ଣ ପଟ୍ଟନାୟକ କୋଣାର୍କ ସନ୍ନିକଟ ଶିରିପୁର ଗ୍ରାମର ବିଶିଷ୍ଟ ପରିବାରର ଦୟାନିଧି ମହାନ୍ତିଙ୍କ ଭଉଣୀ ମହାଦେଇଙ୍କୁ ବିବାହ ଦରିଥିଲେ । ପାରଳାଖେମୁଣ୍ଡିକୁ ବ୍ରିଟିଶ ସରକାର କୋର୍ଟ ଅଫ ଓ୍ୱାର୍ଡ କଲାପରେ ପାରଳା ରାଜାଙ୍କର ଚେଲାଙ୍ଗରେ ଥିବା ଇଷ୍ଟେଟରେ ମ୍ୟାନେଜର ରୂପେ ନିଯୁକ୍ତି ପାଇଥିଲେ ଜୟକୃଷ୍ଣ । ୧୯୧୨ ମସିହାରେ ପାରଳାଖେମୁଣ୍ଡିର ରାଜା କୃଷ୍ଣଚନ୍ଦ୍ର ଗଜପତିଦେବ ତାଙ୍କ ଗାଦୀ ଫେରି ପାଇଲେ । "ଜୟକୃଷ୍ଣଙ୍କ କାର୍ଯ୍ୟଦକ୍ଷତା ଯୋଗୁ କୃଷ୍ଣଚନ୍ଦ୍ର ଗଜପତି ତାଙ୍କୁ ଛାଡ଼ି ନଥିଲେ । ସେହି କାର୍ଯ୍ୟରେ ବହାଲ ରଖିଥିଲେ ।" (୩)

---

୩ । ତତ୍ରୈବ– ପୃ- ୫/୬

Digitized by srujanika@gmail.com

ଗୁରୁଚରଣଙ୍କ ଗେଲବସରର ନାମ ଥିଲା– 'ବାଉ' । ଅନନ୍ତଙ୍କ ନାମ ସେହିପରି ଥିଲା– 'ବାବାଜୀ' । ବିଧିର ବିଧାନ ବଡ଼ ବିଚିତ୍ର । ବିପ୍ଳବୀମାନଙ୍କ ଜୀବନ ଯେମିତି ସଂଗ୍ରାମର ମଣ୍ଡପରୁ ଆରମ୍ଭ ହୋଇଥାଏ । ଗୁରୁଚରଣଙ୍କ ଜୀବନର ଆରମ୍ଭ ଥିଲା ସଂଘର୍ଷପୂର୍ଣ୍ଣ । ସଂଗ୍ରାମର ଅୟମାରମ୍ଭ ଘଟିଥିଲା ତାଙ୍କ ଅଜାଣତରେ । ଗୁରୁଚରଣଙ୍କ ଜନ୍ମର ମାତ୍ର ଚାରୋଟି ମାସପରେ ପିତା ଜୟକୃଷ୍ଣଙ୍କ ପରଲୋକ ଘଟେ । ବାବାଜୀ ବା ଅନନ୍ତଙ୍କୁ ସାଢ଼େ ଚାରିବର୍ଷ । ପତିଙ୍କର ମୃତ୍ୟୁରେ ଶୋକାଭିଭୂତା ହୋଇ ସହଧର୍ମିଣୀ ମହାଦେଈ ମଧ୍ୟ ସହଗାମିନୀ ହେଲେ । ଏକ ଜୁଇରେ ବାବାଜୀ ଓ ବାଉଙ୍କର ପିତାମାତାଙ୍କର ଶବଦାହ ହେଲା । ଘଟଣାଟା ଅଲୌକିକ ଓ ଆକସ୍ମିକ ହେଲେ ମଧ୍ୟ ସତ୍ୟ । ସ୍ୱାମୀସ୍ତ୍ରୀଙ୍କ ଚିତାଗ୍ନି ଏକାଠି ଜଳିଲା ।(୪)

ପିତୃମାତୃହୀନ ସାଢ଼େ ଚାରିବର୍ଷର ଶିଶୁ ଅନନ୍ତ ଓ ଚାରିମାସର ଶିଶୁ ଗୁରୁଚରଣଙ୍କ ଜେଜେମା' ସୁଲୋଚନା ଦେବୀ ସମସ୍ତ ଦାୟିତ୍ୱ ଗ୍ରହଣ କଲେ । ପରବର୍ତ୍ତୀ ସମୟରେ ପିଉସା ସତ୍ୟବାଦୀ ଦାସ ଓ ପିଉସୀ ବସନ୍ତକୁମାରୀ ଦେଈ ପିଲା ଦୁହିଁଙ୍କୁ ଲାଳନପାଳନ କରିବା ସହ ଜୀବନ ପଥରେ ଆଗେଇନେବାରେ ପ୍ରେରଣାର କେନ୍ଦ୍ରବିନ୍ଦୁ ହୋଇଗଲେ । ବସନ୍ତକୁମାରୀ ଦେଈଙ୍କୁ ବୋଉ ଭାବରେ ସମ୍ବୋଧନ କରନ୍ତି ଏହି ପିଲାମାନେ । ସତ୍ୟବାଦୀ ଓ ବସନ୍ତକୁମାରୀ ଥିଲେ ନିଃସନ୍ତାନ । ସେମାନଙ୍କ ବାଲ୍ୟଜୀବନ ଗଢ଼ିତୋଳିବାରେ ଦାଦା କୃଷ୍ଣମୋହନ ମହାନ୍ତି ଏବଂ ଖୁଡୁତା ଜାତୀୟବାଦୀ କବି କୃଷ୍ଣମୋହନ ପଟ୍ଟନାୟକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ।

ଆଲୋକ ପଥରେ :

ଗୁରୁଚରଣଙ୍କ ବାଲ୍ୟଶିକ୍ଷା ଚଣାହାଟ ଗାଁର ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ ହୁଏ । ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସେ ଏଠାରେ ଅଧ୍ୟୟନ କରି ସାରିଲା ପରେ ତତ୍‌କାଳୀନ ଭିକ୍ଟୋରିଆ ସ୍କୁଲ ଓ ବର୍ତ୍ତମାନର ଭକ୍ତମଧୁ ବିଦ୍ୟାପୀଠ, କଟକରେ ନାମ ଲେଖାନ୍ତି ଏବଂ ପିଉସା ସତ୍ୟବାଦୀ ଦାସଙ୍କ କଟକ ଘରେ ସେ ଅବସ୍ଥାନ କରି ପାଠ ପଢ଼ନ୍ତି । ପୂର୍ବରୁ ତାଙ୍କ ବଡ଼ ଭାଇ ଅନନ୍ତ ପଟ୍ଟନାୟକ ବି ଏହିଠାରେ ରହି ଶିକ୍ଷା ଅର୍ଜନ କରୁଥାଆନ୍ତି । ଭିକ୍ଟୋରିଆ ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ ଗୁରୁଚରଣ ନାମ ଲେଖାନ୍ତି ରେଭେନ୍ସା କଲିଜିଏଟ

---

୪ । ତତ୍ରୈବ– ପୃ-୬

Digitized by srujanika@gmail.com

ସ୍କୁଲରେ ମାଟ୍ରିକ ପଢ଼ିବା ପାଇଁ । ଏହିଠାରେ ସମୟ ହିଁ ଗୁରୁଚରଣଙ୍କୁ ଭିନ୍ନ ଭାବରେ ଗଢ଼ିତୋଳିଲା । ସେତେବେଳେ କାଠଯୋଡ଼ି ନଦୀର ବିସ୍ତୀର୍ଣ୍ଣ ବାଲୁକାଶଯ୍ୟାରେ ସ୍ୱାଧୀନତାକାମୀ ଜନତା ଓ ନେତାଙ୍କର ସାଧାରଣ ସଭାମାନ ହେଉଥାଏ । ଦେଶଭକ୍ତମାନଙ୍କର ଅନର୍ଗଳ ବକ୍ତୃତା ତାଙ୍କୁ ଆକର୍ଷିତ କରିଥିଲା । ତେଣୁ ନିୟମିତଭାବେ ସେହି ସଭାରେ ସେ ଯୋଗ ଦେଉଥିଲେ । ପୁଣି ସେତେବେଳେ ତାଙ୍କର ପରିଚୟ ଘଟେ ଜାତୀୟକବି ବୀରକିଶୋର ଦାସ, ପ୍ରଚଣ୍ଡ ସଂଗ୍ରାମୀ ଅଦୈତବଲ୍ଲଭ ରାୟ, ନିରଂଜନ ଘୋଷଙ୍କ ସହିତ । ବଡ଼ ଭାଇ ଅନନ୍ତ ମଧ୍ୟ ସେତେବେଳକୁ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇସାରିଥାଆନ୍ତି । ଏପରିକି ଜାତୀୟକବି ବୀରକିଶୋରଙ୍କ କେତେକ କବିତା ଶ୍ରୁତଲିଖନ ଦେଉଥାଆନ୍ତି । ଗୁରୁଚରଣ ରମାଦେବୀଙ୍କ ଘର, ତଥା ସ୍ୱରାଜ ଆଶ୍ରମକୁ ନିୟମିତ ଯାଉଥାଆନ୍ତି । ଏହିସବୁ ସ୍ଥାନ ଓ ପରିବେଶ ତାଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେବା ପାଇଁ ପ୍ରୋତ୍ସାହିତ କଲା । ଗୁରୁଚରଣ ତାଙ୍କ ପୂର୍ବ ପରିଚିତ ଭିକ୍ଟୋରିଆ ସ୍କୁଲକୁ ଆସି ପିଲାମାନଙ୍କୁ ସ୍କୁଲକୁ ନଯିବା ପାଇଁ ପିକେଟିଂ କରୁଥିଲେ । ଏହି ପିକେଟିଂ ଖବର ପାଇ ପିଉସା ସତ୍ୟବାଦୀ ଦାସ ଘଟଣାସ୍ଥଳରେ ପହଞ୍ଚି ପିଟି ପକାଇଲେ ଗୁରୁଚରଣଙ୍କୁ । ପାଠ ନପଢ଼ି ପିକେଟିଂ - ଏହାକୁ ଗ୍ରହଣ କରିପାରି ନଥିଲେ ସତ୍ୟବାଦୀ । କିନ୍ତୁ ସ୍ରୋତସ୍ୱିନୀର ଗତିପଥରେ ପଥର ଖଣ୍ଡ କ'ଣ ପ୍ରତିବନ୍ଧକ ହୋଇପାରେ ! ଲୁଚିଛପି ଯୋଗଦିଅନ୍ତି ସଭାସମିତି ଓ ଆନ୍ଦୋଳନରେ ଗୁରୁଚରଣ । ତାଙ୍କ ନିଜ ଭାଷାରେ "ମୋ ଜୀବନ କର୍ମର ଆରମ୍ଭ ଅତି ପିଲାଦିନୁ, ୧୩/୧୪ ବର୍ଷ ବେଳୁ । ମୁଁ ୧୯୩୦ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦିଏ । ସେହିଦିନୁ ମୋର ସେହି ସମାଦୃତ କର୍ମରେ ବିରତି ନାହିଁ । ତା'ର ଆଶ୍ରିତ ପଥରେ ବିଚ୍ୟୁତି ନାହିଁ କି ତା'ର ଅନସୃତ ଲକ୍ଷ୍ୟରେ ନିବୃତ୍ତି ନାହିଁ ।"

୧୯୩୦ ଥିଲା ଭାରତର ସ୍ୱାଧୀନତା ସଂଗ୍ରାମର ଅବିସ୍ମରଣୀୟ ଖ୍ରୀଷ୍ଟାବ୍ଦ । ହିମାଳୟଠାରୁ କୁମାରିକାପର୍ଯ୍ୟନ୍ତ ଜାତୀୟ କଂଗ୍ରେସର ଆହ୍ୱାନରେ ଜନସାଧାରଣ ବିଭିନ୍ନ ସ୍ଥାନରେ ସ୍ୱାଧୀନତା ପାଇଁ ସଂକଳ୍ପବଦ୍ଧ ହେଲେ । ଏହି ସଂକଳ୍ପକୁ ସାକାର କରିବା ପାଇଁ ଆରମ୍ଭ ହେଲା ଦାଣ୍ଡି ଯାତ୍ରା, ଲବଣ ସତ୍ୟାଗ୍ରହ । ଏହି ଐତିହାସିକ ଆନ୍ଦୋଳନ ସମୟରେ ଗୁରୁଚରଣଙ୍କ ମହତ୍ୱପୂର୍ଣ୍ଣ ଯୋଗଦାନ ଜାତୀୟ କଂଗ୍ରେସରେ- ଭାରତର ଜାତୀୟ ସଂଗ୍ରାମରେ । କଟକରୁ ପୁରୀ- ପୁଣି କଟକ- ଏହିପରି ଭାବରେ ସଂଗ୍ରାମରେ ଯୋଗ ଦେଇ ନିଜ ଲକ୍ଷ୍ୟ

Digitized by srujanika@gmail.com

ପୂରଣରେ ସହାୟକ ହେଲେ ସେ । ପୁରୀ ରାମଚଣ୍ଡୀ ସାହିରେ ଗଢ଼ି ଉଠିଥିଲା "ସ୍ୱରାଜ ଆଶ୍ରମ" । ଏହି ସମୟରେ ତାଙ୍କର ପରିଚୟ ଘଟେ ପ୍ରାଣନାଥ ପଟ୍ଟନାୟକ, ଗୋକୁଳମୋହନ ସୁନ୍ଦରରାୟ, ରଘୁନାଥ ମିଶ୍ର, ମୋହନ ଦାସ ପ୍ରମୁଖ ସଂଗ୍ରାମୀମାନଙ୍କ ସହ । ସଂଗ୍ରାମରେ ପ୍ରମୁଖ ଭୂମିକା ନେଇ ବିଭିନ୍ନ ସ୍ଥାନରେ ପିକେଟିଂ କରି ପୁରୀରେ ଗିରଫ ହେଲେ ଗୁରୁଚରଣ । ଛଅ ସପ୍ତାହ ଧରି ପୁରୀ ଜେଲ୍‌ରେ ସେ ରହିଲେ । ଜେଲରେ ଥିବା ସମୟରେ ଗୁରୁଚରଣ ବସନ୍ତ ରୋଗରେ ଆକ୍ରାନ୍ତ ହୋଇପଡ଼ିଥିଲେ । ଜେଲ୍‌ରେ ରହିବା ସମୟରେ ପ୍ରାଣନାଥଙ୍କ ପ୍ରେରଣାରେ ସେ ପଢ଼ାପଢ଼ିରେ ମନୋନିବେଶ କଲେ । ୧୯୩୧ ମସିହା ମାର୍ଚ୍ଚ ମାସ ୩୧ ତାରିଖରେ 'ଗାନ୍ଧୀ-ଇଉରିନ୍' ଚୁକ୍ତି ସ୍ୱାକ୍ଷରିତ ହେଲା । ଫଳସ୍ୱରୂପ ସତ୍ୟାଗ୍ରହ ସ୍ଥଗିତ ରହିଲା । ଜେଲ୍‌ରେ ଥିବା ବନ୍ଦୀମାନେ ମୁକ୍ତି ପାଇଲେ ।

ଭାରତର ସ୍ୱାଧୀନତା ସଂଗ୍ରାମ ଭିନ୍ନ ମୋଡ଼ ନେଲା । ସ୍ୱାଧୀନତାର ବାର୍ତ୍ତା ପ୍ରଚାର କରୁଥିବା ଗୁରୁଚରଣ କଲିକତା ୟୁନିଭରସିଟିରେ ମାଟ୍ରିକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲାବେଳେ କାଶୀ ବିଦ୍ୟାପୀଠ, ବନାରସକୁ ଯାଆନ୍ତି । ସେଠାରେ ତାଙ୍କର ସାକ୍ଷାତ ହୁଏ ପ୍ରଖ୍ୟାତ ବ୍ୟକ୍ତିତ୍ୱ କାଶୀ ବିଦ୍ୟାପୀଠର ଅଧ୍ୟକ୍ଷ, ମହାନ୍ ପଣ୍ଡିତ ନରେନ୍ଦ୍ର ଦେବଙ୍କ ସହ । ନରେନ୍ଦ୍ର ଦେବଙ୍କ ସାନିଧ୍ୟ ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଲା । ସେତେବେଳେ କାଶୀ ବିଦ୍ୟାପୀଠକୁ ଇଂରେଜ ସରକାର ବନ୍ଦ କରିଦେଇଥିଲେ । କିନ୍ତୁ ସେଠାରେ ଅଣଆନୁଷ୍ଠାନିକ କ୍ଲାସ ସବୁ ଶିକ୍ଷକଙ୍କ ଗୃହରେ ହେଉଥିଲା । ଗୁରୁଚରଣ ସେହି ସବୁ କ୍ଲାସରେ ଯୋଗଦେଇ ଶିକ୍ଷାଲାଭ କଲେ । ସେହିଠାରେ ସେ ଦେଖନ୍ତି ପଣ୍ଡିତ ଜବାହାରଲାଲ୍ ନେହେରୁ, କମଳା ନେହେରୁ ପ୍ରଭୃତିଙ୍କୁ । ସେମାନଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶ ତାଙ୍କୁ ଉତ୍ସାହିତ କରିଥିଲା । ଏପରିକି ଫଟୋଗ୍ରାଫି ଟ୍ରେନିଂ ମଧ୍ୟ ସେ ଗ୍ରହଣ କଲେ ନରେନ୍ଦ୍ର ଦେବଙ୍କ ନିର୍ଦ୍ଦେଶରେ । ସେହି ବିଦ୍ୟାପୀଠ ମଧ୍ୟରେ ଜାତିର ଜନକ ଗାନ୍ଧିଜୀଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ମିଳିଥିଲା ତାଙ୍କୁ । ମହାଦେବ ଦେଶାଇ ପ୍ରଭୃତି ନିର୍ଦ୍ଦେଶରେ ସେଠାରେ କାର୍ଯ୍ୟ କରୁଥିଲେ ସେ । ଗୁରୁଚରଣଙ୍କ ଜ୍ଞାନ ଓ ଧୀଶକ୍ତି ଥିଲା ଈଶ୍ୱର ଦତ୍ତ । ଓଡ଼ିଆ, ବଙ୍ଗଳା, ହିନ୍ଦୀ ଓ ଇଂରାଜୀ ଭାଷାରେ ତାଙ୍କର ଦକ୍ଷତା ପ୍ରମାଣିତ ହେଲା । ତାଙ୍କର ଅଧ୍ୟୟନପିପାସା ଭବିଷ୍ୟତର ଜଣେ ବୁଦ୍ଧିଜୀବୀ ଭାବରେ ଗଢ଼ିତୋଳିବାରେ ଭିତ୍ତିଭୂମି ହୋଇଗଲା ।

Digitized by srujanika@gmail.com

ଇତିହାସ ପୃଷ୍ଠାରୁ :

ପ୍ରଗତିବାଦୀ ଆନ୍ଦୋଳନର ସାରଥୀ ଗୁରୁଚରଣ ସମାଜବାଦ ଓ ମାନବବାଦ ପ୍ରତି ଥିଲେ ଆକୃଷ୍ଟ । କଂଗ୍ରେସ ଦଳରେ କଂଗ୍ରେସ ସୋସାଲିଷ୍ଟ ପାର୍ଟି ଗଠିତ ହେଲା । ଗୁରୁଚରଣ ପ୍ରଭୃତି ପ୍ରଗତିପନ୍ଥୀ ନବ୍ୟ ଯୁବକମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଲେ – "୧୯୩୪ରେ ଆଚାର୍ଯ୍ୟ ନରେନ୍ଦ୍ର ଦେବ, ସଂପୂର୍ଣ୍ଣା ନନ୍ଦ ଓ ଜୟପ୍ରକାଶଙ୍କ ନେତୃତ୍ୱରେ ଭାରତରେ କଂଗ୍ରେସ ସୋସାଲିଷ୍ଟ ପାର୍ଟିର ଜନ୍ମ ଏବଂ ଓଡ଼ିଶାରେ ଶ୍ରୀ ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ ଓ ସ୍ୱର୍ଗୀୟ ସାଥୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ଓଡ଼ିଶା କଂଗ୍ରେସ ସୋସାଲିଷ୍ଟ ପାର୍ଟିର ଜନ୍ମ । ୧୯୩୪ ମଇ ତା ୨୪ରେ ଗୟାଠାରେ ଆଚାର୍ଯ୍ୟ ନରେନ୍ଦ୍ର ଦେବଙ୍କ ସଭାପତିତ୍ୱରେ ନିଖିଳ ଭାରତ କଂଗ୍ରେସ ସୋସାଲିଷ୍ଟ ପାର୍ଟିର ପ୍ରଥମ ସମ୍ମିଳନୀ ଏବଂ ୧୯୩୪ ଜୁନ୍ ୫ ତାରିଖରେ ଓଡ଼ିଶାରେ କଟକଠାରେ ପ୍ରଥମ କଂଗ୍ରେସ ସୋସାଲିଷ୍ଟ ପାର୍ଟିର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ପ୍ରାଣନାଥ ପଟ୍ଟନାୟକଙ୍କ ସଭାପତିତ୍ୱରେ । ଓଡ଼ିଶାରେ ୧୯୩୦-୩୪ ମଧ୍ୟରେ ଦୁଇ ଦୁଇଟି ଜାତୀୟ ଆନ୍ଦୋଳନରେ ଯୋଗଦେଇ ବାରମ୍ବାର ଜେଲ୍ ଯାଇ ମାଡ଼ ଖାଇଥିବା ବହୁ ଉତ୍ସାହୀ ଦେଶପ୍ରେମୀ ଯୁବକ ଏହି ସମ୍ମିଳନୀ ଓ ପାର୍ଟିରେ ଯୋଗ ଦେଇଥିଲେ । ସେମାନେ ହେଲେ ସର୍ବଶ୍ରୀ ମୋହନ ଦାସ, ଗତିକୃଷ୍ଣ ସ୍ୱାଇଁ, ଅନନ୍ତ ପଟ୍ଟନାୟକ, ଗୁରୁଚରଣ ପଟ୍ଟନାୟକ, ଗୋକୁଳମୋହନ ଚୁଡ଼ାମଣି, ଗଙ୍ଗାଧର ପାଇକରାୟ, ପର୍ଶୁରାମ ପଦାତିକରାୟ, ଗଙ୍ଗାଧର ମିଶ୍ର, ବଳରାମ ପାଇକରାୟ, ଲୋଚ୍‌ନାଥ ମହାନ୍ତି, ସୁରେନ୍ଦ୍ରନାଥ ଦ୍ୱିବେଦୀ, ଗୌରାଙ୍ଗଚରଣ ଦାସ, ଡକ୍ଟର ଫନୀ ପାଲ୍, ସୁଧୀର ଘୋଷ, ପ୍ରଭୃତି । ସ୍ୱର୍ଗୀୟ ଭଗବତୀଚରଣ ପାଣିଗ୍ରାହୀ ଏହି ପାର୍ଟିର ସଂପାଦକ ହେଲେ । (୫)

୧୯୩୪ ମସିହାରେ ଗୁରୁଚରଣ କାଶୀ ବିଦ୍ୟାପୀଠ, ବନାରସରେ ଅଧ୍ୟୟନ କରୁଥିବା ସମୟରେ ପ୍ରାଣନାଥ ପଟ୍ଟନାୟକ ମଧ୍ୟ ସେଠାରେ ଛାତ୍ର ଭାବରେ ଶିକ୍ଷା ଅର୍ଜନ କରୁଥାଆନ୍ତି । ସେଠାରେ ସଂଗ୍ରାମକୁ ଶକ୍ତିଶାଳୀ ଓ ତ୍ୱରାନ୍ୱିତ କରିବା ପାଇଁ ଚିନ୍ତା ପ୍ରକଟ କରାଯାଉଥାଏ । ଫଳତଃ 'ୟଙ୍ଗ କମ୍ୟୁନିଷ୍ଟ ଲିଗ୍' ଗଠିତ ହେଲା । ଗୁରୁଚରଣ ପଟ୍ଟନାୟକ ସେହି, ଏହି

୫ । ପ୍ରାଣନାଥ ପଟ୍ଟନାୟକ ନୂଆଦୁନିଆ ୫୦ ତମ ବିଶେଷାଙ୍କ-୧୯୬୭

Digitized by srujanika@gmail.com

ଲିଗ୍‌ର ସଂପାଦକ ହୋଇଥିଲେ । ଏହାପରେ କମ୍ୟୁନିଷ୍ଟ ଦଳ ଗଠିତ ହେଲା କଂଗ୍ରେସ ସୋସାଲିଷ୍ଟମାନଙ୍କ ଦ୍ୱାରା ବିଖ୍ୟାତ ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକ ଏହି ପ୍ରସଙ୍ଗରେ ଲେଖିଛନ୍ତି– "୧୯୩୬ରେ ଗୁରୁଚରଣ ପଟ୍ଟନାୟକ ବନାରସରୁ ଫେରି କଲିକତାରେ ରହିଲେ ଏବଂ ବଙ୍ଗଳା କମ୍ୟୁନିଷ୍ଟ ପାର୍ଟି ସଙ୍ଗେ ସଂପର୍କ ପ୍ରତିଷ୍ଠା କଲେ । ତା'ପରେ ସେ ୧୯୩୬ ସେପ୍ଟେମ୍ବର ମାସରେ ବଙ୍ଗଳା କମ୍ୟୁନିଷ୍ଟ ପାର୍ଟିର ସଭ୍ୟ ହେଲେ ।" (୬)

ବାସ୍ତବରେ ଓଡ଼ିଶାରେ ବିଧିବଦ୍ଧ ଭାବେ ୧୯୩୬ ମସିହାର ଶେଷ ଆଡ଼କୁ କମ୍ୟୁନିଷ୍ଟ ପାର୍ଟି ଗଠିତ ହେଲା । "୧୯୩୬ ଶେଷ ଆଡ଼କୁ ଓଡ଼ିଶାରେ ଏକ ବିଧିବଦ୍ଧ କମ୍ୟୁନିଷ୍ଟ ପାର୍ଟି ଗଠିତ ହୋଇ କାମ ଚାଲିଲା ।" (୭) 'ଆଧୁନିକ'ରେ ଏ ସମ୍ପର୍କରେ ପ୍ରକାଶିତ ତଥ୍ୟକୁ ଏଠାରେ ଉଲ୍ଲେଖ କରାଯାଇପାରେ– "ପ୍ରାଣନାଥ ପଟ୍ଟନାୟକ, ଗୁରୁଚରଣ ପଟ୍ଟନାୟକ ଓ ଭଗବତୀ ଚରଣ ପାଣିଗ୍ରାହୀ ଏ ତିନିଜଣଙ୍କୁ ନେଇ ୧୯୩୬ରେ କମ୍ୟୁନିଷ୍ଟ ପାର୍ଟି ଗଠିତ ହେଲା । ଭଗବତୀ ବାବୁ ଏହାର ସଂପାଦକ ।" (୮)

ଓଡ଼ିଶାରେ ଶୋଷଣ, କଷଣ ବିରୋଧରେ ନେତୃତ୍ୱ ନେଉଥିବା ପ୍ରଗତିପନ୍ଥୀମାନେ କମ୍ୟୁନିଷ୍ଟ ଦଳ ପ୍ରତିଷ୍ଠା ପାଇଁ ଆଗଭର ହୋଇଥିଲେ କାରଣ, ସେତେବେଳେ ଓଡ଼ିଶାରେ ବହୁ ଆନ୍ଦୋଳନ ମୁଣ୍ଡ ଟେକିଥିଲା । ଗୁରୁଚରଣ ପଟ୍ଟନାୟକ ଏ ସଂପର୍କରେ ଲେଖିଛନ୍ତି "ଜମିଦାରୀବିରୋଧୀ ଆନ୍ଦୋଳନ, ଛାତ୍ର ଆନ୍ଦୋଳନ, ଶ୍ରମିକ ସଂଗଠନ, ସାଂସ୍କୃତିକ ଅଭ୍ୟୁତ୍‌ଥାନ ଆଦି ସମାଜର ବିଭିନ୍ନ କ୍ଷେତ୍ରରେ ଏହା ଫୁଟି ଉଠିଛି ଆପଣାକୁ ସାବ୍ୟସ୍ତ କରିଛି । ଯେଉଁସବୁ ଶକ୍ତି ସାମ୍ରାଜ୍ୟବାଦ, ପୁଞ୍ଜିବାଦ ଓ ସାମନ୍ତବାଦ ବିରୁଦ୍ଧରେ ସ୍ୱାଧୀନତା, ଗଣତନ୍ତ୍ର ଓ ପ୍ରଗତି ଲାଗି ଲଢ଼ିଛନ୍ତି, ସାଧାରଣ ଦୁଃଖ, ଦୈନ୍ୟ ଅଭାବ, ଅତ୍ୟାଚର ବିରୁଦ୍ଧରେ ଦୈନନ୍ଦିନ ସଂଗ୍ରାମରେ ଅବତୀର୍ଣ୍ଣ ହୋଇଛନ୍ତି; ସେମାନଙ୍କର ସବୁଠାରୁ ଲଢୁଆ ଚେତନାଶୀଳ ଅଂଶ ନିଜର ଅଭିଜ୍ଞତା ଭିତରେ ଦେଇ କମ୍ୟୁନିଷ୍ଟ ପାର୍ଟିରେ ପହଞ୍ଚିଛନ୍ତି । ଓଡ଼ିଶାର ବିଭିନ୍ନ ସଂଗ୍ରାମରେ

---

୬ । ତତ୍ରୈବ

୭ । ତତ୍ରୈବ

୮ । ଗୋକୁଳ ମୋହନ ରାୟଚୁଡ଼ାମଣି– ଆଧୁନିକ-୧୯୭୫

Digitized by srujanika@gmail.com

ସମ୍ମିଳିତ ଉଦ୍‌ବେଳନରୁ ଉତ୍‌ଥିତ ଶକ୍ତିର ନିର୍ଯ୍ୟାସକୁ ଧରି କମ୍ୟୁନିଷ୍ଟ ପାର୍ଟିର ସୃଷ୍ଟି ।" (୯)

ଭଗୀରଥ ସଦୃଶ ଓଡ଼ିଶାରେ କମ୍ୟୁନିଷ୍ଟ ଦଳକୁ ପ୍ରତିଷ୍ଠା କରିବାର ଅଗ୍ରଗଣ୍ୟ ଭୂମିକା ଗ୍ରହଣ କରିଥିଲେ କମ୍ରେଡ଼ ଗୁରୁଚରଣ । ବାସ୍ତବରେ ଗୁରୁଚରଣ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟି ପ୍ରତିଷ୍ଠାର ଅନ୍ୟତମ ଭଗୀରଥ । (୧୦)

କମ୍ୟୁନିଷ୍ଟ ପାର୍ଟି ଗଠନ ଓ ଏହାର କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ବଦ୍ଧ ଶପଥ ଗ୍ରହଣ କରିଥିବା ଗୁରୁଚରଣ କମ୍ୟୁନିଷ୍ଟ ପାର୍ଟି ପ୍ରତି କାହିଁକି ଆକୃଷ୍ଟ ହେଲେ ବୋଲି ପ୍ରଶ୍ନର ଉତ୍ତର ଦେଇ ଧୀରେ କହିଥିଲେ– "ମୁଁ ବନାରସରେ ପଢୁଥିବାବେଳେ ଆକୃଷ୍ଟ ହୋଇଥିଲି । ଆମେ ପଢ଼ିବା ବେଳେ ଆମର ପ୍ରିନ୍‌ସପାଲ ଥିଲେ ଆଚାର୍ଯ୍ୟ ନରେନ୍ଦ୍ର ଦେବ । ସେ ବଡ଼ ବିଦ୍ୱାନ ଲୋକ" । ସେ ଥିଲେ ସୋସାଲିଷ୍ଟ । ଏହି ଆଇଡ଼ିଆ ପ୍ରତି ପ୍ରେରଣା ମୋତେ ତାଙ୍କଠାରୁ ହିଁ ମିଳିଥିଲା । ମୁଁ ସେଠାରେ ରହି ସେକେଣ୍ଡ ଇୟରରେ ପଢ଼ିଲି । ବିଭିନ୍ନ ପତ୍ରପତ୍ରିକା ପଢ଼ିବା, ବାହାର ବହି ପଢ଼ିବା ବା ଲେକ୍‌ଚର ଶୁଣିବା ପାଇଁ ତାହାହିଁ ହେଉଛି ପ୍ରକୃଷ୍ଟ ସ୍ଥାନ । ସାଧାରଣତଃ ଭାରତ ବର୍ଷର ଯେଉଁମାନେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଛନ୍ତି ଓ ଜେଲ ଯାଇଛନ୍ତି ସେ କମ୍ୟୁନିଷ୍ଟ ହୁଅନ୍ତୁ କିମ୍ବା ଟେରୋରିଷ୍ଟ ବା ଯେଉଁମାନେ ହିଁ ସାଧାରଣ ସ୍ୱାଧୀନତା ସଂଗ୍ରାମୀ ସମସ୍ତେ ଏହି କଲେଜର ଛାତ୍ର । ପ୍ରଫେସରମାନେ ମଧ୍ୟ ସେହିପରି ଲୋକ । ଏଇଟା ହେଲା ପ୍ରଥମ କଥା । ସେହି ସମୟରେ କମ୍ୟୁନିଷ୍ଟ ଆଇଡ଼ିଆ ଆସେ ଆମ ମନ ମଧ୍ୟରେ । ଭାରତର ବିଭିନ୍ନ କମ୍ୟୁନିଷ୍ଟ ଲୋକମାନଙ୍କ ସହିତ ମୋର ଭେଟ ହୁଏ ପ୍ରାୟ. ୧୯୩୪-୩୫ରେ । ଦ୍ୱିତୀୟ କଥା ହେଉଛି ସେଠି ଆମେ ମଧ୍ୟ ଗୋଟିଏ 'ୟୁଥ୍ ଲିଗ୍' ଗଢ଼ିଥିଲୁ ।

---

୯ । ଓଡ଼ିଶାରେ ପାର୍ଟିର ଜନ୍ମ– ଗୁରୁଚରଣ ପଟ୍ଟନାୟକ– ଓଡ଼ିଶାର କମ୍ୟୁନିଷ୍ଟ ପାର୍ଟିର ଜନ୍ମ– ପୃଷ୍ଠା–୮୧

୧୦ । ଆସିଚି ମୁଁ ଆସିଚି କବି ଅନନ୍ତ ପଟ୍ଟନାୟକ– ଅବନୀ କୁମାର ବରାଳ ପୃ– ୧୪୩

Digitized by srujanika@gmail.com

ମୁଁ କମ୍ୟୁନିଷ୍ଟ ପାର୍ଟିରେ ଯୋଗ ଦେବାର ଦୁଇଟି କାରଣ ରହିଛି । ଗୋଟିଏ ହେଲା ଥିଓରିଟିକାଲ ଓ ଅନ୍ୟଟି ହେଲା ପ୍ରାକ୍‌ଟିକାଲ । ପ୍ରାକ୍‌ଟିକାଲ କାରଣଟି ହେଲା ଆମର ଲକ୍ଷ୍ୟ ଥିଲା ସ୍ୱାଧୀନତା । ତେଣୁ ଏହି ସ୍ୱାଧୀନତା ପାଇବା ପାଇଁ ଏହାହିଁ ଥିଲା ଏକମାତ୍ର ରାସ୍ତା ବା ଅବଲମ୍ବନ । କେବଳ ସ୍ୱାଧୀନତା ନୁହେଁ, ଏହାଦ୍ୱାରା ସାମ୍ୟବାଦ ଆସି ପାରିବ ବୋଲି ଆମର ଧାରଣା ହେଲା ।" (୧୧)

ଗୁରୁଚରଣ କମ୍ୟୁନିଷ୍ଟ ପାର୍ଟିର କେବଳ ପ୍ରତିଷ୍ଠାତା ସଦସ୍ୟ– ତାହା ନୁହେଁ, ସେ ଦୀର୍ଘକାଳଧରି ଏହାର ନେତୃତ୍ୱ ନେଇଛନ୍ତି । ଏହି ପାର୍ଟିର ଦୀର୍ଘକାଳ ଧରି ରାଜ୍ୟ କମିଟି ସଂପାଦକ, ଜାତୀୟ ପରିଷଦ ସଦସ୍ୟ, ଜାତୀୟ କାର୍ଯ୍ୟକାରୀ କମିଟି ସଦସ୍ୟ, କଣ୍ଟ୍ରୋଲ କମିଟି ସଦସ୍ୟ ଭାବେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସଂପାଦନ କରି ଯାଇଛନ୍ତି ।

କମ୍ୟୁନିଷ୍ଟପାର୍ଟି ହୋଇଥିଲା ବେଆଇନ ଘୋଷିତ । ଏଥିପାଇଁ କମ୍ୟୁନିଷ୍ଟ ଷଡ଼ଯନ୍ତ୍ର ମକୋଦମାରେ ଗୁରୁଚରଣ ପ୍ରଭୃତିଙ୍କୁ କାରାଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିଥିଲା । ସାମ୍ୟବାଦୀ ଆନ୍ଦୋଳନର ପ୍ରମୁଖ ନେତା ପ୍ରାଣନାଥ ପଟ୍ଟନାୟକ ଏ ସଂପର୍କରେ କହିଛନ୍ତି – "ଆମ୍ଭେମାନେ ପୁରୀ ଜେଲରେ ଥିବା ସମୟରେ ଶୁଣିଲୁ ଯେ ସ୍ୱର୍ଗୀୟ ଭଗବତୀ ଚରଣ ପାଣିଗ୍ରାହୀଙ୍କ ସହ ସର୍ବସାଥୀ ଗୁରୁଚରଣ ପଟ୍ଟନାୟକ, ବୈଦ୍ୟନାଥ ରଥ, ବନମାଳୀ ଦାସ, ଶରଣ ପଟ୍ଟନାୟକ, ବିଜୟ ଚନ୍ଦ୍ର ଦାସ, ଦୁର୍ଗାଚରଣ ମହାନ୍ତି, ଅନନ୍ତ ପଟ୍ଟନାୟକ, ରାମଚନ୍ଦ୍ର ମିଶ୍ର ପ୍ରଭୃତି କମ୍ୟୁନିଷ୍ଟ ନେତୃବୃନ୍ଦ ଓ ବାହାରର ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି (ଅନ୍ୟ ଏକ ବ୍ୟକ୍ତି), ସିଦ୍ଧେଶ୍ୱର ମହାନ୍ତି ଓ ଗଣେଷ ଚନ୍ଦ୍ର ମହାନ୍ତି ପ୍ରଭୃତିଙ୍କୁ ସରକାର ଗିରଫ କରି କଟକ ଜେଲ୍‌ରେ ରଖିଛନ୍ତି ଏବଂ 'ଓଡ଼ିଶା କମ୍ୟୁନିଷ୍ଟ ଷଡ଼ଯନ୍ତ୍ର' ମାମଲା ନାମରେ ଏକ କମ୍ୟୁନିଷ୍ଟ" ଷଡ଼ଯନ୍ତ୍ର ମାମଲା ରୁଜୁ କରିବା ପାଇଁ ଚେଷ୍ଟା କରୁଛନ୍ତି । ତଦନୁସାରେ ବର୍ଷାଧିକ କାଳ କଟକ ଜେଲ ଭିତରେ ଓଡ଼ିଶା କମ୍ୟୁନିଷ୍ଟ ଷଡ଼ଯନ୍ତ୍ର ମାମଲା ଚାଲିଲା । ଏହି ଷଡ଼ଯନ୍ତ୍ର ମକଦ୍ଦମାରେ ବିଭିନ୍ନ ଦଫାରେ ଚାରିଜଣଙ୍କୁ ଅଧିକ ବର୍ଷେ ଲେଖାଏଁ ଜେଲ ଦଣ୍ଡ ଦିଆଗଲା । ଶରତ ପଟ୍ଟନାୟକ ଓ ବିଜୟ ଚନ୍ଦ୍ର ଦାଶଙ୍କୁ ଛଅମାସ ଲେଖାଏଁ ଜେଲ ଦଣ୍ଡ ମିଳିଲା । ବନମାଳି ଦାସ ଓ ଅନନ୍ତ ପଟ୍ଟନାୟକଙ୍କୁ ବୋଧହୁଏ ନଅମାସ ଲେଖାଏଁ ଜେଲ

---

୧୧ । ଓଡ଼ିଆ ସାହିତ୍ୟରେ ପ୍ରଗତିବାଦୀ ଧାରା– ଡକ୍ଟର ବିଜୟ କୁମାର ଶତପଥୀ– ପୃଷ୍ଠା ୬୬୭/୬୬୮

Digitized by srujanika@gmail.com

ହୋଇଥିଲା । ଯେତେଦୂର ମନେହୁଏ ଅନ୍ୟମାନେ ପ୍ରମାଣ ଅଭାବରେ ଛାଡ଼ ପାଇଗଲେ । ତାହା ପରେ ପରେ କଟକ ଜେଲରୁ ଅନୁଗୁଳ ଜେଲକୁ ଏହି ବନ୍ଦୀମାନଙ୍କୁ ବଦଳି କରିବା ସମୟରେ ସେମାନେ ବାଟରେ ଗଲାବେଳେ ସ୍ଲୋଗାନ ଦେବା ଫଳରେ ପୁଣି ଶ୍ରୀ ଗୁରୁ ଚରଣ ପଟ୍ଟନାୟକ, ବୈଦ୍ୟନାଥ ରଥ, ବନମାଳୀ ଦାସଙ୍କୁ ଆହୁରି ଅଧିକ ବର୍ଷେ ଲେଖାଏଁ ଜେଲ୍ ଭୋଗିବାକୁ ପଡ଼ିଲା ।" (୧୨)

କମ୍ୟୁନିଷ୍ଟ ପାର୍ଟିର ବିକାଶ ଓ ସାମ୍ୟବାଦୀ ଚେତନାରେ ବିଶ୍ୱାସୀ ଗୁରୁଚରଣ ଏବେବି ମଣିଷ ମଣିଷ ଭିତରେ ସାମ୍ୟ ଆଣିବା ପାଇଁ ଚିନ୍ତିତ ଓ ଚେଷ୍ଟିତ ।

ସାହିତ୍ୟ ହିଁ ତାଙ୍କ ବାର୍ତ୍ତା :

ସ୍ୱକୀୟ ଅନୁଭବ ସୌନ୍ଦର୍ଯ୍ୟ ଚେତନା ଓ ହୃଦୟସ୍ପର୍ଶୀ ଶୈଳୀରେ ପ୍ରକାଶିତ ହେଲେ ତାହାକୁ ସାହିତ୍ୟ ବୋଲି କୁହାଯାଇପାରେ । ବ୍ୟକ୍ତିର ମନୋଭାବ ଅକୁହାକଥା ଓ ଶବ୍ଦରେ ରୂପାନ୍ତରିତ ହୋଇ ଅନ୍ୟ ମନକୁ ଆଲୋକିତ କଲେ ତାହା ଯଥାର୍ଥ ସାରସ୍ୱତ ସୃଷ୍ଟିରେ ପରିଣତ ହୁଏ । ସଂଗ୍ରାମୀ ଗୁରୁଚରଣ ମଣିଷ ଓ ସମାଜକୁ ଭିନ୍ନ ଭିନ୍ନ ରୂପରେ ଦେଖିଥିଲେ । ସାଧାରଣ ମଣିଷର ବ୍ୟଥା, ବେଦନା, ଯନ୍ତ୍ରଣା, ଶୋଷଣ ଓ କଷଣକୁ ବେଶ୍ ଉପଲବ୍ଧି କରିଥିଲେ ସେ । ତେଣୁ ଏହି ସମାଜର ପରିବର୍ତ୍ତନ ଓ ସବୁ ମଣିଷକୁ ସମାନ କରିବା ପାଇଁ ସେ ସଂକଳ୍ପ ଗ୍ରହଣ କରିଥିଲେ । ସେଥିପାଇଁ ସେ କେତେବେଳେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଛନ୍ତି ତ କେତେବେଳେ ସଚ୍ଚା କମ୍ୟୁନିଷ୍ଟ ହୋଇଯାଇଛନ୍ତି । ତାଙ୍କ ହୃଦୟର କଥା ପୁଣି ସାହିତ୍ୟ ରୂପରେ ଉଦ୍‌ଭାସିତ ହୋଇଛି । ସାହିତ୍ୟ ଲେଖିବାର ମନୋବୃତ୍ତି ନେଇ ସେ ସାହିତ୍ୟ ଲେଖିନାହାନ୍ତି । ଏକ ସାମାଜିକ ଆବଶ୍ୟକତାକୁ ଉପଲବ୍ଧି କରି ସେ ଲେଖନୀ ଚାଳନା କରିଛନ୍ତି । ଛାତ୍ରାବସ୍ଥାରେ ଲେଖାଲେଖି ପ୍ରତି ତାଙ୍କର ରୁଚି ଥିଲେ ମଧ୍ୟ ୧୯୩୪ ମସିହାରେ "ସାରଥି" ପତ୍ରିକାରେ ତାଙ୍କ ରଚିତ "ଭିତିରି ଯୁଦ୍ଧ ଓ ପ୍ରତିକାର" ପ୍ରବନ୍ଧ ପ୍ରକାଶିତ ହେଲା । ଏହି ପ୍ରବନ୍ଧଟି ଏକ ଉଚ୍ଚମାନର ପ୍ରବନ୍ଧ । ସେତେବେଳେ ଏହା ଅନ୍ୟମାନଙ୍କ ଦୃଷ୍ଟିଆକର୍ଷଣ କରିବାରେ ସମର୍ଥ ହୋଇଥିଲା । ସେ ଏହି ପ୍ରବନ୍ଧରେ ଗୁଳିଗୋଳା କିମ୍ବା ପକ୍ଷ ଓ ପ୍ରତିପକ୍ଷ ମଧ୍ୟରେ ଚାଲିଥିବା ବାହ୍ୟଯୁଦ୍ଧର ଚିତ୍ର ଦେଇନାହାନ୍ତି ବରଂ ଏହି ଯୁଦ୍ଧ ହେଉଛି ଅର୍ଥନୈତିକ ଯୁଦ୍ଧ । ପ୍ରବନ୍ଧଟିରେ

୧୨ । ବିସ୍ମୃତିର ଗଭାର– ପ୍ରାଣନାଥ ପଟ୍ଟନାୟକ- ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ଜନ୍ମ- ପୃ-୧୫

Digitized by srujanika@gmail.com

ପ୍ରେରଣା ଓ ପ୍ରୋତ୍ସାହନ ପାଇଁ ସେ ଦେଇଛନ୍ତି ଶ୍ରମିକସମାଜକୁ ଆହ୍ୱାନ । ଧର୍ମଘଟ ଯେ ଏକତାର ମାପକାଠି ଓ ଏହି ପାହାଚ ଦେଇ ଯିବାକୁ ହେବ ବୋଲି ସେ ଏହି ପ୍ରବନ୍ଧରେ ଦର୍ଶାଇଛନ୍ତି । ରାଜନୈତିକ କ୍ଷମତା ହାତକୁ ନଆସିବା ଯାଏ ଅର୍ଥନୈତିକ କ୍ଷମତାର ପରିବର୍ତ୍ତନ ଟିକକ କ୍ଷଣିକ ମାତ୍ର । ସେଥିପାଇଁ ସଂପୂର୍ଣ୍ଣ ରାଜନୈତିକ କ୍ଷମତା ଶ୍ରମଜୀବିଙ୍କ ହାତରେ ରହିବା ଦରକାର । ହେ ଶ୍ରମଜୀବୀ ଭାଇମାନେ ! ସେଥିପାଇଁ ପ୍ରସ୍ତୁତ ହୁଅ । (୧୩) ଏହି ପ୍ରଥମ ସୃଷ୍ଟିଟି ତାଙ୍କ ଦୃଷ୍ଟି ଓ ଦର୍ଶନର ସାର୍ଥକ ସଂକେତ । ଆବଶ୍ୟକତା ଓ ବାର୍ତ୍ତାର ସଂପ୍ରସାରଣ ହିଁ ତାଙ୍କ ସାହିତ୍ୟ ସୃଷ୍ଟି ପାଇଁ ଭିତ୍ତିଭୂମି ହୋଇପାରିଛି । ମଣିଷକୁ ନିବିଡ଼ ଭାବେ ଭଲ ପାଇବାରୁ ତାଙ୍କ ସାହିତ୍ୟର ସୃଷ୍ଟି । ତାଙ୍କ ନିଜ ଭାଷାରେ "ଲେଖିବାଟା ମଣିଷର ଏକ ଗୁଣ– ତା'ର ପ୍ରାକୃତିକ ମାନବୀୟ ଗୁଣ । ମଣିଷର ସେହି ପ୍ରକୃତି ଦୁଇଟି ବିଷୟକୁ ନେଇ ଗଢ଼ା । ଗୋଟିଏ ହେଉଛି ମଣିଷର ଲେଖିବାର ପ୍ରାକୃତିକ ଶକ୍ତି ଓ ଦକ୍ଷତା, ଯଦ୍ୱାରା ସେ ଆପଣାକୁ ଲେଖାରେ ବ୍ୟସ୍ତ କରେ ଓ ତା'ର ଆକାଂକ୍ଷାକୁ ପ୍ରକାଶ କରିପାରେ । ଅର୍ଥାତ୍ ଯେଉଁ 'କାହିଁକି' ଯୋଗୁଁ ସେ ବସ୍ତୁଗତ ଭାବରେ ବାସ୍ତବରେ ଲେଖିବାକୁ ସମର୍ଥ । ଅନ୍ୟଟି ହେଲା– ତାର କାରଣ ତାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଅର୍ଥାତ୍ ଯେଉଁ କାହିଁକି ପାଇଁ ସେ ଲେଖେ ତାର ଚିନ୍ତା ଓ ଚେତନାର ଭାବଗତ ବିଷୟ ।" (୧୪)

ଗୁରୁଚରଣ ତାଙ୍କ ସାହିତ୍ୟ ସାଧନାର ଅସଲ କାରଣ ସଂପର୍କରେ କହିଛନ୍ତି– "ମୋର ଅତୀତର ସବୁ ଲେଖା ଓ କାମର ବିଚାର ହେଲା, ମୁଁ କାହିଁକି ଲେଲେର ଯଥାର୍ଥ ଉତ୍ତର । ତାହା ଯେପରି ବାସ୍ତବ ସେପରି ବିରୋଧିତା ଶୂନ୍ୟ । x x x ମୋର ଲେଖିବାରେ କୌଣସି ଅଲୌକିକ ସ୍ରଷ୍ଟାର କରୁଣା ବା ପ୍ରେରଣା ନାହିଁ, ନାହିଁ ବି କୌଣସି ଶକ୍ତିର ଶଙ୍କା ବା କୌଣସି ଆସକ୍ତିର ଆକର୍ଷଣ । ତେଣୁ କାହାର ଅଭୟଦାନର ଆଶ୍ରାରେ ବା କାହାରି ଅଭିଶାପର ଆଳରେ ସତ୍ୟକୁ ଢାଙ୍କିଦେବା କିମ୍ବା ନାନାଦି କୈଫିୟତ୍ ଦ୍ୱାରା ତାକୁ ଉଡ଼ାଇ ଦେବାରେ ଅବକାଶ ମୋର ନାହିଁ । ସେଠି ରହିଛି କେବଳ ମଣିଷ ଭାବରେ ନିଜର ମାନସିକ କର୍ତ୍ତବ୍ୟର ସଂପାଦନ, ଆଉ ସେଠି କର୍ତ୍ତବ୍ୟପାଳନ ଦିଗରେ

---

୧୩ । ସାରଥି– ୧୯୩୪, ଜୁଲାଇ ୯ ତାରିଖ ସୋମବାର ସଂପାଦନା– ନବକୃଷ୍ଣ ଚୌଧୁରୀ ।

୧୪ । ଗୁରୁଚରଣ ପଟ୍ଟନାୟକ – ମୁଁ କାହିକି ଲେଖେ– ପୃ-୪

Digitized by srujanika@gmail.com

ଅବିଶ୍ରାନ୍ତ ତାଡ଼ନାର ନିରବଚ୍ଛିନ୍ନ ପ୍ରେରଣା । ସେହି ପ୍ରେରଣାର ଆହ୍ୱାନରେ ଉପସ୍ଥିତ ସମସ୍ୟାର ସମ୍ମୁଖୀନ ହେବା ଓ ତା'ର ସମାଧାନ ଦିଗରେ ଯଥା ସମ୍ଭବ ପଦକ୍ଷେପନେବା– ମୋ ଜୀବନର ପବିତ୍ର ବ୍ରତ ହୋଇ ଆସିଛି ।" (୧୫)

ଗୁରୁଚରଣ ପ୍ରତ୍ୟକ୍ଷ ଭାବରେ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରିବାପରେ ତାଙ୍କ ସାରସ୍ୱତ ପ୍ରତିଭା କ୍ରମଶଃ ଉନ୍ମୋଚିତ ହେବାରେ ଲାଗିଛି । 'ନବଯୁଗ ସାହିତ୍ୟ ସଂସଦ' ଗଠନ ତାଙ୍କ କାର୍ଯ୍ୟ ଶୈଳୀର ଆଉ ଏକ ସୂଚନା ମାତ୍ର । ନବଯୁଗ ସାହିତ୍ୟ ଏକ ନିର୍ଦ୍ଦିଷ୍ଟ ଆଦର୍ଶକୁ ପାଥେୟ କରି ଗଢ଼ିଉଠିଥିଲା । "ନବଜାଗରଣକୁ ଓ ବାମପନ୍ଥୀ ମନୋଭାବକୁ ଏକ ସଂଗଠନ ମାଧ୍ୟମରେ ଆବାହନ କରିବା ଓ ତାକୁ ଏକ ନିର୍ଦ୍ଦିଷ୍ଟ ଦର୍ଶନରୂପେ ଗ୍ରହଣ କରି ସାହିତ୍ୟ ସୃଷ୍ଟି ପାଇଁ ଅଗ୍ରସର ହେବାଲାଗି ଶପଥବଦ୍ଧ ଉଦ୍ୟମ କରିଥିଲେ ନବଯୁଗ ସାହିତ୍ୟ ସଂସଦର କର୍ମୀଗଣ" । (୧୬) ଭଗବତୀ ପାଣିଗ୍ରାହୀ, ଅନନ୍ତ ପଟ୍ଟନାୟକ, ବିଶ୍ୱନାଥ ପଶାୟତ, ଗୁରୁଚରଣ ପଟ୍ଟନାୟକ, ଉଦୟନାଥ ଷଡ଼ଙ୍ଗୀ, ଅଶୋକ ରାଏ ପ୍ରମୁଖ ଏହି ସଂଗଠନର ପ୍ରସାର ପାଇଁ ଆଗୁସାର ହୋଇଥିଲେ । "ନବଯୁଗ ସାହିତ୍ୟ ସଂସଦର ପ୍ରଥମ ଅଧିବେଶନ ବାଣୀପୀଠ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ତା ୨୯.୧୧.୧୯୩୫ ରିଖ ଠାରୁ ତା୪.୧୨.୧୯୩୫ରିଖ ପର୍ଯ୍ୟନ୍ତ ଛଅଦିନ ଧରି ଅନୁଷ୍ଠିତ ହୋଇଥିଲା । ଛଅଦିନ କାଳ ନବଯୁଗ ସାହିତ୍ୟ ସଂସଦର ଯେଉଁ ପ୍ରାଥମିକ ଅଧିବେଶନ ହୋଇଥିଲା, ତାହା ପ୍ରକୃତରେ ଥିଲା ଓଡ଼ିଶାରେ ମାର୍କସ୍‌ବାଦୀ ସାହିତ୍ୟ ସୃଷ୍ଟି ପାଇଁ ପ୍ରଥମ ସଂଗଠିତ ପଦକ୍ଷେପ । ଏହାହିଁ ତତ୍‌କାଳୀନ ଓଡ଼ିଶାର ସାଂସ୍କୃତିକ ଚେତନାକୁ ଶାଣିତ ବୈପ୍ଳବିକ ଦୃଷ୍ଟିକୋଣରେ ପ୍ରଚୋଦିତ କରି ତୋଳିଥିଲା ।" (୧୭) ଏହି ଅନୁଷ୍ଠାନ ଗଠନ ଓ ବିକାଶରେ ଯେଉଁ କେତେଜଣ ଯୁବକ ଅଗ୍ରଗଣ୍ୟ ଭୂମିକା ଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରେ ଗୁରୁଚରଣ ପଟ୍ଟନାୟକ ଅନ୍ୟତମ ।

---

୧୫ । ଗୁରୁଚରଣ ପଟ୍ଟନାୟକ– ମୁଁ କାହିଁକି ଲେଖେ– ପୃଷ୍ଠା–୫– ସଂପାଦନା– ଡଃ ବିଜୟାନନ୍ଦ ସିଂହ

୧୬ । ଓଡ଼ିଆ ସାହିତ୍ୟରେ ପ୍ରଗତିବାଦୀ ଧାରା– ଡକ୍ଟର ବିଜୟ କୁମାର ଶତପଥୀ– ପୃଷ୍ଠା–୨୦୮

୧୭ । ତତ୍ରୈବ– ପୃଷ୍ଠା ୨୦୩

Digitized by srujanika@gmail.com

"ନବଯୁଗ ସାହିତ୍ୟ ସଂସଦର ସୁଦୀର୍ଘ ଛଅଦିନ ବ୍ୟାପୀ ଉତ୍ସବ ଭିତରେ ଭଗବତୀ ଚରଣ ପାଣିଗ୍ରାହୀ, ଗୁରୁଚରଣ ପଟ୍ଟନାୟକ, ମୋହନଦାସ, ଅଧ୍ୟାପକ ହରିବନ୍ଧୁ ମହାନ୍ତି, ଅଧ୍ୟାପକ ମୋହିନୀ ମୋହନ ସେନାପତି, ପଦ୍ମଶ୍ରୀ ଲକ୍ଷ୍ମୀ ନାରାୟଣ ସାହୁ, ହରିହର ମହାପାତ୍ର, କେଦାରନାଥ ମହାପାତ୍ର, ଦାମୋଦର ମିଶ୍ର, ଶଶୀଭୂଷଣ ରାୟ ପ୍ରମୁଖ ତତ୍କାଳର ବିଶିଷ୍ଟ ବରେଣ୍ୟ ବ୍ୟକ୍ତିବୃନ୍ଦ ତଥା ତରୁଣ ବିପ୍ଳବୀ ସାହିତ୍ୟିକ ଗୋଷ୍ଠୀ ନିବନ୍ଧ ପାଠ ଆଲୋଚନାରେ ଭାଗ ନେଇଥିଲେ । ନବଯୁଗ ସାହିତ୍ୟ ସଂସଦ ଓ ଏହାର ମୁଖପତ୍ର 'ଆଧୁନିକ' ପ୍ରକାଶନରେ ଗୁରୁଚରଣଙ୍କର ଥିଲା ନିରବଚ୍ଛିନ୍ନ ଓ ନିଷ୍ଠାପର ଭୂମିକା ।

ଗୁରୁଚରଣ ଏହା ପରେ ରଚନା କରିଚାଲିଲେ ଅନେକ ପ୍ରବନ୍ଧ ଓ ସମାଲୋଚନା । ତାଙ୍କ ଲେଖାର ମଧ୍ୟ ପ୍ରଭାବ ଥିଲା ଅନେକ । ଏପରିକି ଗୁରୁଚରଣଙ୍କ ରଚିତ "ଭାରତରେ ଇଂରେଜରାଜ" ପ୍ରବନ୍ଧର ପ୍ରଭାବରେ ଆତଙ୍କିତ ହୋଇ ତତ୍କାଳୀନ ଇଂରେଜ ସରକାର ଏହି ବହିଟିକୁ ବାଜ୍ୟାପ୍ତ କରିଦେଇଥିଲେ ୧୯୩୯ ମସିହାରେ । ଏଥିପାଇଁ ମଧ୍ୟ ତାଙ୍କୁ ପ୍ରଥମେ ଦେଢ଼ବର୍ଷ ଅର୍ଥାତ୍ ୧୮ ମାସ ଜେଲ୍‌ଦଣ୍ଡ ଦିଆ ଯାଇଥିଲା ଓ ପରେ ତାଙ୍କୁ ହାଇକୋର୍ଟ ୪ ମାସ କରିଦେଇଥିଲେ ।

ଗୁରୁଚରଣ ଏହାପରେ ଆଉ ପଛକୁ ଫେରି ଚାହିଁନାହାନ୍ତି । ପ୍ରବନ୍ଧ ପରେ ପ୍ରବନ୍ଧ ଓ ସମାଲୋଚନା ରଚନା କରି ସେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ସେତେବେଳେ ତାଙ୍କର ଲେଖାଗୁଡ଼ିକ ସାରଥି, ନବଭାରତ, କୃଷକ, ସହକାର ପ୍ରଭୃତି ପତ୍ରପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଦୃଷ୍ଟି ଆକର୍ଷଣ କରିଥିଲା । ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟ ବ୍ୟତୀତ ସାହିତ୍ୟର ଅନ୍ୟ ବିଭବ ଯଥା କବିତା, ଗଳ୍ପ ପ୍ରଭୃତି ରଚନା ପାଇଁ ସେ କେବେ ମନ ବଳାଇ ନାହାନ୍ତି । ତାଙ୍କ ରଚିତ୍ ପ୍ରବନ୍ଧ ଓ ସମାଲୋଚନା ଗୁଡ଼ିକସଂକଳିତ ହୋଇ ଗ୍ରନ୍ଥରୂପ ଲାଭକରିଛି । ଏହା ବ୍ୟତୀତ ସେ ମଧ୍ୟ ଲେଖିଛନ୍ତି ଅନେକ ପୁସ୍ତକ ଆହୁରି ପ୍ରବନ୍ଧ । ଆଲୋଚନା ଗ୍ରନ୍ଥ:- ଭାରତରେ ଇଂରେଜ ରାଜ, ଗଂଜାମରେ ରକ୍ତ ପ୍ରଭାତ, ଓଡ଼ିଆ ସାହିତ୍ୟର ମତି ଓ ଗତି, ସୃଷ୍ଟି ଦୃଷ୍ଟି ବୃଷ୍ଟି, ସଂକଟରେ ସମାଜ, ସାହିତ୍ୟ ସଂସ୍କୃତି, ଖଣ୍ଡା ଓ କଲମ, ଜଗତ ଦର୍ଶନରେ ଜଗନ୍ନାଥ, ଧର୍ମ ଓ ରାଜନୀତି, ମାର୍କ୍ସ ଓ ମାର୍କସ୍‌ଜିମ୍, ଜଗନ୍ନାଥ ଦର୍ଶନରେ ଜଗତ । ଭ୍ରମଣ କାହାଣୀ:- ରୁଷରେ ଯାହା ଦେଖିଲି, ପ୍ରଳୟ ଗର୍ଭରୁ, ନବ ମାନବର ସୃଷ୍ଟି । ଏହା ବ୍ୟତୀତ ସେ ମଧ୍ୟ କରିଛନ୍ତି ବିଭିନ୍ନ

Digitized by srujanika@gmail.com

ପୁସ୍ତକ । ମାର୍କସ, ଏଙ୍ଗେଲସ, ଲେନିନ, ପ୍ରଭୃତି ମାର୍କସବାଦୀ ଚିନ୍ତାନାୟକଙ୍କ ରଚନାର ଅନୁବାଦ । ସେ ସବୁ ମଧ୍ୟ ପୁସ୍ତକ ରୂପେ ପ୍ରକାଶିତ ହୋଇଛି

ଗୁରୁଚରଣ ପୁସ୍ତକ ରଚନା ସହିତ ତତ୍‌କାଳୀନ ବହୁ ପତ୍ରପତ୍ରିକାର ସଂପାଦନା ଦାୟିତ୍ୱ ଗ୍ରହଣ କରି ସଫଳ ହୋଇଛନ୍ତି । ମୁକ୍ତିଯୁଦ୍ଧ (ସାପ୍ତାହିକ), କୋଟିକଣ୍ଠ (ମାସିକ), କୃଷକ (ସାପ୍ତାହିକ), ନୂଆ ଦୁନିଆଁ (ସାପ୍ତାହିକ) ପ୍ରଭୃତି ପ୍ରତ୍ରପତ୍ରିକାର ସଂପାଦନା କ୍ଷେତ୍ରରେ ଗୁରୁଚରଣ ସ୍ୱକୀୟ ପ୍ରତୀଭାର ପରିଚୟ ପ୍ରଦାନ କରି ପାରିଛନ୍ତି । ଗୁରଚରଣଙ୍କ ସାରସ୍ୱତ ରଚନାର ମୂଲ୍ୟ ବହୁ ଉଚ୍ଚରେ । ଏଥିପାଇଁ ଓଡ଼ିଆ ସାହିତ୍ୟର ପ୍ରଗତିବାଦୀ ଧାରା ଗ୍ରନ୍ଥରେ ତାଙ୍କର ଯଥାର୍ଥ ମୂଲ୍ୟାୟନ କରାଯାଇଛି– "ମାର୍କସ୍‌ବାଦୀ ଚିନ୍ତାଧାରାର ଅନ୍ୟତମ ପ୍ରାବନ୍ଧିକ ଓ ସମାଲୋଚକ ଶ୍ରୀ ଗୁରୁଚରଣ ପଟ୍ଟନାୟକ ୧୯୩୪ ଠାରୁ ବିଭିନ୍ନ ପତ୍ରପତ୍ରିକାରେ ଅର୍ଥନୈତିକ, ରାଜନୈତିକ ଓ ସମାଜ ତାତ୍ତ୍ୱିକ ପ୍ରବନ୍ଧମାନ ରଚନା କରିଆସିଛନ୍ତି । ସ୍ୱାଧୀନତା ପରେ 'କୋଟି କଣ୍ଠ', 'ନୂଆ ଦୁନିଆଁ' ପ୍ରଭୃତିରେ ପ୍ରକାଶିତ ତାଙ୍କର ପ୍ରବନ୍ଧ ଏବଂ ସଂପାଦକୀୟ ଲେଖାଗୁଡ଼ିକ ତାଙ୍କର ପ୍ରବନ୍ଧ ଶୈଳୀର ଦୃଷ୍ଟାନ୍ତ ବହନ କରେ । ମାର୍କସ୍‌ବାଦୀ ଦର୍ଶନ ଏବଂ ଭାବଧାରାର ଜଣେ ବାଖ୍ୟାକାର ଏବଂ ତଦ୍‌ବିଦ୍ ଭାବରେ– ପୁଣି ମାର୍କସ୍‌ବାଦୀ ସାହିତ୍ୟର ଜଣେ ସଫଳ ଅନୁବାଦକ ଭାବରେ ଶ୍ରୀ ପଟ୍ଟନାୟକ ଓଡ଼ିଶାରେ ସୁପରିଚିତ ।" (୧୮)

ମାର୍କସବାଦୀ ଆଦର୍ଶ ଦ୍ୱାରା ଉଦ୍‌ବୁଦ୍ଧ ଗୁରୁଚରଣ ନିଜ ସାରସ୍ୱତ ରଚନା ପାଇଁ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ, କବିବର ରାଧାନାଥ ରାୟ, ବ୍ୟାସକବି ଫକୀରମୋହନ ସେନାପତି, ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଓ ବହୁ ଜାତୀୟ ଓ ଆର୍ନ୍ତଜାତୀୟ କ୍ଲାସିକ ଗ୍ରନ୍ଥ ଦ୍ୱାରା ପ୍ରଭାବିତ ହୋଇଛନ୍ତି । ସେମାନଙ୍କ ସାରସ୍ୱତ ବିଚାର ଓ ଆଦର୍ଶର ପ୍ରତିଫଳନ ଘଟିଛି ଗୁରୁଚରଣଙ୍କ କୃତିତ୍ୱରେ ।

ଶ୍ରଦ୍ଧା ଓ ସମ୍ମାନ :

ଆଜନ୍ମ ବିପ୍ଳବୀ, ଦିଗଦ୍ରଷ୍ଟା ତଥା ମାନବିକ ଚେତନାର ସାର୍ଥକ ରୂପକାର ଗୁରୁଚରଣଙ୍କ ନିରବଚ୍ଛିନ୍ନ ଉଦ୍ୟମ, ନିଷ୍ଠା ଓ ସଂଗ୍ରାମ ବ୍ୟର୍ଥ

୧୮ । ଓଡ଼ିଆ ସାହିତ୍ୟରେ ପ୍ରଗତିବାଦି ଧାରା– ଡକ୍ଟର ବିଜୟ କୁମାର ଶତପଥୀ– ପୃଷ୍ଠା- ୫୯୨

Digitized by srujanika@gmail.com

ହୋଇନାହିଁ । ତାଙ୍କ ସଂଗ୍ରାମ ସଫଳ ହୋଇଛି । ସେ ବିଜୟୀ ହୋଇଛନ୍ତି । ଭାରତ ସ୍ୱାଧୀନତା ଲାଭ କରିଛି । ମାନବିକ ଶକ୍ତିର ସୁରକ୍ଷା ହୋଇପାରିଛି । ମାନବୀୟ ସ୍ୱାର୍ଥରକ୍ଷା ପାଇଁ ତାଙ୍କ ପରିକଳ୍ପିତ ଚିନ୍ତା ସାକାର ହୋଇଛି । ତାହା ପୁଣି ନିର୍ଦ୍ଦିଷ୍ଟ ରୂପରେଖ ଲାଭକରିଛି । ଗୁରୁଚରଣଙ୍କ ରଚିତ "ଜଗତ ଦର୍ଶନରେ ଜଗନ୍ନାଥ" 'କେନ୍ଦ୍ର ସାହିତ୍ୟ ଏକାଡ଼େମୀ' ପୁରସ୍କାର ଲାଭ କରିଛି ୧୯୯୪ରେ । ଏହି ଗ୍ରନ୍ଥଟି ମଧ୍ୟ ନୂତନ ସ୍ୱାଦର । ଜଗତର ନାଥ ଜଗନ୍ନାଥଙ୍କୁ ଗୁରୁଚରଣ ଦେଖିଛନ୍ତି ମାନବିକ ଦୃଷ୍ଟିକୋଣରୁ । ତାଙ୍କ ନିଜ ଭାଷାରେ– "ଧର୍ମ କିମ୍ବା ଭକ୍ତିଦୃଷ୍ଟିରେ ମୁଁ ଜଗନ୍ନାଥଙ୍କୁ ଦେଖିନାହିଁ । ଜଗନ୍ନାଥଙ୍କୁ ମାନବିକ ଦୃଷ୍ଟିକୋଣରୁ ମୁଁ ବିଚାର କରିଛି ।" କାରଣ ଧର୍ମ ଓ ଭକ୍ତି ସମାଜର ସୃଷ୍ଟି । ଭକ୍ତି, ଧର୍ମ ସାମୟିକ କିନ୍ତୁ ଜଗନ୍ନାଥ ଚିରନ୍ତନ । ଜଗନ୍ନାଥ ଏବେ ଅଛନ୍ତି, ଅତୀତରେ ଥିଲେ, ଭବିଷ୍ୟତରେ ରହିବେ ମଧ୍ୟ । ଭକ୍ତି ଓ ଧର୍ମ ସାମୟିକ । (୧୯)

ଏତଦ୍‌ବ୍ୟତୀତ ସୋଭିଏତ ଦେଶରେ 'ନେହେରୁ ପୁରସ୍କାର' ୧୯୬୧ରେ, 'ଓଡ଼ିଶା ସାହିତ୍ୟ ଏକାଡେମୀ' ସାରସ୍ୱତ ସମ୍ମାନ ୧୯୮୫ରେ, 'ଉତ୍କଳ ସମାଜ, ପୁରୀ' ପ୍ରଭୃତି ବହୁ ପ୍ରମୁଖ ଅନୁଷ୍ଠାନ ଶ୍ରଦ୍ଧା ଓ ସମ୍ମାନ ଜଣାଇ ଜାତି ପକ୍ଷରୁ କୃତଜ୍ଞତା ପ୍ରକାଶ କରିଛନ୍ତି ଏହି ପ୍ରତିଭାଦୀପ୍ତ ମନୀଷୀ ଗୁରୁଚରଣଙ୍କୁ ।

ମାନବ ମନ୍ଦିର :

କଟକ ସହର, ଶଙ୍କରପୁରରେ ସ୍ମୃତି ଓ ସ୍ମାରକୀ ବହନ କରୁଛି 'ଅନନ୍ତ ଆଲୋକ' । ଏହିଠାରେ ଜୀବନ ବିତାଉଛନ୍ତି ମହାନ ସଂଗ୍ରାମୀ ଗୁରୁଚରଣ ପଟ୍ଟନାୟକ । ସମକାଳୀନ ଓଡ଼ିଶାର ପ୍ରଖ୍ୟାତ ମାନବବାଦୀ ଗୁରୁଚରଣଙ୍କ ଉପସ୍ଥିତି ଅନନ୍ତ ଆଲୋକକୁ ମାନବ ମନ୍ଦିରରେ ପରିଣତ କରିଛି । ଏକବିଂଶ ଶତାବ୍ଦୀରେ ମଣିଷପଣିଆ କମି କମି ଆସୁଥିଲାବେଳେ ମଣିଷ ପାଇଁ ଜୀବନବ୍ୟାପୀ ସଂଗ୍ରାମ କରିଥିବା ମଣିଷ ଗୁରୁଚରଣଙ୍କୁ ଦେଖିଲେ ସମ୍ମାନରେ ମୁଣ୍ଡ ଆପେ ଆପେ ନଇଁ ଆସେ । ସ୍ନେହ, ଶ୍ରଦ୍ଧା ଓ ଆତ୍ମୀୟତାର

---

୧୯ । ସାରସ୍ୱତ ସାକ୍ଷାତକାର– ଗୁରୁଚରଣ ପଟ୍ଟନାୟକ- ସଂପାଦନା- ବିଜୟାନନ୍ଦ ସିଂହ- ପୃ-୮୩

Digitized by srujanika@gmail.com

ତରଙ୍ଗରେ ଅନନ୍ତ ଆଲୋକ ଉଦ୍‌ଭାସିତ । ମଣିଷକୁ ଆପଣାର କରିନେବାର ଏହା ଏକ ସାଧାରଣ ପରିବାର ନୁହେଁ, ବରଂ ମାନବ ମନ୍ଦିର ।

ଏହି ମନ୍ଦିରରେ ଅଛନ୍ତି ଗୁରୁଚରଣଙ୍କ ଆଦରର ନୂଆ ବୋଉ, ସୁଲେଖିକା ତଥା ପ୍ରଖ୍ୟାତ କବି ସଂଗ୍ରାମୀ ଅନନ୍ତ ପଟ୍ଟନାୟକଙ୍କ ପତ୍ନୀ ନୀରଦପ୍ରଭା ପଟ୍ଟନାୟକ । କବି ଅନନ୍ତ ପଟ୍ଟନାୟକଙ୍କ ପୁତ୍ର ତଥା ସାଂପ୍ରତିକ ଓଡ଼ିଆ ସାହିତ୍ୟର ବହ୍ନିମାନ କବି ଅମରେଶ ପଟ୍ଟନାୟକ ଓ ଅନନ୍ତ ଗୁରୁଚରଣଙ୍କ ପରିବାର ।

ଜୀବନ ଖୋଜୁଥିବା ମଣିଷଟି କ'ଣ ସହଜରେ ବାନ୍ଧିହୋଇ ପାରେ ! ପରିବାର ଓ ବିବାହରେ କ'ଣ ସହଜରେ ସେ ଛନ୍ଦି ହୋଇପାରେ !! ସଂଗ୍ରାମ ଓ ବିପ୍ଳବ ଭିତରେ ନିଜକୁ ହଜାଇ ଦେଇଥିବା ଏହି କ୍ରାନ୍ତିକାରୀ ମଣିଷ ଗୁରୁଚରଣଙ୍କ ବିବାହ ହୁଏ କଟକ କାଳୀଗଳିସ୍ଥ ମିନିକା ପଟ୍ଟନାୟକଙ୍କ ସହ ୧୯୬୧ ମସହାରେ । ଦୁଇକନ୍ୟା ଜିତା ଓ ଜଲି । ପୁଅ ବିପ୍ଳବ ବ୍ୟାଙ୍କରେ ଚାକିରୀ କରିଛନ୍ତି । ସଂଘର୍ଷ ଭିତର ଗୁରୁଚରଣଙ୍କ ଜୀବନର ଗତି ଓ ବ୍ୟାପ୍ତି । ସଂଗ୍ରାମୀଙ୍କ ଜୀବନରେ ଆସେ ପ୍ରତିବନ୍ଧକ ପରେ ପ୍ରତିବନ୍ଧକ । ପତ୍ନୀ ମିନିକା ପଟ୍ଟନାୟଙ୍କ ଦେହାନ୍ତ ହୁଏ ୧୯୯୬ ମସିହା ଅକ୍ଟୋବର ୧୪ ତାରିଖରେ । ଭାଇ ଅନନ୍ତ ପଟ୍ଟନାୟକଙ୍କ ମହାପ୍ରୟାଣ ଘଟେ ୧୯୮୭ ଜୁନ୍ ୨୫ ତାରିଖରେ । ସମଗ୍ର ପରିବାରର ଦାୟିତ୍ୱ ଗୁରୁଚରଣଙ୍କ ଉପରେ ନ୍ୟସ୍ତ । ଘର ବଦଳ ବା ସ୍ଥାନାନ୍ତର ଏକାନ୍ନବର୍ତ୍ତୀ ପରିବାରକୁ ବିଭାଜିତ କରିପାରିନାହିଁ । ବରଂ ଏହି ପରିବାର ସାଂପ୍ରତିକ ସମାଜଜୀବନରେ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ହୋଇଛି । କାଳୀଗଳି (ମିନିକା ପଟ୍ଟନାୟକଙ୍କ ପୈତୃକ ଘର) ଓ ଶଙ୍କରପୁର ଅନନ୍ତ ଆଲୋକ ମଧ୍ୟରେ ବ୍ୟବଧାନ ନୁହେଁ, ସଂଯୋଗ ହିଁ ପାରିବାରିକ ସୁଖ, ଶାନ୍ତି ଆଣିଦେଇଛି ।

ସାରସ୍ୱତ ସଂଗ୍ରାମୀ : ଗୁରୁଚରଣ:

ସ୍ୱାଧୀନତା ସଂଗ୍ରାମର ଇତିହାସ ରଚିଥିବା ଗୁରୁଚରଣ ଓଡ଼ିଆ ସାହିତ୍ୟରେ ମଧ୍ୟ ସୃଷ୍ଟି କରିଛନ୍ତି ଇତିହାସ । ନୂତନ ଚେତନା, ନୂତନ ଭାବନାର ପ୍ରବର୍ତ୍ତକ ସେ । ତାଙ୍କ ସାହିତ୍ୟ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସଂପଦ । ସାହିତ୍ୟ ଭୋଗ ବିଳାସ, ପ୍ରାଚୁର୍ଯ୍ୟ ପାଇଁ ନୁହେଁ ବରଂ ମଣିଷର ମୁକ୍ତି ପାଇଁ ଏହା ଉଦ୍ଦିଷ୍ଟ । ସମାଜକୁ ଓ ମଣିଷକୁ ବଦଳାଇ ଦେବାର ଏକ ଶ୍ରେଷ୍ଠ ମାଧ୍ୟମ ବୋଲି ବିଚାର କରୁଥିବା ଗୁରୁଚରଣ ବାସ୍ତବରେ ଆମ

Digitized by srujanika@gmail.com

ସାହିତ୍ୟରେ ନିର୍ମାଣ କରିଛନ୍ତି ଏକ ନବଚେତନା । ଯାହା ସଂପୂର୍ଣ୍ଣ ମାନବବାଦକୁ ଭିତ୍ତିକରି ରଚିତ । ଶୋଷଣ, କଷଣ ବିରୋଧରେ ତାଙ୍କର ଏହା ଏକ ଦୃପ୍ତ ଅଭିଯାନ । ନବେ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ସେ ଏବେ ଚଳଚଞ୍ଚଳ ଓ ସକ୍ରୀୟ । ଅନ୍ୟାୟ, ଅନୀତି, ସାଂପ୍ରଦାୟିକତା ବିରୋଧରେ ସେ ଏବେବି କର୍ମତତ୍ପର । "ଓଡ଼ିଶାର ପ୍ରାୟ ସମସ୍ତ କମ୍ୟୁନିଷ୍ଟ ଓ ବାମପନ୍ଥୀମାନଙ୍କର ଦୀକ୍ଷାଗୁରୁ ଗୁରୁଚରଣ ପଟ୍ଟନାୟକ ପରିଣତ ବୟସରେ ସମସ୍ତ ଶାରୀରିକ ଯନ୍ତ୍ରଣା ସତ୍ତ୍ୱେ ଏବେ ମଧ୍ୟ ମାର୍କ୍ସବାଦ ଓ ଲେନିନ୍‌ବାଦର ସଜାଗ ପ୍ରହରୀ ଭାବରେ, ସାଂପ୍ରଦାୟିକତାବାଦ ବିରୁଦ୍ଧରେ, ଶୋଷଣକଷଣ ବିରୁଦ୍ଧରେ ଲେଖୁଛନ୍ତି ଏବଂ ସମସ୍ତଙ୍କୁ ପ୍ରେରଣା ଦେଇଚାଲିଛନ୍ତି ।" (୨୦)

ଗୁରୁଚରଣଙ୍କ ଜୀବନରେ ଆହୁରି ଅଛି ଅନେକ ସ୍ୱପ୍ନ, ଅନେକ ସଂଭାବନା । ମାନବ ଜାତିର କଲ୍ୟାଣପାଇଁ ଅଛି ତାଙ୍କର ପରିକଳ୍ପନା – ପୁଣି ଚିନ୍ତା କରୁଛନ୍ତି ତାଙ୍କ ପ୍ରିୟ ମାତୃଭାଷା ଓଡ଼ିଆ ଭାଷା କଥା – ପୁଣି ଆଶା ଓ ଆଶଙ୍କା ଭିତରେ ମହାଜାତି ଓଡ଼ିଆ ଜାତିର ଭବିଷ୍ୟତ । ଏହି ଚିନ୍ତା ତାଙ୍କୁ ଗମ୍ଭୀର କରିଦେଇଛି । ତାଙ୍କ ମତରେ ଓଡ଼ିଆ ଭାଷାକୁ ନେଇ ଓଡ଼ିଆ ଜାତିର ବିକାଶ । ଉତ୍କଳୀୟ ସଂସ୍କୃତି ଓ ପରମ୍ପରା, ଐତିହ୍ୟ ପ୍ରକଟିତ ହୋଇଛି ଓଡିଆ ଜାତୀୟ ଜୀବନରେ । ପ୍ରାନ୍ତୀୟ ଭାଷା ଆଜି ବହୁ ସଙ୍କଟ ଓ ସମସ୍ୟାର ସମ୍ମୁଖୀନ । ତେବେ ଓଡ଼ିଆ ଭାଷା ପ୍ରତି ବିପଦ ଦେଖାଗଲେ ଓଡ଼ିଆ ଜାତିର କ୍ଷତି ସାଧିତ ହେବ । ତେଣୁ ଭାଷାର ସୁରକ୍ଷା ଓ ବିକାଶ ପାଇଁ ସବୁମତେ ଉଦ୍ୟମ ଓ ସଂଗ୍ରାମ ହେବା ଆବଶ୍ୟକ ।

ଗୁରୁଚରଣ ସଦାସର୍ବଦା ଆଶାବାଦୀ । ସେ ଦେଖୁଛନ୍ତି ଓଡ଼ିଆ ଜାତିର ଭବିଷ୍ୟତକୁ । ଦେଖୁଛନ୍ତି ଓ ଅନୁଭବ କରୁଛନ୍ତି ଓଡ଼ିଆ ଜାତିର ପ୍ରାଣସ୍ୱରୂପ ଜଗନ୍ନାଥଙ୍କୁ । ଜଗନ୍ନାଥସଂସ୍କୃତି ସାମ୍ୟ, ମୈତ୍ରୀ, ପ୍ରୀତିର ସଂସ୍କୃତି, ମାନବବାଦର ସଂସ୍କୃତି । ତେଣୁ ଓଡ଼ିଆ ଭାଷା ବଞ୍ଚିବ, ଓଡ଼ିଆ ଜାତି ବଞ୍ଚିବ, ଏହି ମହାଭାବନାକୁ ସମ୍ବଳ କରି ।

ଗୁରୁଚରଣ ସ୍ୱାଧୀନତା ସଂଗ୍ରାମୀ ଭାବରେ ଯେପରି ସୁଖ୍ୟାତ, ସେହିପରି ଓଡ଼ିଆ ସାହିତ୍ୟର ସାହିତ୍ୟ ସଂଗ୍ରାମୀ ଭାବରେ ସମ୍ମାନିତ ।

୨୦ । ଆସିଚି ମୁଁ ଆସିଚି କବି ଅନନ୍ତ ପଟ୍ଟନାୟକ– ଅବନୀ କୁମାର ବରାଳ ପୃ–୧୪୭

Digitized by srujanika@gmail.com

ଦେଶ ଓ ଜାତି ତଥା ସ୍ୱାଧୀନତା ସଂଗ୍ରାମ ପାଇଁ ସେ ବିଟ୍ରିଶ ସରକାରଦ୍ୱାରା କାରାରୁଦ୍ଧ ହୋଇଛନ୍ତି ବିଭିନ୍ନ ସମୟରେ ଚାରିବର୍ଷରୁ ଉର୍ଦ୍ଧ୍ୱ କାଳ ଧରି । ପୁଣି ସ୍ୱାଧୀନତା ପରେ ୧୯୪୯ ରୁ ୧୯୫୧ ପର୍ଯ୍ୟନ୍ତ ଗୋପନୀୟ ଭାବରେ (ଅଣ୍ଡର ଗ୍ରାଉଣ୍ଡରେ) ସେ ରହିଥିଲେ । ସେତିକିବେଳେ ଜଙ୍ଗଲ ଭିତରେ, ହରିଜନ ବସ୍ତିରେ, ଗରିବ ଶ୍ରମିକମାନଙ୍କ ସହ ଜୀବନ ବିତାଇଛନ୍ତି । ସାଧାରଣ ମଣିଷର ଜୀବନଧାରାକୁ ଖୁବ୍ ନିକଟରୁ ଦେଖିବାର ସୁଯୋଗ ମିଳିଛି । ସେଥିପାଇଁ ତାଙ୍କ ହୃଦୟ କରୁଣା, ଅନୁରାଗ, ସ୍ନେହ, ଶ୍ରଦ୍ଧା ଓ ଆତ୍ମୀୟତାରେ ପରିପୂର୍ଣ୍ଣ ।

ଗୁରୁଚରଣ କେବଳ ସ୍ୱାଧୀନତା ସଂଗ୍ରାମୀ ନୁହନ୍ତି – ସେ ଆମ ସାହିତ୍ୟର ସାରସ୍ୱତ ପ୍ରବାଦପୁରୁଷ । ଓଡ଼ିଆ ସାହିତ୍ୟରେ ଏକ ନୂତନ ବିପ୍ଳବ ସୃଷ୍ଟି କରି ଅବିସ୍ମରଣୀୟ ଭୂମିକା ଗ୍ରହଣ କରିଛନ୍ତି ସେ । ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟରେ ସେ ସୃଷ୍ଟି କରିଛନ୍ତି ନୂତନ ଧାରା ।

ସାରସ୍ୱତ ସଂଗ୍ରାମୀ ଗୁରୁଚରଣ ଶତାୟୁ ହୁଅନ୍ତୁ, ଦୀର୍ଘାୟୁ ହୁଅନ୍ତୁ– ଓଡ଼ିଆ ଭାଷା ସାହିତ୍ୟର ଅଗ୍ରଗତି ଏବଂ ସର୍ବୋପରି ଓଡ଼ିଆ ଜାତି ଓ ମାନବସଭ୍ୟତାର କଲ୍ୟାଣରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତୁ ।

✡✡✡

Digitized by srujanika@gmail.com